
ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.148, Wednesday, 16 September 2026, Puri, Pages - 25, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୮, ବୁଧବାର, ୧୬ ସେପ୍ଟେମ୍ବର ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.148, Wednesday, 16 September 2026, Puri, Pages - 25, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୮, ବୁଧବାର, ୧୬ ସେପ୍ଟେମ୍ବର ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org



Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ

selfiedunia96@gmail.com

କିମ୍ବା ୯୦୪୦୦୦୫୦୮୪ ହ୍ୱାଟସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



Vol.13, Issue.148, Wednesday, 16 September 2026, Puri, Pages - 25, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୮, ବୁଧବାର, ୧୬ ସେପ୍ଟେମ୍ବର ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା


**୫ ଓରାଙ୍ଗଉଟାନ ଉଦ୍ଧାର ଘଟଣା**

## ଆସାମ, ମିଜୋରାମ ଓ ମହାରାଷ୍ଟ୍ର ପୋଲିସର ସହାୟତା ନେବ ଏସ୍‌ଟିଏଫ୍

ବାଲେଶ୍ୱର(ଅମୃତ ମିଡିଆ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବିଚିତ୍ରପୁର ଜଙ୍ଗଲରୁ ୫ଟି ଶିଶୁ ଓରାଙ୍ଗଉଟାନ ଉଦ୍ଧାର ଘଟଣାର ତଦନ୍ତ କରୁଥିବା ଓଡ଼ିଶା ଏସଟିଏଫ ଆସାମ, ମିଜୋରାମ ଓ ମହାରାଷ୍ଟ୍ର ପୁଲିସର ସହାୟତା ନେବ ବୋଲି ଜଣାପଡ଼ିଛି । କାରଣ ପୂର୍ବରୁ ଏହି ରାଜ୍ୟଗୁଡ଼ିକରେ ସମାନ ପରିସ୍ଥିତିରେ ଓରାଙ୍ଗଉଟାନ ଉଦ୍ଧାର ହୋଇଥିବାରୁ ତଦନ୍ତରେ ସେମାନଙ୍କ ଅନୁଭବ ଓ ସୂଚନା ଗୁରୁତ୍ୱପୂର୍ଣ୍ଣ ହେବ। ୨୦୨୨ ମସିହାରେ ଆସାମର କାଚାର ଜିଲ୍ଲାରୁ ୨ଟି ଶିଶୁ ଓରାଙ୍ଗଉଟାନ ଉଦ୍ଧାର ହୋଇଥିଲା। ୨୦୨୩ ଅକ୍ଟୋବରରେ ମିଜୋରାମର ଆଇଜଲ ଜିଲ୍ଲାରୁ ଆଉ ଗୋଟିଏ ଓରାଙ୍ଗଉଟାନ ଉଦ୍ଧାର ହୋଇଥିଲା। ସେହିପରି ୨୦୨୪ରେ ମହାରାଷ୍ଟ୍ରର ଥାଣେ ଜିଲ୍ଲାର ଡୋମ୍ବିଭଲିର ଏକ ଆପାର୍ଟମେଣ୍ଟରୁ ଆଉ ଗୋଟିଏ ଓରାଙ୍ଗଉଟାନ ଉଦ୍ଧାର ହୋଇଥିଲା। ବାଲେଶ୍ୱର ଜଙ୍ଗଲରୁ ୫ଟି ଶିଶୁ ଓରାଙ୍ଗଉଟାନ ମିଳିବା ପରେ ଏମାନଙ୍କୁ ଅନ୍ତର୍ଜାତୀୟ ସଂଯୋଗ ଥିବା କୌଣସି ବେଆଇନ ବନ୍ୟପ୍ରାଣୀ ଚାଲାଣ ନେଟୱାର୍କ ମାଧ୍ୟମରେ ଭାରତକୁ ଅଣାଯାଇଥିବା ନେଇ ସନ୍ଦେହ ହୋଇଥିଲା। ତେଣୁ ଆସାମ, ମିଜୋରାମ ଓ ମହାରାଷ୍ଟ୍ର ପୁଲିସର ସହାୟତା ନେଲେ ଓଡ଼ିଶା ଏସ୍‌ଟିଏଫକୁ ସନ୍ଦିଗ୍ଧ ବନ୍ୟପ୍ରାଣୀ ଚାଲାଣ ନେଟୱାର୍କ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୁରାକ ମିଳିପାରେ। ତଦନ୍ତରେ ପଶ୍ଚିମବଙ୍ଗ ପୁଲିସ ମଧ୍ୟ ଓଡ଼ିଶା ଏସଟିଏଫକୁ ସହଯୋଗ କରୁଛି। ଏସଟିଏଫ୍ ପୂର୍ବରୁ ପାଇଥିବା ସିସିଟିଭି ଫୁଟେଜରେ ବାଲେଶ୍ୱର ଜଙ୍ଗଲ ନିକଟରେ

■ ପୃଷ୍ଠା-୧୫

**ସୁପ୍ରିମକୋର୍ଟ ଶୁଣାଣି ପୂର୍ବରୁ ବଡ଼ ନିଷ୍ପତ୍ତି**

# ଜେଲ୍‌ରୁ ମୁକୁଳି ପାରିବେନି ଦାରା ସିଂ

- ସାମ୍ପ୍ରଦାୟିକ ଅଶାନ୍ତି ଆଶଙ୍କା
- ୧୭ରେ ସୁପ୍ରିମକୋର୍ଟରେ ଶୁଣାଣି

ନୂଆଦିଲ୍ଲୀ

ଜେଲ୍‌ରୁ ଦାରା ସିଂ ମୁକୁଳିବା ସମ୍ଭାବନା କ୍ଷୀଣ । ଷ୍ଟେଟ୍ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ ଦ୍ୱାରା ଆବେଦନ ଖାରଜ । ଆଗୁଆ ମୁକ୍ତି ପାଇଁ ହୋଇଥିବା ଆବେଦନକୁ ଏସଏସଆରବି ଖାରଜ କଲେ । ଗତ ୩୧ ତାରିଖରେ ହୋଇଥିବା ବୈଠକରେ ଖାରଜ କରାଯାଇଥିବାର ସୂଚନା ମିଳିଛି । ଗତ ଅଗଷ୍ଟ ୧୫ରେ ଦାରା ସେନା ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପ୍ରାୟ ୨୫୦ ଦାରା ସେନା କର୍ମୀ ଉତ୍ତେଜନାମୂଳକ ସ୍ଲୋଗାନ ଦେଇଥିଲେ । ଆସନ୍ତା ୧୭ରେ ସୁପ୍ରିମକୋର୍ଟରେ ଏନେଇ ରହିଛି ଶୁଣାଣି । ଏସଏସଆରବି ରିପୋର୍ଟ ଦେବାରେ ବିଳମ୍ବ କରିଥିବାରୁ କ୍ଷୁବ୍ଧ ହୋଇଥିଲେ କୋର୍ଟ । ପୂର୍ବରୁ ୫ ଥର ଦାରାଙ୍କ ପିଟିସନ୍‌କୁ ଖାରଜ କରିଛି ଏସଏସଆରବି । କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ରିପୋର୍ଟରେ କୁହାଯାଇଛି ଯେ ଅଗଷ୍ଟ ୧୫, ୨୦୨୬ ତାରିଖରେ 'ଦାରା ସେନା' ସହିତ ଜଡ଼ିତ କିଛି ବ୍ୟକ୍ତି ଜେଲ୍ ସାମ୍ନାରେ ଏକାଠି ହୋଇ ଉତ୍ତେଜନାପୂର୍ଣ୍ଣ ସ୍ଲୋଗାନ୍ ଦେଇଥିଲେ। ଏହି ପରିସ୍ଥିତିକୁ ବିଚାରକୁ ନେଇ ବୋର୍ଡ ବର୍ତ୍ତମାନ ପାଇଁ ତାଙ୍କୁ ମୁକ୍ତି ଦେବାକୁ ମନା କରିଦେଇଛି । ଉଲ୍ଲେଖଯୋଗ୍ୟ , ୧୯୯୯ ମସିହା ଜାନୁଆରୀ ୨୨ ତାରିଖ ରାତିରେ ଦାରା ସିଂହଙ୍କ ନେତୃତ୍ୱରେ ଉତ୍ତ୍ୟକ୍ତ ଜନତା କେନ୍ଦୁଝର ଜିଲ୍ଲାର ମନୋହରପୁର ଗାଁରେ ଏକ ଗାଡ଼ି ଭିତରେ ଶୋଇଥିବା ଅବସ୍ଥାରେ ଅଷ୍ଟ୍ରେଲୀୟ ଧର୍ମପ୍ରଚାରକ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କର ଦୁଇ ନାବାଳକ ପୁଅଙ୍କୁ ଜୀବନ୍ତ ଜାଳି ଦେଇଥିଲେ। ଏହି ହୃଦୟବିଦାରକ ହତ୍ୟାକାଣ୍ଡରେ ୨୦୦୩ ମସିହାରେ ଟ୍ରାଏଲ୍ କୋର୍ଟ ଦାରା ସିଂହଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଥିଲେ। ପରେ ଦାରା ସିଂ ମାମଲା ୨୦୦୫ରେ ଓଡ଼ିଶା ହାଇକୋର୍ଟ ଏହି ମୃତ୍ୟୁଦଣ୍ଡକୁ ଆଜୀବନ କାରାଦଣ୍ଡରେ ପରିଣତ କରିଥିଲେ, ଯାହା ୨୦୧୧ ମସିହାରେ ସୁପ୍ରିମକୋର୍ଟ ମଧ୍ୟ କାଏମ ରହିଥିଲା। ଏବେ ଦାରା ସିଂ ୨୬ବର୍ଷରୁ ଅଧିକ ସମୟ ଧରି ଜେଲରେ ରହିସାରିଛନ୍ତି।



ରାଜ୍ୟ ସରକାରଙ୍କ ରିମିସନ ନୀତି ଅନୁସାରେ, ଫାଶୀ ଦଣ୍ଡରୁ ଆଜୀବନ କାରାଦଣ୍ଡ ପାଇଥିବା କଏଦୀମାନେ ୨୫ବର୍ଷ ଜେଲ୍ ଦଣ୍ଡ ଅବଧି ପୂରଣ କରିବା ପରେ ସେମାନଙ୍କ ସମୟପୂର୍ବ ମୁକ୍ତି ଆବେଦନ ଉପରେ ବିଚାର କରାଯାଇପାରିବ। ଦାରା ସିଂ ନିଜର ଦୁଇ ଓକିଲ ହରି ଶଙ୍କର ଜୈନ ଓ ବିଷ୍ଣୁ ଶଙ୍କର ଜୈନଙ୍କ ମାଧ୍ୟମରେ ଦାଏର କରିଥିବା ରିଟ୍ ଆବେଦନରେ ଦର୍ଶାଇଛନ୍ତି ଯେ, ଯୁବାବସ୍ଥାର କ୍ରୋଧ ଯୋଗୁଁ ସେ ସେହି ଅପରାଧ ଘଟାଇଥିଲେ ଓ ଏବେ ସେ ନିଜ କାର୍ଯ୍ୟ ପାଇଁ ସମ୍ପୂର୍ଣ୍ଣ ଅନୁତପ୍ତ । ଦଣ୍ଡର ସଂସ୍କାରମୂଳକ ନୀତି ତଥା ରାଜୀବ ଗାନ୍ଧୀ ହତ୍ୟାକାଣ୍ଡ ମାମଲାରେ ୨୦୨୨ ମସିହାରେ ଦୋଷୀମାନଙ୍କୁ ମିଳିଥିବା ମୁକ୍ତି ରାୟର ଉଦାହରଣ ଦେଇ ଜଣେ ସଂସ୍କାରସମ୍ପନ୍ନ ବ୍ୟକ୍ତି ଭାବେ ସମାଜର ମୁଖ୍ୟସ୍ରୋତକୁ ଫେରିବା ପାଇଁ କୋର୍ଟଙ୍କ ନିକଟରେ ସେ ଆବେଦନ କରିଥିବା ଜଣାପଡ଼ିଛି। ଯେଉଁ କେତୋଟି କାରଣ ପାଇଁ ଦାରାଙ୍କୁ ମୁକ୍ତି ନ ମିଳିପାରେ ବୋଲି ଆଶା କରାଯାଉଛି ତାହା ହେଲା ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ଓ ଶାନ୍ତି ଭଙ୍ଗ ହେବାର ଭୟ। ବୋର୍ଡ ସ୍ପଷ୍ଟ ଭାବରେ ଦର୍ଶାଇଛନ୍ତି ଯେ ଦାରା ସିଂଙ୍କୁ ଜେଲରୁ ମୁକ୍ତ କଲେ ସମାଜରେ ଏହାର ଖରାପ ପ୍ରଭାବ ପଡ଼ିପାରେ। ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ହେବାର ଆଶଙ୍କା ରହିଛି। ଜେଲ ବାହାରେ ଉତ୍ତେଜନାମୂଳକ ନାରାବାଜି। ଗତ ଅଗଷ୍ଟ ୧୫ ତାରିଖରେ 'ଦାରା ସେନା'ର ପ୍ରାୟ ୨୦୦ ରୁ ୨୫୦ ସଦସ୍ୟ କେନ୍ଦୁଝର ଜିଲ୍ଲା ଜେଲ ବାହାରେ ଏକାଠି ହୋଇ ଉତ୍ତେଜନାପୂର୍ଣ୍ଣ ନାରାବାଜି କରିଥିଲେ। ଏହି ଘଟଣା ପ୍ରଶାସନ ଓ ବୋର୍ଡଙ୍କୁ ସୁରକ୍ଷା ଦୃଷ୍ଟିକୋଣରୁ ଅଧିକ ଚିନ୍ତିତ କରିଥିଲା। ଜିଲ୍ଲା ପ୍ରଶାସନର ଅସ୍ପଷ୍ଟ ରିପୋର୍ଟ। ଜିଲ୍ଲା ପ୍ରଶାସନ ତାଙ୍କ ଶେଷ ରିପୋର୍ଟରେ ଦାରା ସିଂଙ୍କ ମୁକ୍ତି ନେଇ କୌଣସି ସ୍ପଷ୍ଟ ସୁପାରିଶ କରି ନଥିବା ସୂଚନା ମିଳିଛି। ବୋର୍ଡ ଏହି ରିପୋର୍ଟକୁ ଅନିଶ୍ଚିତ

■ ପୃଷ୍ଠା-୧୫

## ଅକ୍ଟୋବରରେ ଓଡ଼ିଶା ଆସିବେ ରାହୁଲ ଗାନ୍ଧୀ

ଭୁବନେଶ୍ୱର(ବ୍ୟୁରୋ)

ଅକ୍ଟୋବରରେ ଓଡ଼ିଶା ଆସିବେ ରାହୁଲ ଗାନ୍ଧୀ । ଭୁବନେଶ୍ୱରରେ 'ଛାତ୍ର କି ଗୁଞ୍ଜ୍' କାର୍ଯ୍ୟକ୍ରମରେ ଦେବେ ଯୋଗ । ସାମିଲ ହେବେ ୨୦ ହଜାର ଯୁବପୀଢ଼ି । ଜେନ୍-ଜିଙ୍କ ସମସ୍ୟାକୁ ନେଇ ହେବ ଆଲୋଚନା । ଏନେଇ ପିସିସି ସଭାପତି ଭକ୍ତଚରଣ ଦାସ ସୂଚନା ଦେଇଛନ୍ତି । ପିସିସି ସଭାପତି କହିଛନ୍ତି ଯେ, ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଆଗକୁ କଂଗ୍ରେସ ମାରାଥନ୍ କାର୍ଯ୍ୟକ୍ରମ କରିବ । ଜାନୁଆରୀ ଏବଂ ଫେବୃଆରୀ ଭିତରେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଓଡ଼ିଶା ଆସିବେ । ଅକ୍ଟୋବର ୨ ତାରିଖରୁ ନବରଙ୍ଗପୁରରେ କଂଗ୍ରେସ ପଦଯାତ୍ରା ଆରମ୍ଭ କରିବ । କଂଗ୍ରେସ କର୍ମୀମାନେ ଏହି ପଦଯାତ୍ରାରେ ସାମିଲ ହେବେ । କମିଟି ଗୁଡ଼ିକ ତାକୁ ନିରୀକ୍ଷଣ କରିବ । ଜେନ୍-ଜିଙ୍କ ସମସ୍ୟାକୁ ନେଇ ଭୁବନେଶ୍ୱରରେ ବ୍ୟାପକ କାର୍ଯ୍ୟକ୍ରମ ହେବ । ଆସନ୍ତା ଅକ୍ଟୋବରରେ ଓଡ଼ିଶାରେ ଛାତ୍ର କି ଗୁଞ୍ଜ କାର୍ଯ୍ୟକ୍ରମ ହେବ ।

**ମହଙ୍ଗା ହେଉଛି ଓଡ଼ିଶା ବଜାର**

# ବଢ଼ିଛି ମୁଦ୍ରାସ୍ଫୀତି ଓ ଘରୋଇ ଖର୍ଚ୍ଚ

- ଗାଁରେ ଅଧିକ ଦରଦାମ୍ ମାଡ଼
- ଚିନ୍ତା ବଢ଼ାଉଛି ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି

ଭୁବନେଶ୍ୱର(ବ୍ୟୁରୋ)

ମହଙ୍ଗା ହୋଇଛି ଓଡ଼ିଶା ବଜାର। ଓଡ଼ିଶାର ସହରଠୁ ଗାଁ, ସବୁଠି ବଢ଼ିଛି ଖର୍ଚ୍ଚର ପରିମାଣ। ଅର୍ଥାତ୍ ଗାଁରେ ରହୁଥିବା ପ୍ରତିଟି ପରିବାର ସହର ଲୋକଙ୍କ ଠାରୁ ଦରଦାମ୍ ବୃଦ୍ଧିରେ ଅଧିକ ପ୍ରଭାବିତ ହେଉଛନ୍ତି। ଗୋଟିଏ ବର୍ଷ ମଧ୍ୟରେ ଗ୍ରାମାଞ୍ଚଳରେ ପରିବାର ପିଛା ୫.୨୩ ପ୍ରତିଶତ ଓ ସହରାଞ୍ଚଳରେ ୪.୩୧ ପ୍ରତିଶତ ବୃଦ୍ଧି ହୋଇଛି। କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁସାରେ ଏହା ସାମ୍ନାକୁ ଆସିଛି । ଯେଉଁଥିରେ ଦର୍ଶାଯାଇଛି ଯେ କେବଳ ଓଡ଼ିଶାରେ ୫.୫% ଡେଇଁଛି ମୁଦ୍ରାସ୍ଫୀତି। ଯାହା ଜାତୀୟ ହାରଠୁ ଅଧିକ। ଦେଶରେ ୪.୮୨% ମୁଦ୍ରାସ୍ଫୀତି ତୁଳନାରେ ଓଡ଼ିଶା ୦.୭୦% ଅଧିକ ରହିଛି । ମୋଟାମୋଟି ଭାବେ ଦେଶର ଗ୍ରାହକମାନଙ୍କ ତୁଳନାରେ ଓଡ଼ିଶାର ଗ୍ରାହକମାନେ ବିଭିନ୍ନ ଜିନିଷକୁ ଅଧିକ ଦାମ୍ ଦେଇ କିଣୁଛନ୍ତି। ଗତ ଜୁଲାଇରେ ରାଜ୍ୟର ଖୁଚୁରା ମୁଦ୍ରାସ୍ଫୀତି ୪.୮୩% ରହିଥିଲା। ସେହି ତୁଳନାରେ ଅଗଷ୍ଟରେ ସେଥିରେ ୦.୬୯% ବୃଦ୍ଧି ହୋଇଛି। ୨୦୨୬ ଜାନୁଆରି ପରଠାରୁ ରାଜ୍ୟର ମୁଦ୍ରାସ୍ଫୀତିରେ ୧.୮୭% ବୃଦ୍ଧି ହୋଇସାରିଲାଣି ଯାହା ଦେଶରେ ସର୍ବାଧିକ



। ମୁଦ୍ରାସ୍ଫୀତିକୁ ୪% ମଧ୍ୟରେ ରଖିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କକୁ କେନ୍ଦ୍ର ସରକାର କହିଛନ୍ତି। କିନ୍ତୁ ଚିନି, ପନିପରିବା, ପିଆଜ ଆଦିର ଦରବୃଦ୍ଧି ପରେ ଖୁଚୁରା ମୁଦ୍ରାସ୍ଫୀତି ହାର ସେହି ଧାର୍ଯ୍ୟ ସୀମା ଡେଇଁଯାଇଛି। ଗତ ମାସରେ ରାଜ୍ୟରେ ଚିନି ଦର ଅଳ୍ପ ଦିନ ଭିତରେ କେଜି ପିଛା ୪୨ ଟଙ୍କାରୁ ବଢ଼ି ୭୫ ଟଙ୍କା ହୋଇଯାଇଛି। ଯାହା ସିଧାସଳଖ ଗରିବ ଓ ମଧ୍ୟବିତ୍ତ ପରିବାର ଉପରେ ଚାପ ପକାଉଛି। ଗରିବ, ମଧ୍ୟବିତ୍ତଙ୍କ ମାସିକ ବଜେଟ୍ ବିଗିଡ଼ି ଯାଇଥିବା କହିଛନ୍ତି ଗୃହିଣୀ । ବନ୍ୟା ତଥା ଫସଲ ନଷ୍ଟ ଭଳି ବିଭିନ୍ନ କାରଣ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ଯେପରି ଚିନି ସୁଜି ଅଟାର ଦର ଅଧିକ ରହୁଛି। ସହର ଅପେକ୍ଷା ଗ୍ରାମାଞ୍ଚଳରେ ହୋର୍ଡିଂ ଅଧିକ ପାଇଁ ଦରଦାମ୍ ବୃଦ୍ଧି ହେଉଥିବା ଜଣା ପଡ଼ିଛି ।

## ବିଦ୍ୟୁତ୍ ଆଘାତରେ ଚାଲିଗଲା ଶିଶୁକନ୍ୟା ଓ ମହିଳାଙ୍କ ଜୀବନ

ଢେଙ୍କାନାଳ(ଅମୃତ ମିଡ଼ିଆ)

ବିଦ୍ୟୁତ ଆଘାତ ଲାଗି ଚାଲିଗଲା ୨ ଜୀବନ । ଢେଙ୍କାନାଳ ଜିଲ୍ଲାର ରାସୋଳ ଓ ଗଁନ୍ଦିଆ ଥାନା ଅଂଚଳରେ ଏଭଳି ଅଭାବନୀୟ ଅଘଟଣ ଘଟିଛି। ଗଁନ୍ଦିଆ ଥାନା ଅନ୍ତର୍ଗତ ଧନିଆନାଳୀ ଗ୍ରାମର ଏକ ୩ବର୍ଷର ଶିଶୁ କନ୍ୟା ବିଦ୍ୟୁତ କରେଣ୍ଟ ଲାଗି ମୃତ୍ୟୁ ଘଟିଛି। ସେପଟେ ରାସୋଳ ଥାନା ଅନ୍ତର୍ଗତ ବେଡାପଡା ରଗଡି ସାହିର ଜଣେ ମହିଳାଙ୍କର ମଧ୍ୟ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି। ୩ ବର୍ଷର ଶିଶୁ କନ୍ୟା ଗଁନ୍ଦିଆ ଥାନା ଅନ୍ତର୍ଗତ ଆଶ୍ରମ ସ୍କୁଲ ନିକଟରେ ରହୁଥିବା ବିଦେଶୀ ମୁଣ୍ଡାଙ୍କର ଝିଅ ତ୍ରିଶା ମୁଣ୍ଡା ଖେଳୁଥିଲା। ଘରେ ଖେଳୁଥିବା ବେଳେ ଘରେ ଝୁଲି ରହିଥିବା ବିଦ୍ୟୁତ ତାର ଧରି ଟାଣି ଦେଇଥିଲା। ଫଳରେ ବିଦ୍ୟୁତ ଆଘାତ ଲାଗି ଥିଲା। ଗୁରୁତର ଅବସ୍ଥାରେ ତାକୁ ଚିକିତ୍ସାପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ତାର ମୃତ୍ୟୁ ଘଟିଥିଲା। ସେହିପରି ରାସୋଳ ଥାନା ଅନ୍ତର୍ଗତ ବେଡାପଡା ଗ୍ରାମ ରଗଡି ସାହିର ୫୧ ବର୍ଷୀୟା ଉପମା ବେହେରା ଓ ତାଙ୍କ ଝିଅ ଗାଧୋଇବାକୁ ତାଙ୍କ ବାଡ଼ି ପଛ ପାଖେ ଗାଁ ପୋଖରୀକୁ ଯାଉଥିଲେ। ମାତ୍ର ବାଟରେ ସୋଲାର ଫେନ୍ସିଂ ତାର ଲାଗି ଯିବାରୁ ସେ ଗୁରୁତର ହୋଇଥିଲେ । ତାଙ୍କୁ ଚିକିତ୍ସା ପାଇଁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତର ଖାନାକୁ ନିଆଯାଇଥିଲେ ମଧ୍ୟ ତା ପୂର୍ବରୁ ତାଙ୍କର ମୃତ୍ୟୁ ଘଟି ସାରିଥିଲା। ବିଲରେ ଦିଆଯାଇଥିବା ସୋଲାର ଫେନ୍ସିଂ ରେ ବିଦ୍ୟୁତ କରେଣ୍ଟ ଚାର୍ଜ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି । ଖବର ପାଇ ରାସୋଳ ଥାନା ପୁଲିସ ପହଂଚି ସୋଲାର ଫେନ୍ସିଂ ତାର ଜବତ କରି ତଦନ୍ତ ଆରମ୍ଭ କରିଛି। ଉକ୍ତ ତାର ବିଛାଇଥିବା ଜଣେ ବ୍ୟକ୍ତିଙ୍କୁ ଅଟକରଖି ପୁଲିସ ଛାନଭିନ ଆରମ୍ଭ କରିଛି।

**ସେ କହିଲେ...**



ସୁପରଇଣ୍ଟେଲିଜେନ୍ସ ହାସଲ କରିବାର ଏକମାତ୍ର ଉଦ୍ଦେଶ୍ୟ ମାନବଜାତିକୁ ସହାୟତା କରିବା ହେବା ଉଚିତ। ଯଦି ବିକଶିତ ଏଆଇ ମଣିଷକୁ ସାହାଯ୍ୟ କରିବାରେ ବିଫଳ ହୁଏ କିମ୍ବା ମଣିଷ ନିୟନ୍ତ୍ରଣ ବାହାରେ ରହେ, ତେବେ ଏହାକୁ ସୃଷ୍ଟି କରିବାର କୌଣସି ଉଦ୍ଦେଶ୍ୟ ନାହିଁ। ଏଆଇର ଲାଭଗୁଡ଼ିକୁ ଦ୍ରୁତ ଗତିରେ ଆଗକୁ ବଢ଼ାଇବା ଏବଂ ପ୍ରସାରିତ କରିବାର ଆବଶ୍ୟକତା ରହିଛି ଯାହା ଦ୍ୱାରା ସେମାନେ ବିଭିନ୍ନ ଦେଶ, ସମ୍ପ୍ରଦାୟ ଏବଂ କମ୍ପାନୀମାନଙ୍କ ପାଖରେ ପହଞ୍ଚିପାରିବେ। ଏଥିପାଇଁ ଏକ ଉନ୍ନତ ଇକୋସିଷ୍ଟମ ଆବଶ୍ୟକ ଯେଉଁଠାରେ ବନ୍ଦ ଏବଂ ଖୋଲା-ଉତ୍ସ ମଡେଲ ଉଭୟ ଉନ୍ନତି କରିପାରିବେ।

**ସତ୍ୟ ନାଡେଲା**

ମାଇକ୍ରୋସଫ୍ଟର ଅଧ୍ୟକ୍ଷ ଏବଂ ସିଇଓ

**ପଞ୍ଚାୟତ ନିର୍ବାଚନ ପାଇଁ ସଜବାଜ**

# ଅକ୍ଟୋବର ୨ରୁ କଂଗ୍ରେସର ପଦଯାତ୍ରା

**ପାଖେଇ ଆସୁଛି ପଞ୍ଚାୟତ ନିର୍ବାଚନ। ଆସନ୍ତା ବର୍ଷ ମାର୍ଚ୍ଚ ମାସରେ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବାକୁ ଯାଉଛି। ତା'ପୂର୍ବରୁ ଦଳକୁ ସଶକ୍ତ କରିବାକୁ ଅଣ୍ଟା ଭିଡ଼ିଛି କଂଗ୍ରେସ। ଏଥିପାଇଁ ଦଳ ଏକାଧିକ କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ ଏଥିରେ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ପ୍ରମୁଖ ଯୋଗଦେଇ ଉଭୟ ନେତା ଓ କର୍ମୀଙ୍କୁ ଉତ୍ସାହିତ କରିବାର ଯୋଜନା ରହିଛି। ରାଜ୍ୟରେ କଂଗ୍ରେସର ସ୍ଥିତି ଅତ୍ୟନ୍ତ ଦୁର୍ବଳ ରହିଥିବା ବେଳେ ହେଭି ୱେଟ୍ ନେତାଙ୍କ ଓଡ଼ିଶା ଗସ୍ତ କଂଗ୍ରେସକୁ ନୂଆ ଜୀବନ ଆଣିଦେବ ବୋଲି କୁହାଯାଉଛି।**

ଭୁବନେଶ୍ୱର (ବ୍ୟୁରୋ)

ଆସନ୍ତା ବର୍ଷ ମାର୍ଚ୍ଚ ମାସରେ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବାକୁ ଥିବା ବେଳେ ତା'ପୂର୍ବରୁ ଦଳକୁ ସଶକ୍ତ କରିବାକୁ ଅଣ୍ଟା ଭିଡ଼ିଛି କଂଗ୍ରେସ। ଏଥିପାଇଁ ଦଳ ଏକାଧିକ କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ ଏଥିରେ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ପ୍ରମୁଖ ଯୋଗଦେଇ ଉଭୟ ନେତା ଓ କର୍ମୀଙ୍କୁ ଉତ୍ସାହିତ କରିବାର ଯୋଜନା ରହିଛି। ଆଜି ପିସିସି ସଭାପତି ଭକ୍ତଚରଣ ଦାସ ଏଭଳି କିଛି ସୂଚନା ଦେଇଛନ୍ତି। ସେପଟେ ବିଜେଡି ଓ ଶାସକ ବିଜେପି ସଂଗଠନକୁ ସୁଦୃଢ଼କରିବା ସହ ଜନସମ୍ପର୍କ ଆରମ୍ଭ କରିଦେଲେଣି। ତୃଣମୂଳ ସ୍ତରରେ ବିଜେଡିର ସ୍ଥିତି ଭଲ ରହିଥିବା ବେଳେ ଶାସକ ଦଳ ଚିନ୍ତାରେ ପଡ଼ିଛି। ଏତିକି ବେଳେ କଂଗ୍ରେସ ବି ନୂଆ ଢଙ୍ଗରେ ପଦଯାତ୍ରା, ବୈଠକ ଆରମ୍ଭ କରିବାକୁ ଯୋଜନା ପ୍ରସ୍ତୁତ କରିଛି।





- ନବରଙ୍ଗପୁରରୁ ଆରମ୍ଭ ହେବ ଅଭିଯାନ
- ଯୋଗଦେବେ ପ୍ରିୟଙ୍କା ଓ ରାହୁଲ ଗାନ୍ଧୀ
- ଦିନକୁ ୨ରୁ ୩ ବ୍ଲକରେ ହେବ ପଦଯାତ୍ରା
- ୫ କିମି ପଦଯାତ୍ରାରେ ଗୋଟିଏ ବୈଠକ

ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି ଯେ, ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଅକ୍ଟୋବର ୨ ତାରିଖରୁ ପଦଯାତ୍ରା ଆରମ୍ଭ ହେବ। ଗୋଟିଏ ବ୍ଲକରେ ୫ କିଲୋମିଟରର ପଦଯାତ୍ରା ସହ ଗୋଟିଏ ଲେଖାଏ ବୈଠକ ହେବ। ଏହା ପରେ ଉକ୍ତ ବ୍ଲକକୁ ନିରୀକ୍ଷଣ କରାଯିବ। ରାଜ୍ୟର ୩୧୪ଟି ବ୍ଲକ ଥିବାରୁ ଆଗାମୀ ଦିନରେ ଦିନକୁ ୨ରୁ ୩ଟି ବ୍ଲକରେ ଏହି କାର୍ଯ୍ୟକ୍ରମକୁ କରିବୁ। ଅକ୍ଟୋବର ୨ରୁ ପ୍ରଥମେ ଆମେ ନବରଙ୍ଗପୁର ଜିଲ୍ଲାରୁ ଏହି ପଦଯାତ୍ରା ଆରମ୍ଭ କରିବୁ।

ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ, ଏହି ପଦଯାତ୍ରାକୁ ନେଇ ପୂର୍ବ ପ୍ରସ୍ତୁତି କରାଯିବ। ଦଳୀୟ କର୍ମୀ ଓ ନେତାଙ୍କୁ ପ୍ରଶିକ୍ଷଣ ଦିଆଯିବ। ପରବର୍ତ୍ତୀ ସମୟରେ ମାରାଥନ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏଥିରେ ଲକ୍ଷ ଲକ୍ଷ ଲୋକଙ୍କୁ ସାମିଲ କରାଯିବ। ଏମିତିକି ରାଜ୍ୟରେ ଜେନ-ଜିଙ୍କୁ ନେଇ ବଡ଼ ବଡ଼ ବୈଠକ କରାଯିବ ବୋଲି ସେ କହିଛନ୍ତି।

ଯେଉଁ କାର୍ଯ୍ୟକ୍ରମ ଆସନ୍ତା ଅକ୍ଟୋବର ମାସରୁ ଆରମ୍ଭ କରାଯିବ, ତାହା ଆସନ୍ତା ଜାନୁଆରୀ ଓ ଫେବୃଆରୀ ମାସ ବେଳକୁ ବଡ଼ ଧରଣର କାର୍ଯ୍ୟକ୍ରମରେ ପରିଣତ ହେବ, ଯେଉଁଥିରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ, ରାହୁଲ ଗାନ୍ଧି, ପ୍ରିୟଙ୍କା ଗାନ୍ଧି ଓ କେସି ଭେନୁଗୋପାଳଙ୍କ ଭଳି ପ୍ରମୁଖ ନେତା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେମାନଙ୍କ ସହ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଓ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ମଧ୍ୟ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ପଦଯାତ୍ରା କେବଳ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି କରାଯିବ ନାହିଁ, ସାରା ରାଜ୍ୟର ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କରାଯାଉଛି। ସରକାର ବିଭିନ୍ନ ପ୍ରସଙ୍ଗରେ ଲୋକଙ୍କୁ ଅଣଦେଖା କରୁଛନ୍ତି। ସେଥିରେ ସେହି ପ୍ରସଙ୍ଗଗୁଡ଼ିକୁ ଉଠାଯିବ।

ଅମୃତ ଦୁନିଆ

ଯଦି ନକରାତ୍ମକ ପରିସ୍ଥିତିରେ ସର୍ବଦା ସକରାତ୍ମକ ମନୋଭାବ ବଜାୟ ରଖନ୍ତି ତେବେ ଏହି ବିଜୟ ହେବ ଆପଣଙ୍କର

ଶୁଭ ସକାଳ

# ବ୍ୟାଡ୍ କୋଲେଷ୍ଟରାଲ

କୋଲେଷ୍ଟରାଲ ଦୁଇ ପ୍ରକାର ହୋଇଥାଏ ଗୋଟିଏ ଭଲ ବା ଗୁଡ କୋଲେଷ୍ଟରାଲ ଓ ଅନ୍ୟଟି ବ୍ୟାଡ ବା ଖରାପ କୋଲେଷ୍ଟରାଲ ଗୁଡ କୋଲେଷ୍ଟରାଲକୁ ହାଇ ଡେନସିଟି ଲିପୋପ୍ରୋଟିନ(ଏଚଡିଏଲ) ଓ ବ୍ୟାଡ କୋଲେଷ୍ଟରାଲକୁ ଲୋ ଡେନସିଟି ଲିପୋପ୍ରୋଟିନ (ଏଲଡିଏଲ) କୁହାଯାଇଥାଏ । ଏହାକୁ ବହୁତ ମାରାତ୍ମକ ମନାଯାଇଥାଏ ।





ବ୍ୟାଡ କୋଲେଷ୍ଟରାଲ କମ କରିବାର ବଢ଼ିଆ ଉପାୟ, ଆବଶ୍ୟକ ପଡିବନି ମେଡିସିନ୍ ? ରକ୍ତରେ କୋଲେଷ୍ଟରାଲ ମାତ୍ରା ଅଧିକ ହେଲେ ଏହା ହାର୍ଟ ଆଟାକ ଭଳି ବିପଦ ସୃଷ୍ଟି କରିଥାଏ । ହାଇକୋଲେଷ୍ଟରାଲ ଶରୀରରେ କୌଣସି ସଂକେତ ଦେଇ ନଥାଏ,ଏଥିପାଇଁ ଏହାକୁ ସାଇଲେଣ୍ଟ କିଲର କୁହାଯାଏ । ଆଜିକାଲି ଲକ୍ଷ ଲକ୍ଷ ଲୋକ ହାଇକୋଲେଷ୍ଟରାଲ ସମସ୍ୟାର ସାମନା କରୁଛନ୍ତି । କୋଲେଷ୍ଟରାଲ ଦୁଇ ପ୍ରକାର ହୋଇଥାଏ । ଗୋଟିଏ ଭଲ ବା ଗୁଡ କୋଲେଷ୍ଟରାଲ ଓ ଅନ୍ୟଟି ବ୍ୟାଡ ବା ଖରାପ କୋଲେଷ୍ଟରାଲ ଗୁଡ କୋଲେଷ୍ଟରାଲକୁ ହାଇ ଡେନସିଟି ଲିପୋପ୍ରୋଟିନ(ଏଚଡିଏଲ) ଓ ବ୍ୟାଡ କୋଲେଷ୍ଟରାଲକୁ ଲୋ ଡେନସିଟି ଲିପୋପ୍ରୋଟିନ (ଏଲଡିଏଲ) କୁହାଯାଇଥାଏ । ଏହାକୁ ବହୁତ ମାରାତ୍ମକ ମନାଯାଇଥାଏ । ଯେଉଁଥିପାଇଁ ବ୍ଲଡ ଫ୍ଲୋ କମ ହୋଇ ହାର୍ଟ ଆଟାକ ବିପଦ ସୃଷ୍ଟି କରିଥାଏ । ତେବେ ଆମେ ଏଥିପାଇଁ ମେଡିସିନ ଉପରେ ନିର୍ଭର ନକରି କିଛି ଉପାୟ ଦ୍ୱାରା ବ୍ୟାଡ କୋଲେଷ୍ଟରାଲକୁ ଠିକ୍ କରିପାରିବା । ଆସନ୍ତୁ ଜାଣିବା ଉପାୟ ।

**ସ୍ୱାସ୍ଥ୍ୟକର ଖାଦ୍ୟ**

ଯଦି ଆପଣ କୋଲେଷ୍ଟରାଲକୁ କମ କରିବାକୁ ଚାହୁଁଛନ୍ତି, ତେବେ ଆମ ଆଖପାଖରେ ଥିବା ବହୁ ଜିନିଷକୁ ଆମେ ବ୍ୟବହାର କରିପାରିବା । ତେଣୁ ପ୍ରୋସେସ ଫୁଡ,ଲୁଣ ଓ ଚିନି ଅଧିକ ମାତ୍ରାରେ ଖାଇବା ବନ୍ଦ କରିବାକୁ ହେବ । ଏଥିସହ ଖ୍ଷିର ଜାତ ଦ୍ରବ୍ୟ ଏଲଡିଏଲକୁ କମ କରିଥାଏ । ସାଲମନ ମାଛ, ଅଖରୋଟ,ଆଳସୀ ଆଦି ରକ୍ତ ବାହିକା ପାଇଁ ବହୁତ ଭଲ ହୋଇଥାଏ ।

**ମଦ ନ ପିଇବା**

ମଦ ଏଚଡିଏଲ ବଢ଼ାଇବାର ଏକ ବଡ ମାଧ୍ୟମ । ସାଙ୍ଗ ସାଥୀଙ୍କ ସହ ପାର୍ଟି ଆଦିରେ ଏହା ଅଧିକ ବଢ଼ିଥାଏ । ତେଣୁ ମଦ ପିଇବା ବନ୍ଦ କରିବା ଉଚିତ୍ ? ।

**ଓଜନ କମ କରିବା**

କୋଲେଷ୍ଟରାଲ ଲେଭଲ କମ କରିବାକୁ ଚାହୁଁଥିଲେ ଓଜନ କମ କରିବା ଆବଶ୍ୟକ । ଓଜନ ଅଧିକ ହେବା ଯୋଗୁ ରକ୍ତ ବାହିକା ଉପରେ ପ୍ରଭାବ ପକାଇବ । ତେଣୁ ଓଜନ କମ କରିବା ଜରୁରୀ ।

**ବ୍ୟାୟାମ**

କୋଲେଷ୍ଟରାଲ କମାଇବା ପାଇଁ ଉପଯୁକ୍ତ ଖାଦ୍ୟ ସହ ବ୍ୟାୟାମ ଜରୁରୀ ହୋଇଥାଏ । ଦିନରେ ଫିଜିକାଲ ଏକ୍ସରସାଇଜ ବଢ଼ାନ୍ତୁ । ପହଁରିବା, ସାଇକେଲ ଚଲାଇବା, ନାଚିବା ଆଦି ଜରୁର କରନ୍ତୁ । ପ୍ରତି ଅଧ ଘଣ୍ଟାରେ ଥରେ ଉଠନ୍ତୁ ଓ ଟିକେ ବୁଲି ଆସନ୍ତୁ । ଫିଜିକାଲ ଏକ୍ଟିଭିଟି ଦ୍ୱାରା ରକ୍ତରେ ଏଚଡଏଲ ବଢ଼ିବା ସହ ଏଲଡିଏଲ କମିଥାଏ ।

---

ପ୍ରତି ଝିଅ ଚାହାଁନ୍ତି ଯେ ତାଙ୍କ ପାର୍ଟନର ତାଙ୍କର ଯତ୍ନ ଭଲ ଭାବେ ନିଅନ୍ତୁ ଓ ତାଙ୍କୁ ଭରପୂର ପ୍ରେମ ଦିଅନ୍ତୁ । ଯେଉଁ ପୁଅଙ୍କ ନାମ ଏହି ଅକ୍ଷରରୁ ଆରମ୍ଭ ହେଇଥାଏ ସେମାନେ ତାଙ୍କ ପତ୍ନୀଙ୍କୁ ସର୍ବଦା ଖୁସୀ ରଖିବାକୁ ଚେଷ୍ଟା କରିଥାନ୍ତି ।



# ଏହି ନାମର ପୁଅ ହୋଇଥାନ୍ତି ବହୁତ ଆକର୍ଷକ

ଅଙ୍କ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ବ୍ୟକ୍ତିଙ୍କ ନାମର ପ୍ରଥମ ଅକ୍ଷର ସମ୍ପର୍କ ତାଙ୍କର ସ୍ୱଭାବ ସହ ଜଡିତ ଥାଏ । ପ୍ରତି ଝିଅ ଚାହାଁନ୍ତି ଯେ ତାଙ୍କ ପାର୍ଟନର ତାଙ୍କର ଯତ୍ନ ଭଲ ଭାବେ ନିଅନ୍ତୁ ଓ ତାଙ୍କୁ ଭରପୁର ପ୍ରେମ ଦିଅନ୍ତୁ । ଯେଉଁ ପୁଅଙ୍କ ନାମ ଏହି ଅକ୍ଷରରୁ ଆରମ୍ଭ ହେଇଥାଏ ସେମାନେ ତାଙ୍କ ପତ୍ନୀଙ୍କୁ ସର୍ବଦା ଖୁସୀ ରଖିବାକୁ ଚେଷ୍ଟା କରିଥାନ୍ତି । ଆସନ୍ତୁ ଜାଣିବା ଏମିତି କିଛି ପୁଅଙ୍କ ନାମ ବିଷୟରେ ଯାହାଙ୍କ ପ୍ରତି ଝିଅମାନେ ହୋଇଥାନ୍ତି ବହୁତ ଆକର୍ଷିତ । A ଅକ୍ଷର ଅଂକ ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ଯେଉଁ ପୁଅଙ୍କ ନାମ ଇଂରାଜୀ ଅକ୍ଷର A ରୁ ଆରମ୍ଭ ହୋଇଥାଏ । ଏମାନଙ୍କ ସ୍ୱଭାବ ବହୁତ ରୋମାଣ୍ଟିକ ହୋଇଥାଏ । ସେମାନେ ବହୁତ କେୟାରିଂ ହୋଇଥାନ୍ତି । ଏମାନେ ନିଜ ପତ୍ନୀଙ୍କୁ ବହୁତ ପ୍ରେମ ଓ ସମ୍ମାନ ଦେଇଥାନ୍ତି । ଏଥିସହିତ ଏମାନଙ୍କ ଜୀବନରେ ଧନର ଅଭାବ କେବେ ହୋଇ ନଥାଏ ।

D ଅକ୍ଷର : ମନାଯାଏ କି ଯେଉଁ ପୁଅଙ୍କ ନାମ D ଅକ୍ଷରରୁ ଆରମ୍ଭ ହୋଇଥାଏ, ଏମାନେ ମନର ବହୁତ ସଫା ହୋଇଥାନ୍ତି । ଏମାନେ ନିଜ ପାର୍ଟନରଙ୍କ ଭାବନାକୁ ସମ୍ମାନ ଦେଇଥାନ୍ତି । ପତ୍ନୀଙ୍କ ସବୁ କଥା ଶୁଣିଥାନ୍ତି ଓ ମାନିଥାନ୍ତି ।

N ଅକ୍ଷର : ଯେଉଁ ପୁରୁଷଙ୍କ ନାମ **N** ରୁ ଆରମ୍ଭ ହୋଇଥାଏ,ସେମାନଙ୍କ ବିଷୟରେ କୁହାଯାଏ ଯେ ଏମାନଙ୍କ ସ୍ୱଭାବ ବହୁତ ସରଳ ଓ ମେଳାପୀ ହୋଇଥାଏ । ଏମାନେ ନିଜ ପତ୍ନୀଙ୍କ ସହ ସବୁ ସୁଖ ଦୁଃଖରେ ଠିଆ ହୋଇଥାନ୍ତି ।

P ଅକ୍ଷର : ଅଂକ ଜ୍ୟୋତିଷ ଶାସ୍ତ୍ର ଅନୁସାରେ P ଅକ୍ଷର ନାମର ଲୋକେ ନିଜ ଜୀବନରେ ବହୁତ ସମ୍ମାନ ଓ ଧନ କମାଇଥାନ୍ତି । ଏମାନଙ୍କ ପରିଶ୍ରମୀ ସ୍ୱଭାବ ଏମାନଙ୍କୁ ଜୀବନରେ ଆଗକୁ ବଢ଼ାଇଥାଏ । ଏହି ନାମର ପୁଅଙ୍କ ସର୍ବଦା ଚେଷ୍ଟା ରହିଥାଏ ଯେ ସେମାନେ ସବୁ ପରିସ୍ଥିତିରେ ପତ୍ନୀଙ୍କୁ ଖୁସିରେ ରଖିବା ।

V ଅକ୍ଷର : ଯେଉଁ ପୁଅଙ୍କ ନାମ ଇଂରାଜୀ ଅକ୍ଷର V ରୁ ଆରମ୍ଭ ହୋଇଥାଏ, ଏମାନେ ସମ୍ପର୍କକୁ ନେଇ ବହୁତ ଗମ୍ଭୀର ହୋଇଥାନ୍ତି । ଏମାନେ ନିଜ ପତ୍ନୀର ସବୁ ଇଛାକୁ ପୂର୍ଣ୍ଣ କରିଥାନ୍ତି ।

---

# ଏସିଡିଟିରୁ ମୁକ୍ତି ଦିଏ ଏହି ସବୁ ପ୍ରାକୃତିକ ଉପାଦନ



ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀ ବିଭିନ୍ନ ପ୍ରକାର ରୋଗର କାରଣ ପାଲଟିଛି । ସେଥିମଧ୍ୟରୁ ଏସିଡିଟି ବା ଅମ୍ଳତା ଅନ୍ୟତମ । ପ୍ରାୟ ଅଧିକାଂଶ ଲୋକ ଏହି ରୋଗରେ ଆକ୍ରାନ୍ତ । ଖାଦ୍ୟ ସେବନରେ ଅନିୟମିତତା ଏସିଡିଟିର ମୁଖ୍ୟ କାରଣ । ଏସିଡିଟି ରୋଗୀଙ୍କୁ ଡାକ୍ତରମାନେ ଔଷଧ ଖାଇବାକୁ ପରାମର୍ଶ ଦେଇଥାନ୍ତି । କିନ୍ତୁ ଘରୋଇ ଉପଚାର ମାଧ୍ୟମରେ କିପରି ଏସିଡିଟି ଦୂର କରିବେ ଜାଣନ୍ତୁ...



**ଲାଉ ଏବଂ ତୁଳସୀ ସରବତ:** ଅମ୍ଳତାରୁ ମୁକ୍ତି ପାଇବା ପାଇଁ ଲାଉ ଏବଂ ତୁଳସୀ ରସ ବେଶ୍ ଉପକାରୀ । ଏହାକୁ ଜୁସ୍ କରି ପିଇପାରିବେ ।

**ବେଲ ସରବତ:** ହଜମ ପ୍ରକ୍ରିୟା ପାଇଁ ବେଲ ଏକ ସର୍ବଶ୍ରେଷ୍ଠ ଉପାଦାନ । ଏହା ଅମ୍ଳତାକୁ ବହୁ ପରିମାଣରେ ହ୍ରାସ କରିପାରେ । ଏସିଡିଟି ସମୟରେ ହେଉଥିବା ପେଟର ଜ୍ୱଳନକୁ ହ୍ରାସ କରିଥାଏ ବେଲ । ତେଣୁ ଏସିଡିଟିରୁ ମୁକ୍ତି ପାଇଁ ବେଲରେ ତିଆରି ସରବତ ଏବଂ ବେଲପତ୍ର ମଧ୍ୟ ଖାଇପାରିବେ ।

**ମେଥି ପାଣି:** ଏସିଡିଟିରୁ ଆରାମ ଦେଇଥାଏ ମେଥି ପାଣି । ଏକ ଗ୍ଲାସ ପାଣିରେ ଅଧା ଚାମଚ ମେଥି ଭିଜାନ୍ତୁ । ସକାଳେ ଏହି ପାଣିକୁ ଫୁଟାନ୍ତୁ ଏବଂ ଏହାକୁ ଛାଣି ପିଅନ୍ତୁ । ଖାଲି ପେଟରେ ମେଥି ପାଣି ପିଇବା ଦ୍ୱାରା ଏସିଡିଟି ସମସ୍ୟା ଦୂର ହୋଇଥାଏ ।

**ଖାଦ୍ୟକୁ ଭଲ ଭାବରେ ଚୋବାନ୍ତୁ:** ଗ୍ୟାସ୍ଟିକ ବା ଏସିଡିଟି ସମସ୍ୟାକୁ ଦୂର କରିବାର ପ୍ରଥମ ଉପାୟ ହେଉଛି, ଯାହା ଖାଉଛନ୍ତି ଭଲ ଭାବେ ଚୋବାଇ ଖାଆନ୍ତୁ । କାରଣ ଖାଦ୍ୟ ହଜମ ପ୍ରଥମେ ପାଟିରୁ ହିଁ ଆରମ୍ଭ ହୋଇଥାଏ । ଖାଦ୍ୟ ସଠିକ୍ ଭାବେ ଚର୍ବଣ ହେଲେ ଏସିଡିଟି ଅନେକାଂଶରେ ଦୂର ହୋଇପାରିବ ।

---

# ଲିଚୁର ସାଇଡ୍ ଇଫେକ୍ଟ

ଗରମ ଦିନ ଆସିଲେ ଲିଚୁର ଆଗମନ ମଧ ଆରମ୍ଭ ହୋଇଯାଏ । ଅଧିକାଂଶ ଲୋକ ଲିଚୁ ଖାଇବାକୁ ଭଲ ପାଆନ୍ତି । ସେ ଏହାକୁ ଭିନ୍ନ ଭିନ୍ନ ରୂପ ଦେଇ ମଧ ଖାଇଥା'ନ୍ତି । କେହି କେହି ଏଥିରୁ ଜୁସ୍ ତିଆରି କରନ୍ତି ଏବଂ କିଛି ଏଥିରୁ ସ୍ମୁଦି ତିଆରି କରି ଖାଇଥା'ନ୍ତି । କିନ୍ତୁ ପାଟିକୁ ସୁଆଦିଆ ଲାଗୁଥିବା ଏହି ଲିଚୁର ବି ରହିଛି ଅନେକ ସାଇଡ୍ ଇଫେକ୍ଟ । ଆବଶ୍ୟକତାଠାରୁ ଅଧିକ ଲିଚୁ ଖାଇବା ଦ୍ୱାରା ଆପଣ ମାରାତ୍ମକ ରୋଗରେ ପଡିପାରନ୍ତି । ଖାଲି ପେଟରେ ଲିଚୁ ଖାଇବା ଠାରୁ ଦୂରେଇ ରୁହନ୍ତୁ । ଏହା ବିଶେଷ ରୂପେ କ୍ଷତିକାରକ । ଏଥିରେ ମିଥାଇଲନ୍ ସାଇକ୍ଲୋପ୍ରୋପିଲ୍-ଗ୍ଲାଇସିନ୍ ଥାଏ । ଏହା ମସ୍ତିଷ୍କକୁ ପ୍ରଭାବିତ କରିଥାଏ ଏବଂ ପେଟର ଅମ୍ଳତା, ଫୁଲିବା ଏବଂ ଗ୍ୟାସ୍ ? ସୃଷ୍ଟି କରିଥାଏ । ଅତ୍ୟଧିକ ଲିଚୁ ଖାଇବା ଦ୍ୱାରା ବ୍ଲଡ ସୁଗାର ଲୋ' ହୋଇପାରେ । ଲିଚୁରେ ଥିବା ସାଇକ୍ଲୋପ୍ରୋପିଲ୍-ଗ୍ଲାଇସିନ୍ ବ୍ଲଡ ସୁଗାର ଲୋ' କରିବାରେ କାମ କରିଥାଏ । ଏଭଳି ଅନେକ ଫଳ ରହିଛି ଯାହାକୁ ଖାଇବା ଦ୍ୱାରା ଆଲର୍ଜି ସମସ୍ୟା ଦେଖାଦେଇଥାଏ । ସେହି ଫଳ ମଧ୍ୟରୁ ଗୋଟିଏ ହେଉଛି ଲିଚୁ । ଲିଚୁରେ ଲୁଚି ରହିଥିବା ମାଇକ୍ରୋବସ୍ ଫୁଡ୍ ପଏଜନିଂ ଏବଂ ଆଲର୍ଜି ସୃଷ୍ଟି କରିପାରେ । ଏହାକୁ ଖାଇବା ଦ୍ୱାରା ପେଟ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି ହୋଇପାରେ । ଲିଚୁରେ ଥିବା ବିଷାକ୍ତ ପଦାର୍ଥ ଆକ୍ୟୁଟ୍ ଏନସେଫାଲାଇଟିସ୍ ସିଣ୍ଡ୍ରୋମ ସୃଷ୍ଟି କରେ, ଯାହା ସ୍ଥାନୀୟ ଭାବରେ ମସ୍ତିଷ୍କ ଜ୍ୱର ବା ମେନିଞ୍ଜାଇଟିସ୍ ଭାବରେ ଜଣାଶୁଣା । ଡାକ୍ତରଙ୍କ କହିବା ମୁତାବକ, ଛୋଟ ପିଲାମାନେ ଲିଚୁ ନ ଖାଇବା ଭଲ । ଲିଚୁର ଉପାଦାନଗୁଡ଼ିକ ପିଲାମାନଙ୍କ ଶରୀରରେ ସଂକ୍ରମଣ ସୃଷ୍ଟି କରିପାରେ । ଏହା ଦ୍ୱାରା ହଠାତ୍ ପେଟ ଯନ୍ତ୍ରଣା ଏବଂ ଶରୀରରେ ଲାଲ ରଙ୍ଗର ଦାଗ ସୃଷ୍ଟି କରିପାରେ । ତେଣୁ, ଛୋଟ ପିଲାମାନଙ୍କୁ ଲିଚୁ ଜୁସ୍ ଦିଅନ୍ତୁ, କିନ୍ତୁ ଲିଚୁ ଖାଇବାକୁ ଦିଅନ୍ତୁ ନାହିଁ ।







## ଏକ ଗୋଡ଼ରେ ୧୦ ସେକେଣ୍ଡ ଠିଆ ନ ହୋଇ ପାରିଲେ

# ମୃତ୍ୟୁ ଆଶଙ୍କା ଅଧିକ

ମଧ ବୟସ୍କଙ୍କ ପାଇଁ ସତର୍କ ଘଣ୍ଟି । ୧୦ ସେକେଣ୍ଡର ଫିଜିକାଲ ଟେଷ୍ଟରେ ଫେଲ ମାରିଲେ ମୃତ୍ୟୁ ଆଶଙ୍କା ଅଧିକ । ଗୋଟିଏ ଗୋଡ଼ରେ ଠିଆ ନ ହୋଇ ପାରିଲେ,ମରିବାର ବିପଦ ଅଧିକ । ମାତ୍ର ୧୦ ସେକେଣ୍ଡ ପାଇଁ ଏକ ନିର୍ଦ୍ଧିଷ୍ଟ ମୁଦ୍ରାରେ ଗୋଟିଏ ଗୋଡ଼ରେ ଭାରସାମ୍ୟ ରଖି ନଥିପାରୁନଥିବା ବ୍ୟକ୍ତି ଆଗାମୀ ୧୦ ବର୍ଷ ମଧ୍ୟରେ ମୃତ୍ୟୁ ବରଣ କରିବାର ବିପଦ ରହିଛି । ବ୍ରିଟିଶର ଏକ ସ୍ପୋର୍ଟ ମେଡିସିନ୍ ଜର୍ନାଲରେ ଏମିତି ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି । ଗବେଷଣାରୁ ଜଣା ପଡିଛି,ମାତ୍ର ୧୦ ସେକେଣ୍ଡ ପାଇଁ ଗୋଟିଏ ଗୋଡ଼ରେ ଠିଆ ହୋଇ ପାରୁ ନଥିବା ମଧ୍ୟବୟସ୍କଙ୍କ ଭିତରୁ ପ୍ରାୟ ୮୪ ପ୍ରତିଶତ ଆଗାମୀ ୧୦ ବର୍ଷ ମଧ୍ୟରେ ମୃତ୍ୟୁ ବରଣ କରିବାର ଆଶଙ୍କା ରହିଛି । ଗୋଟିଏ ଗୋଡ଼ରେ ଏକ ନିର୍ଦ୍ଧିଷ୍ଟ ମୁଦ୍ରାରେ ୧୦ ସେକେଣ୍ଡ ପାଇଁ ଠିଆ ହୋଇ ପାରୁନଥିବା ବ୍ୟକ୍ତିର ଭବିଷ୍ୟତ ୧୦ ବର୍ଷ ପରେ କଣ ହେବ ଏ ନେଇ ଚାଲିଥିଲା ଗବେଷଣା ।

---

# ମସଲା ଦୂରକରେ ସମସ୍ୟା

ରୋଷେଇ ଘରେ ବ୍ୟବହାର ହେଉଥିବା ବିଭିନ୍ନ ମସଲା ଖାଦ୍ୟର ସ୍ୱାଦ ବଢାଇବା ସହ ଅନେକ ସମସ୍ୟା ମଧ ଦୂର କରିଥାଏ । ଜ୍ୟୋତିଷ ଶାସ୍ତ୍ରରେ ଏପରି କେତେକ ଉପାୟ ବିଷୟରେ ବର୍ଣ୍ଣନା କରାଯାଇଛି ଯାହାକୁ ମସଲାର ବ୍ୟବହାର ଦ୍ୱାରା ଦୂର କରି ହେବ ।

ଲୁଣ ବିନା ଖାଦ୍ୟ ସ୍ୱାଦହୀନ । ଜ୍ୟୋତିଷ ଶାସ୍ତ୍ରରେ ଲୁଣ ସୂର୍ଯ୍ୟ ଗ୍ରହଙ୍କ ସହ ଜଡିତ । ତେଣୁ ଜାତକରେ ଥିବା ଅନେକ ସମସ୍ୟାକୁ ଦୂର କରିବା ପାଇଁ,କରଜରୁ ମୁକ୍ତି ପାଇଁ ଲୁଣକୁ ଆଦୌ ନଷ୍ଟ କରନ୍ତୁ ନାହିଁ । ଲୁଣ ପାଣିରେ ଘର ପୋଛନ୍ତୁ । ଜୀରା ରାହୁ-କେତୁଙ୍କ ସହ ଜଡିତ । ମଙ୍ଗଳବାର ଦିନ ଦହି ଓ ଜିରା ମିଶାଇ ସେବନ କରନ୍ତୁ । ଏହାଦ୍ୱାରା ସୁଖସମୃଦ୍ଧି ପ୍ରାପ୍ତି ହେବା ସହ ଭାଗ୍ୟରେ ସୁପରିବର୍ତ୍ତନ ହୋଇଥାଏ । ହଳଦୀ ବୃହସ୍ପତିଙ୍କ ସହ ଜଡିତ । ଜାତକରେ ବୃହସ୍ପତିଙ୍କ ଶୁଭଫଳ ପ୍ରାପ୍ତି ପାଇଁ ଓ ଭାଗ୍ୟ ଚମକାଇବା ପାଇଁ, କାର୍ଯ୍ୟରେ ସଫଳତା ପାଇଁ ହଳଦୀ ସେବନ କରନ୍ତୁ । ଲଙ୍କା ମଙ୍ଗଳ ଗ୍ରହଙ୍କ ସହ ଜଡିତ । ମଙ୍ଗଳଙ୍କ ଶୁଭଫଳ ପାଇଁ,ସାହାସୀ ହେବା ପାଇଁ, ଶତ୍ରୁ ନାଶ ପାଇଁ, ଜାତକରେ ଶୁଭଫଳ ପ୍ରାପ୍ତି ପାଇଁ ଲଙ୍କା ଦାନ କରନ୍ତୁ । ଧନିଆ ବୁଧଗ୍ରହଙ୍କ ସହ ଜଡିତ ।



---

# ଏହି ପତ୍ରରେ ରହିଛି ଅନେକ ଔଷଧୀୟ ଗୁଣ



ଆପଣଙ୍କୁ ଯଦି ବାରମ୍ବାର ହାକୁଟି ଆସୁଥାଏ ତ ଏହାର ପତ୍ରକୁ ଚୋବାଇ ଖାଇବା ଦ୍ୱାରା ହାକୁଟିକୁ ନିୟନ୍ତ୍ରଣ କରାଯାଇପାରେ । ମହିଳାଙ୍କ ମାସିକଧର୍ମରେ ଅନିୟମିତତା ଦେଖାଦେଲେ ପୋଦିନାର ଶୁଖିଲାପତ୍ରକୁ ଗୁଣ୍ଡ କରି ଏହି ଗୁଣ୍ଡକୁ ଦିନକୁ ଦୁଇଥର ମହୁ ସହ ମିଶାଇ ପଇବା ଦ୍ୱାରା ସମସ୍ୟା ଦୂର ହୋଇଥାଏ ।

ଏମିତି ଅନେକ ପତ୍ର ଅଛି ଯାହାକୁ ଆମେ ଖାଇବାରେ ବ୍ୟବହାର କରିଥାଉ । ସେଥିମଧ୍ୟରୁ ପୋଦିନା ପତ୍ର ଅନ୍ୟତମ । ଏହାକୁ ଚଟଣି ସହ ସାଲାଡ୍, ରାଇତା ଓ ବିରିଆନି ଆଦି ଖାଦ୍ୟରେ ଆଗ ଖୋଜା ପଡ଼େ । ଏହାର ବାସ୍ନା ସହ ସ୍ୱାଦ ନିଶ୍ଚିତ ଭାବେ ନିଆରା । ପେଟର ବିଭିନ୍ନ ସମସ୍ୟାକୁ ଠିକ୍ କରୁଥିବା ଏହି ଉପକାରୀ ଉଦ୍ଭିଦର ଅନେକ ଔଷଧୀୟ ଗୁଣ ରହିଛି । ପୋଦିନା ଆଣ୍ଟିବାୟୋଟିକ୍ ଔଷଧର କାର୍ଯ୍ୟ ତୁଲାଇବା ସହ ସୌନ୍ଦର୍ଯ୍ୟ ବୃଦ୍ଧିରେ ମଧ ସହାୟକ ହୋଇଥାଏ । ଥଣ୍ଡା ରୋଗରେ ନିୟମିତ ପୀଡ଼ିତ ହେଉଥିଲେ ପୋଦିନା ରସରେ ଗୋଲମରିଚ ଏବଂ ବିଟ୍‌ଲୁଣ ପକାଇ ତାକୁ ଚା' ଭଳି ଫୁଟାଇ ପିଇବା ଦ୍ୱାରା ଏହି ରୋଗରୁ ଆରୋଗ୍ୟ ମିଳିଥାଏ । ଆପଣଙ୍କୁ ଯଦି ବାରମ୍ବାର ହାକୁଟି ଆସୁଥାଏ ତ ଏହାର ପତ୍ରକୁ ଚୋବାଇ ଖାଇବା ଦ୍ୱାରା ହାକୁଟିକୁ ନିୟନ୍ତ୍ରଣ କରାଯାଇପାରେ । ମହିଳାଙ୍କ ମାସିକଧର୍ମରେ ଅନିୟମିତତା ଦେଖାଦେଲେ ପୋଦିନାର ଶୁଖିଲାପତ୍ରକୁ ଗୁଣ୍ଡ କରି ଏହି ଗୁଣ୍ଡକୁ ଦିନକୁ ଦୁଇଥର ମହୁ ସହ ମିଶାଇ ପଇବା ଦ୍ୱାରା ସମସ୍ୟା [redacted] ଖଣ୍ଡିଆଖାପ[redacted] କରାଯାଇପ[redacted] କ୍ଷତ ସୃଷ୍ଟି ହୋଇଥିଲେ ସେହି ସ୍ଥାନରେ ତାଜା ପୋଦିନା ପତ୍ରକୁ ଦଳି ତା'ର ରସ ଲଗାଇଦେଲେ ତାହା ତୁରନ୍ତ ଶୁଖିଯାଏ । ସେହିପରି ଶରୀର କୁଣ୍ଡେଇ ହେଇ ଫଳି ଯାଉଥିଲେ କିମ୍ବା ଅନ୍ୟାନ୍ୟ ଚର୍ମରୋଗ ଥିଲେ ତାଜା ପୋଦିନା ପତ୍ରକୁ ନେଇ ତାକୁ ଭଲ ଭାବେ ଛୋଟି ଦିଅନ୍ତୁ, ଏହାକୁ ପ୍ରଭାବିତ ତ୍ୱଚାରେ ଲଗାନ୍ତୁ । ପୋଦିନା ରସକୁ ମିଶାଇ ସେଥିରେ କୁଳି କରିବା ଦ୍ୱାରା ସ୍ୱରରେ ସ୍ୱଚ୍ଛତା ଆସେ । ଗଳା ବସିଥିଲେ ତାହା ସାଧାରଣ ଅବସ୍ଥାକୁ ଫେରିଆସେ । ଆପଣଙ୍କର ତ୍ୱଚା ଯଦି ତେଲିଆ ହୋଇଥାଏ ତେବେ ପୋଦିନାରୁ ପ୍ରସ୍ତୁତ ଫେସିଆଲ୍ ଆପଣଙ୍କ ପାଇଁ ଖୁବ୍ ଭଲ ସାବ୍ୟସ୍ତ ହେବ । ଭଲ ଭାବେ ପେଷା ଯାଇଥିବା ଦୁଇ ବଡ଼ ଚାମଚ ପୋଦିନା ପତ୍ର ଦୁଇ ଚାମଚ ଦହି ଏବଂ ଗୋଟେ ବଡ଼ ଚାମଚ ଓଟ୍‌ମିଲ୍-ଏସବୁକୁ ନେଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଏହି ମିଶ୍ରଣକୁ ନିଜ ଶରୀରରେ ଲଗାନ୍ତୁ । ପନ୍ଦର ମିନିଟ୍ ଛାଡ଼ି ଦିଅନ୍ତୁ । ଏହାପରେ ତାକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ସପ୍ତାହରେ [redacted]ରେ ଦୁଇଥର ଏପରି କରିବା ଦ୍ୱାରା [redacted]ଆ ତ୍ୱଚାର ସାଧାରଣ ଅବସ୍ଥା [redacted]ଏ । ତ୍ୱଚା ସୁସ୍ଥ ଓ ସୁନ୍ଦର ରହେ ।



# ପଶ୍ଚିମ ଓଡ଼ିଶା



ନୂଆଁଖାଇ ଉତ୍ସାହ

# ଉତ୍ସବମୁଖର ପଶ୍ଚିମ ଓଡ଼ିଶା

## ମା' ପାଟଣେଶ୍ୱରୀ, ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଅର୍ପଣ

**ବଲାଙ୍ଗୀର(ଅମୃତ ମିଡିଆ):** ଗଣପର୍ବ ନୂଆଁଖାଇ ପାଇଁ ମଙ୍ଗଳବାର ବଲାଙ୍ଗୀର ଜିଲାର ପୁରପଲ୍ଲୀ ଉତ୍ସବମୁଖର ହୋଇଉଠିଛି। ଜିଲାର ବିଭିନ୍ନ ଗାଁ ଓ ସହରରେ ଉତ୍ସାହ ଉଦ୍ଦୀପନାର ସହ ନୂଆଁଖାଇ ପାଳନ କରାଯାଇଛି। ପ୍ରଥମେ ପାଟଣା ରାଜ୍ୟର ଇଷ୍ଟଦେବୀ ମା' ପାଟଣେଶ୍ୱରୀ ଓ ମା' ସମଲେଶ୍ୱରୀଙ୍କ ମନ୍ଦିରରେ ଧାର୍ଯ୍ୟ ଲଗ୍ନ ପୂର୍ବାହ୍ନ ୯ଟା ୩୬ରୁ ୧୦ଟା ୧୦ ମଧ୍ୟରେ ପାରମ୍ପରିକ ରୀତିନୀତି ଅନୁସାରେ ଦେବୀଙ୍କୁ ନବାନ୍ନ ଅର୍ପଣ କରାଯାଇଥିଲା। ଶତାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ସେବାୟତ ପରିତୋଷ ସାହୁ ଦେବୀଙ୍କୁ ନୂଆକୁଣ୍ଡା ଅର୍ପଣ କରି ସମସ୍ତ ପ୍ରାଣୀଙ୍କ ମଙ୍ଗଳ କାମନା କରିଥିଲେ। ଶଙ୍ଖ, ନିଶାନ ଓ ବାଦ୍ୟରେ ମନ୍ଦିର ପରିସର କମ୍ପି ଉଠିଥିଲା। ମନ୍ଦିରରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁମାନେ ନୂଆଁଖାଇ ଅବସରରେ ଇଷ୍ଟଦେବୀଙ୍କୁ ଦର୍ଶନ କରିଥିଲେ। ମନ୍ଦିର ପକ୍ଷରୁ ଭକ୍ତମାନଙ୍କ ପାଇଁ ନବାନ୍ନ ପ୍ରସାଦ ଗ୍ରହଣ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ପାଟଣେଶ୍ୱରୀ ଓ ସମଲେଶ୍ୱରୀ ମନ୍ଦିରରେ ନବାନ୍ନ ଅର୍ପଣ ପରେ ଲୋକେ ନିଜ ନିଜ ଘରେ କୁଳଦେବାଦେବୀଙ୍କୁ ପୂଜାର୍ଚ୍ଚନା କରି ନୂଆ ଖାଇଥିଲେ।

### ନୂଆଁଖାଇ ପାଳିଲେ ରାଜପରିବାର



ଗଣପର୍ବ ନୂଆଁଖାଇ ଅବସରରେ ମଙ୍ଗଳବାର ବଲାଙ୍ଗୀର ଶୈଳଶ୍ରୀ ପ୍ୟାଲେସ୍‌ରେ ରାଜପରିବାରର ସଦସ୍ୟମାନେ ନୂଆଁଖାଇ ପାଳନ କରିଥିଲେ। ପ୍ୟାଲେସ୍ ପରିସରରେ ଥିବା ମନ୍ଦିରରେ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା ପରେ ରାଜପରିବାରର ସଦସ୍ୟମାନେ ଏକାଠି ବସି ନୂଆ ଖାଇଥିଲେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ଓ ତାଙ୍କ ପତ୍ନୀ ମେଘନା ସିଂଦେଓ ଏକାଠି ବସି ନୂଆ ଖାଇଥିଲେ। ନୂଆଁଖାଇ ପରେ ପରସ୍ପର ମଧ୍ୟରେ ଜୁହାର ଭେଟ ହୋଇଥିଲା। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଗଣମାଧ୍ୟମ ଜରିଆରେ ବଲାଙ୍ଗୀରବାସୀଙ୍କ ସମେତ ସମସ୍ତ ଓଡ଼ିଶାବାସୀଙ୍କୁ ନୂଆଁଖାଇ ଜୁହାର ଜଣାଇଥିଲେ। ସେ ଚାଷୀବର୍ଗଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ। ବିଧାୟକ କଳିକେଶ ନାରାୟଣ ସିଂଦେଓ ନୂଆଁଖାଇ ଏକତାର ପର୍ବ ବୋଲି କହିବା ସହ ସମସ୍ତଙ୍କୁ ନୂଆଁଖାଇ ଜୁହାର ଜଣାଇଥିଲେ। ସେହିପରି ମେଘନା ସିଂଦେଓ ନୂଆଁଖାଇକୁ ଉତ୍ସାହ ଓ ଉଦ୍ଦୀପନାର ପର୍ବ ବୋଲି ଅଭିହିତ କରି ସମସ୍ତଙ୍କୁ ନୂଆଁଖାଇ ଜୁହାର ଜଣାଇଥିଲେ।




# କଳାହାଣ୍ଡିରେ ଧୂମ୍‌ଧାମ୍‌ରେ ପାଳିତ ହେଲା ନୂଆଁଖାଇ: ଖିରି, ପିଠାରେ ମହକିଲା ଗାଁ ଦାଣ୍ଡ

**ଭବାନୀପାଟଣା(ଅମୃତ ମିଡିଆ):** ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ମଙ୍ଗଳବାର କଳାହାଣ୍ଡି ଜିଲାରେ ଧୁମ୍ ?ଧାମରେ ପାଳିତ ହୋଇଯାଇଛି। ଜିଲାର ସର୍ବପୁରାତନ ଜୁନାଗଡ଼ ସହରସ୍ଥିତ ଦଧିବାମନ ମନ୍ଦିରରେ ସକାଳ ୯ଟା ୪୯ରେ ନବାନ୍ନ ଲାଗି ହୋଇଥିଲା। ପରେ ସହରର ପ୍ରତ୍ୟେକ ବର୍ଗର ଲୋକ ମହାପ୍ରଭୁଙ୍କୁ ଲାଗିଥିବା ନବାନ୍ନ ଭୋଗ ଘରକୁ ନେଇଥିଲେ। ସେହି ଭୋଗ ପୁଣି ନିଜ ଇଷ୍ଟଦେବୀଙ୍କୁ ସମର୍ପଣ କରି ପରିବାର ସଦସ୍ୟ ଏକାଠି ନୂଆଁ ଖାଇଥିଲେ। ସେହିପରି ଗାଁର ଆରାଧ୍ୟ ଦେବତାଙ୍କଠାରେ ନବାନ୍ନ ଲାଗିବା ପରେ ତାହାକୁ ନେଇ ନିଜ ଇଷ୍ଟଦେବୀଙ୍କୁ ସମର୍ପଣ କରି ଲୋକେ ନୂଆଁ ଖାଇଥିଲେ। ଏହି ପର୍ବର ଅନନ୍ୟ ପରମ୍ପରା ହେଉଛି ପରିବାରର ସମସ୍ତ ସଦସ୍ୟ ଏକାଠି ହେବା। ଯିଏ ଯେତେ ଦୂରରେ ଥାଆନ୍ତୁ ନା କାହିଁକି ବର୍ଷକୁ ଥରେ ଏହି ପର୍ବରେ ସାମିଲ ହେବାକୁ ନିଜ ଗାଁ ବା ସହରକୁ ଆସିଥାନ୍ତି। ତେଣୁ ଏହାକୁ ଭାଇଚାରାର ପର୍ବ ବୋଲି କୁହାଯାଏ। ଜିଲାର ବିଭିନ୍ନ ସହର ଓ ଗ୍ରାମାଞ୍ଚଳରେ ଭିନ୍ନ ସମ୍ପ୍ରଦାୟର ଲୋକେ ନୂଆଁଖାଇ ପାଳନ କରିଥିଲେ। ସକାଳେ ପ୍ରତ୍ୟେକ ଘରେ ବିଭିନ୍ନ ପ୍ରକାର ପିଠା, ଖିରି, ନୂଆଧାନର ଚୁଡ଼ା ଇଷ୍ଟ ଦେବଦେବୀଙ୍କୁ ନିକଟରେ ଲାଗି କରାଯାଇଥିଲା। ପରେ ପରିବାରର ସମସ୍ତେ ଏକାଠି ବସି ନବାନ୍ନ ଭକ୍ଷଣ କରିଥିଲେ। ବିଶେଷ କରି ଅଞ୍ଚଳର ବ୍ରାହ୍ମଣ, ପାଇକ, ମେହେର (ଭୁଲିଆ), ବଙ୍କା, କୁମ୍ଭାର, ମାଳୀ, ଦଳିତ, ଆଦିବାସୀ, ଲୋହରା, ଯାଦବ ଆଦି ସମ୍ପ୍ରଦାୟର ଲୋକେ ଏକାଠି ହୋଇ ନୂଆଁ ଖାଇଛନ୍ତି।

ଚିଚୈଗୁଡାରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର ଓ ପ୍ରଗତି ଅନୁଷ୍ଠାନର ମୁଖ୍ୟ ଇଂ. ଅଜୟ ପଣ୍ଡା ମଧ୍ୟ ନୂଆଁଖାଇରେ ପରିବାର ସହ ସାମିଲ ହୋଇଥିଲେ। ନବାନ୍ନ ଭକ୍ଷଣ ପରେ ପ୍ରଥମେ ନିଜ ସମ୍ପ୍ରଦାୟର ବୟୋଜ୍ୟେଷ୍ଠଙ୍କୁ ପ୍ରଣାମକରି ଗାଁ ଦାଣ୍ଡରେ ଗ୍ରାମବାସୀଙ୍କ ସହ ଜୁହାର ଭେଟ କରି ଦିଅଁଦର୍ଶନ ପରମ୍ପରା ରହିଛି। ସେହି ଅନୁଯାୟୀ ଅପରାହ୍ନରୁ ସା ପର୍ଯ୍ୟନ୍ତ ବିଭିନ୍ନ ଦେବାଳୟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଅନ୍ୟପକ୍ଷେ ଅଞ୍ଚଳରେ ଆନନ୍ଦ ଓ ଉତ୍ସାହର ମାହୋଲ ରହିଛି।

# ୧୯ ବର୍ଷ ହେଲା ବଜାୟ ରହିଛି ପରମ୍ପରା

## ନୂଆଁଖାଇରେ ଶିରାବାହାଲ ଗ୍ରାମବାସୀ ଏକାଠି ଖାଇଲେ



**ବଲାଙ୍ଗୀର(ଅମୃତ ମିଡିଆ):** ଯେଉଁ ମହାନ ଉଦ୍ଦେଶ୍ୟ ନେଇ ନୂଆଁଖାଇ ତିହାରର ପରିକଳ୍ପନା କରାଯାଇଥିଲା, ତାହାକୁ ସାକାର ରୂପ ଦେଉଛନ୍ତି ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ମହୀମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଶିରାବାହାଲ ଗ୍ରାମବାସୀ। ଗତ ୧୯ ବର୍ଷ ହେଲା ଏହି ଗ୍ରାମବାସୀ ଜାତିପ୍ରଥାର ଘୃଣ୍ୟ ପରମ୍ପରାକୁ ପଛରେ ପକାଇ ନୂଆଁଖାଇ ଦିନ ସମାଜବାଦ ଓ ମାନବବାଦର ମହାନ ବାର୍ତ୍ତା ଦେଇଆସୁଛନ୍ତି। ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟର ବହୁ ଊର୍ଦ୍ଧ୍ୱକୁ ଉଠି ଏହି ଗ୍ରାମବାସୀ ସାମୂହିକ ଭାବେ ନୂଆଁଖାଇ ପାଳନ କରି ତିହାରର ଅସଲ ବାର୍ତ୍ତା ଦେବାରେ ସଫଳ ହୋଇଛନ୍ତି। ଶିରାବାହାଲର ଏହି ସାମୂହିକ ନୂଆଁଖାଇରୁ ଏବେ ଆଖପାଖ ଅଞ୍ଚଳର ଲୋକେ ପ୍ରେରଣା ନେଉଛନ୍ତି। ୧୯ ବର୍ଷ ତଳେ ଏହି ଗାଁର ଲୋକେ ଏକାଠି ହୋଇ ଭାଗବତ ପରାୟଣ ସପ୍ତାହ ପାଳନ କରିଥିଲେ। ଏହି ଅବସରରେ ୭ ଦିନ ଧରି ସମସ୍ତ ପରିବାର ଏକାଠି ମିଶି ଅନ୍ନପ୍ରସାଦ ସେବନ କରିଥିଲେ। ସେହିବର୍ଷ ନୂଆଁଖାଇ ପାଳନ କରିବା ପାଇଁ ଶିରାବାହାଲ ଗାଁର ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷଙ୍କ ପରାମର୍ଶକ୍ରମେ ଗ୍ରାମବାସୀ ସାମୂହିକ ନୂଆଁଖାଇ ପାଇଁ ସିଦ୍ଧାନ୍ତ ନେଇଥିଲେ। ସେହିଦିନଠାରୁ ଗାଁରେ ଥିବା ବିଭିନ୍ନ ଜାତି ଓ ଧର୍ମର ଲୋକେ ଗାଁ ମଝିରାସ୍ତାରେ ଏକାଠି ବସି ନୂଆଁ ଖାଇ ଆସୁଛନ୍ତି। ଚଳିତବର୍ଷ ମଧ୍ୟ ନୂଆଁଖାଇର ମାସକ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଗାଁ ମଧ୍ୟଭାଗରେ ଥିବା ଭାଗବତ ମନ୍ଦିରରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ବୈଠକରେ ନୂଆଁଖାଇ ଲଗ୍ନ ସ୍ଥିର କରାଯିବା ସହ ପ୍ରତ୍ୟେକ ପରିବାର ପିଛା କେତେ ସହଯୋଗ ରାଶି ଦେବେ, ତାହା ନିର୍ଦ୍ଧାରଣ କରାଯାଇଥିଲା। ନୂଆଁଖାଇର ୭/୮ ଦିନ ପୂର୍ବରୁ ଆଉ ଏକ ବୈଠକ କରାଯାଇ ଆୟୋଜନର ପ୍ରସ୍ତୁତି ଚୂଡ଼ାନ୍ତ କରାଯାଇଥିଲା। ମଙ୍ଗଳବାର ସକାଳେ ବିଧି ଅନୁଯାୟୀ ଲଗ୍ନ ଅନୁସାରେ ଗାଁର ଝାଙ୍କର ଗ୍ରାମଦେବୀ କନ୍ଧେନବୁଢ଼ୀଙ୍କ ନିକଟରେ ନବାନ୍ନ ଅର୍ପଣ କରିଥିଲେ। ଏହାପରେ ଭାଗବତ ମନ୍ଦିର ପ୍ରାଙ୍ଗଣରେ ଗ୍ରାମବାସୀ ଏକତ୍ରିତ ହୋଇ ଧାଡ଼ିରେ ବସିଥିଲେ। ଗ୍ରାମଦେବୀଙ୍କ ନିକଟରେ ନବାନ୍ନ ଅର୍ପଣ ପରେ ଏହାକୁ ପ୍ରସାଦ ଆକାରରେ ଗ୍ରାମବାସୀଙ୍କୁ ବଣ୍ଟନ କରାଯାଇଥିଲା। ଏହାପରେ ଆରମ୍ଭ ହୋଇଥିଲା ଭୋଜିଭାତର ଆସର। ଅପରାହ୍ନରେ ନୂଆଁଖାଇ ଜୁହାର ଓ ଭେଟଘାଟ ଆରମ୍ଭ ହୋଇଥିଲା। ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଗ୍ରାମବାସୀ ନୂଆଁଖାଇର ଅସଲ ଉଦ୍ଦେଶ୍ୟକୁ ବୁଝି ଏହି ପରମ୍ପରାକୁ ଆଗାମୀ ଦିନରେ ମଧ୍ୟ ବଜାୟ ରଖିବାକୁ ଗୁରୁତ୍ୱ ଦେଇଥିଲେ।

ଗଣେଶପୂଜା ଚାଲିଥିବାବେଳେ ବଡ଼ ଅଘଟଣ

# ପେଣ୍ଡାଲରେ ଲାଗିଲା ନିଆଁ



**ସମ୍ବଲପୁର(ଅମୃତ ମିଡିଆ):** ଗଣେଶ ପୂଜା ଚାଲିଥିବା ବେଳେ ସମ୍ବଲପୁରରେ ଘଟିଛି ଏକ ଅଘଟଣ। ଗଣେଶ ପୂଜାରେ ଅଘଟଣ । ସମ୍ବଲପୁର ଫାଟକ ନିକଟରେ ଥିବା ଗଣେଶ ପେଣ୍ଡାଲରେ ଲାଗିଲା ନିଆଁ। ସର୍ଟ ସର୍କିଟ ଯୋଗୁଁ ଏହି ନିଆଁ ଲାଗିଥିବା ଜଣାପଡିଛି । ତୁରନ୍ତ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ରାତିରେ ଅନେକ ଭକ୍ତ ମଧ୍ୟ ପେଣ୍ଡାଲରେ ରହିଥିଲେ । ତେବେ ସୌଭାଗ୍ୟବଶତଃ କାହାର କୌଣସି କ୍ଷତି ହୋଇନଥିବା ସୂଚନା ମିଳିଛି । ପ୍ରାଥମିକ ସୂଚନା ଅନୁସାରେ, ସର୍ଟ ସର୍କିଟ୍ ଯୋଗୁଁ ପେଣ୍ଡାଲରେ ନିଆଁ ଲାଗିଥିବା ଜଣାପଡ଼ିଛି। ବିଦ୍ୟୁତ୍ ସଂଯୋଗରେ ତ୍ରୁଟି ଯୋଗୁଁ ନିଆଁ ଆରମ୍ଭ ହୋଇଥିବା ଆଶଙ୍କା କରାଯାଉଛି । ନିଆଁ ଲାଗିବା ପରେ ଖବର ପାଇ ତୁରନ୍ତ ଅଗ୍ନିଶମ ବାହିନୀର ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା । ଅଗ୍ନିଶମ କର୍ମଚାରୀମାନେ ତତ୍ପରତାର ସହ ନିଆଁକୁ ଆୟତ୍ତ କରିଥିଲେ। ଫଳରେ ନିଆଁ ଅଧିକ ଅଞ୍ଚଳକୁ ବ୍ୟାପିବାରୁ ରୋକାଯାଇଥିଲା। ଘଟଣା ସମୟରେ ପେଣ୍ଡାଲ ଭିତରେ ଓ ଆଖପାଖରେ ଅନେକ ଭକ୍ତ ରହିଥିଲେ । ନିଆଁ ଲାଗିବା ପରେ ସମସ୍ତଙ୍କୁ ସୁରକ୍ଷିତ ଭାବେ ସେଠାରୁ ବାହାରକୁ ଅଣାଯାଇଥିଲା। ସୌଭାଗ୍ୟବଶତଃ ଏହି ଘଟଣାରେ କାହାର କୌଣସି ଜୀବନହାନି କିମ୍ବା ଆହତ ହୋଇଥିବା ଖବର ମିଳିନାହିଁ। ଅଗ୍ନିଶମ ବାହିନୀର ତୁରନ୍ତ ପଦକ୍ଷେପ ଯୋଗୁଁ ଏକ ବଡ଼ ଅଘଟଣକୁ ଏଡ଼ାଇ ଦିଆଯାଇଛି। ଗଣେଶ ପୂଜା ପେଣ୍ଡାଲରେ ବିଦ୍ୟୁତ୍ ସାଜସଜ୍ଜା ଓ ତାର ବ୍ୟବହାର ସମୟରେ ସତର୍କତା ଅବଲମ୍ବନ କରିବାକୁ ପୂଜା କମିଟି ଓ ଭକ୍ତମାନଙ୍କୁ ଅନୁରୋଧ କରାଯାଇଛି ।

# ବରଗଡ଼ରେ ଯୋଟଯାଟ କାର୍ଯ୍ୟକ୍ରମ



**ବରଗଡ଼(ଅମୃତ ମିଡିଆ):** ନୂଆଁଖାଇ ପୂର୍ବରୁ ବରଗଡ଼ରେ ଯୋଟ ଯାଟ କାର୍ଯ୍ୟକ୍ରମ । ଅଳ୍ପଦିନ ପରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ । ଘରେ ଘରେ ପିଠା ପଣା ଖାଇବା ପିଇବାର ଆସର ଜମିବ । କିନ୍ତୁ ସମାଜରେ ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କ ପାଇଁ ଏହି ନୂଆଁଖାଇ ସାଧାରଣ ଦିନ ଭଳି ହୋଇଥାଏ । ନୂଆଁଖାଇ ପୂର୍ବରୁ ବରଗଡ଼ରେ ଯୋଟଯାଟ କାର୍ଯ୍ୟକ୍ରମ। ଅଳ୍ପଦିନ ପରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ । ଘରେ ଘରେ ପିଠା ପଣା ଖାଇବା ପିଇବାର ଆସର ଜମିବ । କିନ୍ତୁ ସମାଜରେ ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କ ପାଇଁ ଏହି ନୂଆଁଖାଇ ସାଧାରଣ ଦିନ ଭଳି ହୋଇଥାଏ । ଅସହାୟ, ଗରିବ, ବୃଦ୍ଧବୃଦ୍ଧାମାନେ ଯାହାଙ୍କ କଥା ବୁଝିବା ପାଇଁ କେହି ନ ଥାନ୍ତି, ସେମାନଙ୍କ ମୁହଁରେ ଖୁସି ଫୁଟାଇବା ପାଇଁ ବରଗଡ଼ ସମ୍ବିଧାନ ସୁରକ୍ଷା ମଞ୍ଚ ପକ୍ଷରୁ ଜୋଟଜାଟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଅସହାୟ ଲୋକଙ୍କୁ ନୂଆଁଖାଇ ଅଡ଼ିଆ ଯେଉଁଥିରେ ଚାଉଳ, ଡାଲି, ପନିପରିବା, ଗାମୁଛା, ଧୋତି, ଶାଢ଼ୀ ବସ୍ତ୍ର ଦିଆଯାଇ ସମ୍ମାନିତ କରାଯାଇଛି । ଆଉ ନୂଆଖାଇ ଅଡ଼ିଆ ପାଇଁ ଏମାନେ ବେଶ ଖୁସି ହେବା ସହ ଧୁମ ଧାମରେ ନୂଆଖାଇ ପାଳନ କରିବେ ବୋଲି କହିଛନ୍ତି । ୧୨ ବର୍ଷ ଧରି ଏହି କାର୍ଯ୍ୟକ୍ରମ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ମଧ୍ୟ ଭେଟି ଭାବେ ଅଡ଼ିଆ, ଗାମୁଛା, ଶାଢ଼ୀ ପ୍ରଦାନ କରାଯାଇଥିଲା । ଏଥିରେ ହିନ୍ଦୁ, ମୁସଲିମ, ଶିଖ, ଇସାୟୀ ସବୁ ବର୍ଗର ଲୋକ ଉପସ୍ଥିତ ରହି ଅସହାୟ ମାନଙ୍କୁ ଉତ୍ସାହିତ କରିଥିଲେ ।

# ଶିଶୁବିକାଶ କେନ୍ଦ୍ରର କର୍ମକର୍ତ୍ତା ନିର୍ବାଚନ



**ବଲାଙ୍ଗୀର(ଅମୃତ ମିଡିଆ):** ବଲାଙ୍ଗିର ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଶିଶୁ ବିକାଶ କେନ୍ଦ୍ର ର ଦୁଇ ବର୍ଷ ପାଇଁ ସାଂଗଠନିକ କର୍ମକର୍ତ୍ତା ନିର୍ବାଚନ ଟିକ୍ରାପଡା ସ୍ଥିତ ଦଧିବାମନ ମନ୍ଦିର ରେ ଅନୁଷ୍ଠାନର ଆଇନ ପରାମର୍ଶଦାତା ତଥା ଉପଦେଷ୍ଟା ଜୟରାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ କସ୍ତୁରୀ ରଥ ସଭାପତି, ଧିରେନ୍ଦ୍ର ନାରାୟଣ ସିଂଦେଓ ଉପସଭାପତି, ଡା. ଅଶୋକ କୁମାର ସେଠୀ ସଂପାଦକ, ସୁରଥ ସାହୁ ସହ ସଂପାଦକ, ଦୁର୍ଗା ଚରଣ ସାହୁ କୋଷାଧ୍ୟକ୍ଷ, ସୀତାଂଶୁ ନାୟକ ଓ ଡ.ବନବିହାରି ସାହୁ କ୍ରୀଡା ସଂପାଦକ ଭାବେ ମନୋନିତ ହୋଇଥିଲେ। ଶିଶୁ ବିକାଶ କେନ୍ଦ୍ରକୁ ମାର୍ଗଦର୍ଶନ କରିବାକୁ ଉପଦେଷ୍ଟା ଭାବେ ଡା. ଜ୍ୟୋସ୍ନାମୟୀ ମହାପାତ୍ର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ପୌରାଧ୍ୟକ୍ଷ ଲିକା ସାହୁ, ଜୟରାମ ମିଶ୍ର, ସତ୍ୟବନ୍ତ ବେଦବାକ ଓ ଗିରିଜା ଶଙ୍କର ରଥଙ୍କୁ ଗ୍ରହଣ କରାଯାଇଛି। କାର୍ଯ୍ୟକାରୀ କମିଟିକୁ ତୁଡେନ୍ଦ୍ର କୁମାର ବେହେରା, ସୁନାଧର ବନଛୋର, ଡ.ପ୍ରେମଚନ୍ଦ ମହାନ୍ତି, କପିଳ ପତି, ରତ୍ନମୟ ତ୍ରିପାଠି, ନିହାରିକା ମିଶ୍ର ଓ ମଦନ ମୋହନ ରଥଙ୍କୁ ମନୋନିତ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ଶିଶୁ ବିକାଶ କେନ୍ଦ୍ର ର ୪୨ତମ ପ୍ରତିଷ୍ଠା ଦିବସ ବିଜୟା ଦଶମୀରେ ପାଳନ କରାଯିବାକୁ ସ୍ଥିର ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଆଠ ଜଣ ଆଦର୍ଶ ଶିକ୍ଷକଙ୍କୁ ସମ୍ମାନିତ କରିବା ସହିତ ବ୍ୟାଡମିଣ୍ଟନ ଖେଳାଳି ଅଭିମନ୍ୟୁ ବରର୍ତ୍ତି ଓ ବିଶ୍ୱ ପାରା ତିରନ୍ଦାଜୀ ପ୍ରତିଯୋଗିତାରେ ବିଶ୍ୱ ଚମ୍ପିୟାନ ହୋଇଥିବା ପାୟଲ ନାଗ ମଧ୍ୟ ସମ୍ମାନିତ କରାଯିବା ପାଇଁ ସ୍ଥିର ହୋଇଥିଲା । ନବ ନିର୍ବାଚିତ କର୍ମକର୍ତ୍ତା ଙ୍କୁ ଉପଦେଷ୍ଟା କପିଳ ପତି ଓ ପ୍ରେମଚନ୍ଦ ମହାନ୍ତି ଅଭିନନ୍ଦନ ଜଣାଇବା ସହିତ ଅନୁଷ୍ଠାନର ଉନ୍ନତି ଦିଗରେ କାମ କରିବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ପ୍ରଶାନ୍ତ ଷଡଙ୍ଗୀ, ପ୍ରଦୀପ ପସାୟତ, ଶୁଭେନ୍ଦ୍ର ନେପାକ, ଗୋପାଳ ଚନ୍ଦ୍ର ପ୍ରଧାନ ଓ ଅରୁଣ କୁମାର ଖୁଆସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସୁରଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗାନ୍ଧୀ ପାଠାଗାର, ଟିକ୍ରାପଡାରେ ଦୁର୍ଗାପୂଜା ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ



**ବଲାଙ୍ଗୀର(ଅମୃତ ମିଡିଆ):** ଚଳିତ ବର୍ଷ ସର୍ବଜନୀନ ଦୁର୍ଗାପୂଜା ଆୟୋଜନ ପାଇଁ ଗାନ୍ଧି ପାଠାଗାର, ଟିକ୍ରାପଡା ର ଏକ ପ୍ରସ୍ତୁତି ବୈଠକ ପାଠାଗାର ସଭାପତି ପ୍ରକାଶ ନେପାକଙ୍କ ସଭାପତିତ୍ୱ ରେ ସ୍ଥାନୀୟ ଟିକ୍ରାପଡା ରାମଜୀ ମନ୍ଦିର ରେ ଅନୁଷ୍ଠିତ ହୋଇଯାଇଛି । ସଂପାଦକ ପ୍ରଦୀପ ସାହୁ ଚଳିତ ବର୍ଷ ନୂତନ ଦୁର୍ଗା ମଣ୍ଡପ ରେ ମାଁଙ୍କ ପୂଜା କରାଯିବାକୁ ସମସ୍ତ ପ୍ରକାର ଚେଷ୍ଟା କରାଯାଉଥିବାର ସୂଚନା ଦେଇଥିଲେ। ଏହି ବୈଠକରେ ବରିଷ୍ଠ ସଭ୍ୟ ଭଗବାନ ବଗର୍ତ୍ତି, ପୀତବାସ ପଣ୍ଡା, ନବୀନ ନନ୍ଦ, ସୂର୍ଯ୍ୟ ପୁରୋହିତ, ହରି ପଣ୍ଡା, ଅଶୋକ ଚନ୍ଦ ପ୍ରମୁଖ ରହିଥିବା ବେଳେ ସଭାପତି ପ୍ରକାଶ ନେପାକ, ଉପସଭାପତି ସନ୍ତେକ ବହିଦାର, ସଂପାଦକ ପ୍ରଦୀପ ସାହୁ, କୋଷାଧ ଜିତୁ ନାଗ ଏବଂ ବରିଷ୍ଠ ସଭ୍ୟ ରାଜେନ୍ଦ୍ର ମିଶ୍ର, ବୈଷ୍ଣବ ସାହୁ, ଚିତ୍ତ ରଂଜନ ସାହୁ, ରାଜେନ୍ଦ୍ର ପାଣି, ସୁରୁ ସାହୁ, ରିଆଜ ଖାନ, ଅବଦୁଲ ରଜାକ, ଦୁର୍ଗା ସାହୁ, ଅଜିତ ପଣ୍ଡା, କୁନୁ ପାତ୍ର, ଦାଶରଥି ସାହୁ, ବାସୁଦେବ ରଥ ଆୟୋଜନ କମିଟିର ସଦସ୍ୟ ରହିଛନ୍ତି । ନୂତନ ଦୁର୍ଗା ଙ୍କ ଭବନ ର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରି ଚଳିତ ବର୍ଷ ମା ଦୁର୍ଗାଙ୍କ ପୂଜା ନୂତନ ମଣ୍ଡପ ରେ ଆୟୋଜନ କରାଯିବା ସହ ବଲାଙ୍ଗିର ର ସମସ୍ତ ପୂଜା କମିଟି, କ୍ଲବ ଓ ଅନୁଷ୍ଠାନ, ସମସ୍ତ ଧାର୍ମିକ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ନିମନ୍ତ୍ରଣ କରାଯାଇ ନୂତନ ମଣ୍ଡପର ପ୍ରତିଷ୍ଠା କରାଯିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା । ଏହି ବୈଠକରେ ବୁବୁ ବଡିଆ, ଆନିଶ ସାହୁ, ବାବୁ ଶ୍ରୀଚନ୍ଦନ, ପଂଚା ପୁରୋହିତ ଏବଂ ସମସ୍ତ ସଭ୍ୟ ଉପସ୍ଥିତ ରହି ଆଲୋଚନା ରେ ଅଂଶଗ୍ରହଣ କରିଥିଲେ ।

# ସାମୂହିକ ନୂଆଁଖାଇରେ ଭାଇଚାରାର ବାର୍ତ୍ତା

## ଗୋଟିଏ ମଞ୍ଚରେ ଏକାଠିହେଲେ ବିଭିନ୍ନ ସମାଜର ଲୋକ



**ଖପ୍ରାଖୋଲ(ଅମୃତ ମିଡିଆ)ଅଶୋକ କୁମାର ବାଗ:** ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ମହାନ ଗଣପର୍ବ ନୂଆଁଖାଇ ମଙ୍ଗଳବାର ସମଗ୍ର ଅଞ୍ଚଳରେ ଉତ୍ସାହ, ଉଲ୍ଲାସ ଓ ଭାଇଚାରାର ପରିବେଶ ମଧ୍ୟରେ ପାଳିତ ହୋଇଛି। ଖର୍ଚ୍ଚାନ୍ତ ପର୍ବ ହୋଇଥିଲେ ମଧ୍ୟ ନୂଆଁଖାଇର ଉତ୍ସାହ ଓ ପରମ୍ପରା ପ୍ରତି ଲୋକଙ୍କ ଆସ୍ଥା କେବେ ବି କମିନାହିଁ। ବରଂ ଦିନକୁ ଦିନ ସାମୂହିକ ନୂଆଁଖାଇ ଏହି ମହାନ ପର୍ବର ଏକ ନୂଆ ପରିଚୟ ସୃଷ୍ଟି କରୁଛି। ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକର ଡୁଡୁକିପଦର ଓ ଚାଉଳବାଞ୍ଜି ଗାଁରେ ଏହାର ଏକ ନିଆରା ଉଦାହରଣ ଦେଖିବାକୁ ମିଳିଛି। ବିଭିନ୍ନ ସମାଜର ଲୋକେ ନୂଆ ପୋଷାକ ପରିଧାନ କରି ଗୋଟିଏ ସ୍ଥାନରେ ଏକାଠି ବସି କୁରେ ପତର ଓ ମହୁଲ ପତରରେ ତିଆରି ଖଲି-ଦନାରେ ନବାନ୍ନ ଭକ୍ଷଣ କରିଛନ୍ତି। ଏହା କେବଳ ନୂଆ ଧାନ ଖାଇବାର ପରମ୍ପରା ନୁହେଁ, ବରଂ ସାମାଜିକ ଏକତା, ସମ୍ପ୍ରୀତି ଓ ଭାଇଚାରାର ଏକ ଜୀବନ୍ତ ଉଦାହରଣ ପାଲଟିଛି। ସେହିପରି ବାଘଝରଣ ଓ ମହରାପଦର ଗାଁରେ ଲକ୍ଷେଘର ଗଣ୍ଡା ସମାଜର ପ୍ରାୟ ୫୦ଟି ପରିବାର ଗୋଟିଏ ସ୍ଥାନରେ ଏକାଠି ହୋଇ ସାମୂହିକ ଭାବେ ନୂଆଁଖାଇ ପାଳନ କରିଛନ୍ତି। ଏହି ସାମୂହିକ ଆୟୋଜନ ଗାଁରେ ଏକତା ଓ ସାମାଜିକ ସମ୍ପର୍କକୁ ଆହୁରି ମଜବୁତ କରିଥିବା ଦେଖାଯାଇଛି। ଠିକ୍ ସେହିପରି ପାଟଣାଗଡ଼ ଉପଖଣ୍ଡର ଜଳିଆ ଗ୍ରାମରେ ପ୍ରାୟ ୪ ହଜାର ଲୋକ ଏକତ୍ରିତ ହୋଇ ସାମୂହିକ ଭାବେ ନୂଆଁଖାଇ ପାଳନ କରିଥିବା ଜଣାପଡ଼ିଛି। ଏଠାରେ ଜାତି, ସମାଜ ଓ ପାରିବାରିକ ସୀମାକୁ ପଛରେ ପକାଇ ଲୋକେ ଏକାଠି ହୋଇ ନବାନ୍ନ ଭକ୍ଷଣ କରିବା ସହ ନୂଆଁଖାଇର ମୂଳ ଆଦର୍ଶ 'ଏକତା ଓ ଭାଇଚାରା'କୁ ପ୍ରତିଫଳିତ କରିଛନ୍ତି। ନୂଆଁଖାଇ କେବଳ ନୂଆ ଧାନ ଖାଇବାର ପର୍ବ ନୁହେଁ; ଏହା ହେଉଛି ମାଟି, ଚାଷୀ ଓ ସମାଜକୁ ଏକ ସୂତ୍ରରେ ବାନ୍ଧି ରଖିଥିବା ଏକ ମହାନ ପରମ୍ପରା। ଏବେ ଏହି ପରମ୍ପରା ସାମୂହିକ ନୂଆଖାଇ ମାଧ୍ୟମରେ ଆହୁରି ଅର୍ଥପୂର୍ଣ୍ଣ ହେଉଛି। ପ୍ରଥମେ ଗୋଟିଏ ସମାଜରେ ସୀମିତ ଥିବା ସାମୂହିକ ନୂଆଁଖାଇ ଧୀରେ ଧୀରେ ଗୋଟିଏ ଗାଁରୁ ଅନ୍ୟ ଗାଁକୁ ବ୍ୟାପିବା ସହ ସାମାଜିକ ଏକତାର ଏକ ନୂଆ ଦିଗ ଦେଖାଉଛି। 'ମୁଁ' ନୁହେଁ, 'ଆମେ' ଏହି ଭାବନାକୁ ଆହୁରି ଦୃଢ଼ କରୁଛି ସାମୂହିକ ନୂଆଁଖାଇ। ନୂଆଁଖାଇର ଏହି ନିଆରା ପରମ୍ପରା ଆଗାମୀ ଦିନରେ ଗାଁ, ସମାଜ ଓ ଅଞ୍ଚଳ ମଧ୍ୟରେ ଭାଇଚାରାର ସମ୍ପର୍କକୁ ଆହୁରି ନିବିଡ଼ କରିବ ବୋଲି ଆଶା କରାଯାଉଛି।


## ଦଶାହ ଉପଲକ୍ଷେ



ଔ ତ୍ରିନାଥ ଦାଶ

ଆବିର୍ଭାବ : ୧୭/୦୭/୧୯୩୬

ତିରୋଧାନ : ୦୭/୦୯/୨୦୨୬

ଆଜି ଦଶାହ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ।

ପୁତ୍ର ସୁକାନ୍ତ ଦାଶ ଓ ପରିବାରବର୍ଗ

ସମ୍ପାଦକୀୟ...

# ବ୍ରିକ୍ସ ବଡ଼ ବିକଳ୍ପ

ନିକଟରେ ସମ୍ପନ୍ନ ହୋଇଯାଇଥିବା ୧୮ତମ ବ୍ରିକ୍ସ ମହାସମ୍ମିଳନୀ ଅତି ସୁରୁଖୁରୁରେ ସମ୍ପନ୍ନ ହୋଇଯାଇଛି ଭାରତ ମଣ୍ଡପମ ନୂଆଦିଲ୍ଲୀରେ । କେବଳ ସୁରୁଖୁରୁରେ ନୁହେଁ..ଅତି ସଫଳତାର ସହିତ ସମ୍ପନ୍ନ ହୋଇଯାଇଛି ଏଭଳି ଏକ ମହାସମ୍ମିଳନୀ ଯେଉଁଥିରେ ଭାରତ ବିଶ୍ୱର ପନ୍ଦର ବିଶ୍ୱନେତାଙ୍କ ସହ ପର୍ଯ୍ୟାୟକ୍ରମେ ବିଭିନ୍ନ ପ୍ରସଙ୍ଗରେ ତା'ର ଆଲୋଚନା ଜାରି ରଖି..ଆଗକୁ ବଢ଼ାଇ ସମସ୍ତଙ୍କ ସହିତ ସୃଷ୍ଟି କରିଛି ଏକ ସଫଳ ସହଭାଗିତା ଯାହାକି ପ୍ରମାଣିତ କରୁଛି ଏକ ସଫଳ ସହଯୋଗିତା ଯାହାକି ଅନ୍ତର୍ଜାତୀୟ କ୍ଷେତ୍ରରେ ଭାରତର ସ୍ଥିତିକୁ ମଜଭୁତ କରିବାରେ ସହାୟକ ହୋଇଛି । ଏମିତି ବି ଭାରତର ସ୍ଥିତି ଅନ୍ତର୍ଜାତୀୟ ସ୍ତରରେ ପୂର୍ବାପେକ୍ଷା ଯଦିଓ ଅଧିକ ମଜଭୁତ୍ ହୋଇଛି, ତଥାପି ଭାରତ ଏବେ ବି ବିଶ୍ୱସ୍ତରୀୟ ଦୌଡ଼ରେ ଅନେକ ପଛରେ ପଡ଼ିଛି କିନ୍ତୁ ବାହାରକୁ ସେମିତି କିଛି ଜଣା ନ ପଡ଼ିଲେ ମଧ୍ୟ ଭାରତର ଅନେକ ଗ୍ରାମୀଣ ସ୍ଥିତି .ଭାରତର ଅନେକ ଆଦିବାସୀ ପ୍ରାନ୍ତର ସ୍ଥିତି ଦେଶର ଭିନ୍ନ ଏକ ଚିତ୍ରକୁ ଉପସ୍ଥାପନ କରୁଛି..ବୋଧହୁଏ ଦେଶର ଅସଲ ଆର୍ଥିକ ସ୍ଥିତିକୁ ଉପସ୍ଥାପନ କରୁଛି । ଯେଉଁଠି ଆଜି ବି ଅନେକ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି ଜୀବନ ସହିତ । ତଥାପି ଭାରତ କହୁଛି ଯେ ସେ ବାହାଦୂର । ଭାରତବାସୀ ହିସାବରେ ଆମେ ବି କହିବା ଯେ ଆମେ ବି ବାହାଦୂର । କହିବାରେ କିଛି ଅସୁବିଧା ନାହିଁ କାରଣ କହିବାରେ କିଛି ବି ପଇସା ପଡୁନି । ହେଲେ ଏବେ ଏବେ ଭାରତର ରାଷ୍ଟ୍ରୀୟ ରାଜଧାନୀ କ୍ଷେତ୍ର ନୂଆଦିଲ୍ଲୀରେ ଯେଉଁଭଳି ଭାବେ ସଫଳତାର ସହିତ ସମ୍ପନ୍ନ ହୋଇଯାଇଛି ବ୍ରିକ୍ସ ସମ୍ମିଳନୀ, ସେଥିରୁ ଅନ୍ତତଃ ଏହିକଥା ପ୍ରମାଣିତ ହଉଛି ଯେ ଭାରତ କେବଳ କଥାରେ ନୁହେଁ, କାମରେ ମଧ୍ୟ ବିଶ୍ୱାସ କରୁଛି । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିର ସମୟରେ ବିଶ୍ୱର ଜଣେ ଭଲ ବକ୍ତା ହୋଇପାରନ୍ତି , ହେଲେ ନୂଆଦିଲ୍ଲୀରେ ଆୟୋଜିତ ଭାରତର ବହୁ ପ୍ରତୀକ୍ଷିତ,ଭାରତର ବହୁଚର୍ଚ୍ଚିତ ଏବଂ ଭାରତର ବହୁ ବ୍ୟୟବହୁଳ ବ୍ରିକ୍ସ ସମ୍ମିଳନୀ ଯାହା ଆଜି ସମାପନର ତୁରନ୍ତ ପରେ ପରେ ହୋଇଯାଇଛି ବହୁ ଆଲୋଚିତ । କାରଣ ବ୍ରିକ୍ସ ସମ୍ମିଳନୀରେ ଭାରତ ଯେଉଁ ପନ୍ଦର ବିଶ୍ୱନେତାଙ୍କ ସହିତ ଯେଉଁଭଳି ଭାବେ ତା'ର ମାରାଥନ୍ ଆଲୋଚନା ଜାରି ରଖିଲା, ସେଥିରୁ ..ବ୍ରିକ୍ସ ଭଳି ଏକ ମହାମଞ୍ଚରୁ ବିଶ୍ୱ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ମଧ୍ୟ ଦେବାରେ ସକ୍ଷମ ହୋଇପାରିଛି ଭାରତ । ବ୍ରିକ୍ସ ଯାହାକି ମାତ୍ର ଚାରିଟି ଦେଶରୁ ଆରମ୍ଭ ହୋଇଥିଲା ନ୍ୟୁୟର୍କରୁ ୨୦୦୬ ମସିହାରେ ଯେତେବେଳେ ଚାରିଟି ଦେଶ ଯେପରି କି ବ୍ରାଜିଲ୍ , ରୁଷିଆ, ଇଣ୍ଡିଆ ଏବଂ ଚାଇନା ଭଳି ବିଶ୍ୱର ବିକଶିତ ଦେଶମାନଙ୍କର ବିଦେଶମନ୍ତ୍ରୀମାନେ ଆମେରିକାର ନ୍ୟୁୟର୍କରେ ପରସ୍ପର ସହିତ ମିଶିଥିଲେ ପରସ୍ପରକୁ ସହଯୋଗ କରିବା ପାଇଁ । ନିଜ ନିଜ ଦେଶର ସାମାଜିକ, ଆର୍ଥିକ ଏବଂ ପ୍ରତିରକ୍ଷା କ୍ଷେତ୍ରକୁ ପାରସ୍ପରିକ ସହଯୋଗରେ ମଜବୁତ୍ କରିବା ପାଇଁ ସେହି ଚାରିଟି ଦେଶର ମହମନ୍ତ୍ରୀମାନଙ୍କର ମହାମିଳନ ଧୀରେ ଧୀରେ ଏବେ ରଙ୍ଗ ଆଣିଛି । ମାତ୍ର ଚାରିଟି ଦେଶରୁ ଆରମ୍ଭ ହୋଇଥିବା ସେହି ସଙ୍ଗଠନ ଏବେ ପରିଣତ ହୋଇଛି ୨୧ ଦେଶ ବିଶିଷ୍ଟ ଏକ ମହାଦ୍ରୁମରେ ..ଏକ ଅନ୍ତର୍ଜାତୀୟ ମହା ସଙ୍ଗଠନରେ ଯାହାକି ଏବେ ଆୟୋଜନ କରିବାରେ ସଫଳ ହୋଇଛି ତା'ର ୧୮ ତମ ମହାସମ୍ମିଳନୀ ଭାରତରେ .. ଭାରତର ନେତୃତ୍ୱରେ ଯାହା ସମ୍ପନ୍ନ ହୋଇଛି ଅତି ସଫଳତାର ସହିତ ଯାହାକି ନିଜେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଛନ୍ତି । ତେବେ ବ୍ରିକ୍ସ ସମ୍ମିଳନୀରେ ମୋଦିଜୀ ବିଶେଷ କରି ଚାଇନା ସହିତ ଅକ୍ସାଇ ଚୀନ ସମ୍ପର୍କିତ ଆଲୋଚନାକୁ ସକାରାତ୍ମକ ଦର୍ଶାଇଥିବାବେଳେ ସେପଟେ ରୁଷିଆ ସହିତ ଭାରତର ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ ସମ୍ବନ୍ଧିତ ଆଲୋଚନାକୁ ମଧ୍ୟ ସଫଳ ବୋଲି ଦର୍ଶାଇଛନ୍ତି । ଯାହାକି ବ୍ରିକ୍ସ ସମ୍ମିଳନୀରେ ଭାରତର ଏକପ୍ରକାର କୂଟନୈତିକ ବିଜୟ ବୋଲି ଧରି ନିଆଯାଇଛି । ତେବେ ରିପୋର୍ଟ ଯାହା କହୁଛି ବାଣିଜ୍ୟ କାରବାର କ୍ଷେତ୍ରରେ ଆଞ୍ଚଳିକ ସ୍ତରର ମୁଦ୍ରା କାରବାର ଉପରେ ଗୁରୁତ୍ୱ ଆରୋପ ପାଇଁ ମତ ବିନିମୟ ହୋଇଥିଲା । ବିଶେଷକରି ଡଲାରର ପ୍ରଭାବ ହ୍ରାସ କରି ବ୍ରିକ୍ସ କରେନ୍ସୀର ଉପଯୋଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

# ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବିଶ୍ୱ ନିର୍ମାଣରେ ବିଶ୍ୱକର୍ମା



ଡ. ଅମୂଲ୍ୟ କୁମାର ପଣ୍ଡା

ସମଗ୍ର ସୃଷ୍ଟି ଅର୍ଥାତ ତିନିପୁରରର ନିର୍ମାତା ହେଉଛନ୍ତି ଦେବ ଶିଳ୍ପୀ ବିଶ୍ୱକର୍ମା । ତାଙ୍କ ସୃଷ୍ଟି ର ପଟାନ୍ତର ନାହିଁ । ସେ କେତେବେଳେ ସୂର୍ଯ୍ୟଙ୍କ ସହିତ ଏକ ହୋଇ ଗଲେଣି ତ କେତେବେଳେ ଅଗ୍ନିଙ୍କ ସହିତ ତ କେତେବେଳେ ବିଷ୍ଣୁଙ୍କ ସହିତ । ସେ ବିଶ୍ୱଚକ୍ଷୁ, ଭୂମି ସୃଷ୍ଟି କରିଛନ୍ତି, ମହତ୍ତ୍ୱ ଦ୍ୱାରା ଆକାଶକୁ ବିସ୍ତୃତ କରିଛନ୍ତି । ସେ ପୁଣି ସର୍ବତ୍ର ବିଦ୍ୟମାନ ଆଉ ଚାରିଆଡ଼େ ହିଁ ତାଙ୍କ ମୁଖ, ଚକ୍ଷୁ, ବାହୁ ଓ ପଦ ଅବସ୍ଥିତ । ସେ ସ୍ୱର୍ଗ, ମର୍ତ୍ତ୍ୟ, ପୃଥିବୀ ଓ ପାତାଳର ସ୍ରଷ୍ଟା ପୁନର୍ବାର ସେ ବାକ୍ୟ, କର୍ମ ଓ ଧର୍ମର ଅଧିପତି । ସେ ସବୁ କିଛି ନିର୍ମାଣ କରନ୍ତି, ଧାରଣ କରନ୍ତି ଓ ଦର୍ଶନ ମଧ୍ୟ କରନ୍ତି । ବିଶ୍ୱକର୍ମା ହେଉଛନ୍ତି ଦେବତାମାନଙ୍କ ଶିଳ୍ପୀ । ସେ ଇନ୍ଦ୍ରଙ୍କ ବଜ୍ର ନିର୍ମାଣ କରିଥିଲେ । ସେହି ବଜ୍ରଦ୍ୱାରା ଇନ୍ଦ୍ର ବଧ କରିଥିଲେ ବୃତ୍ରକୁ । ସେ ଦେବତା ମାନଙ୍କର ଶିଳ୍ପ କାର୍ଯ୍ୟ ସାଧକ । ବିଶ୍ୱକର୍ମାଙ୍କ ଜନ୍ମ ସମ୍ବନ୍ଧରେ ବିଭିନ୍ନ ପୁରାଣ ଭିନ୍ନଭିନ୍ନ ମତ ଦିଅନ୍ତି । ବ୍ରହ୍ମ ବୈବର୍ତ୍ତ ପୁରାଣ କହେ ବ୍ରହ୍ମାଙ୍କ ନାଭିଦେଶରୁ ବିଶ୍ୱକର୍ମାଙ୍କ ଜନ୍ମ । ମାତ୍ର ବେଦରେ ବିଶ୍ୱକର୍ମାଙ୍କୁ ଅଜାତ ପୁରୁଷ ବା ସନାତନ ପୁରୁଷ ରୂପେ ବର୍ଣନା କରିଛି । ପୁରାଣର ବିଶ୍ୱକର୍ମା ବିମାନ ନିର୍ମାତା ଓ କାରୁକାର ଓ ଚିତ୍ରଶିଳ୍ପକାରକ । ସେ ଅଳଙ୍କାର ଓ ଭୂଷଣ ପ୍ରସ୍ତୁତକାରକ । କୁଞ୍ଜର ପର୍ବତରେ ଅବସ୍ଥିତ ଅଗସ୍ତୀଙ୍କ ଭବନ, କୁବେରଙ୍କ ଅଳକାପୁରୀ, ରାବଣର ସ୍ୱର୍ଣ୍ଣଲଙ୍କା, ଯଦୁପତି ଶ୍ରୀକୃଷ୍ଣଙ୍କର ସୁରକ୍ଷିତ ସୁରମ୍ୟ ଓ ସୁବ୍ୟବସ୍ଥିତ ରାଜଧାନୀ ଦ୍ୱାରକା ବିଶ୍ୱକର୍ମାଙ୍କ ବାସ୍ତୁବିଦ୍ୟା ଓ ନଗର ପରିକଳ୍ପନା ବିଷୟକ ଜ୍ଞାନର ଉଜ୍ଜଳ ଦୃଷ୍ଟାନ୍ତ । ଦେବତାମାନଙ୍କ ପାଇଁ ନୂଆନୂଆ ମାରଣାସ୍ତ୍ର ବିଶ୍ୱକର୍ମା ପ୍ରସ୍ତୁତ କରିଛନ୍ତି । ଯେଉଁ ପ୍ରସିଦ୍ଧ ଧନୁ ସାହାଯ୍ୟରେ ଶଙ୍କର ତ୍ରିପୁରାସୁରକୁ ସଂହାର କରିଥିଲେ, ଯେଉଁ ଆୟତଧନୁର ଅମିତ ବିକ୍ରମରେ ପରଶୁରାମ ଏକୋଇଶଥର ପୃଥିବୀ ନିଃକ୍ଷେତ୍ରିୟ କରିଥିଲେ, ସେହି ଦୁଇଟି ଧନୁ ବିଶ୍ୱକର୍ମାଙ୍କ ନିର୍ମାଣ କରିଥିଲେ ବୋଲି କୁହଯାଏ । ବିଶ୍ୱକର୍ମା ଏହି ପୃଥିବୀର ସ୍ରଷ୍ଟା । ତେଣୁ ସୃଷ୍ଟି ସୌରଭ ସେ ନିଜ ଅଙ୍ଗରେ ମାଖି ନେଇଛନ୍ତି ।

ବିଶ୍ୱକର୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁ ବିଗ୍ରହକୁ ମଧ୍ୟ ନିର୍ମାଣ କରିଥିଲେ । କିମ୍ବଦନ୍ତୀ ଅନୁଯାୟୀ ଇନ୍ଦ୍ରଦ୍ୟୁମ୍ନ ରାଜା ବାଙ୍କି ମୁହାଣରୁ ସଂଗ୍ରହ କରିଥିବା ଦାରୁରେ ଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ କରିବାକୁ ନାନା ଦେଶରୁ ଦକ୍ଷ ଶିଳ୍ପୀମାନଙ୍କୁ ଅଣାଇ କାମରେ ଲଗାଇଥିଲେ କିନ୍ତୁ ସେମାନଙ୍କ ନିହାଣ ମୁନରେ ସେ ଦାରୁ ଖୋଳାଯାଇ ପାରିଲା ନାହିଁ ବରଂ ସେଗୁଡ଼ିକର ଧାର ଓଲଟି ଗଲା ଓ ଭାଙ୍ଗି ଗଲା । ମୂର୍ତ୍ତି ଗଢ଼ିବାରେ ବିଫଳ ହୋଇ ସମସ୍ତେ ଫେରିବାରେ ଲାଗିଲେ ଓ ଦିନକୁ ଦିନ ରାଜା ରାଣୀଙ୍କ ମନରେ ଭାଳେଣି ପଡ଼ିଲା । କିଛିଦିନ ଗତ ହେବା ପରେ ଦିନେ ଜଣେ ବୁଢ଼ା ବଢ଼େଇ ଆସି ମୂର୍ତ୍ତି ନିର୍ମାଣ କରିବାକୁ ଆଗ୍ରହ ପ୍ରକାଶ କଲା । ପରିଶେଷରେ ବୁଢ଼ା ବଢ଼େଇକୁ ନିର୍ମାଣ ଦାୟିତ୍ୱ ଦିଆଗଲା । ବୁଢ଼ା ବଢ଼େଇର ସର୍ତ୍ତ ରଖିଲା ୨୧ ଦିନ ପର୍ଯ୍ୟନ୍ତ ମନ୍ଦିର ଦ୍ୱାର ଫିଟିବ ନାହିଁ, ସେ ଉପବାସ ରହି ମୂର୍ତ୍ତି ନିର୍ମାଣ କରିବ । ଏଥିରେ ରାଜା ରାଜି ହୋଇ ମନ୍ଦିର ଦ୍ୱାର ବନ୍ଦ କଲେ । ପ୍ରତ୍ୟେକ ଦିନ ରାଜା ଭିତରର ଠକ୍ ଠକ୍ ଶବ୍ଦ ଶୁଣିବାର ବ୍ୟବସ୍ଥା କରିଥାନ୍ତି । କିଛିଦିନପରେ ଭିତରୁ ଶବ୍ଦ ଆସିବା ବନ୍ଦ ହୋଇଯିବା ପରେ ଗୁଣ୍ଡିଚା ରାଣୀ ଧୈର୍ଯ୍ୟ ଧରି ରହିପାରିଲେ ନାହିଁ । ବୁଢ଼ା ବଢ଼େଇ ଉପବାସରେ ମୃତ୍ୟୁବରଣ କରିଛି ବୋଲି ସେ ଭାବିଲେ ଓ ରାଜାଙ୍କୁ ଦ୍ୱାର ଖୋଲିବାକୁ ଅନୁରୋଧ କଲେ । ଦ୍ୱାର ଉନ୍ମୁକ୍ତ କଲାପରେ ଦେଖାଗଲା ଯେ ବୁଢ଼ା ବଢ଼େଇ ଅନ୍ତର୍ଦ୍ଧ୍ୟାନ ହୋଇଯାଇଛି, ଅଛି କେବଳ ଦରଗଢ଼ା ମୂର୍ତ୍ତି । ଏଥିରେ ରାଜା ରାଣୀ ଘୋର ଚିନ୍ତାରେ ପଡ଼ିବାରୁ ଶୂନ୍ୟବାଣୀ ହେଲାଯେ- "ମୋର ଯେଉଁ ରୂପରେ ଆବିର୍ଭାବ ହେବାର ଇଚ୍ଛା ମୁଁ ସେହି ରୂପରେ ହିଁ ଆବିର୍ଭାବ ହୋଇଛି, ତେଣୁ ଏଥିରେ ଶୋଚନା କରିବାର କିଛି ନାହିଁ । ଏହି ବୁଢ଼ା ବଢ଼େଇ ଥିଲେ ସ୍ୱୟଂ ଦେବଶିଳ୍ପୀ ବିଶ୍ୱକର୍ମା" । ଭକ୍ତର ଭଗବାନ ସ୍ୱୟଂ ବଢ଼େଇ ରୂପରେ ଭକ୍ତର ମନୋବାଞ୍ଛା ପୂରଣ କରିବା ପାଇଁ ଆସି ନିଜର ମୂର୍ତ୍ତିକୁ ନିଜେ ଗଢ଼ିଥିଲେ ବୋଲି, ଓଡ଼ିଶାରେ ସାଧାରଣତଃ ଏହି ବୁଢ଼ା ବଢ଼େଇ ରୂପକୁ ହିଁ ବିଶ୍ୱକର୍ମାଙ୍କ ରୂପ ବୋଲି କଳ୍ପନା କରାଯାଏ । ବିଶ୍ୱକର୍ମାଙ୍କ ଶିଳ୍ପ କାରୁକାର୍ଯ୍ୟରେ ଅଗାଧ ପାଣ୍ଡିତ୍ୟ ଥିବାରୁ ତାଙ୍କୁ ଶିଳ୍ପକଳାର ଜନକ କୁହାଯାଏ । ପ୍ରତ୍ୟେକ ପର୍ବପର୍ବାଣିର ନିଜର ମହତ୍ୱ ରହିଛି । ଶାସ୍ତ୍ରରେ କୁହାଯାଇଛି ଭଗବାନ ବିଶ୍ୱକର୍ମାଙ୍କ ଆଶୀର୍ବାଦ ବିନା କୌଣସି କାର୍ଯ୍ୟ ସଫଳ ହୋଇନଥାଏ । ତେଣୁ ଏହି ପୂଜାର ଖୁବ ମାନ୍ୟତା,ମହତ୍ୱ ରହିଛି । ଏହି ପୂଜା କରିବା ଦ୍ୱାରା ବ୍ୟବସାୟରେ ଉନ୍ନତି ହେବା ସହ ଆର୍ଥିକ କ୍ଷେତ୍ରରେ ମଧ୍ୟ ଉନ୍ନତି ହୋଇଥାଏ ।




ଅରଙ୍ଗାବାଦ, ବରୀ, ଯାଜପୁର
୯୯୩୮୯୦୬୦୭୦

# ନିଶାମୁକ୍ତ ଓଡ଼ିଶାର ଆହ୍ୱାନ



· ଅଧ୍ୟାପକ ଗୋପବନ୍ଧୁ

ନିଶାର କୁପରିଣତି ସମ୍ବନ୍ଧରେ ଆମେ ସମସ୍ତେ ଅବଗତ । ରାଜ୍ୟର ବିକାଶରେ ଏହା ମୁଖ୍ୟ ପ୍ରତିବନ୍ଧକ । ସାମାଜିକ ବିଶୃଙ୍ଖଳା ପାଇଁ ଏହା ମୁଖ୍ୟତଃ ଦାୟୀ । ନିଶା ଯୋଗୁଁ କେତେ ପରିବାର ଧ୍ୱଂସ ହୋଇଯାଇଛି, କେତେ ଲୋକ ତଳିତଳାନ୍ତ ହୋଇଯାଇଛନ୍ତି , କେତେ ଯୁବପ୍ରତିଭା ଅସମୟରେ ମୃତ୍ୟୁବରଣ କରିଛନ୍ତି, ଏହାର ହିସାବ କରାଯାଇ ପାରିବ ନାହିଁ । ଏକଥାକୁ ନେତା, ପ୍ରଶାସକ ଓ ସାଧାରଣ ଜନତା ସମସ୍ତେ ଜାଣିଛନ୍ତି, ତଥାପି ରାଜ୍ୟରେ ନିଶା ନିବାରଣ ଯୋଜନା ପ୍ରଣୟନ ହୋଇପାରୁ ନାହିଁ । ସାଧାରଣ ଜନତା ଏହାକୁ ନେଇ ଆନ୍ଦୋଳନ କରନ୍ତି । ନେତାମାନେ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦିଅନ୍ତି ରାଜ୍ୟକୁ ନିଶାମୁକ୍ତ କରିବା ପାଇଁ, ହେଲେ ତାଙ୍କ ଭାଷଣ ଭାଷଣରେ ରହିଯାଏ । ନିଶାର ପ୍ରସାର ବନ୍ଦହେବା ତ ଦୂରର କଥା ଏହା ଆହୁରି ବଢେ । ନୂଆ ନୂଆ ମଦ ଦୋକାନ ଖୋଲେ । ନିଶା ବେପାର ବେଧଡ଼କ ଚାଲେ ।

ବିଶେଷକରି ଆଦିବାସୀ, ଦଳିତ ଓ ଅନଗ୍ରସର ଅଞ୍ଚଳମାନଙ୍କରେ ନିଶା ଏକ ଗୁରୁତର ସାମାଜିକ ସମସ୍ୟା । ଏମାନଙ୍କ ବିକାଶରେ ଏହା ମୁଖ୍ୟ ପ୍ରତିବନ୍ଧକ । ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ଅବସ୍ଥା ଉପରେ ଏହା ପ୍ରତିକୂଳ ପ୍ରଭାବ ପକାଏ । ସାମାଜିକ ଓ ପାରିବାରିକ ଶାନ୍ତିକୁ ବ୍ୟାହତ କରେ । ନିଶାଗ୍ରସ୍ତ ସ୍ୱାମୀଙ୍କ ଦ୍ୱାରା ସ୍ତ୍ରୀ ଉପରେ ଅତ୍ୟାଚାର ହୁଏ । ମାଡ଼ଗୋଳ ଓ ଗାଳିଗୁଲଜଠାରୁ ଆରମ୍ଭ କରି ହତ୍ୟା ଓ ଧର୍ଷଣ ପର୍ଯ୍ୟନ୍ତ କଥା ଯାଏ । ସାମଗ୍ରିକଭାବେ ସମସ୍ତ କ୍ଷେତ୍ରରେ ସମସ୍ତଙ୍କ ପାଇଁ ନିଶା ପ୍ରଗତିର ବାଧକ । ସମାଜର ତଳ ସ୍ତରର ଲୋକମାନଙ୍କର ବିକାଶ ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା କାର୍ଯ୍ୟକାରୀ କରୁଛନ୍ତି । କିନ୍ତୁ ନିଶାର ବହୁଳ ପ୍ରସାର ସବୁକିଛି ବିଗାଡି ଦେଉଛି । ବିଶେଷକରି ଯୁବସମାଜ ଯେଉଁମାନେ ଦେଶର ବିକାଶରେ ଯେଉଁ ସମୟରେ ଭାଗୀଦାରୀ ହେବା କଥା ସେହି ସମୟରେ ନିଶାଗ୍ରସ୍ତ ହୋଇ ଗଡିବା ଦୁଃଖଦାୟକ । ତେଣୁ ରାଷ୍ଟ୍ର ନିର୍ମାଣ ପାଇଁ ନିଶା ରାକ୍ଷସର ବହିଷ୍କାର ଅତ୍ୟନ୍ତ ଜରୁରୀ ।

'ନିଶା ଯୁବପିଢ଼ିକୁ ପଥଭ୍ରଷ୍ଟ କରୁଛି । ପରିବାର କିମ୍ବା ବ୍ୟକ୍ତି ନୁହେଁ; ପୁରା ସମାଜକୁ ବିଗାଡୁଛି ।' ଏହାଥିଲା ଭାରତବର୍ଷର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଅଭିବ୍ୟକ୍ତି । କିଛିବର୍ଷ ପୂର୍ବେ ସେ ମୟୂରଭଞ୍ଜର ହାତବାଦଡା ନିକଟରେ ଥିବା ସାତପଉଟିଆ ଗ୍ରାମର ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ଆୟୋଜିତ ନିଶାମୁକ୍ତ ଓଡିଶା ଅଭିଯାନକୁ ଉଦଘାଟନ କରିବା ଅବସରରେ ଏହା କହିଥିଲେ । ସେ ଭାରତବର୍ଷର ସର୍ବୋଚ୍ଚ ପଦରେ ଅଧିଷ୍ଠିତ ହେବାପରେ ଏହା କହିଛନ୍ତି ତାହା ନୁହେଁ, ସେ ଝାଡଖଣ୍ଡ ରାଜ୍ୟର ରାଜ୍ୟପାଳ ଥିବା ସମୟରେ ମଧ୍ୟ ସେ ରାଜ୍ୟରେ ନିଶାନିବାରଣ ହେବା ଜରୁରୀ ବୋଲି ଅନେକ ଥର କହିଛନ୍ତି । ଏହା ତାଙ୍କ ଅନ୍ତରର କଥା । ସେ ଏକ ନିଶାମୁକ୍ତ ଓ ଘୃଣା-ହିଂସା ରହିତ ସୁନ୍ଦର ସମାଜର ପରିକଳ୍ପନା କରନ୍ତି । କରୁଣା, ପ୍ରେମ, ସ୍ନେହ ଓ ଭଲପାଇବା ମାଧ୍ୟମରେ ବ୍ୟକ୍ତି ନିଜକୁ ବଦଳାଇବା ସହିତ ସମଗ୍ର ସମାଜକୁ ବଦଳାଇ ଦେଇପାରିବ ବୋଲି ତାଙ୍କ ବିଶ୍ୱାସ ।

ନିଶାନିବାରଣ ଉପରେ ତାଙ୍କ ବକ୍ତବ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । କିନ୍ତୁ କେତେକ ମୁଷ୍ଟିମେୟ ସାମାଜିକ କର୍ମୀ ବ୍ୟତୀତ ରାଜନୀତି ମହଲରେ କିମ୍ବା ସାଧାରଣ ଜନତାଙ୍କ ମଧ୍ୟରେ ଏହା ଆଲୋଚନାର ଖୋରାକ ଯୋଗାଇ ପାରିଲା ନାହିଁ । ଏପରିକି ମଦବିରୋଧୀ ଆନ୍ଦୋଳନର ସାମାଜିକ କର୍ମୀଙ୍କୁ ମଧ୍ୟ ଏହା ବିଶେଷ ପ୍ରଭାବିତ କରିପାରି ନାହିଁ । ଏହାର କାରଣ ହେଉଛି ଓଡିଶାର କୌଣସି ରାଜନୈତିକ ଦଳ ନିଶାନିବାରଣକୁ ନିଜ ଦଳୀୟ ଇସ୍ୟୁଭାବେ ଗ୍ରହଣ କରିନାହାଁନ୍ତି । ଏପରିକି ରାଷ୍ଟ୍ରପତିଙ୍କ ପୂର୍ବ ରାଜନୈତିକ ଦଳ ପାଇଁ ମଧ୍ୟ ଏହା ଏକ ଅଦରକାରୀ ବିଷୟ । ସମସ୍ତ ରାଜନୈତିକ ଦଳରେ ମଦୁଆମାନେ ଅଛନ୍ତି ଓ ତାଙ୍କୁ ବଡ ନେତାଙ୍କ ଭିଷଣ ଭୟ । ଏମାନେ ଭୋଟ ଗଣିତକୁ ଏପଟ ସେପଟ କରିଦେଇ ପାରିବେ । ରାଜନୈତିକ ଲବିରେ ମଦ ମାଫିଆମାନେ ଆଗରେ ଅଛନ୍ତି । ତେଣୁ ମଦ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବ କିଏ ? ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ନେଇ ସାମାଜିକ କମ୍ପନ ସୃଷ୍ଟି କରିବ କିଏ ? ଯେଉଁମାନେ ବି ସମ୍ବେଦନଶୀଳ ସେମାନେ ଭାବୁଛନ୍ତି ଚାରିଆଡ଼େ ନିଶାର ବନ୍ୟା ବହୁଥିବା ବେଳେ ତାଙ୍କ କଥା କୋଉଠି କୂଳ ଧରିବ । ରାଷ୍ଟ୍ରପତି କହିବା କଥା କହିଲେ ଆମେ ଶୁଣିବା କଥା ଶୁଣିଲୁ । ବାସ ସେତିକି ଯଥେଷ୍ଟ । ସମାଜ ପୁରୁଣା ଢଙ୍ଗରେ ଚାଲିଛି । ନୂତନ ସମାଜର ପରିକଳ୍ପନା ବୃଥା ।

ଜଣେ ଆଦିବାସୀ ମହିଳା ଭାରତବର୍ଷ ପରି ସର୍ବବୃହୋତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ରର ସର୍ବୋଚ୍ଚ ପଦରେ ଅଧିଷ୍ଠିତ ହେବା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ନିଶ୍ଚୟ । ଆମର ଗର୍ବ ସେତିକିରେ ସମାପ୍ତ ହେଲେ ଚଳିବ ନାହିଁ । ତାଙ୍କ କଥାକୁ ଗୁରୁତ୍ୱ ଦେଲେ ଏ ଗର୍ବର ମହତ୍ତ୍ୱ ରହିବ । ତାଙ୍କ ଅଭିଜ୍ଞତା ଓ ସାମାଜିକ ଅନୁଭୂତି ଆମର ପାଥେୟ ହେବା ଉଚିତ । ପିଲାଦିନରୁ ଦେଖି ଆସିଥିବା ଘଟଣା ପ୍ରବାହର ଆଧାରରେ ସେ ଏହା କହିଛନ୍ତି । ଏ ମୂଲ୍ୟବାନ୍ ଅନୁଭୂତିକୁ ରାଷ୍ଟ୍ର କାର୍ଯ୍ୟରେ ଲଗାଇବା ଉଚିତ୍ । ରାଜତନ୍ତ୍ରରେ ସିନା ରାଜା କହିବା ମାତ୍ରେ ତାହା ନିୟମରେ ପରିଣତ ହୁଏ, କିନ୍ତୁ ଗଣତନ୍ତ୍ରରେ ଏଥିପାଇଁ ଜନମତ ତିଆରି କରିବାକୁ ପଡେ । ଏଦିଗରେ ରାଜନୈତିକ ଦଳ, ବୁଦ୍ଧିଜୀବି, ସାମାଜିକ କର୍ମୀ ଓ ସାମଗ୍ରିକ ଭାବେ ସାଧାରଣ ଜନତା ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । କେତେକ କ୍ଷେତ୍ରରେ ରାଷ୍ଟ୍ରପତିଙ୍କ ଦ୍ୱାହିଦେଇ ଜନମତ ତିଆରି କରାଯାଇ ପାରିବ । ଅତୀତରେ ସେ ଅନେକଥର ଏକଥା କହିଛନ୍ତି, କିନ୍ତୁ ରାଷ୍ଟ୍ରମୁଖ୍ୟ ଭାବେ କହିବାର ସ୍ୱତନ୍ତ୍ର ପ୍ରଭାବ ରହିଛି । ଓଡିଶାବାସୀ ନିଶ୍ଚିତଭାବେ ତାଙ୍କ ବାଣୀକୁ ଗୁରୁତ୍ୱର ସହିତ ନେବା ଉଚିତ୍ । ଆଗାମୀ ଦିନରେ ଯଦି ରାଜ୍ୟରେ କେବେ ନିଶା ନିବାରଣ ହୁଏ, ତେବେ ସେ ସମୟରେ ତାଙ୍କ ଏ ବାଣୀର ସ୍ୱତନ୍ତ୍ର ମର୍ଯ୍ୟାଦା ରହିବ । ଏତତ୍ ବ୍ୟତୀତ ସାମାଜିକ ବିକାଶ ଦିଗରେ ତାଙ୍କ ଏ ଆଭିମୁଖ୍ୟ ଅବିସ୍ମରଣୀୟ ହୋଇ ରହିବ ।

ସାମ୍ପ୍ରତିକ ଅବସ୍ଥାରେ ତାଙ୍କ ନିଶାମୁକ୍ତ ଓଡିଶା ଗଠନର ଆହ୍ୱାନ ଯଥେଷ୍ଟ ଗୁରୁତ୍ୱ ବହନ କରୁଛି । ଯେତେବେଳେ ରାଷ୍ଟ୍ରର ସର୍ବମୟ କର୍ତ୍ତା ଏ କଥା କହିଛନ୍ତି ଏହାକୁ ହାଲୁକାଭାବେ ନିଆଯାଇ ପାରିବ ନାହିଁ । ରାଜ୍ୟ ସରକାର ଏ ବିଷୟରେ ପଦକ୍ଷେପ ନେବାକୁ ବାଧ୍ୟ । ଅନ୍ୟଥା କଥାଟି ତାଙ୍କ ପ୍ରତି ଅବମାନନା ବୋଲି ଗ୍ରହଣୀୟ ହେବ । ଯେ କୌଣସି ରାଷ୍ଟ୍ରରେ ଜଣେ ରାଷ୍ଟ୍ରମୁଖ୍ୟଙ୍କ କଥାକୁ ସମସ୍ତେ ସମ୍ମାନ ଜଣାଇବା ପ୍ରତ୍ୟେକଙ୍କ ପାଇଁ ନାଗରିକ କର୍ତ୍ତବ୍ୟ । ସମସ୍ତେ ସଚେତନ ହୋଇ ନିଶା ଛାଡିବା ଓ ସରକାର ଏହାକୁ ନିଷିଦ୍ଧ କରିବା ମଧ୍ୟରେ ପାର୍ଥକ୍ୟ ରହିଛି । ସରକାର ନିଶାନିବାରଣ ଉପରେ ପଦକ୍ଷେପ ନେଲେ ଅଧିକ ଫଳପ୍ରଦ ହୁଏ । ତେବେ ପ୍ରତ୍ୟେକଟି ନାଗରିକ ନିଶାର କୁପ୍ରଭାବ ବିଷୟରେ ସଚେତନ ହୋଇ ଏହାକୁ ପରିହାର କରିବାର ମଧ୍ୟ ଆବଶ୍ୟକତା ରହିଛି । ଏ ଦିଗରେ ରାଷ୍ଟ୍ରୀୟ ଜାଗରଣ ଜରୁରୀ । ମହାମହିମ ରାଷ୍ଟ୍ରପତିଙ୍କ ଅତୀତର ନିଶାମୁକ୍ତ ଓଡିଶା ଗଠନର ଆହ୍ୱାନ ଏହି ପରିପ୍ରେକ୍ଷୀରେ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଯେଉଁ ସମୟରେ ଗାଁ ଗହଳିରେ, ସହର ବଜାରରେ, ସମାଜର ବିଭିନ୍ନ ବର୍ଗ ମଧ୍ୟରେ ନିଶାସେବନ ଉପରେ ପ୍ରତିଯୋଗିତା ଚାଲିଛି ଓ ମଦୁଆମାନେ ସାମାଜିକ ମୂଲ୍ୟବୋଧର ପ୍ରତୀକ ସାଜିଛନ୍ତି, ସେ ସମୟରେ ରାଜ୍ୟ ସରକାର ଓଡିଶାର ସ୍ୱାର୍ଥ ଦୃଷ୍ଟିରୁ ନିଶାନିବାରଣ ଉପରେ ଗୁରୁତ୍ୱର ସହିତ ବିଚାର କରିବା ଉଚିତ୍ । ଯେତିକି ରାଜ୍ୟସ୍ୱ ଅବକାରୀ ବିଭାଗରୁ ଆସୁଛି ତାଠାରୁ ବହୁଗୁଣା ଅଧିକ ବିକାଶ ଦିଗରେ ପ୍ରତିବନ୍ଧକ ସୃଷ୍ଟି ହେଉଛି । ରାଷ୍ଟ୍ରପତି ଓ ଓଡିଶାର ମୁଖ୍ୟମନ୍ତ୍ରୀ ଆଦିବାସୀ ସମ୍ପ୍ରଦାୟର । ତେଣୁ ଆଦିବାସୀ, ଦଳିତ, ପଛୁଆବର୍ଗ ଓ ଗରିବ ଲୋକଙ୍କ ଉପରେ ନିଶାର କୁପରିଣତି ଉପରେ ସେମାନେ ଭଲଭାବେ ଅବଗତ ଅଛନ୍ତି । ନିଶାନିବାରଣ ଏମାନଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ଯଥେଷ୍ଟ ସହାୟକ ହେବ । ଓଡିଶାରେ ନିଶାନିବାରଣ ହୋଇପାରିଲେ ରାଜ୍ୟ ସରକାରଙ୍କ ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ ।

ବାରିପଦା, ମୟୂରଭଞ୍ଜ,
ମୋ. ୯୪୩୮୨୪୮୮୫୪ ଦର୍ଶନ
ବିଭାଗ (ଅବସରପ୍ରାପ୍ତ)

ଜ୍ଞାନାମୃତ

## ବୁଦ୍ଧିମାନ ଯୁବକ

ଜଣେ ଯୁବକ ଥରେ କୌଣସି ଜରୁରୀ କାମରେ ବାହାରିଗଲେ ଏକ ଦୂର ସ୍ଥାନକୁ । ତାଙ୍କ ଯାତ୍ରା ପଥରେ କିଛି ବିପଦର ଆଶଙ୍କା ରହିଥିଲା । ଏଣୁ ସେଥିନେଇ ଯୁବକଙ୍କ ଗୁରୁ ବହୁତ ଚିନ୍ତିତ ଥିଲେ । ଯେହେତୁ ଯୁବକ ଜଣଙ୍କ କୌଣସି ଏକ ଆଶ୍ରମରେ ରହୁଥିଲେ, ସେଣୁ ସେ ଆଶ୍ରମରୁ ବାହାରିଯିବା ପୂର୍ବରୁ ତାଙ୍କ୍ ଗୁରୁଙ୍କ୍ ପରାମର୍ଶ ନେବାକୁ ଭୁଲିନଥିଲେ । ଗୁରୁଜୀ ସେହି ଯୁବକଙ୍କୁ ତାଙ୍କ୍ ସାଙ୍ଗରେ ଆଉ ଜଣେ ସାଧାରଣ ଯୁବକଙ୍କୁ ସାଙ୍ଗରେ ନେବାକୁ ପରାମର୍ଶ ଦେଇଥିଲେ ଯାହାକୁ ସହଜରେ ଗ୍ରହଣ କରି ପାରିନଥିଲେ ଯୁବକ । ଯେହେତୁ ଯୁବକ ଜଣଙ୍କ ଥିଲେ ଅତି ଦୁର୍ବଳ ମାନେ ତାଙ୍କ୍ ଶରୀର ଥିଲା ଦୁର୍ବଳ । ସେଣୁ ସାହସୀ ଯୁବକ ଜଣଙ୍କ ତାଙ୍କୁ ନିଜ ସାଙ୍ଗରେ କିଛି ନେବାକୁ ନେଇ କିଛି କହିପାରିନଥିଲେ । ତଥାପି ଗୁରୁଙ୍କ ଆଦେଶ ଉପରେ ଯୁବକ ଜଣଙ୍କ୍ କିଛି କହିପାରିନଥିଲେ କି କିଛି ପ୍ରତିବାଦ କରି ପାରି ନଥିଲେ । ମନ କଥା ମନରେ ମାରି ଯୁବକ ଜଣଙ୍କ ଗୁରୁଙ୍କ କଥାକୁ ନୀରବରେ ମାନିନେଇଥିଲେ । ପରେ ଦୁଇ ଜଣ ମିଶି ସେହି ଯାତ୍ରାରେ ବାହାରି ଗଲେ । ତେବେ ବାଟରେ ଯାଉ ଯାଉ ସେମାନେ ଗୋଟାଲ ପାନ୍ଥଶାଳାରେ ଅଟକିଗଲେ । ସାମୟିକ ବିଶ୍ରାମ ନେଇ ସେମାନେ ଆଗକୁ ବାହାରିଯିବାର ଥିଲା କିନ୍ତୁ ସେହି ପାନ୍ଥଶାଳାରେ ହିଁ ଘଟିଗଲା ବହୁତ ବଡ଼ ଦୁର୍ଘଟଣା । ଅବଶ୍ୟ ଅଳ୍ପକେ ବର୍ତ୍ତିଯାଇଥିଲେ ସେଦିନ । ଯେହେତୁ ସେହି ଯୁବକଙ୍କ ଉପରେ ସେହି ପାନ୍ଥଶାଳାରେ କିଛି ଆକ୍ରମଣର ଆଶଙ୍କା ରହିଥିଲା । ସେମାନେ ବାହାରିଯିବା ପୂର୍ବରୁ କେତେକ ବଦମାସ ପ୍ରକୃତିର ମଣିଷ ସେହି ଯୁବକ ଉପରେ ଆକ୍ରମଣ କରିବାର ଯୋଜନା ନେଇ ଆଗେଇ ଆସୁଥିବାର ଦେଖି ସାହସୀ ଯୁବକ କିନ୍ତୁ କିଛୁ ବି ଜାଣିପାରି ନଥିଲା କିନ୍ତୁ ତା' ସାଙ୍ଗରେ ଥିବା ସେହି ଦୁର୍ବଳ ଯୁବକ ଜଣଙ୍କ୍ କିନ୍ତୁ ପାନ୍ଥଶାଳା ଆଡ଼କୁ ମାଡ଼ି ଆସୁଥିବା ଯୁବକ ମାନଙ୍କ ହାବଭାବକୁ ଅନୁଭବ କରି, ତା'ର ପୂର୍ବାନୁମାନ କରି ସେଠାରୁ ପଳାୟନ କରିବାର ସୁଯୋଗ ଉଣ୍ଡି ସେଠାରୁ ଖସିଯିବାର ବାଟ ବାହାର କଲେ ଏବଂ ସେଠାରୁ ପଳାୟନ କରିବାରେ ସଫଳ ହେଲେ । ବୀର ତଥା ସାହସୀ ଯୁବକ ଜଣଙ୍କ ତାଙ୍କ ଯାତ୍ରା ପଥରେ ଆଉ ଆଗକୁ ନ ଯାଇ ଧୀରେ ଧୀରେ ପଛକୁ ଫେରିବାରେ ଲାଗିଲେ । ପରେ ସେହି ଦୁଇଜଣ ଯାଇ ଶେଷରେ ପହଞ୍ଚଗଲେ ସେହି ସାଧୁଙ୍କ ଆଶ୍ରମରେ ଯେଉଁ ସାଧୁଙ୍କ ଆଶ୍ରମରୁ ସେମାନେ ବାହାରିଥିଲେ, ସେହି ଆଶ୍ରମରେ ଗୁରୁଜୀ ତାଙ୍କ୍ ଯାତ୍ରା ସମ୍ବନ୍ଧରେ ପଚାରିବାରୁ ଯୁବକ ଜଣଙ୍କ ତାଙ୍କ୍ର ବିଫଳତାର କଥା ବଖାଣି ଦୁଃଖ କରିବାରୁ ଗୁରୁଜୀଙ୍କ ମତରେ କାହା ସହିତ ହାରି ଯିବାରେ ବିଫଳତା ନଥାଏ, ବରଂ ଆଗାମୀ ସମୟରେ ଜିତିବାର ପଥ ପରିଷ୍କାର କରିବାଟା ହେଉଛି ଅସଲ କଥା, ତାହା ହେଉଛି ପ୍ରକୃତ କଥା । କେବେ କେବେ ଦୁର୍ବଳ ଲୋକର ବୁଦ୍ଧିବଳ ମଧ୍ୟ କାମରେ ଲାଗେ ଯାହା ବାହୁବଳରେ ନଥାଏ ।

# ଶିଳ୍ପରାଜ ବିଶ୍ୱକର୍ମା



ଜ୍ୟୋତ୍ସ୍ନା ମହାପାତ୍ର

ବିଶ୍ୱକର୍ମା ସ୍ୱର୍ଗର ଶ୍ରେଷ୍ଠ ଶିଳ୍ପୀ । ସେ ଶିଳ୍ପରାଜ ବିଶ୍ୱକର୍ମା । ତାଙ୍କୁ ଦେବଶିଳ୍ପୀ ଭାବେ ଗ୍ରହଣ କରାଯାଇଛି । ତେବେ, ତାଙ୍କର ରୂପ ଓ ପ୍ରକୃତ ପରିଚୟ ଆଦିକୁ ନେଇ ନାନା କାହାଣୀ, କିମ୍ବଦନ୍ତୀ ରହିଛି । ତାଙ୍କୁ ବିଶ୍ୱନିୟନ୍ତା ନାରାୟଣଙ୍କ ଏକ ରୂପ ଭାବେ କେତେକ ଗ୍ରହଣ କରିଛନ୍ତି । ବିଶ୍ୱକର୍ମାର ଏକ ଅର୍ଥ ହେଉଛି ସୃଷ୍ଟିକର୍ତ୍ତା । ପୁରାଣ ଅନୁଯାୟୀ ଅନନ୍ତଶୟନରେ ଶାୟିତ ନାରାୟଣଙ୍କର ନାଭି କମଳରୁ ସୃଷ୍ଟି ହୋଇଥିବା ତ୍ରିକାଳଦର୍ଶୀ ବ୍ରହ୍ମା ହେଉଛନ୍ତି ସୃଷ୍ଟିକର୍ତ୍ତା । ଏଣୁ ତାଙ୍କୁ ବ୍ରହ୍ମାଙ୍କ ଏକ ରୂପ ଭାବେ ମଧ କଳ୍ପନା କରି ପୂଜା କରାଯାଏ । ପଶ୍ଚିମ ବଙ୍ଗ ଓ ବିହାରରେ ବିଶ୍ୱକର୍ମା ହେଉଛନ୍ତି ଶ୍ରୀ ଶ୍ରୀ ନାରାୟଣ ଦେବ । ଭଗବାନଙ୍କୁ ମଣିଷ ନାନା ରୂପରେ କଳ୍ପନା କରିଛି । ଯେତେବେଳେ ସେ ସୃଷ୍ଟି କରନ୍ତି, ସେତେବେଳେ ବ୍ରହ୍ମା ତାଙ୍କର ପାଳନକର୍ତ୍ତା । ରୂପ ହେଉଛି ବିଷ୍ଣୁ, ଯେତେବେଳେ ସଂହାର କରନ୍ତି ସେତେବେଳେ ରୁଦ୍ର, ସେହିପରି ତାଙ୍କର ଶିଳ୍ପୀ ରୂପ ହେଉଛି ବିଶ୍ୱକର୍ମା । ସଂକ୍ଷେପରେ ଏତିକି କୁହାଯାଇପାରେ । ଆଶ୍ୱିନ ସଂକ୍ରମଣ ଦିନରେ ବିଶ୍ୱକର୍ମା ପୂଜା ପାଳନ କରାଯାଏ । ଏହି ପୂଜାରେ ତିଥି, ନକ୍ଷତ୍ର ଓ ମୁହୂର୍ତ୍ତ ଆଦିକୁ ବିଚାରକୁ ନିଆଯାଏନାହିଁ । ଅତୀତରେ ବିଶ୍ୱକର୍ମାଙ୍କ ମୂର୍ତ୍ତି ପୂଜା ପ୍ରଚଳିତ ନଥିଲା । କାରିଗରମାନେ ମୁଖ୍ୟତଃ ଆୟୁଧ ପୂଜା କରୁଥିଲେ । କେହି କେହି ଘଟ ଓ ଶାଳଗ୍ରାମ ପୂଜା କରୁଥିଲେ । ବିଶ୍ୱକର୍ମାଙ୍କ ଓରୂପ ସଂପର୍କରେ ପ୍ରାଚୀନ ଶାସ୍ତ୍ରମାନଙ୍କରେ କିଛି ନିର୍ଦ୍ଦିଷ୍ଟ ବର୍ଣ୍ଣନା ନଥିବାରୁ ସମ୍ଭବତଃ ତାଙ୍କର ପ୍ରତିମା ପୂଜା ପ୍ରଚଳିତ ନଥିଲା । ଶିଳ୍ପର ବିକାଶ ପରେ ଦେବଶିଳ୍ପୀଙ୍କର ମୂର୍ତ୍ତି ପୂଜନ ଆରମ୍ଭ ହୋଇଥିଲା ।

ଆଜିକାଲି ପ୍ରାୟ ସମସ୍ତ ଶିଳ୍ପାନୁଷ୍ଠାନରେ ଭଗବାନ ବିଶ୍ୱକର୍ମାଙ୍କ ପୂଜା ଅର୍ଚ୍ଚନା ଅନୁଷ୍ଠିତ ହେଉଛି । ବିଶ୍ୱକର୍ମା ପୂଜାରେ ଗାଡ଼ି ଓ ଇଲେକ୍ଟ୍ରି ସାଜସରଞ୍ଜାମ ପରିଷ୍କାର ପରିଚ୍ଛନ୍ନ ଓ ସଫାସୁତୁରା ହୋଇ ଏହି ଦିନ ପୂଜା ହୋଇଥାଏ । ଭଗବାନ ବିଶ୍ୱକର୍ମାଙ୍କ ମହିମା ସମ୍ପର୍କରେ ଓଡ଼ିଆ 'ଲକ୍ଷ୍ମୀପୁରାଣ'ରେ ଉଲ୍ଲେଖ ରହିଛି । ମାଆଙ୍କ ଇଚ୍ଛାନୁଯାୟୀ ବିଶ୍ୱକର୍ମା ରାତାରାତି ଏକ ଭବ୍ୟ ନଗରୀ ନିର୍ମାଣ କରିଦେଇଥିଲେ । ବିଭିନ୍ନ ପୁରାଣରେ ବିଶ୍ୱକର୍ମାଙ୍କ ମହିମା ସମ୍ପର୍କରେ ଉଲ୍ଲେଖ ରହିଛି । ଆଜିପରି ପବିତ୍ର ଦିନରେ ଭଗବାନ ବିଶ୍ୱକର୍ମା ଆମ ସମସ୍ତଙ୍କୁ କଲ୍ୟାଣ କରନ୍ତୁ ଏହା ହିଁ ପ୍ରାର୍ଥନା ।

ଚଣ୍ଡୀମନ୍ଦିର ମାର୍ଗ, କଟକ-୧
E-mail :
abhisekmohapatra
1999@gmail.com




# ଭିବିଜୀ ରାମଜୀ ଯୋଜନା ଉପରେ ଜିଲ୍ଲାସ୍ତରୀୟ କର୍ମଶାଳା

## ଅନ୍ତଃବିଭାଗୀୟ ସମନ୍ୱୟ ରଖି ସଫଳ କରିବା ପାଇଁ ଜିଲ୍ଲାପାଳଙ୍କ ଆହ୍ୱାନ



**ବୌଦ୍ଧ (ଅମୃତ ମିଡିଆ) :** ବୌଦ୍ଧ ପଞ୍ଚାୟତ ଭବନଠାରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଭିବିଜି ରାମଜୀ ଯୋଜନା ଉପରେ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସମସ୍ତ ବ୍ଲକ୍ ଏବଂ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀ ଓ ଯନ୍ତ୍ରୀମାନେ ଏଥିରେ ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଉପସ୍ଥିତ ଅଧିକାରୀମାନଙ୍କୁ ସ୍ୱାଗତ କରି ୱାର୍କଶପର ଲକ୍ଷ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ବିସ୍ତୃତ ଭାବରେ ଅବଗତ କରାଇଥିଲେ। ଡିଏଫଓ ରାଜେନ୍ଦ୍ର ପ୍ରସାଦ ଗୋଚ୍ଛାୟତ, ପିଡି ୱାଟରସେଡ୍, ସମସ୍ତ ବିଡିଓ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀ ଏବଂ ସମସ୍ତ ବିଭାଗର ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ୱାର୍କଶପ୍‌ରେ ଭିବିଜି ରାମଜୀ ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳରେ ବିଭିନ୍ନ ଆବଶ୍ୟକୀୟ ଓ ଉପଯୋଗୀ ଭିତ୍ତିଭୂମି ନିର୍ମାଣ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ରୁରାଲ ପାର୍କ, ପଞ୍ଚାୟତ ଲାଇବ୍ରେରୀ, କଲ୍ୟାଣ ମଣ୍ଡପ, ପ୍ଲେଗ୍ରାଉଣ୍ଡ, ମଡେଲ୍ ଟାଙ୍କ, ରୁରାଲ ହାଟ୍, କ୍ରିମାଟୋରିୟମ୍ ଆଦି ବିଭିନ୍ନ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରସ୍ତାବ ଦେବାପାଇଁ କୁହାଯାଇଥିଲା। ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ଜିଲ୍ଲାରେ ୭,୮୪,୯୯୫ ମାନବ ଶ୍ରମ ଦିବସ ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଥିବା ବେଳେ, ଏଥିପାଇଁ ପ୍ରାୟ ୩୯.୨୫ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ସେହିପରି 'ଏକ ପେଡ୍ ମା କେ ନାମ' ଯୋଜନା ଅଧୀନରେ ଜିଲ୍ଲାରେ ୪୭,୬୫୦ଟି ଚାରାରୋପଣ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜିଲ୍ଲାପାଳ ଭିବିଜି ରାମଜୀ ଯୋଜନାର ସଫଳ ରୂପାୟନ ପାଇଁ ସମସ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ, ଯୋଜନାବଦ୍ଧ କାର୍ଯ୍ୟପନ୍ଥା ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ଉପରେ ଗୁରୁତ୍ୱାରୋପ କରିଥିଲେ। ଗ୍ରାମାଞ୍ଚଳରେ ଆବଶ୍ୟକ ଭିତ୍ତିଭୂମି ବିକାଶ ସହିତ ଗ୍ରାମବାସୀଙ୍କ ପାଇଁ ଅଧିକ ରୋଜଗାର ସୁଯୋଗ ସୃଷ୍ଟି ଦିଗରେ ସମସ୍ତେ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ।

# ପାଟଣା ବନାଞ୍ଚଳରେ ରେଞ୍ଜସ୍ତରୀୟ ସମୀକ୍ଷା ବୈଠକ

## ବନ ପରିଚାଳନା ସହ ମଣିଷ–ହାତୀ ସଂଘର୍ଷ ନିରାକରଣ ଉପରେ ଗୁରୁତ୍ୱ



**ବାରିପଦା/ସାହାରପଡା (ଅମୃତ ମିଡିଆ) :** କେନ୍ଦୁଝର ବନଖଣ୍ଡ, ପାଟଣା ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଆଜି ରେଞ୍ଜ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ନୂତନ ଭାବେ ପାଟଣା ବନାଞ୍ଚଳରେ ଯୋଗ ଦେଇଥିବା ରେଞ୍ଜ ଅଫିସର ଆର୍ତ୍ତତ୍ରାଣ ମିର୍ଦ୍ଧାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବନ ପରିଚାଳନା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ବୈଠକରେ ବିଦ୍ୟୁତ ପ୍ରହରୀ କାର୍ଯ୍ୟକ୍ରମ ଓ ବିଦ୍ୟୁତ ସୁରକ୍ଷା ନିରୀକ୍ଷଣ, ପ୍ରଥମ ବର୍ଷର ବୃକ୍ଷରୋପଣର ଜୀବନ୍ତତା ହାର, ବାଉଁଶ, ପଶୁଖାଦ୍ୟ ଓ ଫଳଜାତୀୟ ଚାରାରୋପଣ ଏବଂ ଚାରା ବଣ୍ଟନ ନେଇ ଆଲୋଚନା ହୋଇଥିଲା। ଏଥିସହ ସୌର ଆଲୋକ ବ୍ୟବସ୍ଥା, ଭିଏସ୍‌ଏସ୍ ରିଭଲଭିଂ ଫଣ୍ଡ ଋଣ ପରିଶୋଧ ଏବଂ ବନ ସୁରକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ମଧ୍ୟ ସମୀକ୍ଷା କରାଯାଇଥିଲା। ବିଶେଷକରି ମଣିଷ–ହାତୀ ସଂଘର୍ଷ ନିରାକରଣ ଦିଗରେ ନିଆଯାଉଥିବା ପଦକ୍ଷେପ, ହାତୀ ଚଳାଚଳ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ଏବଂ ଅନୁକମ୍ପା ସର୍ଭେ ଅନୁମୋଦନ ସମ୍ପର୍କିତ ବିଷୟ ଉପରେ ମଧ୍ୟ ଆଲୋଚନା ହୋଇ ଆବଶ୍ୟକ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ପାଟଣା ବନାଞ୍ଚଳ ଅଧୀନରେ କାର୍ଯ୍ୟରତ ସମସ୍ତ ଫରେଷ୍ଟର, ଫରେଷ୍ଟ ଗାର୍ଡ, ପାରା କର୍ମଚାରୀ ଏବଂ ଏନ୍‌ଜିଓ ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ। ବନପାଳ ନିରଞ୍ଜନ ସେଠୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବୈଠକ ଶେଷରେ ସାହାରପଡ଼ା ସେକ୍ସନର ଗୁରୁଚରଣ ମହାନ୍ତଙ୍କୁ ନୟା ଜଗନ୍ନାଥପୁର ଅଞ୍ଚଳରେ ପ୍ଲାଣ୍ଟେସନର ଉତ୍ତମ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ସମ୍ମାନିତ କରା ଯାଇଥିଲା। ବନଖଣ୍ଡ ଅଧିକାରୀଙ୍କ ପକ୍ଷରୁ ତାଙ୍କୁ ମାନପତ୍ର ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଶେଷରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯିବା ପରେ ବୈଠକ ସମାପ୍ତ ହୋଇଥିଲା।

# ସୁଅରେ ଭାସିଯାଇ ଯୁବକ ନିଖୋଜ

**କଟକ (ବ୍ୟୁରୋ) :** କଟକ ଜିଲ୍ଲା ବାଙ୍କୀ ମହାନଦୀ ପଠାର ଘୋଡ଼ାବର ନଦୀ ତୁଠରେ ଗାଧୋଉଥିବା ବେଳେ ଜଣେ ଯୁବକ ସୁଅରେ ଭାସିଯାଇଛନ୍ତି। ବର୍ତ୍ତମାନ ସୁଦ୍ଧା ତାଙ୍କର ପତ୍ତାମିଳିନାହିଁ। ସୂଚନାନୁଯାୟୀ କଟକ ଚାଉଳିଆଗଞ୍ଜ ଅଞ୍ଚଳରୁ ୩ ଜଣ ସାଙ୍ଗ ଅଂଶୁପା ପର୍ଯ୍ୟଟନ ସ୍ଥଳୀକୁ ବଣଭୋଜି କରିବାକୁ ଆସିଥିଲେ। ଭୋଜି ସାରି ୩ ଜଣ ସାଙ୍ଗ ଅପରାହ୍ନରେ ନଦୀରେ ଗାଧୋଉଥିବା ବେଳେ ଜଣେ ହଠାତ ସୁଅରେ ଭାସିଯାଇଥିଲେ। ଖବର ପାଇ ଡମପଡା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପଂହଁଚିଥିଲା। ନଦୀରୁ ୨ ଜଣଙ୍କୁ ଉଦ୍ଧାର କରିଛି। ଖବର ଲେଖାଯିବା ବେଳକୁ ଭାସିଯାଇଥିବା ଯୁବକଙ୍କ ପତ୍ତାମିଳିନଥିବା ଜଣାଯାଇଛି।

# ଆନ୍ତର୍ଜାତିକ ବଧିର ସପ୍ତାହ ପାଳିତ




**ଜଗତସିଂହପୁର (ଅମୃତ ମିଡ଼ିଆ) :** ଜଗତସିଂହପୁର ଜ଼ିଲ୍ଲା ବଧିର ସଂଘ ପକ୍ଷରୁ ୬୯ ତମ ଆନ୍ତର୍ଜାତିକ ବଧିର ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଚତୁର୍ଥ ବାର୍ଷିକ ବଧିର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ପୌର ପରିଷଦ ପୂର୍ବତନ ଅଧକ୍ଷ ମଧୁସୂଦନ ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଚତୁର୍ଥ ବାର୍ଷିକ ବଧିର ସମ୍ମିଳନୀକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନାଇଜର କୁଳ ସଚିବ ଅଭୟ କୁମାର ନାୟକ, ପଣ୍ଡିତ ରବୀନ୍ଦ୍ର ନାଥ ମିଶ୍ର, ରବୀନ୍ଦ୍ର କୁମାର ନାୟକ, ଓଡିଶା ବଧିର ସଂଘ ଉପ ସଭାପତି ମନୋରଞ୍ଜନ ସାମଲ, ସାଧାରଣ ସମ୍ପାଦକ ମିନତୀ ଦାସ, ଜଗତସିଂହପୁର ଜ଼ିଲ୍ଲା ବଧିର ସଂଘ ଉପସଭାପତି ବିଜୟ ପ୍ରସାଦ ନାୟକ, ସାଧାରଣ ସମ୍ପାଦକ ଶ୍ରୀନୀକାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ବଧିରମାନଙ୍କୁ କିପରି ସରକାରୀ ସହାୟତା ପ୍ରଦାନ କରାଯିବା ସହିତ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯିବ ସରକାର ସେଥିନିମନ୍ତେ ଯତ୍ନବାନ ହେବାକୁ ଦାବି କରିଥିଲେ। ଶେଷରେ ଜ଼ିଲ୍ଲା, ରାଜ୍ୟ, ଜାତୀୟ, ଆନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ହାସଲ କରିଥିବା କୃତି ବଧିର ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିବା ସହିତ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ଶତାଧିକ ବଧିର ମାନଙ୍କୁ ନେଇ ଜ଼ିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯୋଗ ଶିବିର ଏବଂ ସଂସ୍କୃତି ଭାବନରେ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ ପରେ ବଧିରମାନେ ଶୋଭାଯାତ୍ରାରେ ବଜାର ପାରିକ୍ରମ କରିଥିଲେ।

# ଭଙ୍ଗାଗଲା ଅଫିସର ଗେଟ୍

## ଲୋକେ ହେଲେ ଆଶ୍ୱସ୍ତ ; ଖୁସି ମନାଇଲା ନାଗରିକ ମଞ୍ଚ



**ବାରିପଦା /ଉଦଳା (ଅମୃତ ମିଡିଆ) :** ଉଦଳା ସହର ମଧ୍ୟରେ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଲାଗିକରିଥିବା ସର୍ବସାଧାରଣ ରାସ୍ତାକୁ ଅବରୋଧ କରି ଏକ ଗେଟ ବସାଯାଇଥିଲା। ଯାହାକି ଅଫିସର ଗେଟ ନାମରେ ପରିଚିତ ଥିଲା। ଏଠାରେ ସେ ସମୟରେ କାର୍ଯ୍ୟରତ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଏହି ଗେଟ ବସାଯାଇଥିବାରୁ ଲୋକେ ଏହାକୁ ଅଫିସର ଗେଟ ବୋଲି କହୁଥିଲେ। କେବଳ ପାଦରେ ଚାଲି ଚାଲି ଯାଉଥିବା ଲୋକେ ଏହି ରାସ୍ତା ଦେଇ ଯାତାୟତ କରି ପାରୁ ଥିବା ବେଳେ, ସାଇକ. ମଟରସାଇକଲ ଠାରୁ ଆରମ୍ଭ କରି କୌଣସି ଯାନବାହାନ ଚଳପ୍ରଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଉକ୍ତ ରାସ୍ତା ଦେଇ ନିୟମିତ ଲୋକେ ଷ୍ଟେଟ ବ୍ୟାଙ୍କ, ବ୍ଲକ କାର୍ଯ୍ୟାଳୟ, ଆର.ଆଇ. ଅଫିସ, ଆହର କେନ୍ଦ୍ର, ପାଠାଗାର ଇତ୍ୟାଦିକୁ ଯାତାୟତ କରୁଥିଲେ। ହଠାତ ରାସ୍ତାର ଏପରି ଅବରୋଧକୁ ଦେଖି ଲୋକଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ଖେଳି ଯାଇଥିଲା। କିନ୍ତୁ ସେ ସମୟରେ ସମଗ୍ର ଓଡ଼ିଶାରେ ଅଫିସର ରାଜର ଉକ୍ଟ ରୂପ ବେଶ ସ୍ୱଷ୍ଟ ବାରି ହୋଇପଡୁଥିଲା। ସେଥିମଧ୍ୟରୁ ଏହି ଘଟଣାଟି ମଧ୍ୟ ଏକ ଦୃଶ୍ୟ ବୁଝିବାରେ କିଛି ଅସୁବିଧା ନଥିଲା। ଅଫିସର ରାଜ ବିରୁଦ୍ଧରେ ସେ ସମୟରେ ସ୍ୱରଉତୋଳନ କରିବା ପାଇଁ ସାଧାରଣ ଲୋକେ ଭୟ କରୁଥିଲେ। ପରେ ବିଧାନସଭା ଓ ଲୋକସଭା ନିର୍ବାଚନ ଆସିଲା। ଦୀର୍ଘ ୨୪ବର୍ଷ ଓଡ଼ିଶାରେ ଶାସନ ଚଳାଇଥିବା ଏକ ରାଜନୈତିକ ଦଳର ପତନ ଘଟିଲା। ଏହା ସହିତ ଚାଲିଆସୁଥିବା ଅଫିସର ରାଜର କଳାବାଦଲ ସମଗ୍ର ଓଡ଼ିଶାର ଆକାଶରୁ ଆପଣାଛାଏଁ ଉଭେଇଗଲା। ଏତିକିବେଳେ ଅଫିସର ଗେଟକୁ କେନ୍ଦ୍ର କରି ଥିବା ଅସନ୍ତୋଷ ଉଗ୍ରରୂପ ନେବାକୁ ଯାଉଛି ଜାଣିପାରି ଉପଜିଲ୍ଲାପାଳ ଗେଟଟିକୁ ଉଠାଇଦେଲେ। କିନ୍ତୁ ଅଣଓସାରିଆ ରାସ୍ତା ସାଙ୍ଗକୁ ଉଭୟ ପାର୍ଶ୍ୱର୍ରେ ହମ୍ପସ୍ ବସାଇଥିଲେ। ଉଦଳାରେ ଗଢ଼ି ଉଠିଥିବା ସଚେତନ ନାଗରିକ ମହାମଂଚ ଏହାକୁ ବିରୋଧ କରି ରାସ୍ତାଟିକୁ ସମ୍ପୂର୍ଣ୍ଣ ଖୋଲା ରଖିବା ସହ ହମ୍ପସ୍ ଉଠାଇଦେବାକୁ ଦାବି ଜଣାଇଥିଲା। ପରେ ଚଳିତ ସେପ୍ଟେମ୍ବର ୧୨ତାରିଖ ଶନିବାର ଦିନ ପାଚେରି ଭଙ୍ଗା ଯାଇ ରାସ୍ତା ଓସାରିଆ କରାଯିବା ସାଙ୍ଗକୁ ହମ୍ପସ୍ ସମ୍ପୂର୍ଣ୍ଣ ଉଠାଇଦିଆ ଯାଇଛି। ଏଥିରେ ସାଧାରଣ ଲୋକେ ଆଶ୍ୱସ୍ତ ହେବା ସାଙ୍ଗକୁ ନାଗରିକ ମଂଚ ଖୁସି ମନାଇଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଏହା ଦ୍ୱାରା ଅଫିସର ରାଜକୁ ଶକ୍ତ ଚାପୁଡ଼ା ମାଡ଼ ବସିଛି ବୋଲି ବହୁ ଲୋକ ମତ ଦେଉଥିବାର ଶୁଣିବାକୁ ମିଳୁଛି।

# ସେବା ସଙ୍କଳ୍ପ ଅଭିଯାନ ପାଳନ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : ରାଜ୍ୟ ସରକାର ତଥା ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡ଼ା ଜିଲ୍ଲାରେ ଆସନ୍ତା ୧୭ ସେପ୍ଟେମ୍ବର ଠାରୁ ୧୭ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ 'ସେବା ସଂକଳ୍ପ ଅଭିଯାନ' ପାଳନ ଉପଲକ୍ଷେ ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସେବା ସଂକଳ୍ପ ଅଭିଯାନ ପାଳନ ଉପଲକ୍ଷେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ତଥା ସୁପରିଚାଳନା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା। ବିଭିନ୍ନ କାର୍ଯ୍ୟକ୍ରମ ଯଥା ଆଶୀର୍ବାଦର ଦୀପ, ସ୍ୱପ୍ନର ଭାରତ, ଚିତ୍ରାଙ୍କନ ଓ ଭାଷଣ ପ୍ରତିଯୋଗିତା, ପଥପ୍ରାନ୍ତ ନାଟକ, ଆଙ୍ଗନ ବା ଉତ୍ସବ, ପରିବର୍ତ୍ତନର କାହାଣୀ, ବିକଶିତ ଭାରତ ସଂକଳ୍ପ ଯାତ୍ରା, ସେବାଜ୍ୟୋତି କଳସ ଯାତ୍ରା, ରଙ୍ଗୋଲି ରାଷ୍ଟ୍ର, ସେବାରେ ମୋର ଯୋଗଦାନ, ରାଷ୍ଟ୍ରୀୟ ନବ ସୃଜନର ଆହ୍ୱାନ, ସେବା ସେତୁ ଅଭିଯାନ ପ୍ରସ୍ତୁତି କାର୍ଯ୍ୟକ୍ରମ ଗୁଡିକରେ ସ୍ଥାନୀୟ ସାଂସଦ, ବିଧାୟକ, ଅନ୍ୟାନ୍ୟ ଜନ ପ୍ରତିନିଧି ଓ ଜନ ସାଧାରଣଙ୍କୁ ସାମିଲ କରାଯାଇ ଆୟୋଜନ କରିବା ସହ କାର୍ଯ୍ୟକ୍ରମର ଅଧିକ ଲୋକପ୍ରିୟତା ଓ ପ୍ରଚାର ପ୍ରସାର ପାଇଁ ସୋସିଆଲ ଇନଫ୍ଲୁଏନ୍ସର ମାନଙ୍କୁ ସାମିଲ କରାଇ ପ୍ରମୁଖ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏହାର ପ୍ରଚାର ପ୍ରସାର କରିବା ଉପରେ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେବାକୁ ବିଷଦ ଭାବେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ନୋଡାଲ ଅଫିସର ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ, ସମସ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା କ୍ରୀଡା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଳ୍ପ ଅଧିକାରୀ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# କଟକରେ ଅପମିଶ୍ରିତ ଫଳ ବିକ୍ରି ଉପରେ ଆକ୍ସନ୍

**କଟକ (ବ୍ୟୁରୋ) :** ପାର୍ବଣ ପୂର୍ବରୁ କଟକ ସହରରେ ଅପମିଶ୍ରିତ ଫଳ ବିକ୍ରି ରୋକିବାକୁ ସଜାଗ ହୋଇଛି କଟକ ମହାନଗର ନିଗମ। ଫଳ ଦୋକାନଗୁଡ଼ିକରେ ଖାଦ୍ୟ ସୁରକ୍ଷା ଟିମ୍ ପକ୍ଷରୁ ଚଢ଼ାଉ ଜୋରଦାର କରାଯିବ ବୋଲି ମହାନଗର ନିଗମର ହେଲ୍ଥ ଅଫିସର କହିଛନ୍ତି। ଗତକାଲି ବକ୍ସି ବଜାରର କିଛି ଅଞ୍ଚଳରେ ଫଳ ଦୋକାନଗୁଡ଼ିକରେ ଚଢ଼ାଉ କରାଯାଇଥିଲା। ଆଜି ମଧ୍ୟ ସହରର କିଛି ଫଳ ଦୋକାନରେ ଯାଞ୍ଚ ଓ ଚଢ଼ାଉ କରାଯିବ। ପାର୍ବଣ ସମୟରେ ଯେପରି କୌଣସି ଦୋକାନୀ ଅପମିଶ୍ରିତ ଫଳ ବିକ୍ରି କରି ନପାରନ୍ତି, ସେନେଇ ମହାନଗର ନିଗମ ପକ୍ଷରୁ ସ୍ୱତନ୍ତ୍ର ଭାବେ ନଜର ରଖାଯାଉଛି। ଆଗାମୀ ଦିନରେ ମଧ୍ୟ ଫଳ ଦୋକାନଗୁଡ଼ିକରେ ଯାଞ୍ଚ ଜାରି ରହିବ। ଅପମିଶ୍ରିତ ଫଳ ବିକ୍ରି ଉପରେ ରୋକ୍ ଲଗାଇବା ସହ ଗ୍ରାହକଙ୍କୁ ସୁରକ୍ଷିତ ଫଳ ଯୋଗାଇବା ଦିଗରେ ଧ୍ୟାନ ଦିଆଯାଉଥିବା ହେଲ୍ଥ ଅଫିସର କହିଛନ୍ତି।

# ନିଶାମୁକ୍ତ ଯୁବଶକ୍ତି କର୍ମଶାଳା



**ଜଗତସିଂହପୁର (ଅମୃତ ମିଡ଼ିଆ) :** ନିଶା ଠାରୁ ଯୁବ ପିଢିକୁ ଦୂରେଇ ରଖି ସେମାନଙ୍କ ପାଇଁ ଏକ ସୁସ୍ଥ ଓ ସମୃଦ୍ଧ ଭବିଷ୍ୟତ ଗଠନ ଉଦ୍ଦେଶ୍ୟରେ ଐତିହାସିକ ଅଳକା ଆଶ୍ରମ ପକ୍ଷରୁ ଗତ ୨୦୨୩ ମସିହା ଅଗଷ୍ଟ-୯ କ୍ରାନ୍ତି ଦିବସ ଠାରୁ ବର୍ଷ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି। ଏହି କ୍ରମରେ ସେପ୍ଟେମ୍ବର ୧୨ ତାରିଖ ମଧ୍ୟାହ୍ନରେ ଜଗତସିଂହପୁର ସହରର ବଡ଼ବଜ଼ାର ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏକ ନିଶାମୁକ୍ତ ଯୁବଶକ୍ତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଳକା ଆଶ୍ରମର କୋଷାଧ୍ୟକ୍ଷ ବିଜୟ କୁମାର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ସଦର ଏସଡ଼ିପିଓ ଦିବ୍ୟରଞ୍ଜନ ନାଥ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜ ଗଠନରେ ଯୁବପିଢ଼ିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏଥିସହିତ ସମାଜରେ ଘଟୁଥିବା ଅଧିକାଂଶ ଅପରାଧ ପଛର କାରଣ ହେଉଛି ନିଶାସେବନ ବୋଲି ଉଦାହରଣ ମାଧ୍ୟମରେ ଶ୍ରୀନାଥ ବୁଝାଇଥିଲେ ଏବଂ ଛାତ୍ରଛାତ୍ରୀ ମାନଙ୍କ ସହିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରିଥିଲେ। ସେହିପରି ମୁଖ୍ୟ ବକ୍ତା ଭାବେ ଡାକ୍ତର ସରୋଜ କୁମାର ଷଡ଼ଙ୍ଗୀ ଏବଂ ସମ୍ମାନୀତ ଅତିଥି ଭାବେ ଅଳକା ଆଶ୍ରମର ସଭାପତି ଗୌରାଙ୍ଗ ଚରଣ ହୋତା ଏଥିରେ ଯୋଗଦେଇ ଦେଶର ସର୍ବବୃହତ ଶକ୍ତି ଯୁବସମାଜକୁ ବିପଥଗାମୀ କରୁଥିବା ନିଶାର କୁପରିଣତି ସମ୍ପର୍କରେ ଆଲୋଚନା କରିଥିଲେ। ସବୁ ପରିସ୍ଥିତିକୁ ଛାତ୍ରଛାତ୍ରୀ ମାନେ ଧର୍ଯ୍ୟର ସହିତ ମୁକାବିଲା କରି ଆଗକୁ ବଢ଼ିବା ପାଇଁ ସେମାନେ ପରାମର୍ଶ ଦେଇଥିଲେ। ସେହିପରି ଶିକ୍ଷା ଗ୍ରହଣ ସହିତ ନିଜକୁ ଜଣେ ଜଣେ ଭଲମଣିଷ ଭାବେ ଗଢି ତୋଳିବାକୁ କର୍ମଶାଳାରେ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ନିଜେ ନିଶା ସେବନରୁ ଦୁରେଇ ରହିବା ସହିତ ନିଜ ପରିବାର ଓ ପରିବେଶକୁ ନିଶାମୁକ୍ତ ରଖିବା ପାଇଁ ଛାତ୍ରଛାତ୍ରୀ ମାନେ ଶପଥ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ଅଳକା ଆଶ୍ରମର ସଦସ୍ୟ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ଖୁଣ୍ଟିଆ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଗୁରୁଜୀ ଏବଂ ଗୁରୁମା ମାନେ ସହଯୋଗ କରିଥିଲେ।

# ଜିଲ୍ଲା ବୋଇତବନ୍ଦାଣ ସମିତିର ସାଧାରଣ ପରିଷଦ ବୈଠକ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ଜିଲ୍ଲା ବୋଇତବନ୍ଦାଣ ସମିତି, କେନ୍ଦ୍ରାପଡାର ସାଧାରଣ ପରିଷଦ ବୈଠକ ଗୋପସ୍ଥିତ ଜାଭିଅର ହାଇସ୍କୁଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାୟି ମୁଖ୍ୟ ଉପଦେଷ୍ଟା ପ୍ରଦୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୨୦୨୬ ମସିହା ପାଇଁ ନୂତନ କର୍ମକର୍ତ୍ତାମାନଙ୍କୁ ଚୟନ କରାଯାଇଥିଲା। ସମିତିର ସଭାପତି ଭାବେ ଚିନ୍ମୟ ପ୍ରସାଦ ବେହୁରା, କାର୍ଯ୍ୟକାରୀ ସଭାପତି ରବିନାରାୟଣ ମହାନ୍ତି ଓ ନିରଞ୍ଜନ ବେହେରା, ଉପସଭାପତି ବୈଷ୍ଣବ ଚରଣ ପ୍ରଧାନ ଓ ଚିତ୍ତରଞ୍ଜନ ଦାସ, ସମ୍ପାଦକ ଗୋଲଖ ଚନ୍ଦ୍ର ପଢିଆରୀ, ସମ୍ପାଦକ 'ବୋଇତ' କବି ନିରାକାର ଦାସ, ସଂଯୋଜକ ମୁକ୍ତାର ଖାଁ ଓ ଲୋହିତ ମହାନ୍ତି, କାର୍ଯ୍ୟକାରୀ ସମ୍ପାଦକ ରାଜେନ୍ଦ୍ର ମହାପାତ୍ର ଓ ସରୋଜକାନ୍ତ ସାହୁ, ସହସମ୍ପାଦକ ଶ୍ରୀଧର ମହାନ୍ତି, ସ୍ୱପ୍ନାରାଣୀ ସିଂ ଓ ବଳରାମ ଦାସ, ଯୁଗ୍ମସମ୍ପାଦକ ମିନତୀପ୍ରଭା ସ୍ୱାଇଁ ଓ ପ୍ରଭାତୀ ଧଳ, ସାଂସ୍କୃତିକ ସମ୍ପାଦକ ଅଶୋକ ସାହୁ ଓ ହିମାଂଶୁ ଦାସ, ସାଂଗଠନିକ ସମ୍ପାଦକ ମନୋଜ ଦାସ ଓ ମୀର ମୁର୍ଶିଦ୍, ବ୍ୟବସ୍ଥାପକ କମଳାକାନ୍ତ ବେହେରା ଓ ଦେବେନ୍ଦ୍ର ମହାନ୍ତି, ଯୋଗାଯୋଗ ସମ୍ପାଦକ ଲକ୍ଷ୍ମୀକାନ୍ତ ନାୟକ ଓ ପ୍ରମୋଦ ମହାପାତ୍ର, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ଧଳ ଓ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭାବେ ଡା. ସୁଧିର କୁମାର ବ୍ରହ୍ମା, ଡା. ବିରଞ୍ଚିନାରାନାୟଣ ଜଗଦେବ, ସୁଶିଲ କୁମାର ସାମଲ, ଡ. ଅଜୟ କୁମାର ରାଉତ, ପ୍ରଫୁଲ୍ଲ ଦାସ, ଗାୟତ୍ରୀ ମହାନ୍ତି, ସଞ୍ଜୟ କୁମାର ରାଉତ, ଭାଗିରଥି ଜେନା, ପ୍ରଫୁଲ୍ଲ କୁମାର ସାହୁ, ଅବନ୍ତୀ ବେହେରା, ଡ. ଚୈତନ୍ୟ ଚରଣ ପରିଡା, ନିହାର ରଞ୍ଜନ ବଳ ଓ ଶରତ କୁମାର ବେହୁରାଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ବିଗତ ବର୍ଷମାନଙ୍କ ଭଳି ଚଳିତ ବର୍ଷ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଆସନ୍ତା ନଭେମ୍ବରମାସ ୧୫ତାରିଖରେ ସ୍ଥାନୀୟ ତୁଳସୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ସ୍ଥିର କରାଗଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରବିନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସଂଚାଳନ କମିଟି ଗଠନ କରାଯାଇଥିଲା। ନୂତନ ଭାବରେ ସୁଶିଲ କୁମାର ସାମଲ, ଶରତ କୁମାର ବେହୁରା, ନୃସିଂହ ରାଉତ, ପ୍ରଫୁଲ୍ଲ ସାହୁ ଓ ଅନୁସୟା ଦାସଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଗଲା। ଆସନ୍ତା ନଭେମ୍ବରମାସ ୨୪ତାରିଖ କାର୍ତ୍ତିକ ପୂର୍ଣ୍ଣମା ଦିନ ପ୍ରତ୍ୟୁଷରେ ଜଜାଙ୍ଗ ଆଦର୍ଶ ଜେନା ପୋଖରୀରେ ପ୍ରତିବର୍ଷ ଭଳି ବୋଇତବନ୍ଦାଣ ଅନୁଷ୍ଠିତ ହେବ। ବିଗତ ବର୍ଷମାନଙ୍କ ଭଳି ପୂର୍ବସୁରୀମାନଙ୍କ ନାମରେ ନାମିତ ସ୍ମାରକୀ ସମ୍ମାନ ରାଜ୍ୟ ଓ ଜିଲ୍ଲାର ବିଭିନ୍ନ ବିଦ୍ୱାନ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯିବାକୁ ସ୍ଥିର କରାଗଲା। ଏହି ଅବସରରେ ସମିତିର ମୁଖପତ୍ର 'ବୋଇତ'ର ଲେଖକ/ଲେଖିକାମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ କାର୍ଯ୍ୟର ତଦାରଖ ପାଇଁ ମୁଖ୍ୟ ଉପଦେଷ୍ଟା ପ୍ରଦୀପ କୁମାର ମହାନ୍ତିଙ୍କ ଉପରେ ସଭା ଦାୟୀତ୍ୱ ନ୍ୟସ୍ତ କରିଥିଲା। ନୂତନ କର୍ମକର୍ତ୍ତା ମାନେ ଆଗାମୀ ଦିନରେ ବୈଠକ କରି ୨୦୨୬ର କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା। ଅନ୍ୟମାନଙ୍କ ମଧ୍ୟରେ ଉମାଶଙ୍କର ଜେନା, ଶୈଳବାଳା ସାମଲ, ରଣଧିର ଜେନା, ବଂଶୀଧର ମହାନ୍ତି, ଅବଧୂତ ରାଉତ, ପ୍ରେମାନନ୍ଦ ଜେନା ପ୍ରମୁଖ ଶତାଧିକ ସଭ୍ୟ/ସଭ୍ୟା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



# ୨୭ ବର୍ଷର ସ୍ୱପ୍ନକୁ ମିଳିଲା ସାକାର ରୂପ

## ଭବ୍ୟ ଆୟୋଜନରେ ଶ୍ରୀ ଶ୍ରୀ ସିଦ୍ଧିବିନାୟକ ମହୋତ୍ସବ ଉଦ୍‌ଘାଟିତ

**ବାରିପଦା(ଅମୃତମିଡିଆ):** ଦୀର୍ଘ ୨୭ ବର୍ଷର ସ୍ୱପ୍ନ ଶେଷରେ ବାସ୍ତବ ରୂପ ନେଇଛି। ବାରିପଦା ଫରେଷ୍ଟ କଲୋନୀଠାରେ ନୂତନ ଭାବେ ପ୍ରତିଷ୍ଠିତ ଶ୍ରୀ ଶ୍ରୀ ସିଦ୍ଧିବିନାୟକ ମନ୍ଦିର ପରିସରରେ ଗଣେଶ ଚତୁର୍ଥୀ ଅବସରରେ ଆରମ୍ଭ ହୋଇଛି ୫ ଦିନିଆ ଶ୍ରୀ ଶ୍ରୀ ସିଦ୍ଧିବିନାୟକ ମହୋତ୍ସବ।



ମଙ୍ଗଳବାର ସନ୍ଧ୍ୟାରେ ଓଡ଼ିଶା ସରକାରଙ୍କ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଏହି ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି । ଆୟୋଜନ କମିଟିର ବରିଷ୍ଠ ସଦସ୍ୟ ଇଂ. ମନୋଜ ଦଳବେହେରାଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମନ୍ତ୍ରୀ ଶ୍ରୀ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ ନିଜର ପୁରୁଣା ସ୍ମୃତି ଓ ଭାବନା ବଖାଣିବା ସହ ଦୀର୍ଘଦିନର ସ୍ୱପ୍ନ ପୂରଣ ହୋଇଥିବାରୁ ଖୁସି ପ୍ରକାଶ କରିଥିଲେ। ମନ୍ତ୍ରୀ କହିଥିଲେ ଯେ, ପ୍ରାୟ ୨୭ ବର୍ଷ ପୂର୍ବେ ସାହିର ପିଲାମାନଙ୍କୁ ନେଇ ଗଣେଶ ପୂଜା ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରୁଥିବା ସମୟରେ ଏକ ଭବ୍ୟ ଗଣେଶ ମନ୍ଦିର ନିର୍ମାଣର ସ୍ୱପ୍ନ ଦେଖିଥିଲେ। ଆଜି ସେହି ସ୍ୱପ୍ନ ସାକାର ହୋଇଥିବାରୁ ସେ ଆନନ୍ଦିତ ବୋଲି ପ୍ରକାଶ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆୟୋଜନ କମିଟିର ଜ୍ୟୋତିପ୍ରକାଶ ଦାସ, ଦେବାଶିଷ ହୋତା, ନିରାକାର ବେହେରାଙ୍କ ସମେତ କମିଟିର ବହୁ ସଦସ୍ୟ ଓ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ । ବୁଧବାର ଏହି ମହୋତ୍ସବ ଉଦ୍‌ଯାପିତ ହେବାକୁ ଥିବା ବେଳେ, ମହୋତ୍ସବ ଅବସରରେ ବିଘ୍ନରାଜ ଶ୍ରୀଗଣେଶଙ୍କ ସମସ୍ତ ପୂଜାବିଧି ସହ ଅନ୍ନଭୋଗ ବଣ୍ଟନ, ଛାତ୍ରଛାତ୍ରୀ ଓ ମା'ମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଏବଂ ମନୋରଞ୍ଜନଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି ।



## ୮୬ ବର୍ଷ ବୟସ୍କ ବୃଦ୍ଧଙ୍କୁ ୧ ହଜାର ଟଙ୍କା ଭତା!

**ବାରିପଦା /ଉଦଳା(ଅମୃତମିଡିଆ):** ଗୋପବନ୍ଧୁନଗର ବ୍ଲକ, ଶିଳଘାଟି ପଂଚାୟତ ଅନ୍ତର୍ଗତ ହୁଡ଼ିସାହି ଗ୍ରାମର ବାସିନ୍ଦା ଦୈତାରି ନାଏକଙ୍କୁ ବୟସ ୮୬ ବର୍ଷ ଛୁଇଁଲାଣି । ତାଙ୍କର ଆଧାର ଓ ଭୋଟ ପରିଚୟପତ୍ର ସବୁଥିରେ ଉଲ୍ଲେଖଥିବା ଜନ୍ମ ତାରିଖ ଅନୁସାରେ ତାଙ୍କୁ ୮୬ ବର୍ଷ ହୋଇଥିବାର ଜଣାଯାଇଛି । ସାମାଜିକ ସୁରକ୍ଷା ଯୋଜନାରେ ୮୦ବର୍ଷ ବୟସରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାସିକ ୩୫୦୦ଟଙ୍କା ଭତା ଦିଆଯାଉଛି ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି । କିନ୍ତୁ ଦୈତାରି ମାସିକ ୧ ହଜାର ଟଙ୍କା ଭତା ପାଉଥିବାର ଜଣାଇଛନ୍ତି । ଏଥିରୁ ସରକାରଙ୍କର ଘୋଷଣା ସମ୍ପୂର୍ଣ୍ଣ ମିଛ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏ ବାବଦରେ ସେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ କେହି ଶୁଣୁନଥିବାର ସେ ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବହୁ ସ୍ୱେଚ୍ଛାସେବୀ ଦାବି ଜଣାଇଛନ୍ତି।

# ୟୁନିଅନ ବ୍ୟାଙ୍କରେ ଡକାୟତ ଉଦ୍ୟମ ପଣ୍ଡ; ୭ ଗିରଫ

**ବାରିପଦା(ଅମୃତମିଡିଆ):** ବୈଶିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁର ସ୍ଥିତ ୟୁନିଅନ ବ୍ୟାଙ୍କ ଶାଖାରେ ବଡ଼ ଧରଣର ଲୁଟ୍ ଉଦ୍ୟମକୁ ପଣ୍ଡ କରିଛି ପୁଲିସ। ବିଳମ୍ବିତ ରାତିରେ ବ୍ୟାଙ୍କର ଶଟର୍ ତାଲା କାଟି ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ବେଳେ ୭ ଜଣଙ୍କୁ ପୁଲିସ କାବୁ କରିଥିବାର ସୂଚନା ମିଳିଛି। ସୂଚନା ଅନୁସାରେ, ବିଶେଷ ସୂତ୍ରରୁ ଖବର ପାଇ ନାଇଟ୍ ପାଟ୍ରୋଲିଂ ଟିମ୍ ବ୍ୟାଙ୍କ ନିକଟରେ ପହଞ୍ଚିଥିଲା। ସେତେବେଳେ କିଛି ବ୍ୟକ୍ତି ବ୍ୟାଙ୍କର ମୁଖ୍ୟ ଶଟର୍ ତାଲା କାଟି ଭିତରକୁ ପଶିବାକୁ ଉଦ୍ୟମ କରୁଥିବାର ଦେଖାଯାଇଥିଲା। ପୁଲିସ ଟିମ୍ ତୁରନ୍ତ ବ୍ୟାଙ୍କ





ପରିସରକୁ ଘେରାଉ କରିଥିଲା। ପୁଲିସକୁ ଦେଖି ଅଭିଯୁକ୍ତମାନେ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ତେବେ ପୁଲିସ ଘେରାଉ କରି ୭ ଜଣଙ୍କୁ କାବୁ କରିଥିଲା। ଘଟଣାସ୍ଥଳରୁ ଲୁଟ୍‌ରେ ବ୍ୟବହାର ହୋଇଥିବା ସନ୍ଦେହରେ କଟିଂ ଉପକରଣ, ଲୁହାରଡ୍, ଛୁରି ଓ ତାଲା ଭାଙ୍ଗିବା ସାମଗ୍ରୀ ଜବତ କରାଯାଇଥିବା ଜଣାପଡ଼ିଛି। ଏଥିସହ ଘଟଣାସ୍ଥଳରୁ ପଶ୍ଚିମବଙ୍ଗ ନମ୍ବର ଡବ୍ଲୁବି ୦୨ ଜେଡ୍ ୯୭୫୬ ଥିବା ଗୋଟିଏ ଚାରିଚକିଆ ଗାଡ଼ି ମଧ୍ୟ ଜବତ ହୋଇଥିବାର ସୂଚନା ଦେଇଛନ୍ତି ବେତନଟି ଏସ୍‌ଡିପିଓ ମିନତି ବିଶ୍ୱାଳ। ଘଟଣା ସମୟର ସମ୍ପୂର୍ଣ୍ଣ ଗତିବିଧି ବ୍ୟାଙ୍କର ଉଚ୍ଚଓ କ୍ୟାମେରାରେ କଏଦ ହୋଇଥିବା ସୂଚନା ମିଳିଛି। ସିସିଟିଭି ଫୁଟେଜ୍ ଓ ଜବତ ସାମଗ୍ରୀକୁ ଆଧାର କରି ପୁଲିସ ତଦନ୍ତ ଆଗକୁ ବଢ଼ାଉଛି। ଗିରଫ ୭ ଜଣଙ୍କୁ ପଚରାଉଚରା କରାଯାଉଥିବା ବେଳେ ଏହି ଘଟଣା ପଛରେ ଆନ୍ତଃରାଜ୍ୟ ଗ୍ୟାଙ୍ଗ୍‌ର ସମ୍ପୃକ୍ତି ରହିଛି କି ନାହିଁ, ସେନେଇ ମଧ୍ୟ ତଦନ୍ତ ଚାଲିଛି। ସେହିପରି ସ୍ଥାନୀୟ ଅଞ୍ଚଳରୁ କେହି ସୂଚନା ଯୋଗାଇଥିଲେ କି ନାହିଁ, ତାହା ମଧ୍ୟ ଖୋଳତାଡ଼ କରୁଛି ପୁଲିସ। ତେବେ ପୁଲିସର ତତ୍କାଳ କାର୍ଯ୍ୟାନୁଷ୍ଠାନ ଯୋଗୁଁ ବ୍ୟାଙ୍କରୁ ଟଙ୍କା କିମ୍ବା ସମ୍ପତ୍ତି ଲୁଟ୍ ହେବା ପୂର୍ବରୁ ଉଦ୍ୟମକୁ ପଣ୍ଡ କରାଯାଇଥିବା ଜଣାପଡ଼ିଛି। ଏବେ ତଦନ୍ତ ଆଗକୁ ବଢ଼ିବା ସହ ଘଟଣା ପଛର ସମ୍ପୂର୍ଣ୍ଣ ଚିତ୍ର ସ୍ପଷ୍ଟ ହେବ।

# ବାରିପଦା ବସ୍ ମାଲିକ ସଂଘର ସାଧାରଣ ବୈଠକ

## ସମସ୍ୟା ସମାଧାନ ସହ ନୂତନ କର୍ମକର୍ତ୍ତା ଚୟନ

**ବାରିପଦା (ଅମୃତମିଡିଆ):** ବାରିପଦା ବସ ମାଲିକ ସଂଘ ପକ୍ଷରୁ ଅବସରପ୍ରାପ୍ତ କର୍ମଚାରୀ ଭବନ ପରିସରରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘର ସଦସ୍ୟମାନଙ୍କ ଉପସ୍ଥିତିରେ ଆୟୋଜିତ ଏହି ବୈଠକରେ ବସ ମାଲିକମାନେ ଦୈନନ୍ଦିନ ଭାବେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବସ ଚଳାଚଳ, ରୁଟ୍, ପାର୍କିଂ, ଯାତାୟାତ ବ୍ୟବସ୍ଥା, ଟ୍ୟାକ୍ସ ଓ ପରମିଟ୍, ଯାତ୍ରୀ ସୁବିଧା ସମେତ ପ୍ରଶାସନ ସହ ସମନ୍ୱୟ ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ସଦସ୍ୟମାନେ ନିଜ ମତାମତ ରଖିଥିଲେ । ସମସ୍ୟା ଗୁଡ଼ିକର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ସହ ସଂଘର ଏକତା ଓ ଶୃଙ୍ଖଳାକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ସଂଘର ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ନୂତନ କମିଟିରେ ହେମନ୍ତ କୁମାର ଦାସ ସଭାପତି, ଜ୍ୟୋତିରଞ୍ଜନ ମହାନ୍ତି ଉପସଭାପତି, ପ୍ରୟାଗରାଜ କର ସାଧାରଣ ସମ୍ପାଦକ, ରାକେଶ କୁମାର ସାହୁ ସମ୍ପାଦକ ଏବଂ ଭବାନୀ ଶଙ୍କର



ବେହେରା କୋଷାଧ୍ୟକ୍ଷ ଭାବେ ଚୟନ ହୋଇଛନ୍ତି । ସେହିପରି ରବୀନ୍ଦ୍ର ନାଥ ବେହେରା ଓ ସୁରେଶ ଚନ୍ଦ୍ର ସାହୁ ଉପଦେଷ୍ଟା ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ନୂତନ କର୍ମକର୍ତ୍ତାମାନେ ସଂଘର ନିୟମ ଅନୁଯାୟୀ ସମସ୍ତ ସଦସ୍ୟଙ୍କ ସ୍ୱାର୍ଥ ସୁରକ୍ଷା, ବସ ମାଲିକମାନଙ୍କ ସମସ୍ୟାର ସମାଧାନ ଏବଂ ଯାତ୍ରୀମାନଙ୍କୁ ଉନ୍ନତ ସେବା ଯୋଗାଇବା ଦିଗରେ ଏକତାବଦ୍ଧ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା ।

# ବିଶ୍ୱ ପ୍ରାଥମିକ ଉପଚାର ଦିବସ ଅନୁଷ୍ଠିତ

**ବାରିପଦା/ କରଞ୍ଜିଆ(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲା,କରଞ୍ଜିଆ ସ୍ଥିତ ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସେପ୍ଟେମ୍ବର ମାସ ଦ୍ୱିତୀୟ ଶନିବାର ୧୨ ତାରିଖ ଦିନ ବିଶ୍ୱ ପ୍ରାଥମିକ ଉପଚାର ଦିବସ ଅବସରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ପୃଷ୍ଟିଙ୍କ ସଭାପତିତ୍ୱରେ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଓଡ଼ିଆ ଅଧ୍ୟାପକ ଯୁବ ରେଡକ୍ରସ ପରାମର୍ଶ ଦାତା ତଥା ପ୍ରାଥମିକ ଉପଚାର ପ୍ରଶିକ୍ଷକ ମାନସ ରଞ୍ଜନ ବେହେରା ଓ ଯୁବ ରେଡକ୍ରସ ପରାମର୍ଶ ଦାତା ତଥା ଗୃହ ବିଜ୍ଞାନ ଅଧ୍ୟାପିକା ଶୁଭଦର୍ଶିନୀ ଶ୍ୱେତପଦ୍ମାଙ୍କ ନେତୃତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ,




କର୍ମଚାରୀ ତଥା ଉପସ୍ଥିତ ଥିବା ସମସ୍ତ ଛାତ୍ରୀମାନଙ୍କୁ ପ୍ରାଥମିକ ଉପଚାର ପ୍ରଶିକ୍ଷକ ମାନସ ରଞ୍ଜନ ବେହେରା,ପ୍ରାଥମିକ ଉପଚାର ଆମ ଦୈନନ୍ଦିନ ଜୀବନରେ କେତେ ମହତ୍ୱପୂର୍ଣ୍ଣ ତାହା ବିଷୟରେ ଅବଗତ କରାଇ ଥିଲେ । ନିଶ୍ୱାସ ବନ୍ଦ ହେଲେ, ରକ୍ତ ସ୍ରାବ ହେଲେ, ଖାଇବା ସମୟରେ ଖାଇବା ଲାଗିଗଲେ, କୁକୁର କାମୁଡିଲେ, ହୃଦଘାତ ହେଲେ , ବିଷ ପାନ କଲେ , ହାଡ ଭାଙ୍ଗି ଗଲେ , ସାପ କାମୁଡିଲେ ଆଦି ବିଷୟର ପ୍ରାଥମିକ ଉପଚାର ସମ୍ବନ୍ଧରେ କଣ କରିବେ କଣ କରିବେ ନାହିଁ ଆଦି ବିଷଦ ଭାବରେ ଯୁକ୍ତ ଦୁଇ ପ୍ରଥମ ଓ ଦ୍ୱିତୀୟବର୍ଷର ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସ୍ୱପ୍ନାରାଣୀ କିସ୍କୁ , ଯଶୋଦା ପ୍ରଧାନ , ତୁଳସୀ ହୋ , ନିବେଦିତା ସେଠୀ , ସୁନୀତା ବାରୀ , ଅପରାଜୀତା ବିଶ୍ୱାଳ , ପ୍ରଜ୍ଞା ପରମିତା ମହାନ୍ତ , ଲୀସାରାଣୀ ମହାନ୍ତ, ଶୁଭସ୍ମୀତା ଆରୁକ , ମୋନାଲିସା ରାଉଳ, ରୁକ୍ମଣୀ ସିଂ ତଥା ଓଡିଆ ଅଧ୍ୟାପକ ଜୟ କୁମାର ସାହା ଙ୍କ ସହଯୋଗ ରେ ବିଭିନ୍ନ କୌଶଳ ମାଧ୍ୟମରେ ବୁଝାଇ ଥିଲେ । ପ୍ରାଥମିକ ଉପଚାର ଦିବସ ପାଳନକୁ ସରସ ସୁନ୍ଦର କରିବା ପାଇଁ ଭୀମସେନ ବେହେରା ସହଯୋଗ କରିଥିଲେ।

# କୁସୁମୀ ବ୍ଲକ୍: କାଶୀଆବେଡ଼ାର ତାବୋଡ଼ଗଡ଼ା-ଗୋଡ଼ାସାହିରେ ବିଦ୍ୟୁତ୍ ଓ ରାସ୍ତା ଦାବି

## ମାସକ ମଧ୍ୟରେ ବିଦ୍ୟୁତ୍ ନ ମିଳିଲେ ହେବ ଆନ୍ଦୋଳନ

**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲା, କୁସୁମୀ ବ୍ଲକ, ଧାଙ୍ଗଡ଼ିମୁତା



ଗ୍ରାମପଞ୍ଚାୟତ ଅନ୍ତର୍ଗତ କାସିଆବେଡ଼ା ରାଜସ୍ୱ ଗ୍ରାମର ତାବୋଡ଼ଗଡ଼ା-ଗୋଡ଼ା ହାମ୍ଲେଟ୍ ?ରେ ୧୪ରୁ ଅଧିକ ଆଦିବାସୀ ପରିବାର ଦୀର୍ଘଦିନ ଧରି ବିଦ୍ୟୁତ ଓ ଉନ୍ନତ ରାସ୍ତା ସୁବିଧାରୁ ବଞ୍ଚିତ ଅଛନ୍ତି। ସମସ୍ୟା ସମ୍ପର୍କରେ ଖବର ପାଇ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଶୁଣିଥିଲେ। ଏହାସହ ସମ୍ପୃକ୍ତ ବିଦ୍ୟୁତ ଓ ପ୍ରଶାସନିକ ବିଭାଗର ଅଧିକାରୀଙ୍କ ନିକଟରେ ଶୀଘ୍ର ବିଦ୍ୟୁତ ସଂଯୋଗ ଓ ରାସ୍ତା ସୁବିଧା ଯୋଗାଇଦେବାକୁ ଦାବି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏନେଇ ଜିଲ୍ଲା ପ୍ରଶାସନ, ବନ ବିଭାଗ ଓ ବିଦ୍ୟୁତ ବିଭାଗ ନିକଟରେ ବାରମ୍ବାର ଦାବି ଜଣାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ। ବିଦ୍ୟୁତ ନଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ସହ ଗ୍ରାମବାସୀଙ୍କ ଦୈନନ୍ଦିନ ଜୀବନ ଓ କୃଷିକାର୍ଯ୍ୟ ପ୍ରଭାବିତ ହେଉଛି। ଏକ ମାସ ମଧ୍ୟରେ ବିଦ୍ୟୁତ ସଂଯୋଗ ଯୋଗାଇ ଦିଆ ନଗଲେ ଗ୍ରାମବାସୀଙ୍କ ସହ ଗଣତାନ୍ତ୍ରିକ ଓ ଶାନ୍ତିପୂର୍ଣ୍ଣ ଜନଆନ୍ଦୋଳନ କରାଯିବ ବୋଲି ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ଚେତାବନୀ ଦେଇଛନ୍ତି।

# ନଡ଼ାଛପର ସାଙ୍ଗକୁ ମୁକୁଳା ଘର, ପାଲଟିଛି ଆଶ୍ରୟସ୍ଥଳ



**ବାରିପଦା /ଉଦଳା(ଅମୃତମିଡିଆ):** କପ୍ତିପଦା ବ୍ଲକର ମଝିଗଡ଼ିଆ ପଂଚାୟତ ଅନ୍ତର୍ଗତ ଛତ୍ରାମ୍ବ ଗ୍ରାମର ବାସିନ୍ଦା ମୋତି ସିଂଙ୍କ ପରିବାର ନଡ଼ାଛପର ସାଙ୍ଗକୁ ମୁକୁଳା ଘରେ ଆଶ୍ରୟ ନେଇଛନ୍ତି । ଦିନମଜୁରିଆ ଭାବରେ କାମ କରି ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଏହି ପରିବାରକୁ ଆବାସ ଯୋଜନାରେ ଘର ମିଳିନଥିବାରୁ ଏପରି ଅବସ୍ଥାରେ ରାତି ବିତାଇବାକୁ ବାଧ୍ୟ ହୋଇଥିବାର ଜଣାଇଛନ୍ତି । ପରିବାରର ମୋଟ ସଦସ୍ୟ ୪ଜଣ ହୋଇଥିବା ବେଳେ ପାଇଖାନା ଓ ପାଣିପାଇଁ ତାଙ୍କୁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ଆର୍ଥିକ ଅବସ୍ଥା ଆଦୌ ଭଲ ନଥିବା ଯୋଗୁଁ ମୋତି ସିଂଙ୍କର ୨ପୁତ୍ର ମାଟ୍ରିକ ପାସ କରିବା ପରେ କଲେଜରେ ପାଠ ପଢ଼ିପାରିଲେ ନାହିଁ । ମାଟ୍ରିକ୍ ପାସ ପରେ ପାଠପଢ଼ାରେ ବାଧ ହୋଇ ଡ଼ୋରି ବାନ୍ଧିଥିବା ଏହି ୨ ପୁତ୍ର ସନ୍ତାନ ଦିନମଜୁରିଆ ଭାବରେ କାମ କରି ଏବେ ପରିବାର ଚଳାଉଛନ୍ତି । ଉକ୍ତ ପରିବାରକୁ ତୁରନ୍ତ ଆବାସ ଯୋଜନାରେ ଘରଟିଏ ଯୋଗାଇ ଦେବାକୁ ଜନଜାଗୃତି ମଂଚର ସଦସ୍ୟମାନେ ଅନୁରୋଧ ଜଣାଇଛନ୍ତି ।

# ଡିଭାଇନ କ୍ଲବ୍ ତରଫରୁ ଗଣେଶ ପୂଜା

**ବାରିପଦା(ଅମୃତମିଡିଆ):** ନଗରର ଡିଭାଇନ କ୍ଲବ୍ ଆନୁକୁଲ୍ୟରେ ୮ ମ ବାର୍ଷିକ ଗଣେଶ



ପୂଜା ଆନନ୍ଦ ଉଲ୍ଲାସରେ ସହ ଶୁଭାରମ୍ଭ ହୋଇଛି । ସାହିର ଆବାଳବୃଦ୍ଧବନିତା ସମୂହ ନବବସ୍ତ୍ର ପରିଧାନ କରି ଭୋଗରାଗ ଧରି ପୂଜାର୍ଚ୍ଚନା କରିଥିଲେ । ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଆସି ଗଣେଶଙ୍କ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଇଥିଲେ । କମିଟି ତରଫରୁ ସମସ୍ତଙ୍କୁ ଭୋଗରାଗ, ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା । ସଂଧ୍ୟାରେ କୁନି କୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସମସ୍ତେ ଆସି ଗଣେଶଙ୍କ ଆକର୍ଷଣୀୟ ମୃଣ୍ମୟ ମୂର୍ତ୍ତି, ଆଲୋକସଜ୍ଜା ପୂଜା ମଣ୍ଡପ ଦେଖିବା ସହ ଗଣେଶଙ୍କ ଆଶୀର୍ବାଦ ନିଅନ୍ତୁ ବୋଲି କମିଟି ତରଫରୁ ଅଞ୍ଚଳବାସୀଙ୍କୁ ଅନୁରୋଧ କରାଯାଇଛି।

# ଗ୍ରାମ ସ୍ତରୀୟ ଟାସ୍କଫୋର୍ସ ସ୍ୱେଚ୍ଛାସେବୀ ତାଲିମ

**ବାରିପଦା(ଅମୃତମିଡିଆ):** ଶୁଳିଆପଦା ବ୍ଲକ ଅନ୍ତର୍ଗତ ପାକଟିଆ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମୟୂରଭଞ୍ଜ ଏବଂ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ , ଭୁବନେଶ୍ୱରଙ୍କ ଆନୁକୂଲ୍ୟରେ ବିପର୍ଯ୍ୟୟ ଦ୍ୱାରା ହେଉଥିବା କ୍ଷୟକ୍ଷତିକୁ କମ କରିବା ଓ ବିପର୍ଯ୍ୟୟ ପରବର୍ତ୍ତୀ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ପାଇଁ କୌଶଳ ଏବଂ ସେ ସମୟରେ ପ୍ରାଥମିକ ଉପଚାର ସମ୍ବନ୍ଧୀୟ ସମସ୍ତ ପ୍ରକାର ବିଧି ବ୍ୟବସ୍ଥା ଓ ଜ୍ଞାନ କୌଶଳକୁ ଅଧିକ ବ୍ୟାପକ କରିବା ପାଇଁ ଗ୍ରାମ ସ୍ତରୀୟ ଟାସ୍କଫୋର୍ସ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରଯାଇଥିଲା । ୭ ଦିନ ଧରି ଅନୁଷ୍ଠିତ ଏହି ତାଲିମ୍‌ରେ ଉଫାଲଗଡିଆ ଗ୍ରାମ ପଞ୍ଚାୟତର ଗଣ୍ଡିଆଡ଼ିହା ଗ୍ରାମ, ଧାତିକା ଗ୍ରାମ ପଞ୍ଚାୟତର ଧାତିକା ଓ କୁକୁଡାଯୋଡି ଗ୍ରାମ ଏବଂ ପାକଟିଆ ଗ୍ରାମ ପଞ୍ଚାୟତର



ପାକଟିଆ, କେଉଟୁଣିମାରି ଓ ନେଦାଶୋଳ ଗ୍ରାମର ମୋଟ ୪୦ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଶୁଳିଆ ପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମୀସାଗର ମାଝି , ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି, ପାକଟିଆ ସରପଞ୍ଚ ସତ୍ୟବାନ ସିଂ, କୁଜିଡ଼ିହି ସରପଞ୍ଚ ଖଗେଶ୍ୱର ସିଂ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁମିତ ବିକ୍ରମ ନାୟକ ଓ ସ୍ୱାର୍ଡା ସ୍ୱେଚ୍ଛାସେବୀ ଅନୁଷ୍ଠାନ ମୋହନ ମୁର୍ମୁ ଉପସ୍ଥିତ ରହି ସମସ୍ତ ସ୍ୱେଚ୍ଛାସେବୀମାନଙ୍କୁ ଟ୍ରେନିଂର ସାର୍ଟିଫିକେଟ ପ୍ରଦାନ କରିବା ସହ ବିପର୍ଯ୍ୟୟ ପୂର୍ବ ଓ ପରବର୍ତ୍ତୀ ସମୟରେ ସ୍ୱେଚ୍ଛାସେବୀ ଭାବେ କାମ କଲେ ଅନେକ ଧନ ଜୀବନ ସୁରକ୍ଷିତ ରହିପାରିବ ଓ ସମ୍ଭାବ୍ୟ କ୍ଷୟକ୍ଷତି ଆଶଙ୍କାକୁ ଦୂର କରାଯାଇ ପାରିବ ବୋଲି ମତ ଦେଇଥିଲେ । ଓସ୍‌ଡମା ପକ୍ଷରୁ ମାଷ୍ଟର ଟ୍ରେନର ଭାବେ ମାନସୀ ମିଶ୍ର, ଜୁଲିମଣି ବେହେରା ଓ କବିତା ଘଡେଇ ଟ୍ରେନିଂ ପ୍ରଦାନ କରିଥିଲେ । ସ୍ୱାର୍ଡା ଅନୁଷ୍ଠାନ ତରଫରୁ ଉପେନ୍ଦ୍ରନାଥ ପାତ୍ର, ଗୋପବନ୍ଧୁ ସି ଓ ଅଜିତ କୁମାର ସି ସହଯୋଗ କରିଥିଲେ।

# ଜଳବନ୍ଦୀ ହୋଇ ରହିଛି ବାରିପଦା ଷ୍ଟେସନ ବନ୍ଧ

## ସୌନ୍ଦର୍ଯ୍ୟକରଣ ନାଁରେ ଷ୍ଟେସନ ବନ୍ଧ ସଙ୍କୁଚିତ

## ଆଉଟଲେଟ୍ ପୋତିଯିବାରୁ ଘରେ ପଶୁଛି ପାଣି



**ବାରିପଦା(ଅମୃତମିଡିଆ):** ବାରିପଦା ଷ୍ଟେସନ ବନ୍ଧର ସୌନ୍ଦର୍ଯ୍ୟକରଣ ଏବେ ଅଞ୍ଚଳବାସୀଙ୍କ ପାଇଁ ବିପଦର କାରଣ ପାଲଟିଛି । ସୌନ୍ଦର୍ଯ୍ୟକରଣ ପରେ ପୋଖରୀର ଜଳ ନିଷ୍କାସନ ବ୍ୟବସ୍ଥା ବିଗିଡ଼ିଥିବା ବେଳେ ପୂର୍ବରୁ ଥିବା ଦୁଇଟି ଆଉଟଲେଟ ପୋତି ଦିଆଯାଇଥିବାରୁ ବର୍ଷା ପାଣି ନିଷ୍କାସନ ହୋଇ ପାରୁନାହିଁ । ଫଳରେ ଜୋର ବର୍ଷା ହେଲେ ରାତି ଅଧିଆ ଲୋକଙ୍କ ଘରେ ପାଣି ପଶୁଛି । ଅନ୍ୟପଟେ ପୋଖରୀ ଆଡ଼ିର ଗାଡ଼ୱାଲ ମଧ୍ୟ ସାଇଡ ହୋଇଯିବାରୁ ବନ୍ଧକଡ଼ ବସ୍ତିବାସିନ୍ଦାଙ୍କ ମୁଣ୍ଡ ଉପରେ ଘନେଇଛି ବିପଦ । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ, ପୂର୍ବରୁ ପୋଖରୀର ପୂର୍ବ ଓ ପଶ୍ଚିମ ଦିଗରେ ଜଳ ନିଷ୍କାସନ ପାଇଁ ଦୁଇଟି ଆଉଟଲେଟ ଥିଲା । ପୋଖରୀରେ ପାଣି ବଢ଼ିଲେ ଏହି ଆଉଟଲେଟ ଦେଇ ଅତିରିକ୍ତ ପାଣି ନିଷ୍କାସିତ ହେଉଥିଲା । ହେଲେ ସୌନ୍ଦର୍ଯ୍ୟକରଣ ପରେ ଏହି ଜଳ ନିଷ୍କାସନ ବ୍ୟବସ୍ଥା ବନ୍ଦ କରିଦିଆଗଲା । ଫଳରେ ବର୍ଷା ହେଲେ ପୋଖରୀ ପାଣି ଅଞ୍ଚଳ ଲୋକଙ୍କ ଘରେ ପଶୁଛି । ପୋଖରୀ ସଂଲଗ୍ନ ରାସ୍ତା ଉପରେ ପାଣି ଚାଲିବା ଯୋଗୁଁ ଛୋଟଛୋଟ ଛୁଆମାନଙ୍କୁ ଅଙ୍ଗନବାଡି ଓ ସ୍କୁଲ ଛାଡିବାକୁ ଭୟ ଲାଗୁଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ । ପୋଖରୀ ଆଡ଼ିରେ ନିର୍ମାଣ ହୋଇଥିବା ଗାଡ଼ୱାଲ ମଧ୍ୟ ସାଇଡ ହୋଇଯାଇଥିବା ଅଭିଯୋଗ ହୋଇଛି । ଫଳରେ ବନ୍ଧକଡ଼ ବସ୍ତିରେ ରହୁଥିବା ଲୋକଙ୍କ ମଧ୍ୟରେ ଦେଖାଦେଇଛି ଆତଙ୍କ । କେତେ ବେଳେ ଯେ ଗାଡ଼ୱାଲ ଭୁଶୁଡ଼ି ପଡ଼ିବ, ସେନେଇ ଆଶଙ୍କାରେ ଅଛନ୍ତି ସ୍ଥାନୀୟ ଲୋକ । ଏହି ପୋଖରୀ ପୂର୍ବରୁ ତିନି କୋଣ ବିଶିଷ୍ଟ ଥିଲା । ତେଣୁ ଏହା ତିନିକୋଣିଆ ପୋଖରୀ ବା ତିନିକୋଣିଆ ବନ୍ଧ ନାମରେ ପରିଚିତ ଥିଲା । କିନ୍ତୁ ସୌନ୍ଦର୍ଯ୍ୟକରଣ ସମୟରେ ପୋଖରୀର ଅନେକ ଅଂଶ ପୋତି ଦିଆଯାଇ ଏହାର ଆକାର ଓ ଜଳଧାରଣ କ୍ଷମତା କମାଇ ଦିଆଗଲା ଯାହା ଆଦୌଗ୍ରହଣୀୟ ନୁହେଁ । ଏହି ପୋଖରୀ ସହ ବାରିପଦା ପୌରପରିଷଦର ୧୧ ଓ ୧୨ ନମ୍ବର ୱାର୍ଡର ଲୋକଙ୍କ ସିଧାସଳଖ ସମ୍ପର୍କ ରହିଛି । ଅନେକ ପରିବାର ଏହି ଜଳାଶୟ ଉପରେ ଦୈନିକ ଭାବେ ନିର୍ଭରଶୀଳ । ହେଲେ ନୂଆ ଡିଜାଇନ ଯୋଗୁଁ ପୋଖରୀର ପ୍ରାକୃତିକ ଜଳ ନିଷ୍କାସନ ବ୍ୟବସ୍ଥା ପ୍ରଭାବିତ ହୋଇଥିବା ଅଭିଯୋଗ କରୁଛନ୍ତି ଲୋକେ । ଗତ ତିନି ବର୍ଷ ହେଲାଣି ଏନେଇ ବାରମ୍ବାର ଅଭିଯୋଗ କରାଯାଉଛି ହେଲେ ସମସ୍ୟାର ସମାଧାନ ହୋଇପାରୁନାହିଁ. ସୌନ୍ଦର୍ଯ୍ୟକରଣ ଲୋକଙ୍କ ପାଇଁ ବରଦାନ ହେବା ବଦଳରେ ଅଭିଶାପ ପାଲଟିଛି । ଯଥାଶୀଘ୍ର ପୂର୍ବ ସ୍ଥିତି ଫେରାଇ ନଆଣିଲେ ଏବଂ ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ନକଲେ ଆଗକୁ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ବାସିନ୍ଦା କାଶୀନାଥ ଦାଶ, ସୁଚେତା ମହାନ୍ତି, ସନୀମା ମହାନ୍ତି ପ୍ରମୁଖ କହିଛନ୍ତି । ପୌରପରିଷଦ ଅଧ୍ୟକ୍ଷଙ୍କ କହିବା କଥା, ଷ୍ଟେସନ ବନ୍ଧର ପୁନର୍ନିର୍ମାଣ କାର୍ଯ୍ୟ ପାଇଁ ଦାୟିତ୍ୱ ପାଇଥିବା ଠିକାଦାର ନିର୍ଦ୍ଧାରିତ ସମୟରେ କାମ ସାରିନାହାନ୍ତି । ନିର୍ମାଣ କାର୍ଯ୍ୟରେ ଥିବା ତ୍ରୁଟି ଯୋଗୁଁ ଏଭଳି ସ୍ଥିତି ଉପୁଜିଥିବା ସେ ସ୍ୱୀକାର କରିଛନ୍ତି. ସ୍ଥିତି ଅନୁଧ୍ୟାନ ପାଇଁ ନିର୍ବାହୀ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ ଓ ନଗରପାଳ ନିଜେ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ବର୍ଷା ଛାଡ଼ିବା ମାତ୍ରେ ଆଗାମୀ ୧୦ ଦିନ ମଧ୍ୟରେ ଆଉଟଲେଟ ନିର୍ମାଣ କାମ ଆରମ୍ଭ କରାଯିବ । ଆବଶ୍ୟକ ପଡ଼ିଲେ ପମ୍ପ ବ୍ୟବହାର କରି ପାଣି ନିଷ୍କାସନ କରାଯିବ ବୋଲି କହିଛନ୍ତି ପୌରପରିଷଦ ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି । ତେବେ ସୌନ୍ଦର୍ଯ୍ୟକରଣ ନାଁରେ ଯଦି ଲୋକଙ୍କ ଜୀବନ ଓ ଜୀବିକା ପ୍ରଭାବିତ ହୁଏ, ତେବେ ଏହା କେତେଦୂର ଯୁକ୍ତିଯୁକ୍ତ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ପାଟଣା ବନାଞ୍ଚଳରେ ରେଞ୍ଜ ସ୍ତରୀୟ ସମୀକ୍ଷା ବୈଠକ

## ବନ ପରିଚାଳନା ସହ ମଣିଷ-ହାତୀ ସଂଘର୍ଷ ନିରାକରଣ ଉପରେ ଗୁରୁତ୍ୱ

**ବାରିପଦା / ସାହାରପଡ଼ା(ଅମୃତମିଡିଆ):** କେନ୍ଦୁଝର ବନଖଣ୍ଡ, ପାଟଣା ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଆଜି ରେଞ୍ଜ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ନୂତନ ଭାବେ ପାଟଣା ବନାଞ୍ଚଳରେ ଯୋଗଦେଇଥିବା ରେଞ୍ଜ ଅଫିସର ଆର୍ତ୍ତତ୍ରାଣ ମିର୍ଦ୍ଧାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବନ ପରିଚାଳନା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ବୈଠକରେ ବିଦ୍ୟୁତ ପ୍ରହରୀ କାର୍ଯ୍ୟକ୍ରମ ଓ ବିଦ୍ୟୁତ ସୁରକ୍ଷା ନିରୀକ୍ଷଣ, ପ୍ରଥମ ବର୍ଷର ବୃକ୍ଷରୋପଣର ଜୀବନ୍ତତା ହାର, ବାଉଁଶ, ପଶୁଖାଦ୍ୟ ଓ ଫଳଜାତୀୟ ଚାରାରୋପଣ ଏବଂ ଚାରା ବଣ୍ଟନ ନେଇ ଆଲୋଚନା ହୋଇଥିଲା। ଏଥିସହ ସୌର ଆଲୋକ ବ୍ୟବସ୍ଥା, ଭିଏସ୍‌ଏସ୍ ରିଭଲଭିଂ ଫଣ୍ଡ ଋଣ ପରିଶୋଧ ଏବଂ ବନ ସୁରକ୍ଷା ସମ୍ପର୍କିତ



ବିଭିନ୍ନ କାର୍ଯ୍ୟର ଅଗ୍ରଗତି ମଧ୍ୟ ସମୀକ୍ଷା କରାଯାଇଥିଲା। ବିଶେଷକରି ମଣିଷ-ହାତୀ ସଂଘର୍ଷ ନିରାକରଣ ଦିଗରେ ନିଆଯାଉଥିବା ପଦକ୍ଷେପ, ହାତୀ ଚଳାଚଳ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ଏବଂ ଅନୁକମ୍ପା ସର୍ଭେ ଅନୁମୋଦନ ସମ୍ପର୍କିତ ବିଷୟ ଉପରେ ମଧ୍ୟ ଆଲୋଚନା ହୋଇ ଆବଶ୍ୟକ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ପାଟଣା ବନାଞ୍ଚଳ ଅଧୀନରେ କାର୍ଯ୍ୟରତ ସମସ୍ତ ଫରେଷ୍ଟର, ଫରେଷ୍ଟ ଗାର୍ଡ, ପାରା କର୍ମଚାରୀ ଏବଂ ଏନ୍‌ଜିଓ ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ। ବନପାଳ ଶ୍ରୀ ନିରଞ୍ଜନ ସେଠୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବୈଠକ ଶେଷରେ ସାହାରପଡ଼ା ସେକ୍ସନର ଗୁରୁଚରଣ ମହାନ୍ତଙ୍କୁ ନୟା ଜଗନ୍ନାଥପୁର ଅଞ୍ଚଳରେ ପ୍ଲାଣ୍ଟେସନର ଉତ୍ତମ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା। ବନଖଣ୍ଡ ଅଧିକାରୀଙ୍କ ପକ୍ଷରୁ ତାଙ୍କୁ ମାନପତ୍ର ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଶେଷରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯିବା ପରେ ବୈଠକ ସମାପ୍ତ ହୋଇଥିଲା।



# ବିଶ୍ୱକର୍ମା ରାଜମିସ୍ତ୍ରୀ, କାରିଗର ସଂଘର ବାର୍ଷିକୋତ୍ସବ; ସାଙ୍ଗଠନିକ ଅଭିବୃଦ୍ଧି ପାଇଁ ନିଷ୍ପତ୍ତି

**ଦିଗପହଣ୍ଡି (ଅମୃତ ମିଡିଆ):** ଗଞ୍ଜାମ ଜିଲା ଦିଗପହଣ୍ଡିସ୍ଥିତ ଗୁପ୍ତେଶ୍ୱର ଶୈବପୀଠ ପ୍ରାଙ୍ଗଣରେ ମଙ୍ଗଳବାର ଖେମୁଣ୍ଡି ଆଞ୍ଚଳିକ ବଶ୍ୱକର୍ମା ରାଜମିସ୍ତ୍ରୀ ଓ କାରିଗର ସଂଘର ୧୭ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି।

ସଂଘର କାର୍ଯ୍ୟକର୍ତ୍ତା ଶିବ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଆଇନଜୀବୀ କୁରେଶୁ ପଣ୍ଡା ଯୋଗଦେଇ ନିର୍ମାଣ ଶ୍ରମିକ ମାନଙ୍କ ପାଇଁ ରହିଥିବା ବିଭିନ୍ନ ସରକାରୀ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ଦିଗପହଣ୍ଡି ବ୍ଲକସ୍ତରରେ ନିର୍ମାଣ ଶ୍ରମିକମାନଙ୍କୁ ସଂଗଠିତ କରି ସେମାନଙ୍କ ସମସ୍ୟାର



ସ୍ଥାୟୀ ସମାଧାନ କରାଯିବା ନିମନ୍ତେ ମତପ୍ରକାଶ କରିଥିଲେ।

ସେହିପରି ସଂଘର ସାଙ୍ଗଠନିକ ଅଭିବୃଦ୍ଧି କିପରି କରାଯିବ ସେନେଇ ସଭାରେ ବିଧିବଦ୍ଧ ପ୍ରସ୍ତାବ ଗୃହୀତ କରାଯାଇଥିଲା। ଲେବର କାର୍ଡ ଥିବା ନିର୍ମାଣ ଶ୍ରମିକ ଏବଂ ତାଙ୍କ ପରିବାର ବର୍ଗଙ୍କୁ ସରକାରୀ ସହାୟତା, ସେମାନଙ୍କ ସନ୍ତାନମାନଙ୍କୁ ଉଚ୍ଚ ଶିକ୍ଷା ପାଇଁ ସହାୟତା, ବୈବାହିକ ସହାୟତା ଏବଂ ମୃତ୍ୟୁ କାଳୀନ ସରକାରୀ ପାଇଁ ଆବେଦନ କରିଥିବା ସମସ୍ତ ନିର୍ମାଣ ଶ୍ରମିକମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ ନିମନ୍ତେ ସଂଘ ପକ୍ଷରୁ ବ୍ରହ୍ମପୁରସ୍ଥିତ ଶ୍ରମ ଯୁଗ୍ମ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ନିମନ୍ତେ ସଭାରେ ନିଷ୍ପତ୍ତି ନିଆଯାଇଥିଲା।

କୃଷକ ସଭାର ଗଞ୍ଜାମ ଜିଲା ସମ୍ପାଦକ ପି. ଶିବ ଶଙ୍କର ଯୋଗ ଦେଇ ଶ୍ରମିକମାନଙ୍କ ବିଭିନ୍ନ ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ। ସଭାରେ ସଂଘର ପ୍ରମୁଖ କାର୍ଯ୍ୟକର୍ତ୍ତା ଉପେନ୍ଦ୍ର ବେହେରା, କୈଳାଶ ମହାରଣା, ସଇତ ସାହୁ, କୃଷ୍ଣ ଗୌଡ଼, ପର୍ଶୁ ରେଡ୍ଡୀ, ବୁଲୁ ଗୌଡ଼, ସୁରେଶ ପାତ୍ର ଯୋଗଦେଇ ବିଭିନ୍ନ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଅଗ୍ନିକାଣ୍ଡର ୩ ମାସ ପରେ ବି ଖୋଲୁନି ମୁଖ୍ୟ ଡାକଘର
## ଆସିକାରେ ଡାକସେବା ଠପ୍

**ଆସିକା (ଅମୃତ ମିଡିଆ):** ଆସିକାରେ ଡାକ ସେବା ଏବେ ଗୁରୁତର ଭାବେ ପ୍ରଭାବିତ। ଗତ ଜୁନ ୭ ତାରିଖରେ ଆସିକା ଡାକ ମଣ୍ଡଳ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ କାଗଜପତ୍ର, କମ୍ପ୍ୟୁଟର, ଆସବାବପତ୍ର ସମେତ ବହୁ ଜରୁରୀ ସାମଗ୍ରୀ ନଷ୍ଟ ହୋଇଥିଲା। ଘଟଣାକୁ ପ୍ରାୟ ୩ ମାସ ବିତିଯାଇଥିଲେ ମଧ୍ୟ ମୁଖ୍ୟ ଡାକଘର ସ୍ୱାଭାବିକ ଭାବେ କାର୍ଯ୍ୟକ୍ଷମ ହୋଇନଥିବାରୁ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି।

ଅଗ୍ନିକାଣ୍ଡର ପ୍ରକୃତ କାରଣ କ'ଣ ଥିଲା, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ନେଇ ମଧ ପ୍ରଶ୍ନ ଉଠୁଛି। ଆସିକା ଡାକ ମଣ୍ଡଳ ଅଧୀନରେ ଆସିକା ଓ ଭଞ୍ଜନଗର ହେଡ୍ ପୋଷ୍ଟ ଅଫିସ ସମେତ ପ୍ରାୟ ୪୫ଟି ସବ୍-ପୋଷ୍ଟ ଅଫିସ ଓ ୨୮୭ଟି ବ୍ରାଞ୍ଚ ପୋଷ୍ଟ ଅଫିସ ରହିଥିବା ବେଳେ ଏହା ଉପରେ ବହୁ ସଂଖ୍ୟକ ଗ୍ରାହକ ନିର୍ଭରଶୀଳ। ଅଗ୍ନିକାଣ୍ଡ ପରେ ଆସିକା ସହରର ସୁନାମ, ଖମ୍ବେଶ୍ୱରୀପାଟଣା ଓ ବସଷ୍ଟାଣ୍ଡସ୍ଥିତ ପୋଷ୍ଟ ଅଫିସ ଜରିଆରେ ବିଭିନ୍ନ ଡାକ ସେବା ଯୋଗାଇ ଦିଆଯାଉଛି। ତେବେ କେଉଁ କାର୍ଯ୍ୟ କେଉଁ ଡାକଘରରେ ହେଉଛି, ତାହା ନେଇ ଗ୍ରାହକମାନେ ସ୍ପଷ୍ଟ ସୂଚନା ପାଇପାରୁନଥିବା ଅଭିଯୋଗ ହେଉଛି। ସୁନାମ ପୋଷ୍ଟ ଅଫିସରେ ଟଙ୍କା ଜମା ଓ ଉଠାଣ, ବସଷ୍ଟାଣ୍ଡ ପୋଷ୍ଟ ଅଫିସରେ ଚିଠିପତ୍ର ବୁକିଂ ଏବଂ ଖମ୍ବେଶ୍ୱରୀପାଟଣା ପୋଷ୍ଟ ଅଫିସରେ ପିଏଲଆଇ ଇନ୍‌ସୁରାନ୍ସ ସମ୍ବନ୍ଧୀୟ କାର୍ଯ୍ୟ ଚାଲୁଥିବା ଜଣାପଡ଼ିଛି। ଫଳରେ ଟଙ୍କା ଜମା, ଉଠାଣ, ରେଜିଷ୍ଟ୍ରି, ଫିକ୍ସଡ୍ ଡିପୋଜିଟ୍, ଆଧାର, ପାସପୋର୍ଟ ଓ ଅନ୍ୟାନ୍ୟ ସେବା ପାଇଁ ଲୋକଙ୍କୁ ବିଭିନ୍ନ ସ୍ଥାନକୁ ଯିବାକୁ ପଡୁଛି। ବିଶେଷକରି ପାସପୋର୍ଟ ସେବା ପ୍ରଭାବିତ ହୋଇଥିବା ନେଇ ଗ୍ରାହକମାନେ ଅଭିଯୋଗ କରୁଛନ୍ତି। ଅନଲାଇନ୍‌ରେ ଆସିକା ଲୋକେସନ୍ ଦେଖାଯାଉଥିବାରୁ ଆବେଦନ କରିବା ପରେ ଅସୁବିଧା ହେଉଥିବା ଏବଂ ଶେଷରେ ବ୍ରହ୍ମପୁର ଡାକଘର ଉପରେ ନିର୍ଭର କରିବାକୁ ପଡୁଥିବା ଅଭିଯୋଗ ରହିଛି। ଏପଟେ ଡାକ କାର୍ଯ୍ୟାଳୟଗୁଡ଼ିକରେ ପୁରୁଣା କମ୍ପ୍ୟୁଟର ବ୍ୟବହାର ହେଉଥିବା ସହ ବିଦ୍ୟୁତ ବିଭ୍ରାଟ ସମୟରେ ୟୁପିଏସ୍ ସୁବିଧା ଠିକ୍ ଭାବେ କାମ କରୁନଥିବା ଅଭିଯୋଗ ମଧ୍ୟ ଆସିଛି। ଫଳରେ ହଠାତ୍ ବିଦ୍ୟୁତ କଟିଗଲେ କମ୍ପ୍ୟୁଟର ବନ୍ଦ ହୋଇ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା କୁହାଯାଉଛି। ଆହୁରି ଚିନ୍ତାଜନକ ବିଷୟ ହେଉଛି, କେତେକ କାର୍ଯ୍ୟାଳୟରେ ଆବଶ୍ୟକ ଅନୁଯାୟୀ ଚେୟାର ଓ ଟେବୁଲ ନଥିବାରୁ କର୍ମଚାରୀମାନେ ଅସୁବିଧାରେ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଏହା ସହ କାର୍ଯ୍ୟାଳୟର ଉପରିସ୍ଥ ଅଧିକାରୀମାନେ କାର୍ଯ୍ୟ ସବୁ ଠିକ୍‌ଠାକ୍ ଚାଲୁଥିବା ନେଇ ରିପୋର୍ଟ ଦେବା ପାଇଁ କର୍ମଚାରୀଙ୍କ ଉପରେ ଚାପ ପକାଉଥିବା ନେଇ ମଧ ଅଭିଯୋଗ ରହିଛି। ପ୍ରତିଦିନ ଡାକ ସେବା ପାଇଁ ଗ୍ରାହକମାନେ ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ଠିଆ ହେଉଥିବା ସତ୍ତ୍ୱେ ଆବଶ୍ୟକ ସେବା ନପାଇ ନିରାଶ ହୋଇ ଫେରୁଥିବା ଚିତ୍ର ଏବେ ସାଧାରଣ ହୋଇପଡ଼ିଛି। ଲକ୍ଷାଧିକ ଗ୍ରାହକଙ୍କ ଦୈନନ୍ଦିନ ଜୀବନ ସହ ଜଡ଼ିତ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସରକାରୀ ସେବା ଦୀର୍ଘଦିନ ଧରି ବ୍ୟାହତ ରହିବା ନେଇ ବୁଦ୍ଧିଜୀବୀ ମହଲରେ ମଧ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ, ଜନବସତି ଅଞ୍ଚଳରେ ଡାକ ମଣ୍ଡଳ କାର୍ଯ୍ୟାଳୟ ରହିବାର ନିୟମ ଥିବା ସତ୍ତ୍ୱେ ଆସିକା ଚିନିଶିଳ୍ପ ନୂଆଗାଁରେ ଅସ୍ଥାୟୀ ଭାବେ ସୁପରିଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ଚାଲୁଥିବା ନେଇ ମଧ ପ୍ରଶ୍ନ ଉଠିଛି। ଏହି ପରିସ୍ଥିତିରେ ମୁଖ୍ୟ ଡାକଘରକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ସହ ସମସ୍ତ ଡାକ ସେବାକୁ ସ୍ୱାଭାବିକ କରିବା ପାଇଁ ଦାବି ଜୋର ଧରିଛି।

ଲକ୍ଷାଧିକ ଲୋକଙ୍କ ସହ ଜଡ଼ିତ ଡାକ ସେବା ଯଦି ଏଭଳି ଭାବେ ଅନିଶ୍ଚିତତା ମଧ୍ୟରେ ରହେ, ତେବେ ଏହା କେବଳ ପ୍ରଶାସନିକ ସମସ୍ୟା ନୁହେଁ, ବରଂ ସାଧାରଣ ଲୋକଙ୍କ ଅଧିକାର ଓ ଆବଶ୍ୟକ ସେବା ସହ ଜଡ଼ିତ ଏକ ଗୁରୁତର ପ୍ରସଙ୍ଗ ବୋଲି କଂଗ୍ରେସ ନେତା ତଥା ପର୍ଯ୍ୟବେକ୍ଷକ ମନୋରଞ୍ଜନ ପଣ୍ଡା ମତ ପ୍ରକାଶ କରିଛନ୍ତି ।

# ଶୁଣିଲାନି ପ୍ରଶାସନ, ରାସ୍ତା ନିର୍ମାଣ କଲେ ଗ୍ରାମବାସୀ



**ପାରଳାଖେମୁଣ୍ଡି (ଅମୃତ ମିଡିଆ):** ରାସ୍ତା ନିର୍ମାଣ ପାଇଁ ପ୍ରଶାସନକୁ ବାରମ୍ବାର ନିବେଦନ ପରେ ମଧ ପ୍ରଶାସନ ଶୁଣିଲେନି, ରାସ୍ତା ନିର୍ମାଣ ହୋଇପାରିଲାନାହିଁ. ପରେ ଗ୍ରାମବାସୀମାନେ ମିଳିତ ବୈଠକ କରି ନିଷ୍ପତ୍ତି ନେଲେ, ନିଜ ଗ୍ରାମ ରାସ୍ତା ନିଜେ ନିର୍ମାଣ କରିବେ । ଏଭଳି ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ଆର୍. ଉଦୟଗିରି ବ୍ଲକ୍ ଗାଣ୍ଡୁପଦର ଗ୍ରାମରେ. ଗାଣ୍ଡୁପଦର ଗ୍ରାମରୁ ନିଜ ପଞ୍ଚାୟତ କାର୍ଯାଳୟକୁ ଯିବାକୁ ହେଲେ ୧୫ କିଲୋମିଟର ଦୂର ପଡୁଛି ଓ ହେଲେ ଗ୍ରାମରୁ ଯିବା ପାଇଁ ଯାନବାହନର କୌଣସି ସୁବିଧା ନଥୁବା ହେତୁ ଅନ୍ୟ ଏକ ରାସ୍ତା ଏହି ଗ୍ରାମ ଲୋକଙ୍କ ପାଇଁ ପାଲଟିଛି ଶାହା ଭରସା । ଫଳରେ ଗ୍ରାମବାସୀଙ୍କୁ ସେହି ରାସ୍ତା ଦେଇ ଦୈନନ୍ଦିନ ବଜାରଘାଟ, ସବୁକିଛି ପାଇଁ ପଞ୍ଚାୟତକୁ ଯିବାକୁ ପଡୁଛି। ଗାଁରେ ୧୮ ଗୋଟି ପରିବାର ବସବାସ କରୁଥିବା ବେଳେ ଏହି ପାହାଡ଼ିଆ ପଥୁରିଆ ରାସ୍ତା ନିର୍ମାଣ କରିବା ପାଇଁ ବାରମ୍ବାର ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପାଖରେ ଅଭିଯୋଗ କରିଥିଲେ ମଧ୍ୟ ରାସ୍ତା ନିର୍ମାଣ ହୋଇନାହିଁ । ଶେଷରେ ବାଧ୍ୟ ହୋଇ ଲୋକେ ଗ୍ରାମର ମହିଳା ଓ ପୁରୁଷ ଏକତ୍ରିତ ହୋଇ କୋଡ଼ି କୋଦାଳ ଧରି ଗାଁ ରାସ୍ତାକୁ ନିଜେ ମରାମତି କରିଛନ୍ତି ।

# ଭକ୍ତିଭାବ ସହ ମହାଡମ୍ବରରେ ବିଘ୍ନରାଜଙ୍କ ପୂଜା

**ପୋଲସରା (ଅମୃତ ମିଡିଆ):** ଚଳିତ ଭାଦ୍ରବ ପବିତ୍ର ଚତୁର୍ଥୀ ଦିବସରେ ପୋଲସରା ଅଞ୍ଚଳର ବହୁ ଧୁମ୍ ଧାମ୍, ବର୍ଣ୍ଣାଢ୍ୟ ରଙ୍ଗୀନ ଆଲୋକରେ ସୁସଜ୍ଜିତ ବିଭିନ୍ନ ସଙ୍ଗଠନ , ସମସ୍ତ ଶିକ୍ଷାନୁଷ୍ଠାନ, ବଜାର, ପ୍ରତ୍ୟେକ ସାହି, ବ୍ୟାଙ୍କ ଗୁଡ଼ିକରେ ବିଘ୍ନରାଜ ଗଣେଶଙ୍କ ପର୍ବ ପାଳନ କରାଯାଉଅଛି । ପାଞ୍ଚ ଦିବସ ସକାଶେ ଛୁଟି ଅବସରରେ ବିଶେଷ କରି ଛୋଟ ଛୋଟ ପିଲା ଏବଂ ଯୁବଗର୍ବଙ୍କ ମଧରେ ଆନନ୍ଦ ଉଲ୍ଲାସ ଖେଳି ଯାଇଛି । ଫଳରେ ଉମାସୁତ ଶ୍ରୀ ଗଣେଶଙ୍କ ପୂଜା ସର୍ବତ ବହୁ ଉତ୍ସାହ ଉଦ୍ଦୀପନା ଏବଂ ଭକ୍ତିଭାବ ସହକାରେ ହେଉଥିବାର ଦେଖିବାକୁ ମିଳିଛି। ପ୍ରତିଦିନ ସକାଳ ଏବଂ ସନ୍ଧ୍ୟା ସମୟରେ ଷୋଡଶ ପୂଜା,ଆଳତି,ପୁଷ୍ପାଞ୍ଜଳି ସମୟରେ ପ୍ରବଳ ଜନଗହଳି ହେଉଥିବାର ଦେଖିବାକୁ ମିଳୁଛି। ବିଶେଷ କରି ପୋଲସରା ସହରର ପ୍ରତ୍ୟେକ ଗଳି କନ୍ଦି, ସାହି, ମୁଖ୍ୟସଡ଼କ ଉଭୟ ପାର୍ଶ୍ୱରେ ପ୍ରଭୁ ଲମ୍ବୋଦରଙ୍କ ପୂଜା ନିତିକାନ୍ତି ବିଧିବିଧାନ ପୂର୍ବକ କରାଯିବା ସହିତ ଆଧାତ୍ମିକ ଧାର୍ମିକ ଭଜନ,ସଂଗୀତ,ଘଣ୍ଟ ବାଦ୍ୟ କାହାଳୀ ଏବଂ ହୁଳହୁଳି ଶବ୍ଦରେ ସମଗ୍ର ପୋଲସରା ସହର ପ୍ରକମ୍ପିତ ହେଉଅଛି।




ଭକ୍ତ, ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ଏବଂ ପ୍ରସାଦ ସେବନ କରି ପ୍ରଭୁଙ୍କ ଦର୍ଶନ ଲାଭ କରି ଘରକୁ ଫେରୁଥିବାର ଦେଖିବାକୁ ମିଳୁଛି। ସତେ ଯେପରି ସମଗ୍ର ପୋଲସରା ସହର ଏକ ନବବଧୂରେ ସଜେଇ ହୋଇଥିବାର ଆକର୍ଷଣୀୟ ଦୃଶ୍ୟ ସୃଷ୍ଟି କରିଛି । ଚଳିତ ବର୍ଷ କେବଳ ପୋଲସରା ପୌର ପରିଷଦର ୨୧ ଗୋଟି ୱାର୍ଡରେ ଛୋଟ ବଡ଼ ମିଶି ଶତାଧିକ ସଂଖ୍ୟାରେ ମେଢ଼ ପୂଜା ପାଉଅଛି ।ଆଇନ ଶୃଙ୍ଖଳା ଦୃଷ୍ଟିରୁ ସ୍ଥାନୀୟ ପୋଲିସ ବିଭାଗ ପକ୍ଷରୁ ପାଟ୍ରୋଲିଂ ଜରିଆରେ ସତର୍କ ଦୃଷ୍ଟି ରଖାଯାଇଛି । ତେବେ ପରିବେଶ ଓ ପାଣିକୁ ଦୁଷିତ ହେବାରୁ ରକ୍ଷା କରିବାକୁ ସ୍ୱତନ୍ତ୍ର କୃତ୍ରିମ ଗାଡ଼ିଆ ଖୋଳାଯାଇ ସମସ୍ତ ମୂର୍ତ୍ତି ଗୁଡ଼ିକୁ ବିସର୍ଜନ କରିବାକୁ ପୋଲସରା ଜିଲ୍ଲା ମୂର୍ତ୍ତି କାରୀଗର, ପଟ୍ଟଚିତ୍ର ଓ ରଙ୍ଗତୁଳୀ କଳାକାର ସଙ୍ଘ ପକ୍ଷରୁ ପ୍ରଶାସନକୁ ଅନୁରୋଧ କରାଯାଇଛି।

# ଭଞ୍ଜଶ୍ରୀ ପଣ୍ଡିତ ଶ୍ରୀଧର ଶତପଥୀଙ୍କ ୧୧୩ତମ ଜୟନ୍ତୀ

**ଭଞ୍ଜନଗର (ଅମୃତ ମିଡିଆ):** ଘୁମୁସର ମାଟିର ବିଶିଷ୍ଟ ଜ୍ୟୋତିଷ, ଭଞ୍ଜ ସାହିତ୍ୟର ପାଣ୍ଡିତ୍ୟପୂର୍ଣ୍ଣ ସାଧକ, ଗବେଷକ ତଥା ବିଶିଷ୍ଟ ସାହିତ୍ୟିକ ଭଞ୍ଜଶ୍ରୀ ପଣ୍ଡିତ ଶ୍ରୀଧର ଶତପଥୀଙ୍କ ୧୧୩ତମ ଜୟନ୍ତୀ ଆଜି ଜାମପଲ୍ଲିସ୍ଥିତ କାଳିଞ୍ଜୀ ସମାଜ ଗୃହର ସଭାମଞ୍ଚରେ ଶ୍ରଦ୍ଧା ଓ ଭାବଗମ୍ଭୀର ପରିବେଶରେ ପାଳିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ବିକାଶ ପରିଷଦ, ଭଞ୍ଜନଗର ଶାଖା ଏବଂ ଭଞ୍ଜଶ୍ରୀ ପଣ୍ଡିତ ଶ୍ରୀଧର ଶତପଥୀ ଫାଉଣ୍ଡେସନ, ଭଞ୍ଜନଗର, ଗଞ୍ଜାମର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ସ୍ମୃତିଚାରଣ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଅନୁଷ୍ଠାନର ସଭାପତି ଜଗବନ୍ଧୁ ଜେନା । କାର୍ଯକ୍ରମ କୁ ଅନୁଷ୍ଠାନର ଉପସଭାପତି ସନ୍ତୋଷ ଜେନା ସଂଯୋଜନା କରିଥିବାବେଳେ ସଂପାଦକ ତ୍ରିନାଥ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ରୂପେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ କୃତିବାସ ବିଶ୍ୱାଳ ଓ ଅନ୍ୟତମ ପ୍ରାକ୍ତନ ଅଧକ୍ଷ ଡକ୍ଟର ପୂର୍ଣ୍ଣଚନ୍ଦ୍ର ତ୍ରୀପାଠୀ,ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘର



ରାଜ୍ୟ ସଭାପତି ବିଭୁତି ଭୂଷଣ ଜେନା, ସଂସ୍କୃତି ଗବେଷକ ତଥା ପଣ୍ଡିତ ଶ୍ରୀଧର ଶତପଥୀଙ୍କ ସୁପୁତ୍ର ସୁରେନ୍ଦ୍ର କୁମାର ଶତପଥୀ ପ୍ରମୁଖ ମଞ୍ଚାସୀନ ରହି ଆଲୋଚନାରେ ଅଂଶ ଗ୍ରହଣ କରିବା ସହ ସ୍ମୃତିଚାରଣ କରିଥିଲେ । ଶ୍ରୀଧର ଶତପଥୀ ଫାଉଣ୍ଡେସନ ତରଫରୁ ଚଳିତ ବର୍ଷ ନିମିତ୍ତ ପ୍ରଫେସର କୃତିବାସ ବିଶ୍ୱାଳ ଙ୍କୁ ଭଞ୍ଜଶ୍ରୀ ଶ୍ରୀଧର ଶତପଥୀ ସ୍ମୃତି ସମ୍ମାନ-୨୦୨୬ ପ୍ରଦାନ କରାଯାଇଥିଲା । ସେହିପରି ଘୁମୁସର ଅଞ୍ଚଳର କିଛି ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ୍ ଯଥା:- ଡକ୍ଟର ପୂର୍ଣ୍ଣଚନ୍ଦ୍ର ତ୍ରୀପାଠୀ, ଅରୁଣାଞ୍ଚଳ ପତି, ତ୍ରିନାଥ ବେହେରା,ଗୋପାଳ ଚନ୍ଦ୍ର ଲେଙ୍କା, ସୁଜାତା ସିଂ, ନେତାଜୀ ବିଷୋୟୀ, ଅଶୋକ କୁମାର ସ୍ୱାଇଁ ପ୍ରମୁଖଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯକ୍ରମ ପ୍ରାରମ୍ଭରେ ଅଧ୍ୟାପକ ଅଶୋକ ସ୍ୱାଇଁ, ଅଧ୍ୟାପକ ଦୁର୍ଗାମାଧବ ଦାସ ଏବଂ କଣ୍ଠ ଶିଳ୍ପୀ ରୀନା ସେଠୀ ଭଞ୍ଜ ସଂଗୀତ ପରିବେଷଣ କରିଥିଲେ। ଘୁମୁସରର ବିଶିଷ୍ଟ କବି ପ୍ରଶାନ୍ତ ମହାନ୍ତି,ଘୁମୁସର ସମ୍ବାଦର ପ୍ରତିଷ୍ଠାତା ନେତାଜୀ ବିଷୋୟୀ, ପ୍ରାବନ୍ଧିକ ଆରୁଞ୍ଜଳପତି, ଗୋବରା ସ୍ଥିତ ଉପେନ୍ଦ୍ର ଭଞ୍ଜ ସାହିତ୍ୟ ପରିଷଦର ପ୍ରତିଷ୍ଠାତା ଗୋପାଳ ଚନ୍ଦ୍ର ଲେଙ୍କା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପ୍ରକାଶ ଥାଉକି ପଣ୍ଡିତ ଶ୍ରୀଧର ଶତପଥୀ ଘୁମୁସର ଅଞ୍ଚଳର ସାହିତ୍ୟ, ସଂସ୍କୃତି ଓ ଗବେଷଣା କ୍ଷେତ୍ରରେ ଏକ ଅନନ୍ୟ ପ୍ରତିଭା ଭାବେ ନିଜର ସ୍ୱତନ୍ତ୍ର ପରିଚୟ ଛାଡ଼ିଯାଇଛନ୍ତି। ବିଶେଷକରି ଭଞ୍ଜ ସାହିତ୍ୟ ଉପରେ ତାଙ୍କର ଗଭୀର ପାଣ୍ଡିତ୍ୟ ଓ ଗବେଷଣା ତାଙ୍କୁ ସାହିତ୍ୟ ଜଗତରେ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି। ତାଙ୍କର ସାହିତ୍ୟସାଧନା ଓ ଅବଦାନ ପାଇଁ ସେ ଆର୍ତ୍ତତ୍ରାଣ ପୁରସ୍କାର ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପରି ମର୍ଯ୍ୟାଦାପୂର୍ଣ୍ଣ ସମ୍ମାନରେ ସମ୍ମାନିତ ହୋଇଥିଲେ। ଗବେଷଣା କ୍ଷେତ୍ରରେ ଅବଦାନ ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ ତାଙ୍କୁ ଅଙ୍ଗବସ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠିତ ଏହି ୧୧୩ତମ ଜୟନ୍ତୀ ଅବସରରେ ତାଙ୍କର ସାହିତ୍ୟସାଧନା, ଗବେଷଣା ଓ ଭଞ୍ଜ ସାହିତ୍ୟ ପ୍ରତି ଅବଦାନକୁ ସ୍ମରଣ କରାଯିବା ସହ ତାଙ୍କର କୃତି ଓ ଆଦର୍ଶକୁ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବା ଦିଗରେ ଅଧିକ ପ୍ରୟାସ ଆବଶ୍ୟକ ବୋଲି ଆଲୋକାକଙ୍କ ଦ୍ୱାରା ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ, ଗବେଷକ, ବୁଦ୍ଧିଜୀବୀ ଓ ସାହିତ୍ୟପ୍ରେମୀମାନେ ଉପସ୍ଥିତ ରହି ପଣ୍ଡିତ ଶତପଥୀଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ ଅନୁଷ୍ଠାନର ଅନ୍ୟତମ ଉପସଭାପତି ପ୍ରଭାତି ମଞ୍ଜରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ମୃତ୍ୟୁ ଅପେକ୍ଷାରେ ଦେଢ଼ବର୍ଷର ଶିଶୁ ଲକ୍ଷ୍ମୀ
## ଚିକିତ୍ସାରେ ଅର୍ଥ ବାଧକ

**ଯୋଡା (ଅମୃତ ମିଡିଆ):** ଯୋଡ଼ା ବ୍ଲକ୍ ଅନ୍ତର୍ଗତ ପଳସା ଗ୍ରାମ ପଞ୍ଚାୟତ ଅଧୀନ ପଳସା (କ) ସାହିରୁ ଆସିଛି ଏକ ହୃଦୟବିଦାରକ ଖବର । ଦେଢ଼ ବର୍ଷର ଶିଶୁ ଲକ୍ଷ୍ମୀ ମୁଣ୍ଡା ଗୁରୁତର ଅସୁସ୍ଥ ହୋଇ ଚିକିତ୍ସା ଅଭାବରେ ମୃତ୍ୟୁକୁ ଅପେକ୍ଷା କରୁଥିବା ଅଭିଯୋଗ ହୋଇଛି । ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ଥିବା ଯୋଗୁଁ ଶିଶୁର ଉତ୍ତମ ଚିକିତ୍ସା କରାଇବା



ପରିବାର ପାଇଁ କଷ୍ଟକର ହୋଇପଡ଼ିଛି । ସୂଚନାରୁ ପ୍ରକାଶ ଯେ, ଲକ୍ଷ୍ମୀଙ୍କ ବାପା ସମରା ମୁଣ୍ଡା ପରିବାର ଚଳାଇବା ପାଇଁ ଦାଦନ ଖଟିବାକୁ ବାହାରକୁ ଚାଲିଯାଇଥିବା ବେଳେ ମାଆ ୪ ଜଣ ଛୁଆଙ୍କୁ ଛାଡ଼ି ଅନ୍ୟ ଜଣେ ପୁରୁଷଙ୍କ ସହ ଚାଲିଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଏବେ ୫ ବର୍ଷର ଗୁଲାଚି ମୁଣ୍ଡାଙ୍କ ହାତରେ ରହିଛି ୪ ଜଣ ଛୋଟ ଛୋଟ ଛୁଆଙ୍କ ଦାୟିତ୍ୱ । ତେବେ ସେ ନିଜେ ଶିଶୁ ଥିବା ବୟସରେ କିପରି ଏତେ ବଡ଼ ଦାୟିତ୍ୱ ତୁଲାଇବ ଏବଂ ୪ ଛୁଆଙ୍କ ଭବିଷ୍ୟତ କ'ଣ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଭଳି ସ୍ଥଳେ ପ୍ରଶାସନ ତୁରନ୍ତ ଏହି ପରିବାର ପ୍ରତି ଦୃଷ୍ଟି ଦେଇ ଶିଶୁର ଚିକିତ୍ସା, ଖାଦ୍ୟ ଓ ଶିକ୍ଷା ସହିତ ୪ ଜଣ ଛୁଆଙ୍କ ଭବିଷ୍ୟତ ପାଇଁ ଆବଶ୍ୟକ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି ।

# ମହାଡମ୍ବରରେ କମାରଜୋଡା ୟୁଥ୍ କ୍ଲବ ପକ୍ଷରୁ ଗଣେଶ ପୂଜା
## ମହିଳାଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା



**ଯୋଡା (ଅମୃତ ମିଡିଆ):** ଯୋଡା ମ୍ୟୁନିସିପାଲିଟି ଅନ୍ତର୍ଗତ କମାରଜୋଡା ଇଉଥ୍ କ୍ଲବର ସମସ୍ତ ଯୁବକ ବୃନ୍ଦ ଦ୍ୱାରା ଶ୍ରୀ ବିନାୟକ ଗଣେଶ ପୂଜା ମହା ଆଡମ୍ବର ସହ ପାଳନ କରାଯାଉଛି। ଏହି ଅବସରରେ ଏ ଅଞ୍ଚଳର ମହିଳା ମାନଙ୍କ ଦ୍ୱାରା ବକୃତା ପତିଯୋଗିତା, ଗଣିତ ପ୍ରତିଯୋଗିତା, ହୁଳହୁଳି ଓ ଶଙ୍ଖ ବଜେଇବା ଅନ୍ଧ ପୁଟୁଳି, ଝୋଟି ପ୍ରତିଯୋଗିତା, ମ୍ୟୁଜିକ ଚେୟାର ଏବଂ ଛୋଟ ପିଲାମାନଙ୍କ ପାଇଁ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା, ଯେଉଁଥିରେ ପାରମ୍ପରିକ ଝୋଟି ଚିତା ପ୍ରତିଯୋଗିତା ମୁଖ୍ୟ ଆକର୍ଷଣ ଥିଲା।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀ ଅଚ୍ୟୁତା ନନ୍ଦ ପାତ୍ର, ଉପଦେଷ୍ଟା, ପାତ୍ରତନ୍ତୀ କଲ୍ୟାଣ ସମିତି ଯୋଡା,ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀ ସୁନୀଲ କୁମାର ସାମଲ, ଜିଲ୍ଲା ସଭାପତି, ଭାରତୀୟ ଜନତା ମଜଦୁର ଟ୍ରେଡ୍ ୟୁନିଅନ କାଉନସିଲ ଉପସ୍ଥିତ ଥିଲେ ।ବିଚାରକ ମଣ୍ଡଳୀ ରେ ଶ୍ରୀ ନରେଶ କୁମାର ପାତ୍ର ଦାୟିତ୍ୱ ସମ୍ପୂର୍ଣ୍ଣ କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ବିଜେତା ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।ଏଥିରେ ପୂର୍ବତନ ନଗରପାଳ ତଥା ସଭାପତି, ପାତ୍ରତନ୍ତୀ କଲ୍ୟାଣ ସମିତି, ଯୋଡା ଶ୍ରୀଯୁକ୍ତ କରୁଣାକର ପାତ୍ର ଓ ସମାଜସେବୀ ଶ୍ରୀ ରାମ ଚନ୍ଦ୍ର ପାତ୍ର ସହଯୋଗ କରିଥିଲ କମାରଜୋଡା ଇଉଥ୍ କ୍ଲବର ସମସ୍ତ ସଦସ୍ୟଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

# ମିସାଇଲ ମ୍ୟାନ ୟୁଥ କ୍ଲବରେ ଗଣେଶ ପୂଜା

**ଭଞ୍ଜନଗର (ଅମୃତ ମିଡିଆ):** ଭଞ୍ଜନଗର ମିସାଇଲ ମ୍ୟାନ ୟୁଥ କ୍ଲବ, ଡିହପଡାଳ ଆନୁକୂଲ୍ୟରେ ଶ୍ରୀ ଶ୍ରୀ ବିଘ୍ନରାଜ ଭଗବାନ ଗଣେଶଙ୍କ ପୂଜା ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ପୂଜା ଅବସରରେ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବାବେଳେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ବିଘ୍ନରାଜଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ।

ଏହି ପବିତ୍ର ଅବସରରେ ସ୍ଥାନୀୟ ବିଧାୟକ ଶ୍ରୀ ପ୍ରଦ୍ୟୁମ୍ନ ନାୟକ ପୂଜାସ୍ଥଳୀକୁ ଆସି ଭଗବାନ ଗଣେଶଙ୍କ ଦର୍ଶନ କରିବା ସହ ଅଞ୍ଚଳବାସୀଙ୍କ ମଙ୍ଗଳ ଓ ସମୃଦ୍ଧି ପାଇଁ ବିଘ୍ନରାଜଙ୍କ ଆଶୀର୍ବାଦ କାମନା କରିଥିଲେ।

ଏହାପରେ ବିଧାୟକ ଡିହପଡାଳସ୍ଥିତ ପ୍ରାଚୀନ ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ସ୍ୱାମୀ ମନ୍ଦିର ପରିଦର୍ଶନ କରି ମହାଦେବଙ୍କ ଦର୍ଶନ କରିଥିଲେ। ମନ୍ଦିରର ଉନ୍ନତି ଓ



ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ଅବଗତ ହୋଇ ସେଥିପାଇଁ ଆର୍ଥିକ ସହଯୋଗ ଯୋଗାଇଦେବା ନେଇ ସହମତି ପ୍ରକାଶ କରିଥିଲେ।

ବିଧାୟକଙ୍କ ଏହି ସହଯୋଗ ଓ ସକାରାତ୍ମକ ମନୋଭାବ ପାଇଁ ମିସାଇଲ ମ୍ୟାନ ୟୁଥ କ୍ଲବର ସଦସ୍ୟମାନେ କୃତଜ୍ଞତା ଜଣାଇବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ପୂଜା ଉତ୍ସବକୁ ସଫଳ କରିବାରେ କ୍ଲବର ସମସ୍ତ ସଦସ୍ୟ, ଯୁବକ ଓ ଅଞ୍ଚଳବାସୀଙ୍କ ସହଯୋଗ ରହିଥିଲା।

## ୨ଟି ଘରୁ ୩ ଲକ୍ଷ ୬୦ ହଜାର ଟଙ୍କା ସୁନା ଚୋରି ଘଟଣା...

# ଆନ୍ଧ୍ରପ୍ରଦେଶରୁ କିଛି ଲୋକଙ୍କୁ ଗିରଫ କଲା ପୋଲିସ

**ପାରଳାଖେମୁଣ୍ଡି (ଅମୃତ ମିଡିଆ):** ଗଜପତି ଜିଲ୍ଲା କାଶୀନଗର ଏନଏସିର ଷ୍ଟେଟ ବ୍ୟାଙ୍କ ନିକଟରେ ଘରେ କେହି ନ ଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ଦୁଇଗୋଟି ଘରୁ ୩ ଲକ୍ଷ ୬୦ ହଜାର ଏବଂ ସୁନା ଗହଣା ଚୋରି ଘଟଣାରେ ପୋଲିସ ଆନ୍ଧ୍ରରୁ କିଛି ଜଣଙ୍କୁ ଆଣି ତନାଘନା କରୁଥିବା ସୂଚନା ମିଳିଛି । ଘଟଣାରୁ ପ୍ରକାଶ, କାଶୀନଗର ଷ୍ଟେଟ୍ ବ୍ୟାଙ୍କ ନିକଟସ୍ଥ ଆର୍ ଲକ୍ଷ୍ମଣ ମୂର୍ତ୍ତିଙ୍କ ଘର ଏବଂ ଏନ୍‌ପି ପେଟ୍ରୋଲ ପମ୍ପ ନିକଟରେ ରହୁଥିବା ମୋହନ ଦାମୋଦର ଦୁଇଜଣଙ୍କ ଘରେ ଚୋରି ହୋଇଥିବା ନେଇ କାଶୀନଗର ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଲକ୍ଷ୍ମଣ ମୂର୍ତ୍ତିଙ୍କ ମାଆଙ୍କ ମୃତ୍ୟୁ ହୋଇଥିବାରୁ ସେ କିଛି ଦିନ ପୂର୍ବେ ପରିବାର



ସହ ଅନ୍ୟ ଗ୍ରାମକୁ ଯାଇଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ମୁଖ୍ୟ ଫାଟକର ଲକ୍ ଭାଙ୍ଗି ଭିତରକୁ ପ୍ରବେଶ କରିଥିବା ଜଣାପଡ଼ିଛି । ସୋମବାର ଲକ୍ଷ୍ମଣ ପରିବାର ସହ ଘରକୁ ଫେରିବା ପରେ ମୁଖ୍ୟ ଫାଟକ ଭଙ୍ଗା ଅବସ୍ଥାରେ ଦେଖି ଘଟଣା ସମ୍ପର୍କରେ ପୋଲିସକୁ ଜଣାଇଥିଲେ ଓ ଘର ଭିତରେ ଯାଞ୍ଚ କରିବା ପରେ ପ୍ରାୟ ୨ କିଲୋଗ୍ରାମ ରୂପା, ୨୫ ଗ୍ରାମ ସୁନା ଏବଂ ନଗଦ ପ୍ରାୟ ୩ ଲକ୍ଷ ଟଙ୍କା ଚୋରି ହୋଇଥିବା କାଶୀନଗର ଥାନାରେ ଲକ୍ଷ୍ମଣ ଅଭିଯୋଗ କରିଛନ୍ତି । ସେହିପରି ପେଟ୍ରୋଲ ପମ୍ପ ନିକଟସ୍ଥ ମୋହନ ଦାମୋଦରଙ୍କ ଘରେ ମଧ ଚୋରି ହୋଇଥିବା ଅଭିଯୋଗ ଆସିଛି ଓ ଘରେ କେହି ନଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରେ ପଶି ନଗଦ ୬୦ ହଜାର ଟଙ୍କା ସହ ପ୍ରାୟ ୧୫୦ ଗ୍ରାମ ରୂପା ଚୋରି କରିଥିବା ଅଭିଯୋଗ ହୋଇଛି । ଘଟଣା ନେଇ କାଶୀନଗର ଥାନା ଅଧିକାରୀ ତ୍ରିନାଥ ସେଠୀ ଘଟଣାସ୍ଥଳରେ ପହଞ୍ଚି ଚୋରି ହୋଇଥିବା ଘର ଗୁଡ଼ିକର ଯାଞ୍ଚ କରିବା ସହ ଘଟଣାର ଖୋଳତାଡ଼ ଆରମ୍ଭ କରି ଆନ୍ଧ୍ରପ୍ରଦେଶ ଶିକାକୁଲମ ଜିଲ୍ଲାର ମେଳିଆପୁଟି ଗ୍ରାମରୁ କିଛି ଜଣଙ୍କୁ କାଶୀନଗର ଥାନାକୁ ଆଣି ଏହି ୨ ଗୋଟି ଚୋରି ଘଟଣାର ପର୍ଦ୍ଦାଫାଶ ପାଇଁ ତଦନ୍ତ ଜାରି ରଖିଥିବା କାଶୀନଗର ଆଇଆଇସି ଲକ୍ଷ୍ମଣ ସେଠୀ ସୂଚନା ପ୍ରଦାନ କରିଛନ୍ତି ।

### ଶ୍ରୀମନ୍ଦିର ଦର୍ଶନ ପାଇଁ ସ୍ଥାୟୀ ବ୍ୟବସ୍ଥା ଅପେକ୍ଷାରେ ୧୬୮ ଦିନ

# ଅଟଳ ସଂକଳ୍ପ, ଦାବିରୁ ହଟିନାହାନ୍ତି ସତ୍ୟାଗ୍ରହୀ

ପୁରୀ (ବ୍ୟୁରୋ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମ ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନରେ ସୁବିଧାଜନକ, ସମ୍ମାନଜନକ ଏବଂ ସ୍ଥାୟୀ ବ୍ୟବସ୍ଥା ଦାବିରେ ଚାଲିଥିବା ଅହିଂସାପୂର୍ଣ୍ଣ ପଦଯାତ୍ରା ଆଜି ୧୬୮ ଦିନରେ ପହଞ୍ଚିଛି। ଦୀର୍ଘ ସମୟ ଧରି ଜାରି ରହିଥିବା ଏହି ଶାନ୍ତିପୂର୍ଣ୍ଣ ପ୍ରୟାସ ଏବେ କେବଳ ଏକ ଦାବିର ପ୍ରତୀକ ନୁହେଁ, ବରଂ ପୁରୀବାସୀଙ୍କ ଭାବନା, ଆସ୍ଥା ଓ ନିରନ୍ତର ସଂକଳ୍ପର ଏକ ସ୍ୱର ହୋଇଉଠିଛି। ଏହି ଦୀର୍ଘ ପଦଯାତ୍ରାରେ ତୀବ୍ର ଗ୍ରୀଷ୍ମ, ପ୍ରବଳ ବର୍ଷା ଓ ବିଭିନ୍ନ ପ୍ରତିକୂଳ ପରିସ୍ଥିତି ଆସିଥିଲେ ମଧ୍ୟ ସତ୍ୟାଗ୍ରହୀମାନଙ୍କ ଉଦ୍ୟମରେ କୌଣସି ବିରତି ଆସିନାହିଁ। ୧୬୮ ଦିନର ଏହି ନିରନ୍ତର ଯାତ୍ରା ଦର୍ଶାଇଛି ଯେ ଏହା କୌଣସି ତତ୍କାଳିକ ଆବେଗର ଫଳ ନୁହେଁ; ଶ୍ରୀମନ୍ଦିର ସହ ପୁରୀବାସୀଙ୍କର ପିଢ଼ି ପିଢ଼ିର ସମ୍ପର୍କ ଓ ଦୀର୍ଘଦିନର ଆକାଂକ୍ଷାରୁ ଏହି ଦାବିର ଉତ୍ପତ୍ତି। ପଦଯାତ୍ରାର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି ଯେ, ଏହି ପ୍ରୟାସ କୌଣସି ଦଳୀୟ ରାଜନୀତି କିମ୍ବା ରାଜନୈତିକ ସ୍ୱାର୍ଥ ସହ ଜଡ଼ିତ ନୁହେଁ। ପୁରୀବାସୀଙ୍କ ମନରେ ଥିବା ଏକ ଦୀର୍ଘଦିନର ଆଶା ଓ ଭାବନାକୁ ଶାନ୍ତିପୂର୍ଣ୍ଣ ଉପାୟରେ ସରକାରଙ୍କ ନିକଟରେ ପହଞ୍ଚାଇବା ହିଁ ଏହି ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ। ସରକାର ପୁରୀବାସୀଙ୍କ ପ୍ରତିନିଧିମାନଙ୍କ ସହ ସାର୍ଥକ ଆଲୋଚନା କରି ଏକ ଗ୍ରହଣଯୋଗ୍ୟ ଓ ଦୀର୍ଘସ୍ଥାୟୀ ବ୍ୟବସ୍ଥା ନିର୍ଦ୍ଧାରଣ କରନ୍ତୁ ବୋଲି ସେ ଆହ୍ୱାନ ଜଣାଇଛନ୍ତି।ସତ୍ୟାଗ୍ରହୀମାନେ ଦାବି ପୂରଣ ପାଇଁ ସେମାନେ କୌଣସି ଉତ୍ତେଜନା, ଅଶାନ୍ତି କିମ୍ବା ସଂଘର୍ଷର ରାସ୍ତା ବାଛିନାହାନ୍ତି। ସତ୍ୟ ଓ ଅହିଂସାକୁ ଅସ୍ତ୍ର କରି ପୁରୀବାସୀ ଶାନ୍ତିପୂର୍ଣ୍ଣ ଭାବେ ନିଜ ଦାବି ଜଣାଇ ଆସୁଛନ୍ତି। ସରକାର ପୁରୀବାସୀଙ୍କ ଦୀର୍ଘଦିନର ଦାବିକୁ ସମ୍ବେଦନଶୀଳତାର ସହ ବିଚାର କରନ୍ତୁ ଏବଂ ଆଲୋଚନାର ମାଧ୍ୟମରେ ସ୍ଥାୟୀ ସମାଧାନର ପଥ ଖୋଲନ୍ତୁ। ଏକ ସ୍ୱଚ୍ଛ, ସମ୍ମାନଜନକ ଓ ସ୍ଥାୟୀ ବ୍ୟବସ୍ଥା ଘୋଷଣା ନହେବା ପର୍ଯ୍ୟନ୍ତ ଏହି ଅହିଂସାପୂର୍ଣ୍ଣ ପଦଯାତ୍ରା ଓ ସତ୍ୟାଗ୍ରହ ଜାରି ରହିବ ବୋଲି ସେମାନେ ଦୃଢ଼ ସଂକଳ୍ପ ପ୍ରକାଶ କରିଛନ୍ତି।ଏହି ଅବସରରେ ସର୍ବଶ୍ରୀ ହରିଶଙ୍କର ମିଶ୍ର, ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ର, ସୁକାନ୍ତ ପଣ୍ଡା, ନୃସିଂହନାଥ ନାୟକ, ସନ୍ତୋଷ ସେନାପତି, କାହ୍ନୁଚରଣ ପ୍ରଧାନ, ଅଞ୍ଜୁବାଳା ମହାନ୍ତି, ଶାଳିନୀ ପ୍ରଧାନ, ଶୁଭଶ୍ରୀ ମହାରଣା, ମନୀଷା ପାତ୍ର, ପୂଜା ଦାସ, ସିଲା କିନ୍ନର, ରିୟା କିନ୍ନର, ନେହା କିନ୍ନର, ବର୍ଷା, ବୈଶାଳୀ ପ୍ରଧାନ, ଶ୍ରଦ୍ଧା, ରିତିକା ପ୍ରଧାନ, ସୌମ୍ୟା ସାହୁ, ମମତା ସ୍ୱାଇଁ, ଯାଦବାନନ୍ଦ ରାୟ, ଶିଶିରକାନ୍ତ ଶତପଥୀ, ମନୋରଞ୍ଜନ ରଣସିଂହ, ପ୍ରକାଶ ଚନ୍ଦ୍ର ନାୟକ, ଲିଙ୍ଗରାଜ ସାହୁ, ବରୁଣ ମହାପାତ୍ର, ରମେଶ ଚନ୍ଦ୍ର ମହାନ୍ତି, ସୁବାଷ ପଟ୍ଟନାୟକ, ବାପିନା ସାମନ୍ତରାୟ, କାଶୀନାଥ ସାହୁ ଓ ମାନସ ପଟ୍ଟନାୟକଙ୍କ ସମେତ ବହୁ ସତ୍ୟାଗ୍ରହୀ ଯୋଗଦେଇଥିଲେ।



# ସାରଦା ମହିଳା ହଷ୍ଟେଲରେ ଶ୍ରୀଗଣେଶ ପୂଜା



ପୁରୀ (ବ୍ୟୁରୋ): ପୁରୀ ପୁରୁଣା ସଦର ଥାନା ରୋଡ ସ୍ଥିତ ସାରଦା ମହିଳା ହଷ୍ଟେଲ ବିଘ୍ନନଶନ ଶ୍ରୀ ଗଜାନନଙ୍କ ପୂଜା ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ଏଥିରେ ହଷ୍ଟେଲର ପରିଚାଳକ ପ୍ରଦ୍ୟୁମ୍ନ କୁମାର ମିଶ୍ର ଯୋଗଦାନ କରି କର୍ତ୍ତା ଭାବରେ ସମସ୍ତ କାର୍ଯ୍ୟ ସମାପନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ହଷ୍ଟେଲ ର ଛାତ୍ରୀ ସ୍ୱପ୍ନା ବେହେରା, ବର୍ଷା ଦଳେଇ, ସୋନାଲି ଜେନା, ପ୍ରଜ୍ଞା ପରମିତା ଜେନା, ଲାବନ୍ୟବତୀ ପାତ୍ର, ରୋଜି ରାମ, ପଲ୍ଲୀନା ପ୍ରିୟଦର୍ଶିନୀ ସାହୁ,ଐଶ୍ୱର୍ଯ୍ୟା ସାହୁ,ଶୁଭସ୍ମିତା ବେହେରା, ଶୁଭଲକ୍ଷ୍ମୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ହଷ୍ଟେଲର ଛାତ୍ରୀ ଆଶ୍ମିତା ପ୍ରଧାନ ଗଣେଶ ବେଶ ଧାରଣ କରି ସମସ୍ତଙ୍କୁ ବିମୋହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବଚପନ ସ୍କୁଲ ର ଶିକ୍ଷୟତ୍ରୀ ରୀନା ରାୟ, ରାଜକୁମାରୀ କୁଣ୍ଡୁ,କବିତା ଦାସ,ପ୍ରୟାସ ଟିଭିର ସସ୍ମିତା ଦାସ, କ୍ରିଷ୍ଣା ଆଚାର୍ଯ୍ୟ,ସୁଜିତ ମହାପାତ୍ର,ସୁଧାଂଶୁ କର,ସରୋଜ ମହାନ୍ତି, ଦିବ୍ୟ ରଞ୍ଜନ ବିଶୋଇ ପ୍ରମୁଖ ଯୋଗଦାନ କରିଥିଲେ ।

# ଗଣେଶ ପୂଜା ପାଇଁ ପୋଲିସର ଫୁଟ୍ ପାଟ୍ରୋଲିଂ



ପୁରୀ (ବ୍ୟୁରୋ): ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ଭକ୍ତ ଓ ସାଧାରଣ ଲୋକଙ୍କ ସୁରକ୍ଷା, ଶାନ୍ତି ଓ ଶୃଙ୍ଖଳା ବଜାୟ ରଖିବା ନିମନ୍ତେ ପୁରୀ ପୋଲିସ ପକ୍ଷରୁ ଆଜି ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ବିଶେଷ ଫୁଟ୍ ପେଟ୍ରୋଲିଂ କରାଯାଇଛି। ଗଣେଶ ପୂଜା ଅବସରରେ ପୁରୀ ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅନେକ ମେଢ଼ ଓ ପୂଜାମଣ୍ଡପ ଆୟୋଜିତ ହୋଇଥିବାରୁ ଭକ୍ତ ଓ ଦର୍ଶନାର୍ଥୀଙ୍କ ସୁବିଧା ଏବଂ ସୁରକ୍ଷାକୁ ପୁରୀ ପୋଲିସ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ପୁରୀ ସହରର ବିଭିନ୍ନ ସାହି, ଗଳି ଓ ପୂଜାମଣ୍ଡପ ଅଞ୍ଚଳରେ ଏହି ଫୁଟ୍ ପେଟ୍ରୋଲିଂ କରାଯାଇ ଶାନ୍ତି ଓ ଶୃଙ୍ଖଳା ବଜାୟ ରଖିବା ସହ ଭକ୍ତମାନେ ଯେପରି ସୁରକ୍ଷିତ ଓ ସୁବ୍ୟବସ୍ଥିତ ଭାବେ ପୂଜାର ଅନୁଭୂତି ନେଇପାରିବେ, ସେଥିପ୍ରତି ନଜର ରଖାଯାଇଛି। ଏହି ବିଶେଷ ଫୁଟ୍ ପେଟ୍ରୋଲିଂରେ ପୁରୀ ଏସ୍‌ପି ପ୍ରତୀକ ସିଂ ପୁରୀ ସହରର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ତାଙ୍କ ସହିତ ସିଟି ସବ୍‌ଡିଭିଜନର ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର ଏବଂ ସହରର ବିଭିନ୍ନ ଥାନାର ଅଧିକାରୀମାନେ ମଧ୍ୟ ଫୁଟ୍ ପେଟ୍ରୋଲିଂରେ ସାମିଲ ହୋଇଥିଲେ। ଗଣେଶ ଚତୁର୍ଥୀ ଉତ୍ସବ ସମୟରେ ସମସ୍ତ କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଓ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ସହ ଭକ୍ତ ଓ ସାଧାରଣ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପୁରୀ ପୋଲିସର ପ୍ରମୁଖ ଲକ୍ଷ୍ୟ।

# ଗଣପତି ଯୁବକ ସଂଘର ଗଜାନନ ପୂଜା

ପୁରୀ (ବ୍ୟୁରୋ): ପୁରୀ ମହାନଗର ନିଗମ ଅନ୍ତର୍ଗତ ଗୋପୀନାଥପୁର ଅଠରନଳା ପାଟଣା ଗଣପତି ଯୁବକ ସଂଘ ପକ୍ଷରୁ ଗଜାନନଙ୍କ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି । ଶ୍ରୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ମନ୍ତ୍ର ପାଠ ଉଚ୍ଚାରଣ ସହ ଆବାହନ ପୂଜା, ପଞ୍ଚୋପଚାର ବିଧି ରିତିନୀତି ଅନୁଯାଇ ପୂଜାର୍ଚ୍ଚନା କରାଯାଇଥିଲା । ସଂଘର ସଦସ୍ୟ ଗଣ ଓ ଅଞ୍ଚଳବାସୀ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ପୂଜାରେ କର୍ତ୍ତା ଭାବେ ମାନସ ରଞ୍ଜନ ଦାଶ ହୋମର ଘୃତଅର୍ଘ୍ୟ ଅର୍ପଣ କରିଥିଲେ । ସଂଘର ସଭାପତି ଲକ୍ଷ୍ମୀଧର ଦାସ, ଉପସଭାପତି କୃଷ୍ଣଚନ୍ଦ୍ର ଲେଙ୍କା, ସମ୍ପାଦକ ପ୍ରଶାନ୍ତ କୁମାର ପରିଡ଼ା, କୋଷାଧ୍ୟକ୍ଷ ଆଶିଷ କୁମାର ଦାସ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ୨୦ ତାରିଖ ରବିବାର ସଂଧ୍ୟା ୭ଟାରେ ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯିବ । ୨୪ ତାରିଖ ଗୁରୁବାର ଗଣପତିଙ୍କ ବିସର୍ଜନ ବିଧି ନୀତି ଅନୁଷ୍ଠିତ ହେବ । କ୍ଲବର ସଦସ୍ୟ ଅମିତ କୁମାର ଦାସ, ତପନ ଦାସ, ଲୋକନାଥ ପଟ୍ଟନାୟକ, ନୃସିଂହ ପାଟିଆ, ପଞ୍ଚୁ ପାତ୍ର, ଘନିଆ ବାରିକ, ଜଗନ୍ନାଥ ପରିଡ଼ା, ସୁକାନ୍ତ ସେଠୀ, ଅମୂଲ୍ୟ ସେଠୀ, ସଞ୍ଜୟ ପରିଡ଼ା, ପ୍ରଦୀପ ପରିଡ଼ା, ସୁଶାନ୍ତ ପରିଡ଼ା, ରାକେଶ ସ୍ୱାଇଁ, ଟୁକୁ ପାତ୍ର, ବିଶ୍ୱନାଥ ପାତ୍ର, ଶାନ୍ତି ପାତ୍ର, ମନୋଜ କୁମାର ଦାସ, ଦିଲ୍ଲୀପ ସେଠୀ,ମନୋଜ କୁମାର ପଣ୍ଡା, ବିଜୟ କୁମାର ପ୍ରଧାନ, ସୁବାଶିଷ ପରିଡ଼ା, ଅବିନାଶ ପରିଡ଼ା, ନୃସିଂହ ପ୍ରଧାନ, ରଜନୀକାନ୍ତ ସାହୁ ଓ ଚନ୍ଦନ ଦାସଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି।



# ବାଲିଗୁଆଳି ମଧୁସୂଦନ ଯୁବକ ସଂଘ ପକ୍ଷରୁ ଗଣେଶ ପୂଜା ଓ ରକ୍ତଦାନ ଶିବିର



ପୁରୀ (ବ୍ୟୁରୋ): ପୁରୀ ମହାନଗର ନିଗମ ଅନ୍ତର୍ଗତ ବାଲିଗୁଆଳି ମଧୁସୂଦନ ଯୁବକ ସଂଘ ପକ୍ଷରୁ ୨୦ ତମ ଗଣେଶ ପୂଜା ମହୋତ୍ସବ ଶ୍ରଦ୍ଧା ଭକ୍ତିର ସହ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି । ଏହି ଅବସରରେ ସପ୍ତାହ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ମଙ୍ଗଳବାର ଦିନ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ସରପଞ୍ଚ ସିଲୁ ସେନାପତି ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବା ସହ ପ୍ରଶଂସା କରି କହିଲେ ରକ୍ତଦାନ ମହତଦାନ ଅସହାୟ, ଗରିବ ଓ ଦୁର୍ଘଟଣାଜନିତ ଲୋକଙ୍କ ପାଇଁ ରକ୍ତଦାନ ଶିବିର କରି ଯୁବକ ସଂଘ ସଦସ୍ୟ ମାନଙ୍କୁ ସାଧୁବାଦ ଜଣାଇଥିଲେ । ସଂଘର ଉପଦେଷ୍ଟା ପ୍ରଦେଶ ମାଳ, ସଭାପତି ବିଶ୍ୱ ରଞ୍ଜନ ସ୍ୱାଇଁ,ଉପସଭାପତି ବିଚିତ୍ର ପ୍ରଧାନ, ସମ୍ପାଦକ ଆଲୋକ ରଞ୍ଜନ ନାୟକ ଓ କୋଷାଧକ୍ଷ ରିଙ୍କୁ ବିଶ୍ୱାଳ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ । ସଂଘର ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ । ଏହି ଶିବିରରେ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଅତିଥିମାନଙ୍କ ଦ୍ୱାରା ରକ୍ତଦାତା ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ପ୍ରମାଣ ପତ୍ର ପ୍ରଦାନ କରାଯିବା ସହ ପ୍ରଶଂସା କରିଥିଲେ । ପୁରୀ ମୁଖ୍ୟ ଚିକିତ୍ସାଳୟର ରକ୍ତ ଭଣ୍ଡାର ର କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ । ୧୬,୧୭ ଓ ୧୮ ତାରିଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ୧୯ ତାରିଖ ସଂଧ୍ୟାରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯିବ। ୨୦ ତାରିଖ ଦିନ ବିସର୍ଜନ ବିଧି ଅନୁଯାଇ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

# ଝାଡ଼େଶ୍ୱରୀ ମନ୍ଦିର ନିକଟ ରାସ୍ତା ଜଳାର୍ଣ୍ଣବ, ପର୍ଯ୍ୟଟକ ହନ୍ତସନ୍ତ



ପୁରୀ (ବ୍ୟୁରୋ): ମହାନଗର ନିଗମ ଅନ୍ତର୍ଗତ ପର୍ଯ୍ୟଟକ ବହୁଳ ରାସ୍ତା ଝାଡେଶ୍ୱରୀ ମନ୍ଦିର ନିକଟରେ ପାଣି ଦୀର୍ଘ ୧୫ ଦିନ ଧରି ଜମି ରହୁଥିଲେ ମଧ୍ୟ ନିଷ୍କାସିତ ହୋଇପାରୁ ନାହିଁ । ଭିଆଇପି ରୋଡ ଝାଡେଶ୍ୱରୀ ମନ୍ଦିର ପୋଲିସ ଲାଇନ ଦେଇ ଷ୍ଟେସନ ଛକ ପର୍ଯ୍ୟନ୍ତ ରାସ୍ତାର ଦୁଇପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା ନଥିବା ଯୋଗୁ ଏଭଳି ଅକଥନୀୟ ଅବସ୍ଥା ପଥଚାରୀ ଓ ପର୍ଯ୍ୟଟକ ଭୋଗୁଛନ୍ତି । ଝାଡେଶ୍ୱରୀ ମନ୍ଦିର କୁ ପଙ୍କ କାଦୁଅ ପାଣି ଚକଟି ଶ୍ରଦ୍ଧାଳୁ ଦର୍ଶନ କରୁଛନ୍ତି । ଟ୍ରେନରେ ଆସୁଥିବା ପର୍ଯ୍ୟଟକ ମାନେ ସେହି ରାସ୍ତା ଦେଇ ଆସୁଥିବା ବେଳେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ପୁରୀ ପୌରସଂସ୍ଥା ମହାନଗର ନିଗମ ହୋଇଥିବା ବେଳେ କେବଳ ସାଇନବୋର୍ଡ ରେ ରହିଯାଇଛି। ସେହି ରାସ୍ତାଟି ଅର୍ଦ୍ଧ ଚନ୍ଦ୍ର ହୋଇ ରହିଥିବାରୁ ପାଣି ଜମି ରହୁଛି । ମାସକ ତଳେ ଗୋଡି ବାଡ଼ିଆ ପିଚୁ ହୋଇଥିଲେ ମଧ୍ୟ ରାସ୍ତା ସମତୁଲ କରାଯାଇନାହିଁ । ପୁରୀର ବିକାଶ କରାଯାଉଛି ବୋଲି ଡିଣ୍ଡିମ ବାଜୁଥିବା ବେଳେ ପ୍ରକୃତପକ୍ଷେ ଆଖିଦୃଶିଆ କାମ ହୋଇପାରୁନାହିଁ । ରାସ୍ତା ଓସାରିକରଣ ସହ ଡ୍ରେନ କରିବା ପାଇଁ ଦାବି ହେଉଛି ।

### ଶ୍ରୀକୃଷ୍ଣ ଲୀଳାକୁ ପ୍ରୋତ୍ସାହନ ଅଭାବ

# ପର୍ଯ୍ୟଟନକୁ ଆଗକୁ ନେବାକୁ ହୋଇପାରୁନି ପ୍ରଚାର ପ୍ରସାର

ପୁରୀ (ବ୍ୟୁରୋ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷ୍ଣଙ୍କ ଅବତାର ବୋଲି ଓଡ଼ିଆ ସଂସ୍କୃତି ଓ ଧର୍ମଶାସ୍ତ୍ରରେ ଉଲ୍ଲେଖ ରହିଛି । ହେଲେ ମହାପ୍ରଭୁଙ୍କ କ୍ଷେତ୍ରରେ ଯେପରି ଅଲୋଡା ହୋଇଯାଇଛି ଶ୍ରୀକୃଷ୍ଣ ଲୀଳା ...। ଏକଦା ରାଜ ରାଜୁଡା ଶାସନ କାଳରେ କୃଷ୍ଣ ଲୀଳାକୁ ମହା ଆଡମ୍ବରରେ ପାଳନ କରାଯାଉଥିବା ବେଳେ, ପ୍ରୋତ୍ସାହନ ଅଭାବରୁ ଏବେ କେବଳ ବିଧି ରକ୍ଷା ପାଇଁ ପାଳନ ହେଉଛି । ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସରକାର ଅନେକ ଯୋଜନା କରୁଥିବା ବେଳେ ଏହା କେବଳ କାଗଜ କଲମରେ ସୀମିତ ବୋଲି ସାଧାରଣରେ ଅଭିଯୋଗ ହୋଇଛି । ପ୍ରତିବର୍ଷ ଜନ୍ମାଷ୍ଟମୀଠାରୁ ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳା ଆରମ୍ଭ ହୋଇଥାଏ । ଏହା ୨୦ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ । ଶ୍ରୀକୃଷ୍ଣ ଜନ୍ମଠାରୁ କଂସ ବଧ, ବିଭିନ୍ନ ରାକ୍ଷସ ବଧ, ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳାକୁ ଶ୍ରୀକୃଷ୍ଣ ଲୀଳାରେ ପରିବେଶଣ କରାଯାଏ । ଶ୍ରୀକ୍ଷେତ୍ରରେ ଆଠ ସାହି ଆଖଡ଼ା ସମନ୍ୱୟ ସମିତି ପକ୍ଷରୁ ବିଭିନ୍ନ ଦିନର ନୀତିକୁ ନେଇ କଳାକାରଙ୍କ ଦ୍ୱାରା ଶ୍ରୀକୃଷ୍ଣ ଲୀଳା ଅନୁଷ୍ଠିତ ହୋଇଥାଏ । ଏହାକୁ ଦେଖିବାକୁ ଅନେକ ଭକ୍ତଙ୍କ ସମାଗମ ହୋଇଥାଏ । ଅତୀତରେ ରାଜାରାଜୁଡ଼ା ସମୟରେ, ମଠବାଡ଼ି ସମୃଦ୍ଧ ଥିବା ବେଳେ ଶ୍ରୀକ୍ଷେତ୍ରରେ ଶ୍ରୀକୃଷ୍ଣଲୀଳା ଖୁବ୍ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ ହେଉଥିଲା । ମାତ୍ର କିଛି ବର୍ଷ ହେବ ଏହା ଯେମିତି କେବଳ ବିଧି ରକ୍ଷାରେ ସୀମିତ ହୋଇଯାଇଛି ! ଶ୍ରୀମନ୍ଦିର ପ୍ରଶାସନ ଦେଉଥିବା ଅର୍ଥ ସମୁଦ୍ରକୁ ଶଙ୍ଖେ ବୋଲି କହିଛନ୍ତି ଆୟୋଜକ । ଶ୍ରୀକ୍ଷେତ୍ରର ଆଠ ସାହିର ସହଯୋଗରେ ହିଁ ଶ୍ରୀକୃଷ୍ଣ ଲୀଳାର ଆଡ଼ମ୍ବରକୁ କିଛି ମାତ୍ରାରେ ବଜାୟ ରଖିଛି । କାମଚଳା ମାନସିକତା ଯୋଗୁଁ ଧୀରେ ଧୀରେ ଶ୍ରୀକୃଷ୍ଣ ଲୀଳାର ଆକର୍ଷକ ଫିକା ପଡ଼ିଗଲାଣି। କେବଳ ବିଧି ରକ୍ଷା ପାଇଁ ପାଳନ ହେଉଛି। କୌଣସି ପୂଜା କିମ୍ବା ମେଳାକୁ ଆଡମ୍ବରପୂର୍ଣ୍ଣ କରିବାକୁ ହେଲେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୁଏ । ମହାପ୍ରଭୁଙ୍କ ସହ ଜଡିତ ଥିବା ଏହି ପରମ୍ପରାକୁ ବଜାୟ ରଖିବା ପାଇଁ ଶ୍ରୀକ୍ଷେତ୍ରର ଆଠ ସାହି ଆୟୋଜନ କରୁଛି । ଏହାକୁ ଆୟୋଜନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଉଛି । ତେବେ ଏହି କୃଷ୍ଣଲୀଳାକୁ ଆଡମ୍ବରପୂର୍ଣ୍ଣ କରିବା ପାଇଁ ୨ ଲକ୍ଷ ଟଙ୍କା ଦିଆଯିବା ଆବଶ୍ୟକ ରହିଛି ବୋଲି ଜଗନ୍ନାଥ ପ୍ରେମୀ ଦାବି କରିଛନ୍ତି । ଗୋଟିଏ ପଟେ ନେତା ମନ୍ତ୍ରୀ ଶ୍ରୀକୃଷ୍ଣଲୀଳାକୁ ଲୋକାଭିମୁଖୀ କରିବା କଥା କହୁଥିବା ବେଳେ, ପ୍ରୋତ୍ସାହନ ରାଶି ଦେବାରେ ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି । ଆଠସାହି ଆଖଡ଼ା ସମନ୍ୱୟ ସମିତିର ଯୁଗ୍ମ ସମ୍ପାଦକ ଚକ୍ରଧର ମହାପାତ୍ର କୁହନ୍ତି, ଶ୍ରୀକୃଷ୍ଣ ଲୀଳାକୁ ସରକାରଙ୍କ ପ୍ରୋତ୍ସାହନ ରହିବା ଉଚିତ। ଅର୍ଥାଭାବ ଏହାକୁ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ କରିହେଉ ନାହିଁ । ଏହା ଏବେ କେବଳ ବିଧି ରକ୍ଷା ଭଳି ପାଳନ ହେଉଛି । ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ମହାପ୍ରଭୁଙ୍କ ଅନନ୍ୟ ଶ୍ରୀକୃଷ୍ଣଲୀଳାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଆର୍ଥିକ ସହାୟତା ଦେବା ଉଚିତ । ଏହା ଦ୍ୱାରା ଶ୍ରୀକୃଷ୍ଣ ଲୀଳା ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ ହୋଇପାରିବ । ବର୍ତ୍ତମାନ ସମୟରେ ସବୁକିଛି ମହଙ୍ଗା। ଏପରି ସ୍ଥିତିରେ ଅର୍ଥାଭାବ ଯୋଗୁଁ କଳାକାରଙ୍କ ବିଭିନ୍ନ ବେଶ୍ ପାଇଁ ଆବଶ୍ୟକ ଥିବା ପୋଷାକ ଓ ଅନ୍ୟ ସାଜସଜ୍ଜା କିଣିବା ବି ସମ୍ଭବ ହେଉନାହିଁ । ଶ୍ରୀକୃଷ୍ଣ ଲୀଳାକୁ ଅଧିକ ଆକର୍ଷଣୀୟ ଭାବେ ଆୟୋଜନ ପାଇଁ ଅନେକ ଥର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛୁ । ଆମକୁ ଅନେକ ଆଶ୍ୱାସନା ମିଳିଛି । ହେଲେ ଆଜି ପର୍ଯ୍ୟନ୍ତ କୌଣସି ସ୍ୱତନ୍ତ୍ର ଆର୍ଥିକ ସହାୟତା ଆମକୁ ମିଳିନି' ବୋଲି ଚକ୍ରଧର ମହାପାତ୍ର କହିଛନ୍ତି । ଶ୍ରୀମନ୍ଦିର ସଂସ୍କୃତି ସହ ଜଡ଼ିତ ଥିବାରୁ ଜାଗା ଆଖଡ଼ାର କିଛି ଉତ୍ସାହୀ ସଦସ୍ୟମାନେ ଶ୍ରୀକୃଷ୍ଣ ଲୀଳାକୁ ବଜାୟ ରଖିଛନ୍ତି । ମାତ୍ର ଆଉ କେତେଦିନ ଏହାକୁ ବଜାୟ ରଖିପାରିବେ ସେ ନେଇ ପ୍ରଶ୍ନ ଉଠିଛି । ସରକାରୀ ପ୍ରୋତ୍ସାହନ ବିନା ଶ୍ରୀକୃଷ୍ଣ ଲୀଳାର ଆଡ଼ମ୍ବରପୂର୍ଣ୍ଣ ଆୟୋଜନ ହେବା ସମ୍ଭବପର ନୁହେଁ। ବାଜା, ଲାଇଟ୍, ବେଶଭୂଷା ଆଦି ପାଇଁ ଅନ୍ୟୁନ ୫୦ ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ। । ତେବେ ଆଡ଼ମ୍ବରପୂର୍ଣ୍ଣ କରିବାକୁ ହେଲେ ଅନୁନ୍ୟ ପ୍ରତି ସାହିକୁ ୨ ଲକ୍ଷ ଟଙ୍କା ଅନୁଦାନ ଅବଶ୍ୟକ । ଆଡ଼ମ୍ବରପୂର୍ଣ୍ଣ ହେଲେ ବହୁ ପର୍ଯ୍ୟଟକଙ୍କ ସମାଗମ ହେବ । ଏହା ପୁରୀର ପର୍ଯ୍ୟଟନକୁ ଆହୁରି ଅଧିକ ଆଗକୁ ନେବ । ହେଲେ ଯେଉଁପରି ପ୍ରଚାର ପ୍ରସାର ହେବା କଥା ହୋଇପାରୁନଥିବାରୁ ଜଗନ୍ନାଥ ପ୍ରେମୀ କ୍ଷୋଭ ପ୍ରକାଶ କରିଛନ୍ତି । ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ଗୌରହରି ପ୍ରଧାନ କୁହନ୍ତି, 'ବିଭିନ୍ନ ଜାଗା ଆଖଡ଼ା ଓ ଆଠ ସାହିରୁ ଶ୍ରୀକୃଷ୍ଣ ଲୀଳାର ବିଭିନ୍ନ ନୀତି ପାଇଁ ବେଶ୍ ଭୂଷା ସଜିତ ହୋଇ ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳା ଅନୁଷ୍ଠିତ ହୋଇଥାଏ । ୨୦ ଦିନ ଧରି ଚାଲୁଥିବା ଏହି ଲୀଳାରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମଠାରୁ କଂସ ବଧ ଯାଏ ନୀତି ଅନୁଷ୍ଠିତ ହୋଇଥାଏ । ବରଗଡ଼ ଧନୁଯାତ୍ରା ଭଳି ଶ୍ରୀକୃଷ୍ଣ ଲୀଳାକୁ ଯଦି ବ୍ୟାପକ ଭାବେ ପ୍ରଚାର ପ୍ରସାର ସହିତ ଆଡ଼ମ୍ବରପୂର୍ଣ୍ଣ ଭାବେ ଆୟୋଜନ ହୁଅନ୍ତା ପୁରୀକୁ ଅଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଆଗମନ ହୁଅନ୍ତା ।' ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା କହିଛନ୍ତି, 'ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି, ପରମ୍ପରାର ପ୍ରଚାର ପ୍ରସାର ପାଇଁ ସଂସ୍କୃତି ବିଭାଗ ସହିତ କଥା ହୋଇଛୁ । ପ୍ରତିବର୍ଷ ଯେଭଳି ଶ୍ରୀକୃଷ୍ଣ ଲୀଳାକୁ ଆର୍ଥିକ ସହାୟତା ସଂସ୍କୃତି ବିଭାଗ ପକ୍ଷରୁ ମିଳିବ ସେ ଆଲୋଚନା ହୋଇଛି । ଶ୍ରୀକୃଷ୍ଣ ଲୀଳାର ଡକ୍ୟୁମେଣ୍ଟେସନ୍ କରିବା ପାଇଁ ଯୋଜନା କରିଛୁ । ସାହିଯାତ ହିସାବରେ ଏହାକୁ ମାନ୍ୟତା ମିଳୁ ବୋଲି ଆମର ଲକ୍ଷ୍ୟ ରହିଛି ।' ଆଠ ସାହି କମିଟିର କର୍ମକର୍ତ୍ତାଙ୍କ କହିବା ଅନୁଯାୟୀ, ଆର୍ଥିକ ସାହାଯ୍ୟ ପାଇଁ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସ୍ୱତନ୍ତ୍ର ସରକାରୀ ପ୍ରୋତ୍ସାହନ ରାଶି ଶ୍ରୀକୃଷ୍ଣଲୀଳାକୁ ମିଳିନାହିଁ । ପ୍ରୋତ୍ସାହନ ନଥିବାରୁ ଯୁବପିଢ଼ି ଏଥିପ୍ରତି ଆନ୍ତରିକତା ଦେଖାଉନାହାନ୍ତି । ପ୍ରୋତ୍ସାହନ ଯଦି ନରୁହେ ଆଗକୁ କେବଳ କାଗଜ କଲମରେ ପରମ୍ପରା ହୋଇ ରହିଯିବନି ତ ଶ୍ରୀକୃଷ୍ଣ ଲୀଳା ?



# ଶ୍ରୀକ୍ଷେତ୍ରର ବିଭିନ୍ନ ସ୍ଥାନରେ ଗଜାନନଙ୍କ ପୂଜା

## ଡିଜେ ଉପରେ କଟକଣା, ୨୦ରେ ଭସାଣି



ପୁରୀ (ବ୍ୟୁରୋ): ଶ୍ରୀକ୍ଷେତ୍ରରେ ଧୂମଧାମରେ ପାଳନ ହେଉଛି ଗଣେଶ ପୂଜା । ବିଭିନ୍ନ ପୂଜା ମଣ୍ଡପ, କ୍ଲବ ପକ୍ଷରୁ ପ୍ରଭୁ ଗଜାନନଙ୍କ ପୂଜାକୁ ବେଶ୍ ଆଡ଼ମ୍ବର ସହକାରେ ପାଳନ କରାଯାଇଛି । ବିଭିନ୍ନ ପୂଜା ମଣ୍ଡପ ପକ୍ଷରୁ ଆକର୍ଷଣୀୟ ତୋରଣ, ରଙ୍ଗୀନ୍ ଆଲୋକ ବ୍ୟବସ୍ଥା ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ନେଇ ବ୍ୟବସ୍ଥା ହୋଇଛି । ବିଶେଷ କରି ପର୍ଯ୍ୟଟକ, ସହରବାସୀ ଏବଂ ଛାତ୍ରଛାତ୍ରୀ ମାନେ ବିଭିନ୍ନ ପୂଜା ମଣ୍ଡପ ବୁଲି ପ୍ରଭୁ ଗଣେଶଙ୍କ ଦର୍ଶନ କରିବା ସହ ଏହି ପୂଜାର ଆନନ୍ଦ ନେଉଛନ୍ତି। ସେପଟେ ଗଣେଶ ପୂଜା ଠାରୁ ଭସାଣି ଉତ୍ସବ ପର୍ଯ୍ୟନ୍ତ ଯେଭଳି କୌଣସି ଆଇନ ଶୃଙ୍ଖଳା ପରିସ୍ଥିତ ସୃଷ୍ଟି ନହୁଏ, ସେନେଇ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।ଗଣେଶ ପୂଜାରୁ ପାର୍ବଣ ଋତୁ ଆରମ୍ଭ ହୋଇଥିବା ବେଳେ ଶ୍ରୀକ୍ଷେତ୍ରରେ ସୃଷ୍ଟି ହୋଇଛି ଭକ୍ତିମୟ ପରିବେଶ । ବଳଗଣ୍ଡି ପୂଜା କମିଟିର ସଦସ୍ୟ ବିଶ୍ୱନାଥ ଜେନା କହିଛନ୍ତି,'ଚଳିତ ଥର ଗଣେଶ ପୂଜା ବେଶ୍ ଜାକଜମକରେ ପାଳନ ହୋଇଛି । ପୁରୀ ସହରର ବିଭିନ୍ନ ପୂଜା ମଣ୍ଡପ ଗୁଡିକରେ ବ୍ୟାପକ ବ୍ୟବସ୍ଥା ହୋଇଛି । ଗଣେଶ ପୂଜାକୁ ନେଇ ପୁରୀ ସହର ବେଶ୍ ଚଳଚଞ୍ଚଳ ହୋଇପଡିଛି । ଏକ ସପ୍ତାହ ପର୍ଯ୍ୟନ୍ତ ଏହି ଉତ୍ସବ ଅନୁଷ୍ଠିତ ହେବ। ଗଣେଶ ପୂଜା ଠାରୁ ଭସାଣି ଉତ୍ସବ ପର୍ଯ୍ୟନ୍ତ ଯେଭଳି ସମସ୍ତ କ୍ଲବ୍, ପୂଜା ମଣ୍ଡପ ମାନଙ୍କରେ ଆଇନ୍ ଶୃଙ୍ଖଳା ବଜାୟ ରହିବ ସେନେଇ ପୋଲିସ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଡିଜେ ବଜାଇବା ଉପରେ କଡ଼ା କଟକଣା ଲଗାଯାଇଛି । ପୁରୀ ସହରରେ ପୋଲିସ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ତେବେ ଆସନ୍ତା ୨୦ ତାରିଖରେ ଗଣେଶ ଉତ୍ସବର ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି ।

# ବୃଦ୍ଧବାପାଙ୍କୁ ମାଡ଼ମାରି ଘରୁ ବାହାର କରିଦେଲେ ତିନିପୁଅ



ପୁରୀ (ବ୍ୟୁରୋ): ପୁରୀ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଅବକାଶ ଲେନରେ ଜଣେ ବୃଦ୍ଧଙ୍କୁ ତାଙ୍କ ତିନି ପୁଅ ଘରୁ ବାହାର କରିଦେଇଥିବା ଅଭିଯୋଗକୁ ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ପ୍ରଶାସନର ହସ୍ତକ୍ଷେପ ପରେ ମାଜିଷ୍ଟ୍ରେଟ ରଶ୍ମି ଦାଶଙ୍କ ଉପସ୍ଥିତିରେ ବୃଦ୍ଧ କୃଷ୍ଣ ଚନ୍ଦ୍ର ସାହୁ ନିଜ ଘରେ ପୁଣିଥରେ ପ୍ରବେଶ କରିଛନ୍ତି। ସୂଚନା ଅନୁଯାୟୀ, ଅବକାଶ ଲେନରେ ରହୁଥିବା କୃଷ୍ଣ ଚନ୍ଦ୍ର ସାହୁଙ୍କୁ ତାଙ୍କ ତିନି ପୁଅ ଘରୁ ବାହାର କରିଦେଇଥିବା ଅଭିଯୋଗ ହୋଇଥିଲା। ଏହାପରେ ବୃଦ୍ଧ ଜଣକ ନିଜ ଘରକୁ ଫେରିବା ଓ ନ୍ୟାୟ ପାଇବା ପାଇଁ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ।ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ପ୍ରଶାସନ ପକ୍ଷରୁ ହସ୍ତକ୍ଷେପ କରାଯାଇଥିଲା। ମାଜିଷ୍ଟ୍ରେଟ ରଶ୍ମି ଦାଶଙ୍କ ଉପସ୍ଥିତିରେ ବୃଦ୍ଧ କୃଷ୍ଣ ଚନ୍ଦ୍ର ସାହୁ ନିଜ ଘରେ ପ୍ରବେଶ କରିଥିଲେ। ଏହି ସମୟରେ ସମ୍ପୃକ୍ତ ଅଧିକାରୀ ଓ ପୁଲିସ ଉପସ୍ଥିତ ଥିବା ଜଣାପଡ଼ିଛି ।ବୃଦ୍ଧ ବୟସରେ ନିଜ ସନ୍ତାନଙ୍କ ଠାରୁ ସାହାରା ଆଶା କରୁଥିବା ସମୟରେ ଘରୁ ବାହାର କରିଦେବା ଭଳି ଅଭିଯୋଗ ସାମାଜିକ ଦାୟିତ୍ୱ ଓ ବୃଦ୍ଧଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଛି। ପ୍ରଶାସନର ହସ୍ତକ୍ଷେପ ପରେ କୃଷ୍ଣ ଚନ୍ଦ୍ର ସାହୁ ନିଜ ଘରେ ପ୍ରବେଶ କରିଥିବାରୁ ଘଟଣାରେ ଏକ ନୂଆ ମୋଡ଼ ଆସିଛି ।ତେବେ ବୃଦ୍ଧ କୃଷ୍ଣ ଚନ୍ଦ୍ର ସାହୁ ନିଜ ଘରେ ପ୍ରବେଶ କରିବା ପରେ ଆଗକୁ ପରିସ୍ଥିତି କିଭଳି ରହୁଛି, ତାହା ଉପରେ ସମସ୍ତଙ୍କ ନଜର ରହିବ।

# ବାଲିତୃତୀୟା



କାଳୀ ଦାସ



ନିଜ ପରିବାର ସ୍ୱାମୀ, ସନ୍ତାନ ଓ ଭାଇଙ୍କ ମଙ୍ଗଳ କାମନା କରି ଆମ ଦେଶର ମହିଳା ମାନେ ଭିନ୍ନ ଭିନ୍ନ ସମୟରେ ବ୍ରତ ଓ ଉପବାସ କରିଥାନ୍ତି। ବ୍ରତ ଓ ଉପବାସ କରିବା ଦ୍ୱାରା ଆମେ ନିଜର ମନ ଓ ଇନ୍ଦ୍ରିୟକୁ ସଂଯମ କରିପାରିଥାଉ। ଆଧ୍ୟାତ୍ମିକ ସାଧାନାର ମୂଳ ଲକ୍ଷ୍ୟ ହେଲା ନିଜ ମନ ଓ ଇନ୍ଦ୍ରିୟକୁ ସଂଯମ କରିବା। ଆମ ଦେଶର ମହିଳା ମାନେ ନିଜ ଠାରୁ ନିଜ ପରିବାରକୁ ଅଧିକ ଭଲ ପାଇଥାନ୍ତି। ପରିବାରର ସଦସ୍ୟଙ୍କ ଦୀର୍ଘ ଜୀବନ ପାଇଁ ଏବଂ ସୁଖ ସମୃଦ୍ଧି ପାଇଁ ସବୁବେଳେ ସେମାନେ ତତ୍ପର। ହିନ୍ଦୁ ଧର୍ମର ମୁଖ୍ୟ ଆରାଧ୍ୟ ଦେବତା ହେଲେ ଭଗବାନ ଶିବ ଓ ବିଷ୍ଣୁ। ଶିବଙ୍କ ଦ୍ୱାରା ବରପ୍ରାପ୍ତ କରି ଏକ ସୁଖି ଦାମ୍ପତ୍ୟ ଜୀବନ ବିତାଇବା ପାଇଁ ମହିଳା ମାନେ ବାଲିତୃତୀୟା ବ୍ରତ କରିଥାନ୍ତି। ଭାରତର ବିଭିନ୍ନ ପ୍ରାନ୍ତରେ ଏହି ବ୍ରତ ଅନ୍ୟ ନାମରେ ପାଳନ କରାଯାଇଥାଏ ଯେପରି ହରୀୟାଲି ତିଜ ଗୌରୀବ୍ରତ ଇତ୍ୟାଦି। ମହିଳା ମାନେ ଶିବଙ୍କୁ ପ୍ରସନ୍ନ କରିବା ପାଇଁ ଉପବାସ କରିଥାନ୍ତି ଅନେକ ନିର୍ଜଳା କରିଥାନ୍ତି। ଶିବଙ୍କ ପ୍ରିୟ ବେଲ ପତ୍ର, ଚମ୍ପା, ଦୁଦୁରା ଏବଂ ଅରଖ ଶିବଙ୍କୁ ଅର୍ପଣ କରାଯାଇଥାଏ।

ବାଲିତୃତୀୟା କଥା ଅନୁଯାଇ ଶିବଙ୍କୁ ପତି ରୂପେ ପାଇବାପାଇଁ ପାର୍ବତୀ ଘରଠୁ ଦୂରକୁ ଯାଇ ଜଙ୍ଗଲ ଭିତରେ ବାଲୁକା ରେ ଶିବ ଲିଙ୍ଗ ତିଆରି କରି ଶିବଙ୍କୁ ପୂଜା କରିଥିଲେ। ଶିବଙ୍କୁ ପ୍ରସନ୍ନ କରିବା ପାଇଁ ମା ପାର୍ବତୀ ପ୍ରଥମେ ଫଳାହାର କରି ପରେ ପରେ ଗଛରୁ ପଡ଼ିଥିବା ପତ୍ର ଖାଇ ନିଜ ତପସ୍ୟା ରେ ମଗ୍ନ ହୋଇଥିଲେ। ଏହା ପରେ ମଧ୍ୟ ଶିବଙ୍କର ଦର୍ଶନ ତାଙ୍କୁ ମିଳିନଥିଲା। ଏହା ପରେ ମାତା ପାର୍ବତୀ ପତ୍ର ଖାଇବା ମଧ୍ୟ ଛାଡିଥିଲେ ତେଣୁ ତାଙ୍କ ଅପର୍ଣ୍ଣା କୁହାଗଲା। ଏହା ପରେ ଶିବ ପାର୍ବତୀଙ୍କ ଉପରେ ସନ୍ତୁଷ୍ଟ ହୋଇଥିଲେ ଓ ଦର୍ଶନ ଦେଇଥିଲେ, ପାର୍ବତୀଙ୍କୁ ବିବାହ କରିବା ପାଇଁ କଥା ଦେଇଥିଲେ। ପାର୍ବତୀଙ୍କ ଏହି ନିଷ୍ଠା ଉପବାସକୁ ମନେ ପକାଇ ମହିଳାମାନେ ଏହି ବ୍ରତ ପାଳନ କରିଥାନ୍ତି। ନିଜ ସ୍ୱାମୀର ମଙ୍ଗଳ ପାଇଁ ଓ ଦୀର୍ଘାୟୁ ପାଇଁ ଶିବଙ୍କୁ ପ୍ରାର୍ଥନା କରିଥାଆନ୍ତି।

ପାର୍ବତୀ ବାଲୁକାରେ ଶିବଲିଙ୍ଗ ତିଆରି କରିଥିଲେ ସେଥିପାଇଁ ବାଲିତୃତୀୟାରେ ବାଲୁକାରେ ଶିବଲିଙ୍ଗ କରି ପୂଜା କରାଯାଇଥାଏ। ଭାଦ୍ରବ ମାସର ଶୁକ୍ଳ ତୃତୀୟା ଦିନ ବାଲିତୃତୀୟା ବ୍ରତ ପଡ଼ିଥାଏ। ବାଲିତୃତୀୟାରେ ମୁଖ୍ୟତଃ ଭଗବାନ ଶିବଙ୍କୁ ଫଳ ପୂଜା କରାଯାଇଥାଏ। ରାମଚରିତ ମାନସର ପୃଷ୍ଠାରେ ଆମେ ଶିବ ପାର୍ବତୀଙ୍କ ଏହି ଉପାଖ୍ୟାନ ପଢିଥାଉ। ବାଲିତୃତୀୟା ବ୍ରତର କଥାକୁ ଭଗବାନ ଶିବ ନିଜେ ପାର୍ବତୀଙ୍କୁ କହିଥିଲେ, ପାର୍ବତୀ ଶିବଙ୍କୁ କିପରି ପଶିଲେ , ତାହା ପାର୍ବତୀ ଶିବଙ୍କ ମୁହଁ ରୁ ଶୁଣିବା କୁ ଚାହିଁଥିଲେ।

ବ୍ରହ୍ମପୁର
ଖୋଡାସିଂ କଳିଙ୍ଗନଗର
ଫୋନ ନମ୍ବର -୭୨୦୫୧୦୦୮୩୯

# ଧନ ଗର୍ବ ଭାଙ୍ଗିଲା...



ଜୟଶ୍ରୀ ମୁଦ୍ରା

ପାହାଡ ତଳେ ଥିବା ଛୋଟ ଚା ଦୋକାନ ଆଗରେ ଗୋଟେ ଦାମୀ କାର ଧୂଳି ଉଡାଇ ଅଟକିଲା। ଭିତରୁ ତିନିଜଣ ଚଷମା ପିନ୍ଧା ସହରୀ ବାବୁ ଓହ୍ଲାଇଲେ, ମୁହଁରେ ବହୁତ ଗର୍ବ । 'ଏଠି କଣ ମିଳିବ ଏ ଝୁମ୍ପଡିରେ? ଜଣେ ନାକ ଟେକି କହିଲା, ବୁଢ଼ା ଦୋକାନୀ ହାତ ଯୋଡି ହସିଲା, 'ଆସ ବାବୁ, ମୋ ଦୋକାନ ଛୋଟ ହେଲେ ବି ମନ ବହୁତ ବଡ। ଗରମ ପକୋଡି ଆଉ ଚା ଖାଅ। ତିନି ଜଣ ପେଟ ପୁରା ଖାଇଲେ। ତା ପରେ ବିଲ ବେଳକୁ ଗୋଟେ ବାବୁ ମୋବାଇଲ ବାହାର କରି କହିଲା, 'ମଉସା QR କୋଡ ଆଣ, ଗୁଗଲ ପେ କରିଦେବୁ। ଆମେ ଏବେ କ୍ୟାସ ରଖୁନୁ। ବୁଢ଼ା ସରଳରେ କହିଲା, 'QR କଣ ବାବୁ? ମୁଁ ତ ପାଠ ପଢିନି, ଏଠି ଟାୱାର ବି ନାହିଁ। ମୋ ପାଖରେ ତ ଖାଲି ଏ ଟଙ୍କା ଡବାଟା ଅଛି।'

ଏଇଥର ତିନି ଜଣ ପକେଟ ଖୋଜିଲେ, କାହା ପାଖରେ ଗୋଟେ ଟଙ୍କା ବି ନାହିଁ। ସବୁ ଫୋନ୍ ରେ। ସେମାନଙ୍କ ମୁହଁ ଶୁଖିଗଲା, ଲାଜରେ ମୁଣ୍ଡ ତଳକୁ ହୋଇଗଲା। ଏତିକିବେଳେ ବୁଢ଼ା ଜୋରରେ ହସିପଡିଲା, 'ଆରେ ବାପା! ୫୦ ଟଙ୍କା ପାଇଁ ମୁଣ୍ଡ ତଳକୁ କାହିଁକି କରୁଛ? ତୁମେ ମୋ ପିଲା ଭଳିଆ। ଆଜି ମୋ ତରଫରୁ ଖାଇକି ଯାଅ। ଗାଡିରେ ବସି ଯିବା ବେଳେ ଜଣେ ବାବୁ ଧୀରେ କହିଲା, 'ଆଜି ବୁଝିଲୁ, ଦାମୀ ଗାଡିରେ ବୁଲିଲେ ଧନୀ ହୁଏନି, ଯାହା ପାଖରେ ବଡ ମନ ଅଛି ସିଏ ହିଁ ଅସଲ ଧନୀ।'



ଉପସ୍ଥାପିକା
ଆକାଶବାଣୀ, ପୁରୀ

# ଷଠି ଓଷା ବା ସୋମନାଥ ବ୍ରତରେ ଓଡ଼ିଆଣୀ



ସରସ୍ୱତୀ ବାରିକ୍

ମନ୍ଦିର ମାଳିନୀ ,ବିଭବ ଶାଳିନୀ । ସୌନ୍ଦର୍ଯ୍ୟ ବିମଣ୍ଡିତା ଓଡ଼ିଶା । ଏହି ପୁଣ୍ୟ ଭୂମିରେ ଦେବତାମାନେ ଭକ୍ତଙ୍କର ମାନ ରକ୍ଷା ପାଇଁ ମାନବୀୟ ଲୀଳା କରନ୍ତି । ଭକ୍ତ ଭଗବାନଙ୍କର ଏ ଅପୂର୍ବ ସଂଯୋଗ ଆଧ୍ୟାତ୍ମିକ ଚେତନା , ଭକ୍ତି ଭାବନା ଓ ମାନସିକ ଶାନ୍ତି ସ୍ଥାପନ କରି ଜୀବନକୁ ସୁଖମୟ କରିଥାଏ । ବିଭିନ୍ନ ଓଷା ବାର ବ୍ରତ ପାଳନ ଶାରୀରିକ ସୁସ୍ଥତା ଦେବାରେ ସହାୟ ହୋଇଥାଏ । ପ୍ରତି ଘରର ଓଡ଼ିଆଣୀ ଆଖିର ଲୁହକୁ ଭଗବାନଙ୍କ ପାଦପଦ୍ମରେ ଦୀପପରି ଜାଳିଥାନ୍ତି ପରିବାରରେ ସୁଖ ପାଇଁ ।

ପ୍ରତ୍ୟେକ ପର୍ବପର୍ବାଣୀରେ ନାରୀମାନଙ୍କର ଭୂମିକା ଅଧିକ ଦେଖିବାକୁ ମିଳେ । ଷଠି ଓଷା ବା ସୋମନାଥ ବ୍ରତ କଥା ପାର୍ବତୀ ଶିବଙ୍କୁ ପଚାରି ବୁଝୁଥିଲେ । ପ୍ରଭାସ ତୀର୍ଥର ଅଧିଶ୍ୱର ଶ୍ରୀ ସୋମନାଥ ଶିବଙ୍କର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଅନ୍ୟତମ । ଭାରତ ଭୂମିର ପଶ୍ଚିମ ଦିଗରେ ଆରବ ସାଗର କୂଳରେ ସୋମେଶ୍ୱର ଜ୍ୟୋତିର୍ଲିଙ୍ଗ ପୂଜା ପାଉଛନ୍ତି ।ଏହି ବ୍ରତ ଭାଦ୍ରବ ଶୁକ୍ଳ ଷଷ୍ଠୀ ଠାରୁ ଆଶ୍ୱିନ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ନାରୀମାନେ ନିଷ୍ଠାର ସହିତ କରିଥାନ୍ତି । ପ୍ରାତଃ ସକାଳୁ ଉଠି ସ୍ନାନ ସାରି ଅପାମାରଙ୍ଗ ଦାନ୍ତକାଠି, କଖାରୁ ପତ୍ର , କଖାରୁ ଫୁଲ ,କଇଁଫୁଲ ଇତ୍ୟାଦି ଦଶବର୍ଣ୍ଣ ଫୁଲ ,ନଡ଼ିଆ , କଦଳୀ ,ଧୂପ ଦୀପ ନେଇ ପୋଖରୀ ତୁଠରେ ପାଞ୍ଚଟି ଜ୍ୟୋତିଲିଙ୍ଗ ପୋଖରୀ କାଦୁଅରେ ମୁହଁ ବୁଡ଼ାଇ ତୁଠରେ ସ୍ଥାପନା କରନ୍ତି । ସେହି ଶିବଲିଙ୍ଗଙ୍କୁ ହଳଦୀ ପାଣିରେ ଧୁଆଯାଏ । ଦାନ୍ତକାଠି ଦେଇ ଫୁଲ ଚନ୍ଦନ କଳା ରେ ସଜାଯାଏ । ତାପରେ ଭୋଗ ଅର୍ପଣ କରାଯାଏ । ସଂଧ୍ୟାରେ ସମସ୍ତ ଓଷେଇତି ମାନେ ଏକାଠି ହୋଇ ବ୍ରାହ୍ମଣଙ୍କ ଦ୍ୱାରା କୋଠି କରି ଦଶଟି ଅକ୍ଷତ ଓ ଦୁର୍ବାରେ ଶିବଙ୍କ ନାମରେ ଦଶ ଗଣ୍ଠି ଦେଇ ବ୍ରତ ବାନ୍ଧନ୍ତି ଓ ମନର ଭକ୍ତିରେ ପରିବାରର ଆରୋଗ୍ୟ କାମନା କରନ୍ତି । ସେହି ବ୍ରତ ଠାକୁରଙ୍କ ପାଖରେ ରଖି ୧ ମାସ ଧରି ନିଷ୍ଠାର ସହିତ ସାତ୍ତ୍ୱିକ ଭାବନାରେ ପ୍ରତ୍ୟେକ ଦିନ ପୂଜା କରନ୍ତି । ଠିକ୍ ଆଶ୍ୱିନ ମାସ ଦଶମୀ ମାତା ଦୁର୍ଗାଙ୍କର ଭସାଣୀ ଦିନ ଦଶ ଗୋଟି ମଣ୍ଡାପିଠା କରି ଭୋଗ ଲଗାଇ ବ୍ରାହ୍ମଣଙ୍କୁ ଡକାଇ ପୂଜା କରି ବ୍ରତକୁ ପାଣିରେ ଭସାଇ ଦିଆଯାଏ ।

ପୁରାଣ କାହାଣୀ - ମାଳବ ଦେଶର ପାଟଳୀପୁତ୍ର ନଗରରେ ବିକ୍ରମାଦିତ୍ୟ ନାମକ ଜଣେ ରାଜା ରାଜୁତି କରୁଥିଲେ ।ଧନରେ ସେ ଭାରି ଅହଙ୍କାରୀ ଥିଲେ । ଥରେ କେତେଜଣ ସନ୍ୟାସୀ ରାଜାଙ୍କ ପାଖରେ ପହଞ୍ଚି ସୋମନାଥ ବ୍ରତ କଥା କହିଲେ । ରାଜା ଏହି ବ୍ରତ ପାଳନରେ କମ୍ ଟଙ୍କା ଖର୍ଚ୍ଚ ହୁଏ ଜାଣି ମନାକଲେ । କହିଲେ ମୋ ମନ୍ତ୍ରୀ ପାରିଷଦ ମାନେ ଏ ବ୍ରତ କଥା ଶୁଣିଲେ ହସିବେ । ସନ୍ୟାସୀ ମାନେ ମନ ଦୁଃଖରେ ଫେରିଲେ । କିଛି ଦିନ ପରେ ରାଜାଙ୍କୁ କୁଷ୍ଠ ରୋଗ ହେଲା । ତେଣୁ ସେ ମନ୍ତ୍ରୀଙ୍କୁ ରାଜ୍ୟଭାର ଦେଇ ପୁତ୍ର ବିରଭଦ୍ର ଙ୍କ ସହିତ ରାଜ୍ୟ ତ୍ୟାଗକରି ବଣରେ ବୁଲିଲେ । ପୁତ୍ର ପିତାଙ୍କର କଷ୍ଟ ନଦେଖି ପାରି ଭିକ୍ଷା ବୃତ୍ତି କଲେ । ତେଣେ ରାଣୀ ଓ ତାଙ୍କ ଝିଅଙ୍କୁ ମନ୍ତ୍ରୀ ନାନା ନିର୍ଯ୍ୟାତନା ଦେଲେ ।





ରାଜାଝିଅ ମାଆଙ୍କର ଦୁଃଖ ଦେଖି ନ ପାରି ପର ଘରେ କାମ କଲେ । ଏହି ପରି ଦୁଃଖରେ ଦିନ କାଟୁଥାଆନ୍ତି । ଠିକ୍ ତା ପରବର୍ଷ ସେହି ସନ୍ୟାସୀ ମାନେ ଆସିଲେ ଓ ସୋମନାଥ ବ୍ରତ ପାଳନ କରିବା ପାଇଁ କହିଲେ । ରାଣୀ ବ୍ରାହ୍ମଣୀମାନଙ୍କଠାରୁ ଶୁଣି ସୋମନାଥ ବ୍ରତ କଲେ । ତେଣେ ରାଜା ଧୀରେ ଧୀରେ କୁଷ୍ଠରୋଗରୁ ମୁକ୍ତି ପାଇଲେ ।ରାଜା ନିଜ ପୁତ୍ରକୁ ଧରି ରାଜ୍ୟକୁ ଫେରିଲେ । ରାଣୀଙ୍କ ଠାରୁ ମସ୍ତ ଶୁଣି ଦୁଷ୍ଟ ମନ୍ତ୍ରୀଙ୍କୁ ଦଣ୍ଡ ଦେଲେ ଓ ସେହିଦିନ ଠାରୁ ଶିବ ଶଙ୍କର ପ୍ରଭୁ ସୋମନାଥଙ୍କର ବ୍ରତ ପାଳନ କଲେ । ଏହିପରି ବିଭିନ୍ନ କାହାଣୀ ମାନ ଉଲ୍ଲେଖ ଅଛି ।

ଯୁଗେ ଯୁଗେ ଭକ୍ତ ପାଇଁ ଭଗବାନ ବନ୍ଧା । ଆମ ସଂସ୍କୃତି ଆମ ପରମ୍ପରା ଆମ ପାଇଁ ମହାନ୍ । ଆମ ଚେତନା ଆମ ଜାଗରଣ ଅନ୍ୟ ମାନଙ୍କ ପାଇଁ ପଥ ପ୍ରଦର୍ଶକ ।

ଜୟ ଶିବ ଶଙ୍କର

ବାସୁଦେବପୁର, ଭଦ୍ରକ
ମୋ-୯୬୯୨୫୧୧୧୪୧

# ଇଣ୍ଟରନେଟ୍ ଯୁଗରେ ଏବେ ବି ରହିଛି ରେଡିଓର ଲୋକପ୍ରିୟତା

ପ୍ରଯୁକ୍ତି ବଦଳିଛି, ପ୍ଲାଟଫର୍ମ ବଦଳିଛି, କିନ୍ତୁ ମଣିଷର ଏକୁଟିଆପଣକୁ ସାଥୀ ଦେବାର ଅଭ୍ୟାସ ବଦଳିନି। YouTub ଅଛି, Spotify ଅଛି, Instagram Reels ଅଛି, ହେଲେ ଆଜି ବି ଭୋରରୁ ଶ୍ରୋତା ପରିଚିତ ସ୍ୱର ପାଇଁ କାନ ପାତିଛନ୍ତି। ଇଣ୍ଟରନେଟ୍ ତାକୁ ଦୂର କଲାନି ବରଂ ନୂଆ ଜୀବନ ଦେଲା, ଏବେ ପ୍ରତି ମୋବାଇଲରେ ସେ ଜୀବିତ। ଇଣ୍ଟରନେଟ ନଥିଲେ ଯେଉଁ ସ୍ୱର ସବୁଠୁ ଆଗେ ସାଥୀ ହୋଇ ଠିଆ ହୁଏ, ସେ ହେଉଛି ଆକାଶବାଣୀ।

## ଶତାବ୍ଦୀର ଯାତ୍ରା:

୧୮୯୫ରେ ମାର୍କୋନୀ ବିନା ତାରରେ ସଙ୍କେତ ପଠାଇବା ଆଗରୁ ବୈଜ୍ଞାନିକ ଜଗଦୀଶ ଚନ୍ଦ୍ର ବୋଷ ଏହାର ମୂଳ ଗବେଷଣା କରିଥିଲେ। ୧୯୨୭ରେ ମୁମ୍ବାଇ-କଲିକତାରେ ରେଡିଓ କ୍ଲବ୍, ୧୯୩୬ରେ ଅଲ୍ ଇଣ୍ଡିଆ ରେଡିଓ ଓ ୧୯୫୭ରେ ନାଁ ହେଲା ଆକାଶବାଣୀ। ଓଡ଼ିଶା ପାଇଁ ୧୯୪୮ ଜାନୁଆରୀ ୨୮ ଗର୍ବର ଦିନ - କଟକରେ ପ୍ରଥମ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ଆଜି ଦେଶରେ ୫୯୧ଟି କେନ୍ଦ୍ର ମଧ୍ୟରୁ ଓଡ଼ିଶାରେ ୨୮ଟି ଆକାଶବାଣୀ କେନ୍ଦ୍ର ସକ୍ରିୟ, ଯାହା ରାଜ୍ୟର ୯୦ ପ୍ରତିଶତରୁ ଅଧିକ ଅଞ୍ଚଳକୁ କଭର କରୁଛି।

## ସବୁଠି ରେଡିଓ:

ଆଗରୁ ରେଡିଓ ଶୁଣିବାକୁ ବଡ଼ ଟ୍ରାଞ୍ଜିଷ୍ଟର ଲାଗୁଥିଲା। ଏବେ ପ୍ରତି ସ୍ମାର୍ଟଫୋନ୍, ପ୍ରତି କାରରେ FM। ରେଡିଓ ଘରୁ ବାହାରି ହାତ ମୁଠାକୁ ଆସିଛି।

## ବିଶ୍ୱାସର ସ୍ୱର:

ଫନି, ତିତଲୀ, ୟାସ୍ ଭଳି ବାତ୍ୟା ବେଳେ ହ୍ୱାଟ୍ସଆପରେ ଗୁଜବ ବୁଲେ। ଲାଇଟ୍ ଗଲେ ଟିଭି ବନ୍ଦ, ଇଣ୍ଟରନେଟ୍ ଗଲେ YouTubର ବନ୍ଦ। ସେତେବେଳେ ଗୋଟିଏ ଛୋଟ ବ୍ୟାଟେରୀ ରେଡିଓ ହିଁ କହେ - 'ଡର ନାହିଁ, ସରକାର ତୁମ ସାଥିରେ ଅଛନ୍ତି'। ଶେଷରେ ଲୋକେ ପଚାରନ୍ତି - 'ଆକାଶବାଣୀ କଣ କହିଲା?'

## ବିନା ଆଖିର ସାଥୀ:

ରେଡିଓ ହେଉଛି ମା'ର କୋଳ ପରି। ତାକୁ ଦେଖିବାକୁ ପଡେନି, ଅନୁଭବ କରିବାକୁ ପଡେ। ଭିଡିଓ ଦେଖିବାକୁ ଆଖି ଓ ଡାଟା ଲାଗେ। ରେଡିଓ ଶୁଣିବାକୁ କିଛି ଲାଗେନି।

## ଅସଲ ସ୍ୱରର ଉତ୍ସ:

ରଥଯାତ୍ରା ସମୟରେ ଧାରା ବିବରଣୀ ଦିଏ ଆକାଶବାଣୀ, ଦୃଶ୍ୟ ଦେଖାଏ ଦୂରଦର୍ଶନ। ଦୂରଦର୍ଶନ ଓ ଆକାଶବାଣୀ ଗୋଟିଏ ସୂତାରେ ବନ୍ଧା, ଏକ ପରିବାର। ଅନ୍ୟ ସବୁ ଚ୍ୟାନେଲ ସେହି ଧାରା ବିବରଣୀକୁ ସୌଜନ୍ୟ ଭାବେ ପ୍ରସାରଣ କରନ୍ତି, ସେତେବେଳେ ବୁଝି ହୁଏ ସବୁଠୁ ଆଗରେ କିଏ। କେବଳ ପଲ୍ଲୀଗୀତ ନୁହେଁ, ହଜିଯାଉଥିବା ପୁରାତନ ଭଜନ, ଲୋକଗୀତ ଠୁ ଆରମ୍ଭ କରି ଇତିହାସର ଅନେକ ଲୁକ୍କାୟିତ ତଥ୍ୟ ଆକାଶବାଣୀର ଆର୍କାଇଭରେ ଆଜି ବି ସୁରକ୍ଷିତ ଅଛି।





୧୮୯୫ରେ ମାର୍କୋନୀ ବିନା ତାରରେ ସଙ୍କେତ ପଠାଇବା ଆଗରୁ ବୈଜ୍ଞାନିକ ଜଗଦୀଶ ଚନ୍ଦ୍ର ବୋଷ ଏହାର ମୂଳ ଗବେଷଣା କରିଥିଲେ। ୧୯୨୭ରେ ମୁମ୍ବାଇ-କଲିକତାରେ ରେଡିଓ କ୍ଲବ୍, ୧୯୩୬ରେ ଅଲ୍ ଇଣ୍ଡିଆ ରେଡିଓ ଓ ୧୯୫୭ରେ ନାଁ ହେଲା ଆକାଶବାଣୀ। ଓଡ଼ିଶା ପାଇଁ ୧୯୪୮ ଜାନୁଆରୀ ୨୮ ଗର୍ବର ଦିନ - କଟକରେ ପ୍ରଥମ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା।

## ଟିଭି ବନାମ ରେଡିଓ :

ଟିଭି କହେ 'ମୋତେ ଦେଖ', ରେଡିଓ କହେ ମୋତେ ଅନୁଭବ କର'। ଟିଭି ଆଖିକୁ ବାନ୍ଧି ଦିଏ, ରେଡିଓ ମନକୁ ମୁକ୍ତ କରେ।

## ରେଡିଓର ପୁନର୍ଜନ୍ମ:

୨୦୧୪ରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରତି ମାସର ଶେଷ ରବିବାର 'ମନ୍ କି ବାତ୍' ରେ ରେଡିଓ ମାଧ୍ୟମରେ ଦେଶବାସୀଙ୍କୁ ସମ୍ବୋଧନ କରୁଛନ୍ତି। ଏହା ପ୍ରମାଣ କରେ - ଇଣ୍ଟରନେଟ୍ ସୂଚନା ଦିଏ, ରେଡିଓ ହୃଦୟକୁ ଛୁଏଁ। ଆଜି NewsOnAir App ଓ WAVES OTT ଯୋଗୁଁ ଆକାଶବାଣୀରୁ ପ୍ରସାରିତ ସ୍ୱର ପୁରପଲ୍ଲୀରୁ ଆରମ୍ଭ କରି ଦେଶ-ବିଦେଶର ଶ୍ରୋତାଙ୍କ ପାଖରେ ପହଞ୍ଚି ପାରୁଛି । ରିଲ୍ସ ସ୍କ୍ରୋଲ୍ କରୁଥିବା ଯୁବ ପିଢି ବି ଏବେ ରଗ ରେ ନିଜ ଭାଷାର ଗପ, କୁଇଜ୍, ବିଜ୍ଞାନ କଥା,ମେସେଜ ମାଧ୍ୟମରେ ଗୀତ ଅନୁରୋଧକୁ ଅପେକ୍ଷା କରୁଛନ୍ତି - କାରଣ ଏଠି ଫିଲ୍ଟର ନାହିଁ, ଅଛି କେବଳ ଅସଲ ସମ୍ପର୍କ।

## ସଭିଙ୍କ ପ୍ରିୟ ଆକାଶବାଣୀ:

ଆକାଶବାଣୀ ସମସ୍ତଙ୍କ ପାଇଁ ସବୁ ପ୍ରକାରର ମନୋରଞ୍ଜନ କାର୍ଯ୍ୟକ୍ରମ ଭେଟି ଦେଇଥାଏ। ପୁରାତନ ଭଜନ ହେଉ କି ପୌରାଣିକ କଥା, ଐତିହାସିକ ଘଟଣାବଳୀ, ନାଟକ ହେଉ କି କୁନି ପିଲାଙ୍କ ଗପ, ଚାଷୀଠୁ ଛାତ୍ର, ମା' ଭଉଣୀଠୁ ଯୁବକ ପର୍ଯ୍ୟନ୍ତ ସଭିଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ନିଯୁକ୍ତିର ଖବର ଗୋଟିଏ ଜାଗାରେ।

## ଶେଷ କଥା:

bfbp ରୁ FM, FM ରୁ ଇଟଟ ।ଯେତେ ଯାହା ବିକାଶ ହେଲେବି, ଯେତେ ନୂଆ ପ୍ଲାଟଫର୍ମ ଆସିଲେବ ରେଡ଼ିଓ ସବୁ ବେଳେ ଆମ ସାଥିରେ ରହିଥିବ ।ରେଡିଓ ଏବଂ ଇଣ୍ଟରନେଟ୍ ପରସ୍ପରର ଶତ୍ରୁ ନୁହଁନ୍ତି, ବନ୍ଧୁ। ଲୋକେ ରେଡିଓ ଶୁଣୁନାହାଁନ୍ତି ନୁହେଁ, ରେଡିଓ ଚୁପ୍‌ଚାପ୍ ସଭିଙ୍କ ହୃଦୟରେ ବାଜୁଛି। କାରଣ ରେଡିଓ କେବଳ ଏକ ଯନ୍ତ୍ର ନୁହେଁ, ଏହା ଆପଣାର ଅନୁଭବ। ସବୁଠୁ ଆଗରେ, ସବୁ ସ୍ଥାନରେ, ସବୁଠୁ ପାଖରେ, ସଭିଙ୍କ ପ୍ରିୟ - ଆମ ପ୍ରିୟ ଆକାଶବାଣୀ।




# ବ୍ୟସ୍ତବହୁଳ ଅଞ୍ଚଳରେ ଟ୍ରାଫିକ୍ ସମସ୍ୟା ଯୋଗୁଁ ଲୋକେ କଲବଲ



**ଭୁବନେଶ୍ୱର(ବ୍ୟୁରୋ):** ଭୁବନେଶ୍ୱରର ଅନ୍ୟତମ ବ୍ୟସ୍ତବହୁଳ ଅଞ୍ଚଳ ବରମୁଣ୍ଡାରେ ଟ୍ରାଫିକ୍ ସମସ୍ୟା ଯୋଗୁ ଲୋକେ କଲବଲ ହେଉଛନ୍ତି। ବିଶେଷକରି ସନ୍ଧ୍ୟାରେ ଏହି ସମସ୍ୟା ଉକ୍ଟ ରୂପ ନେଉଛି। ବିଏସ୍ଏବିଟି ପାଖରୁ ଫାୟାରଷ୍ଟେସନ୍ ଛକ ପର୍ଯ୍ୟନ୍ତ ସର୍ଭିସ୍ ରାସ୍ତାରେ ଗାଡ଼ିମାନଙ୍କର ଲମ୍ବା ଲାଇନ୍ ଦେଖିବାକୁ ମିଳୁଛି। ରାସ୍ତାକଡ଼ ଜବରଦଖଲ ସାଙ୍ଗକୁ ରଙ୍ଗ୍‌ରୁଟ୍ ଗାଡ଼ିଚାଳନା ଏହି ସମସ୍ୟାର ମୁଖ୍ୟ କାରଣ ପାଲଟିଛି। ସେହିପରି ଅଟୋ ଓ ବେଆଇନ ଗାଡ଼ି ପାର୍କିଂ ସମସ୍ୟାକୁ ବଢ଼ାଉଛି। ଜାମ୍‌ରେ ଆମ୍ବୁଲାନ୍ସ ମଧ୍ୟ ଫସି ରହୁଛି। ମାତ୍ର ୪୦୦ ମିଟର ରାସ୍ତା ଅତିକ୍ରମ କରିବାକୁ ୨୦ମିନିଟ୍‌ରୁ ଅଧଘଣ୍ଟା ସମୟ ଲାଗିଯାଉଛି। ଅନ୍ତର୍ଜାତୀୟ ସ୍ତରର ବସ୍ ଟର୍ମିନାଲ୍ ଭିତରୁ ବାହାରିବା ପରେ ଏଭଳି ଟ୍ରାଫିକ୍ ସମସ୍ୟା ଦେଖି ଯେକୌଣସି ଲୋକ ହତାଶ ହୋଇପଡ଼ିବ। ଏଠାରେ ଥିବା ଏନ୍ଏଚ୍ ଫ୍ଲାଏଓଭର ଡାଇଭର୍ସନ ନିକଟରେ ଖଣ୍ଡଗିରି ପଟୁ ଆସୁଥିବା ଗାଡ଼ି ଏବଂ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ତଥା ହାଉସିଂବୋର୍ଡ କଲୋନିରୁ ଓଭରବ୍ରିଜ୍ ଉପରକୁ ଯାଉଥିବା ଗାଡ଼ି ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜୁଛି। ଅନୁରୂପ ଭାବେ ରାସ୍ତା ଉପରେ ବସ୍ ରଖି ଯାତ୍ରୀ ଉଠାଣ କରୁଥିବାରୁ ସମସ୍ୟା ବଢୁଛି। ଷ୍ଟାଣ୍ଡରୁ ବାହାରୁଥିବା ବସ୍‌ଗୁଡ଼ିକ ପଛକୁ ପଛ ଲମ୍ବି ରହିବାରୁ ରାସ୍ତା ସଂକୀର୍ଣ୍ଣ ହେବା ସହିତ ପଛ ପାର୍ଶ୍ୱରୁ ଆସୁଥିବା ଦୁଇଚକିଆ ମଧ୍ୟ ଏହାକୁ ଅତିକ୍ରମ କରିପାରୁନାହିଁ। ବିଶେଷ କରି ଅଫିସ୍ ସମୟ ପୂର୍ବାହ୍ଣ ୯ଟାରୁ ୧୦ଟା ଓ ସନ୍ଧ୍ୟା ୫ଟାରୁ ୭ଟା ମଧ୍ୟରେ ଗାଡ଼ି ଗଡୁନି। ସେହିପରି ରାଜଧାନୀ କଲେଜ ଅଣ୍ଡରପାସ୍ ପାଖ 'ଆମ ବସ୍ ଷ୍ଟପ୍' ନିକଟରେ ମଧ୍ୟ ଲୋକେ ଟ୍ରାଫିକ୍ ସମସ୍ୟାରେ ଛନ୍ଦି ହେଉଛନ୍ତି। ଟିକେ ଅନ୍ୟମନସ୍କ ହେଲେ ଦୁର୍ଘଟଣା ଘଟିବାର ଆଶଙ୍କା ରହୁଛି। ଅନୁରୂପ ଭାବେ ଏହି ରାସ୍ତାରେ ବେଆଇନ ପାର୍କିଂ ଯୋଗୁ ରାସ୍ତା ସଂକୀର୍ଣ୍ଣ ହୋଇପଡୁଛି। ଏନେଇ ବିଏମ୍‌ସି କିମ୍ବା ପରିବହନ ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଉନାହିଁ। କୌଣସି ଦୁର୍ଘଟଣା ଘଟିଲେ କିମ୍ବା ଜଟିଳ ରୋଗୀଙ୍କୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲ୍‌କୁ ନେବାକୁ ଫାୟାରଷ୍ଟେସନ୍ ରାସ୍ତା ସହଜ ହେଉଥିଲେ ମଧ୍ୟ ଟ୍ରାଫିକ୍ ସମସ୍ୟା ଯୋଗୁ ଏହି ଜରୁରୀକାଳୀନ ଗାଡ଼ି ଅଟକି ରହୁଛି। ଏହା ସତ୍ତ୍ୱେ ଟ୍ରାଫିକ୍ ପ୍ରଶାସନ ତରଫରୁ ଜଣେ ହେଲେ କର୍ମଚାରୀ ଏଠାରେ ଉପସ୍ଥିତ ରହୁନାହାନ୍ତି। ଯିଏ ଯେଉଁ ବାଟେ ଚାହିଲା, ସେହି ବାଟରେ ଯାଉଛି। ସଡ଼କ ସୁରକ୍ଷାର ସମସ୍ତ ନିୟମକୁ ଏଠାରେ ଉଲ୍ଲଘଂନ କରାଯାଉଛି।

# ଭାରତରେ ବଢୁଛି ସାପ କାମୁଡ଼ା ବିପଦ

**ଭୁବନେଶ୍ୱର(ବ୍ୟୁରୋ):** ଭାରତରେ ବଢୁଛି ସାପ କାମୁଡ଼ା ଘଟଣା। ୨୦୨୫ରେ ୧.୪୦ ଲକ୍ଷ ମାମଲା, ୪୨୯ ଜଣଙ୍କ ମୃତ୍ୟୁ। ଭାରତରେ ସାପ କାମୁଡ଼ା ଏବେ ବି ଏକ ବଡ଼ ଜନସ୍ୱାସ୍ଥ୍ୟ ସମସ୍ୟା । ବିଶେଷକରି ଗ୍ରାମାଞ୍ଚଳ ଓ ଚାଷବାସ ସହ ଜଡ଼ିତ ଲୋକଙ୍କ ପାଇଁ ବିପଦ କମିନାହିଁ । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରାଜ୍ୟସଭାରେ ଦେଇଥିବା ତଥ୍ୟ ଅନୁସାରେ, ୨୦୨୫ରେ ଦେଶରେ ୧ ଲକ୍ଷ ୪୦ ହଜାର ୩୦୨ଟି ସାପ କାମୁଡ଼ା ମାମଲା ରେକର୍ଡ ହୋଇଛି । ଏଥିରେ ୪୨୯ ଜଣଙ୍କ ମୃତ୍ୟୁ ହୋଇଛି । ଚିନ୍ତାର ବିଷୟ ହେଉଛି, ବର୍ଷକୁ ବର୍ଷ ରେକର୍ଡ ହେଉଥିବା ମାମଲା ବଢୁଛି । ୨୦୨୩ରେ ଦେଶରେ ୮୬ ହଜାର ୨୯୪ଟି ସାପ କାମୁଡ଼ା ମାମଲା ରେକର୍ଡ ହୋଇଥିଲା। ୨୦୨୪ରେ ଏହା ବଢ଼ି ୧ ଲକ୍ଷ ୨୦ ହଜାର ୯୮୨ରେ ପହଞ୍ଚିଥିଲା। ୨୦୨୫ରେ ଏହି ସଂଖ୍ୟା ୧.୪୦ ଲକ୍ଷ ଟପିଛି। ଆଉ ଏକ ଚିନ୍ତାଜନକ ତଥ୍ୟ ହେଉଛି, ଦେଶର ମୋଟ ସାପ କାମୁଡ଼ା ମାମଲାର ୭୪ ପ୍ରତିଶତ କେବଳ ୭ଟି ରାଜ୍ୟରୁ ଆସିଛି । ସବୁଠାରୁ ଅଧିକ



ମାମଲା ପଶ୍ଚିମବଙ୍ଗରେ ରେକର୍ଡ ହୋଇଛି । ୨୦୨୫ରେ ପଶ୍ଚିମବଙ୍ଗରେ ୨୭ ହଜାର ୪୭୧ଟି ସାପ କାମୁଡ଼ା ମାମଲା ରହିଛି । ଏହା ପଛକୁ କର୍ଣ୍ଣାଟକରେ ୧୬ ହଜାର ୮୦୫ ଏବଂ ତାମିଲନାଡୁରେ ୧୫ ହଜାର ୮୩୭ଟି ମାମଲା ରେକର୍ଡ ହୋଇଛି । ମୃତ୍ୟୁ ଦୃଷ୍ଟିରୁ କର୍ଣ୍ଣାଟକର ସ୍ଥିତି ଅଧିକ ଚିନ୍ତାଜନକ । ଦେଶରେ ରେକର୍ଡ ହୋଇଥିବା ମୋଟ ସାପ କାମୁଡ଼ା ମୃତ୍ୟୁର ପ୍ରାୟ ୩୭ ପ୍ରତିଶତ କର୍ଣ୍ଣାଟକରେ ଘଟିଛି । ଆଉ ଏକ ଚିନ୍ତା ଜନକ ତଥ୍ୟ ସରକାରୀ ହିସାବଠାରୁ ପ୍ରକୃତ ସଂଖ୍ୟା ଅଧିକ । ଏହି ୧.୪୦ ଲକ୍ଷ ହିଁ ଦେଶରେ ଘଟୁଥିବା ସମସ୍ତ ସାପ କାମୁଡ଼ାର ପ୍ରକୃତ ଚିତ୍ର ନୁହେଁ । ସରକାରୀ ସର୍ଭେଲାନ୍ସ ବ୍ୟବସ୍ଥାରେ ମୁଖ୍ୟତଃ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ହସ୍ପିଟାଲରେ ପହଞ୍ଚୁଥିବା ମାମଲା ହିଁ ରେକର୍ଡ ହୋଇଥାଏ । ଗ୍ରାମାଞ୍ଚଳରେ ଅନେକ ସାପ କାମୁଡ଼ା ଘଟଣା ରେକର୍ଡକୁ ଆସୁନଥିବା ନେଇ ପୂର୍ବରୁ ବିଭିନ୍ନ ଅଧ୍ୟୟନରେ ଆଶଙ୍କା ପ୍ରକାଶ ପାଇଛି । କେତେକ ରୋଗୀ ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ଘରେ କିମ୍ବା ରାସ୍ତାରେ ପ୍ରାଣ ହରାଉଛନ୍ତି। ଫଳରେ ସରକାରୀ ହିସାବ ତୁଳନାରେ ପ୍ରକୃତ ମୃତ୍ୟୁ ସଂଖ୍ୟା ଅଧିକ ହୋଇପାରେ । ସାପ କାମୁଡା ନେଇ ଚାଷୀ, କୃଷି ଶ୍ରମିକ, ଦିନମଜୁରିଆ ଓ ପିଲାମାନେ ସାପ କାମୁଡ଼ାର ଅଧିକ ବିପଦରେ ରହୁଛନ୍ତି। ବିଶେଷକରି ବର୍ଷା ଋତୁରେ ଖାଲି ପାଦରେ କ୍ଷେତରେ କାମ କରୁଥିବା ଲୋକଙ୍କ ପାଇଁ ବିପଦ ଅଧିକ । ଭାରତରେ ଗୁରୁତର ବିଷକ୍ରିୟା ସୃଷ୍ଟି କରୁଥିବା ପ୍ରାୟ ୯୦ ପ୍ରତିଶତ ସାପ କାମୁଡ଼ା 'ଇସଶ ରକ୍ଟଙ୍କସ୍ବ' ସହ ଜଡ଼ିତ ବୋଲି ଧରାଯାଏ । ଏହି ଚାରି ପ୍ରଜାତି ହେଲେ, ନାଗ, ଚିତି ସାପ, ଚନ୍ଦନ ବୋଡ଼ା ଓ ଧୂଳିଆ ବୋଡ଼ା ସାପ। ଭାରତରେ ବ୍ୟବହୃତ ପୋଲିଭାଲେଣ୍ଟ ଆଣ୍ଟି ସ୍ନେକ ଭେନମ ମୁଖ୍ୟତଃ ଏହି ଚାରି ପ୍ରଜାତିର ବିଷ ବିରୋଧରେ ପ୍ରସ୍ତୁତ କରାଯାଏ । ଲକ୍ଷ୍ୟ ହେଉଛି ୨୦୩୦ ସୁଦ୍ଧା ସାପ କାମୁଡ଼ା ଯୋଗୁଁ ହେଉଥିବା ମୃତ୍ୟୁକୁ ୫୦ ପ୍ରତିଶତ କମାଇବା । ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି, ସାପ କାମୁଡ଼ିବା ପରେ ରୋଗୀ କେତେ ଶୀଘ୍ର ହସ୍ପିଟାଲରେ ପହଞ୍ଚୁଛନ୍ତି ଏବଂ ଗ୍ରାମାଞ୍ଚଳର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସମୟରେ ଆଣ୍ଟି ସ୍ନେକ୍ ଭେନମ ଉପଲବ୍ଧ ହେଉଛି କି ନାହିଁ । ସେହିପରି ସାପ କାମୁଡ଼ିବା ପରେ ଭୁଲ୍ ଘରୋଇ ଚିକିତ୍ସା ବଦଳରେ ରୋଗୀଙ୍କୁ ଶୀଘ୍ର ଉପଯୁକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ଜୀବନ ବଞ୍ଚାଇବାରେ ନିର୍ଣ୍ଣାୟକ ହୋଇପାରେ ।

# ଆକାଶରେ ବିରଳ ମହାଜାଗତିକ ଦୃଶ୍ୟ



**ଭୁବନେଶ୍ୱର(ବ୍ୟୁରୋ) :** ସୋମବାର ସନ୍ଧ୍ୟାରେ ଆକାଶରେ ଏକ ଚିତ୍ତାକର୍ଷକ ତଥା ବିରଳ ମହାଜାଗତିକ ଘଟଣା ଦେଖିବାକୁ ମିଳିଛି । ପୃଥିବୀ ଏବଂ ଶୁକ୍ର ଗ୍ରହ ମଧ୍ୟରେ ଚନ୍ଦ୍ର ଆସିଯିବା ଫଳରେ କିଛି ସମୟ ପାଇଁ ଚନ୍ଦ୍ର ପଛରେ ଶୁକ୍ର ଗ୍ରହ ଅଦୃଶ୍ୟ ହୋଇଯାଇଥିଲା, ଯାହାକୁ ଜ୍ୟୋତିର୍ବିଜ୍ଞାନ ଭାଷାରେ 'ଲୁନାର ଅକଲଟେସନ' ବା ଚନ୍ଦ୍ର କୃତ ଶୁକ୍ର ସମାବରଣ କୁହାଯାଏ। ଭାରତୀୟ ସମୟ ଅନୁସାରେ ଏହି ଆଚ୍ଛାଦନ ପ୍ରକ୍ରିୟା ଅପରାହ୍ଣ ପ୍ରାୟ ୫:୨୦ ରୁ ୫:୩୦ ମିନିଟ୍ ମଧ୍ୟରେ ଆରମ୍ଭ ହୋଇ ସନ୍ଧ୍ୟା ପ୍ରାୟ ୬:୪୧ ରୁ ୬:୪୫ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ଏହି ସମୟରେ ଶୁକ୍ର ଗ୍ରହ ଚନ୍ଦ୍ର ପଛରେ ଅଦୃଶ୍ୟ ହୋଇଯାଇଥିଲା । ୬:୪୫ ମିନିଟ୍ ପରେ ଶୁକ୍ର ଗ୍ରହ ଚନ୍ଦ୍ର ଆଲୋକିତ ପାର୍ଶ୍ୱରୁ ବାହାରକୁ ଆସିଥିଲା ଓ ଚନ୍ଦ୍ର ସହ ଲାଗି ରହିଥିବାର ଦେଖାଯାଇଥିଲା । ଏହି ମହାଜାଗତିକ ଘଟଣାଟି ମୁଖ୍ୟତଃ ଦକ୍ଷିଣ ଓ ମଧ୍ୟ ଭାରତ, ୟୁରୋପ, ମଧ୍ୟପ୍ରାଚ୍ୟ, ଉତ୍ତର ଆଫ୍ରିକା ଏବଂ ଏସିଆର କିଛି ଅଞ୍ଚଳରେ ଦୃଶ୍ୟମାନ ହୋଇଥିବା ନେଇ ତଥ୍ୟ ପ୍ରକାଶ ପାଇଛି। ଭୁବନେଶ୍ୱର ତଥା ଓଡ଼ିଶାର ର ଅନେକ ସ୍ଥାନରେ ଦିଗବଳୟ ନିକଟରେ ଚନ୍ଦ୍ର ଏବଂ ଉଜ୍ଜ୍ୱଳ ଶୁକ୍ର ଗ୍ରହ ଏକାଠି ଅତି ନିକଟତର ହୋଇ ଏକ ଆକର୍ଷଣୀୟ ଯୁଗଳବନ୍ଦୀ ବା 'ସଂଯୋଗ' ଭାବେ ଖାଲି ଆଖିରେ ଖୁବ୍ ସୁନ୍ଦର ଦେଖାଯାଇଥିଲା । ସନ୍ଧ୍ୟା ୬:୪୫ ରୁ ୭.୩୦ ଯାଏଁ ଆକାଶ ପରିଷ୍କାର ଥିବା ସ୍ଥାନମାନଙ୍କରେ ଲୋକେ ଏହି ଚମତ୍କାର ଦୃଶ୍ୟ ଉପଭୋଗ କରିଛନ୍ତି। ଚନ୍ଦ୍ର ଦ୍ୱାରା ଶୁକ୍ର ଗ୍ରହର ଆଚ୍ଛାଦନ ବର୍ଷକୁ ଥରେ ବା ଦୁଇଥର ଘଟିପାରେ, କିନ୍ତୁ ପୃଥିବୀର ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ (ଯଥା ଭାରତରୁ) ଏହା ଦୃଶ୍ୟମାନ ହେବା ବେଶ୍ ବିରଳ ଏବଂ ଏହା ପ୍ରାୟ କିଛି ବର୍ଷ ବ୍ୟବଧାନରେ ଥରେ ଦେଖିବାକୁ ମିଳିଥାଏ। ଚଳିତ ବର୍ଷର ପରବର୍ତ୍ତୀ ଶୁକ୍ର ଆଚ୍ଛାଦନ ୭ ନଭେମ୍ବର ୨୦୨୬ ରେ ଘଟିବ, ଯାହା ଦକ୍ଷିଣ ଆମେରିକାର ଦକ୍ଷିଣ ଭାଗରୁ ଦୃଶ୍ୟମାନ ହେବ ବୋଲି ଜନବିଜ୍ଞାନୀ ଡ଼ : ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି।

# ଅକ୍ଟୋବରରୁ ଡିସେମ୍ବରରେ ୩ ବାତ୍ୟା !

**ଭୁବନେଶ୍ୱର(ବ୍ୟୁରୋ):** ଅକ୍ଟୋବରରୁ ଡିସେମ୍ବର ଭିତରେ ଆସିପାରେ ୩ ବାତ୍ୟା । ଏଥିରୁ ଅନ୍ୟୁନ ଗୋଟିଏ ବାତ୍ୟା ଅତି ଭୟଙ୍କର ଅର୍ଥାତ୍ ଏକ୍ସଟ୍ରିମ୍ଲି ସିଭିୟର ସାଇକ୍ଲୋନିକ ଷ୍ଟର୍ମ ରୂପ ନେଇପାରେ । ଯାହାର ସର୍ବାଧିକ ପବନ ବେଗ ଘଣ୍ଟା ପ୍ରତି ୨୨୦ କିଲୋମିଟର କିମ୍ବା ଅଧିକ ହେବା ଆଶଙ୍କା ରହିଛି । ଡରାଇଦେଲା ଭଳି ଏମିତି କିଛି ସଙ୍କେତ ମିଳିଛି ଇସ୍ରୋ ପକ୍ଷରୁ କରାଯାଇଥିବା ଗବେଷଣାରୁ । ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ସ୍ପେସ୍ ଆପ୍ଲିକେସନ ସେଣ୍ଟର ଦ୍ୱାରା ପ୍ରକାଶିତ ରିପୋର୍ଟ ଦର୍ଶାଉଛି ଯେ ଚଳିତବର୍ଷ ଅକ୍ଟୋବରରୁ ଡିସେମ୍ବର ଭିତରେ ଉତ୍ତର ଭାରତୀୟ ମହାସାଗର (ବଙ୍ଗୋପସାଗର ଓ ଆରବ ସାଗରରେ) ୩ଟି ବାତ୍ୟା ସୃଷ୍ଟି ହୋଇପାରେ । ଏହାର ସମ୍ଭାବ୍ୟ ତୀବ୍ରତା ଓ ବିନାଶକାରୀ କ୍ଷମତାକୁ ନେଇ ଯେଉଁ ସଙ୍କେତ ମିଳିଛି, ତାହା ପାଣିପାଗ ବିଜ୍ଞାନୀଙ୍କ ଚିନ୍ତା ବଢ଼ାଇ ଦେଇଛି । ଭାରତୀୟ ପାଣିପାଗ ବିଜ୍ଞାନ କେନ୍ଦ୍ର (ଆଇଏମ୍‌ଡି ) କିନ୍ତୁ ଏଭଳି କୌଣସି ରିପୋର୍ଟ କିମ୍ବା ପୂର୍ବାନୁମାନ ଜାରି କରିନାହିଁ । ବାତ୍ୟା ନେଇ ଏତେ ଆଗୁଆ ପୂର୍ବାନୁମାନ ମଧ୍ୟ ସହଜ ନୁହେଁ । ସମୁଦ୍ରରେ ଘୂର୍ଣ୍ଣିବଳୟ ହେବା ପରେ ହିଁ କିଛି ନିର୍ଦ୍ଦିଷ୍ଟ ଆକଳନ କରାଯାଇଥାଏ । କେବଳ ଚଳିତବର୍ଷର ସୁପର ଏଲ୍-ନିନୋ ପ୍ରଭାବ ଓ ସାମୁଦ୍ରିକ ଜଳରାଶିର ତାପମାତ୍ରା ବୃଦ୍ଧି ଭିତରେ ଏଭଳି ସଙ୍କେତ ଚିନ୍ତା ବଢ଼ାଇଛି । ସବୁଠାରୁ ବଡ଼ କଥା, ନିର୍ଦ୍ଦିଷ୍ଟ ଭାବେ ଓଡ଼ିଶା ପାଇଁ କିଛି ପୂର୍ବାନୁମାନ ଜାରି କରାଯାଇନି । ଇସ୍ରୋ ଗବେଷଣା ଅନୁସାରେ ଚଳିତ ବର୍ଷ ପାଇଁ ସମ୍ଭାବ୍ୟ ବାତ୍ୟାର ଶକ୍ତି ସୂଚକାଙ୍କ (ପାୱାର ଡିସିପେସନ ଇଣ୍ଡେକ୍ସ-ପିଡିଆଇ) ହାରାହାରି ଭାବେ ବେଶ୍ ଅଧିକ ରହିବ । ଅର୍ଥାତ୍ ବାତ୍ୟାର ତୀବ୍ରତା, ଅବଧି ଓ ପ୍ରଭାବ ଢେର ଅଧିକ ରହିପାରେ । ଗତ ୪୪



ବର୍ଷରେ ସୃଷ୍ଟି ହୋଇଥିବା ସମସ୍ତ ବାତ୍ୟାର ହାରାହାରି ଶକ୍ତିଠାରୁ ଏହାର ଶକ୍ତି (ପିଡିଆଇ) ପ୍ରାୟ ୮୩% ଅଧିକ ରହିବା ଆଶଙ୍କା କରାଯାଉଛି । ସାଧାରଣତଃ ଅକ୍ଟୋବର-ନଭେମ୍ବର ମାସରେ ଓଡ଼ିଶା ସମେତ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକରେ ବାତ୍ୟା ଭୟ ଅଧିକ । ବିଗତ ବର୍ଷମାନଙ୍କର ରେକର୍ଡ ଅନୁସାରେ ୧୯୯୯ ମସିହା ଅକ୍ଟୋବର ୨୯ ମହାବାତ୍ୟା ଓଡ଼ିଶା ପାଇଁ ସବୁଠାରୁ ପ୍ରଳୟଙ୍କାରୀ ଥିଲା । ପରବର୍ତ୍ତୀ ସମୟରେ ଅକ୍ଟୋବରରେ ହୁଡ୍‌ହୁଡ୍, ଫାଇଲିନ ଆଦି ବାତ୍ୟା ଆସିଥିଲା । ଏଥର ବାତ୍ୟା ଗତ ୪୪ ବର୍ଷର ହାରାହାରି ବାତ୍ୟା ତୁଳନାରେ ଅଧିକ ଶକ୍ତିଶାଳୀ ରହିପାରେ । ବିଶେଷଜ୍ଞଙ୍କ ଆକଳନ ଅନୁସାରେ ଚଳିତବର୍ଷ ବାତ୍ୟା ସୃଷ୍ଟି ହେବା ପାଇଁ ବାତାବରଣ ଅନୁକୂଳ ରହିଛି । ସୁପର ଏଲନିନୋ ଯୋଗୁ ସମୁଦ୍ରର ଜଳରାଶି ତାପମାତ୍ରା ସ୍ୱାଭାବିକଠାରୁ ବେଶ୍ ଅଧିକ ରହୁଛି । ଉତ୍ତର ଭାରତ ମହାସାଗରର ବଙ୍ଗୋପସାଗର ଅଞ୍ଚଳରେ ଏ ସ୍ଥିତି ଅଧିକ ରହୁଛି । ଲୋୟର ଭର୍ଟିକାଲ ୱିଣ୍ଡ ସିଅର ପ୍ରଭାବ ରହୁଛି । ଅର୍ଥାତ୍ ବାୟୁମଣ୍ଡଳର ତଳ ଓ ଉପରଭାଗ ମଧ୍ୟରେ ପବନ ବେଗ ଓ ଦିଗର ପାର୍ଥକ୍ୟ ବହୁତ କମ୍ ରହୁଛି । ଏହା ସମୁଦ୍ରରେ ବାତ୍ୟା ସୃଷ୍ଟି ହେବା ଓ ଶକ୍ତିଶାଳୀ ହେବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରୁଛି । ଫଳରେ ସମୁଦ୍ରରୁ ଗରମ ଜଳୀୟବାଷ୍ପ ଶୋଷି ବାତ୍ୟାଟି ଶୀଘ୍ର ପ୍ରଚଣ୍ଡ ରୂପ ନେଇପାରେ । ସେପଟେମ୍ବରରୁ ଡିସେମ୍ବର ଭିତରେ ଏଲ୍ନିନୋ ପ୍ରଭାବ ପ୍ରଚଣ୍ଡ ରହିବ । ଏହା ବାତ୍ୟା ପାଇଁ ଅନୁକୂଳ ରହିପାରେ । ଇସ୍ରୋ ପକ୍ଷରୁ ଜାରି ରିପୋର୍ଟରେ ଉପକୂଳବର୍ତ୍ତୀ ଜନବସତି, ପର୍ଯ୍ୟଟନ ଏବଂ ସରକାରଙ୍କ ଉଦ୍ଦେଶ୍ୟରେ ସତର୍କ ସୂଚନା ପ୍ରଦାନ କରାଯାଇଛି । ଏହି ସମ୍ଭାବ୍ୟ ସ୍ଥିତିକୁ ନେଇ ଆଗୁଆ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଛି ।

# ଫାୟାର ସେଫ୍ଟି ସରପ୍ରାଇଜ୍ ଚେକ୍, ନିୟମ ଭାଙ୍ଗିଲେ ପଡ଼ିବ ମହଙ୍ଗା

**ଭୁବନେଶ୍ୱର(ବ୍ୟୁରୋ):** ସହରରେ ଅଗ୍ନିକାଣ୍ଡ ଅଘଟଣ ଏଡାଇବାକୁ ଆକ୍ସନ ପ୍ଲାନ୍ । ଆଜିଠୁ ସରପ୍ରାଇଜ ଚେକ୍ କରିବ ଅଗ୍ନିଶମ ଟିମ୍ । ସୁରକ୍ଷା ନିରାପତ୍ତା ନଥିଲେ ହେବ ଆକ୍ସନ । ଏନେଇ ମହଲତ ସମୟ ସୀମା ପରେ ସମସ୍ତ ସରକାରୀ ଓ ବେସରକାରୀ ଅଗ୍ନି ନିରାପତ୍ତା ନେଇ ରୁହନ୍ତୁ ସଜାଗ । କେଉଁ ମୁହୂର୍ତ୍ତରେ ବି କେଉଁଠି ପଶିପାରେ ଅଗ୍ନିଶମ ଟିମ୍ । ଅଗ୍ନି ନିରାପତ୍ତା ସାର୍ଟିଫିକେଟ ଓ ସରଞ୍ଜାମ ନ ଲଗାଇଥିଲେ ପଡ଼ିବ ମହଙ୍ଗା । ସୁରକ୍ଷିତ ଓଡ଼ିଶା ଓ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ସ୍ୱତନ୍ତ୍ର ଡ୍ରାଇଭ୍ ଆଜିଠାରୁ ଆରମ୍ଭ । ଏନେଇ ଅଗ୍ନିଶମ ଟିମ୍ ର ବିଭିନ୍ନ ମଲ୍,ଅଫିସ ଓ ସିନେମା ହଲ ସମେତ ରେସିଡେନସିଆଲ ବିଲ୍ଡିଂରେ ମଧ୍ୟ କରିବେ ସରପ୍ରାଇଜ ଚେକ୍ । ଏନେଇ ଅଗ୍ନିଶମ ବିଭାଗ ପକ୍ଷରୁ ପୁର୍ବରୁ ଅବଗତ କରାଯାଇଛି । ଅଗ୍ନିକଣ୍ଡ ଘଟିବା ପରେ ଆକ୍ସନ୍ ନୁହେଁ, ବରଂ ଅଗ୍ନିକାଣ୍ଡକୁ ରୋକିବା ପାଇଁ ଆଗୁଆ ପଦକ୍ଷେପ । ଫାୟାର ସେଫ୍ଟି ନିୟମର କଡ଼ାକଡ଼ି ଲାଗୁ ପାଇଁ ଆସନ୍ତା ୧୫ ସେପଟେମ୍ବରରୁ ସୁରକ୍ଷିତ ଓଡ଼ିଶା, ବିକଶିତ ଓଡ଼ିଶା ଅଭିଯାନ ଆରମ୍ଭ ହୋଇଛି । ମାସେ ବ୍ୟାପୀ ଚାଲିବ ଏହି ଅଭିଯାନ । ଫାୟାର ସେଫ୍ଟି ସାର୍ଟିଫିକେଟ୍ ଆବଶ୍ୟକ କରୁଥିବା ଅଟ୍ଟାଳିକାର ସର୍ଭେଠାରୁ ଆରମ୍ଭ କରି ଇଓ ଆଧାରିତ ଡାଟାବେସ୍, କଣ୍ଟ୍ରୋଲ୍ ରୁମ୍, ହ୍ୱାଟ୍ସଆପ୍ ନମ୍ବର ଓ ଲାଇସେନ୍ସ ପ୍ରକ୍ରିୟାରେ ହଇରାଣ ହେଲେ ଅଭିଯୋଗ ପାଇଁ ଟୋଲ୍ ଫ୍ରି ନମ୍ବର ଏଭଳି ଏକାଧିକ ପଦକ୍ଷେପ ନେଉଛି ଫାୟାର ବିଭାଗ । ଯାଞ୍ଚ ସମୟରେ ସ୍ପ୍ରିଙ୍କଲ, ଫାୟାର ମୋଟର, ପାଇପ୍, ଅଗ୍ନି ନିର୍ବାପକ ଯନ୍ତ୍ର ଠିକ୍ ଭାବେ କାର୍ଯ୍ୟ କରୁଛି କି ନାହିଁ ? ତାହା ପରୀକ୍ଷା କରାଯାଉଛି। ଏଥିସହ ଜରୁରୀକାଳୀନ ଦ୍ୱାର ଏବଂ ଅନ୍ୟାନ୍ୟ ଆପତ୍କାଳୀନ ବ୍ୟବସ୍ଥାର ମଧ୍ୟ ତଦାରଖ କରାଯାଉଛି ।ଆଗାମୀ ଦିନରେ ରାଜଧାନୀର ଅନ୍ୟାନ୍ୟ ସଂସ୍ଥା ଓ ଅନୁଷ୍ଠାନରେ ମଧ୍ୟ ଏଭଳି ଯାଞ୍ଚ ଓ ଚଢ଼ାଉ କରାଯିବ। ବିଭିନ୍ନ ଅନୁଷ୍ଠାନର ଫାୟାର ଲାଇସେନ୍ସ ଓ ଅଗ୍ନି ନିରାପତ୍ତା ମାନଦଣ୍ଡ ଯାଞ୍ଚ କରିବେ ଅଗ୍ନିଶମ ବିଭାଗର ଅଧିକାରୀ। ଦିଲ୍ଲୀର ଅଗ୍ନିକାଣ୍ଡ ଘଟଣା ପରେ ଓଡ଼ିଶା ଅଗ୍ନିଶମ ବିଭାଗ ଅଧିକ ସତର୍କ ହୋଇଛି। ପାର୍ବଣ ସମୟରେ ଜନଗହଳି ବଢୁଥିବାରୁ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଉପରେ ବିଭାଗ ଗୁରୁତ୍ୱ ଦେଉଛି।



# ବକ୍ସାଇଟ୍ ଖନନ ଓଡ଼ିଶା ବିକାଶର ଆଧାର ହେବା ସହିତ ଭାରତ ପାଇଁ ଲାଭଦାୟକ

**ଭୁବନେଶ୍ୱର(ବ୍ୟୁରୋ):** ଇସ୍ପାତ ପରେ ବିଶ୍ୱରେ ସର୍ବାଧିକ ବ୍ୟବହୃତ ଧାତୁ ମଧ୍ୟରେ ଆଲୁମିନିୟମ ଅନ୍ୟତମ। ଏକବିଂଶ ଶତାବ୍ଦୀର ଭବିଷ୍ୟତ ନିର୍ଦ୍ଧାରଣ କରିବାକୁ ଥିବା ଅନେକ କ୍ଷେତ୍ର ନବୀକରଣଯୋଗ୍ୟ ଶକ୍ତି, ବିଦ୍ୟୁତ୍ ଯାନ, ମହାକାଶ ଓ ବିମାନ ଶିଳ୍ପ, ପ୍ରତିରକ୍ଷା, ଭିତିଭୂମି ଆଦି ପାଇଁ ଏହା ଅପରିହାର୍ଯ୍ୟ। ତେଣୁ ଆଲୁମିନିୟମ ଉତ୍ପାଦନ ପାଇଁ ଆବଶ୍ୟକ କଂଚାମାଲର ନିର୍ଭରଯୋଗ୍ୟ ଉପଲବ୍ଧତା ସୁନିଶ୍ଚିତ କରିବା ଏକ ରଣନୀତିକ ଆବଶ୍ୟକତାରେ ପରିଣତ ହୋଇଛି। ଏହି ସୁଯୋଗର କେନ୍ଦ୍ରରେ ରହିଛି ବକ୍ସାଇଟ୍। ଭାରତର ସମୃଦ୍ଧ ବକ୍ସାଇଟ୍ ଭଣ୍ଡାର ଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ଅନ୍ୟତମ। କଳାହାଣ୍ଡିରେ ମଧ୍ୟ ବକ୍ସାଇଟର ବିପୁଳ ଭଣ୍ଡାର ରହିଛି। ତଥାପି ଏହି ସମ୍ଭାବନାର ବଡ଼ ଅଂଶ ଏବେ ବି ଅବ୍ୟବହୃତ ରହିଛି। ଅନ୍ୟପଟେ ଓଡ଼ିଶାରେ ବିଶ୍ୱର କେତେକ ବୃହତ୍ ଆଲୁମିନା ବିଶୋଧନ ଓ ଆଲୁମିନିୟମ ଉତ୍ପାଦନ କାରଖାନା ରହିଛି। ଏହି ବକ୍ସାଇଟ୍ ସମ୍ପଦକୁ ଦାୟିତ୍ୱପୂର୍ଣ୍ଣ ଭାବେ ଉନ୍ମୁକ୍ତ କରି ସୁସ୍ଥିର ପରିଚାଳନା କରାଗଲେ ନୂଆ ପୁଁଜିନିବେଶ, ନିଯୁକ୍ତି ଓ ଜିଲ୍ଲାସ୍ତରୀୟ ବିକାଶର ନୂଆ ଅଧ୍ୟାୟ ଆରମ୍ଭ ହୋଇପାରିବ। ଏହା ଓଡ଼ିଶାର 'ବିକଶିତ ଓଡ଼ିଶା ୨୦୩୬' ଲକ୍ଷ୍ୟ ପୂରଣ ସହ ଭାରତର ଦୀର୍ଘମିଆଦୀ ଉତ୍ପାଦନ ପ୍ରତିଯୋଗିତାକ୍ଷମତାକୁ ମଧ୍ୟ ସୁଦୃଢ଼ କରିପାରିବ ବୋଲି ଶିଳ୍ପ ପର୍ଯ୍ୟବେକ୍ଷକମାନେ ମତ ଦେଇଛନ୍ତି। 'କଳାହାଣ୍ଡିର ବକ୍ସାଇଟ କେବଳ ଉତ୍ତୋଳନ କରିବାକୁ ଥିବା ଏକ ଖଣିଜ ଭାବେ ଦେଖିବା ଉଚିତ ନୁହେଁ। ଖଣି ଉତ୍ତୋଳନ ଓ ବିଶୋଧନଠାରୁ ଆରମ୍ଭ କରି ଉତ୍ପାଦନ, ପରିବହନ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ସରକାରୀ ରାଜସ୍ୱ ପର୍ଯ୍ୟନ୍ତ ଏହା ଏକ ବ୍ୟାପକ ବିକାଶ ଶୃଙ୍ଖଳାର ପ୍ରଥମ କଡ଼ି। ଓଡ଼ିଶାରେ ପୂର୍ବରୁ ଯଥେଷ୍ଟ ଆଲୁମିନା ବିଶୋଧନ କ୍ଷମତା ଥିବାରୁ ଉପଯୁକ୍ତ ବକ୍ସାଇଟ୍ ସମ୍ପଦକୁ ଦାୟିତ୍ୱପୂର୍ଣ୍ଣ ଭାବେ ଉନ୍ମୁକ୍ତ କରିବା ଦ୍ୱାରା ବିଦ୍ୟମାନ ଶିଳ୍ପ ବ୍ୟବସ୍ଥା ସୁଦୃଢ଼ ହେବା ସହ ଅଂଚଳରେ ଅଧିକ ଉତ୍ପାଦନଶୀଳ ନିଯୁକ୍ତି ସୃଷ୍ଟି ହୋଇପାରିବ,' ବୋଲି ଭାରତର ଭୂତତ୍ତ୍ୱ ସର୍ବେକ୍ଷଣର ପୂର୍ବତନ ନିର୍ଦ୍ଦେଶକ ଶ୍ରୀ ଶିବ ମହାକୁଡ଼ କହିଛନ୍ତି। ବକ୍ସାଇଟ୍ ହେଉଛି ଆଲୁମିନିୟମ ମୂଲ୍ୟ ଶୃଙ୍ଖଳାର ପ୍ରାରମ୍ଭିକ କଂଚାମାଲ। ଏହି ଖଣିଜର ନିର୍ଭରଯୋଗ୍ୟ ଘରୋଇ ଯୋଗାଣ ବିଦ୍ୟମାନ ବିଶୋଧନ କାରଖାନାଗୁଡ଼ିକୁ ସେମାନଙ୍କର ସର୍ବାଧିକ କ୍ଷମତାରେ ଚାଲିବାରେ ସହାୟତା କରିପାରିବ। ଏହା ପୁଁଜିନିବେଶକାରୀଙ୍କ ଆସ୍ଥା ବଢ଼ାଇବା ସହ ରାଜ୍ୟରେ ଆଗାମୀ ପର୍ଯ୍ୟାୟର ଉତ୍ପାଦନ କ୍ଷମତା ବିକାଶକୁ ମଧ୍ୟ ସମର୍ଥନ କରିପାରିବ। ବର୍ତ୍ତମାନ ଅଗ୍ରଣୀ ଉତ୍ପାଦକମାନେ ବକ୍ସାଇଟ୍ ଯୋଗାଣରେ ଅଭାବ ରହିଥିବା ଜଣାଇଛନ୍ତି। ଏହା ଦୀର୍ଘଦିନ ଧରି କାରଖାନାଗୁଡ଼ିକର କ୍ଷମତାର ଅପୂର୍ଣ୍ଣ ବ୍ୟବହାର ଏବଂ ରାଜ୍ୟ ରାଜସ୍ୱ ହ୍ରାସର କାରଣ ହୋଇଛି। କଳାହାଣ୍ଡି ପାଇଁ ଦାୟିତ୍ୱପୂର୍ଣ୍ଣ ଖଣି ଉତ୍ତୋଳନ ପୁଁଜିନିବେଶ ଓ ଭିତିଭୂମି ବିକାଶଠାରୁ ଆରମ୍ଭ କରି ନିଯୁକ୍ତି, ସ୍ଥାନୀୟ ଉଦ୍ୟୋଗ ଓ ଆର୍ଥିକ ବିକାଶ ପର୍ଯ୍ୟନ୍ତ ଏକ ସିଧାସଳଖ ବିକାଶ ପଥ ସୃଷ୍ଟି କରିପାରିବ। ଏହାର ପ୍ରଥମ ପ୍ରଭାବ ପଡ଼ିବ ପୁଁଜିନିବେଶ ଉପରେ। ଖଣି ପ୍ରକଳ୍ପ ପାଇଁ ଅନୁସନ୍ଧାନ, ଯନ୍ତ୍ରପାତି, ପରିବହନ, ସୁରକ୍ଷା ଓ ପରିବେଶ ପରିଚାଳନାରେ ବିପୁଳ ଖର୍ଚ୍ଚ ଆବଶ୍ୟକ ହୁଏ। ଉତ୍ପାଦନ ଆରମ୍ଭ ହେବା ପୂର୍ବରୁ ହିଁ ଏହା ସ୍ଥାନୀୟ ଠିକାଦାର ଓ ଯୋଗାଣକାରୀଙ୍କ ପାଇଁ ସୁଯୋଗ ସୃଷ୍ଟି କରିବ ଏବଂ ଅଂଚଳର କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ବିକାଶକୁ ଗତି ଦେବ। ନିଯୁକ୍ତିର ପ୍ରଭାବ କେବଳ ପ୍ରତ୍ୟକ୍ଷ ଖଣି ନିଯୁକ୍ତିରେ ସୀମିତ ରହିବ ନାହିଁ। ମୁଖ୍ୟ ପରିଚାଳନା, ରକ୍ଷଣାବେକ୍ଷଣ, ଗୁଣବତା ପରୀକ୍ଷାଗାର, ସୁରକ୍ଷା ସେବା ଓ ନିର୍ମାଣ କ୍ଷେତ୍ରରେ ମଧ୍ୟ ସୁଯୋଗ ସୃଷ୍ଟି ହୋଇପାରିବ। ଫଳରେ ଅଞ୍ଚଳର ଯୁବପିଢ଼ି ନିଜ ଅଂଚଳ ନିକଟରେ ନିଯୁକ୍ତିର ସୁଯୋଗ ପାଇପାରିବେ।

# ଛିଣ୍ଡା ଜରିରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତି

**ଭୁବନେଶ୍ୱର(ବ୍ୟୁରୋ):** ରାଜ୍ୟର ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ଭାଷା, ସାହିତ୍ୟ, ସଂସ୍କୃତି, କଳା, ଭାସ୍କର୍ଯ୍ୟକୁ ସମୃଦ୍ଧ କରିବାରେ ବରପତ୍ରମାନଙ୍କ ଅବଦାନ ଚିରସ୍ମରଣୀୟ। ଜାତି ପାଇଁ ସେମାନଙ୍କ ଆଜୀବନ ସାଧନା ଯୋଗୁ ସେମାନେ ବିଶ୍ୱବନ୍ଦିତ। ତେଣୁ ସେହି ବରପୁତ୍ରମାନଙ୍କ ପୂଜ୍ୟପୂଜାକୁ କେବଳ ଜୟନ୍ତୀ ଓ ଶ୍ରାଦ୍ଧ ଉତ୍ସବ ପାଳନରେ ପୂଜ୍ୟପୂଜାକୁ ସୀମିତ ନରଖି ପ୍ରତ୍ୟେକ ଦିନ ସ୍ମରଣ କରିବା ପାଇଁ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ବିଭିନ୍ନ ସ୍ଥାନରେ ବରପୁତ୍ରମାନଙ୍କର ୭୫ଟି ପ୍ରତିମୂର୍ତ୍ତି ସ୍ଥାପନ କରି ଜାତିର ବିକାଶ ପାଇଁ ତାଙ୍କ କାର୍ଯ୍ୟଧାରା ଦର୍ଶାଇବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଯୋଜନା ପ୍ରସ୍ତୁତି ହୋଇଥିଲା। ବିଭାଗ ପକ୍ଷରୁ ପ୍ରାୟ ୧୪ କୋଟି ଟଙ୍କା ବ୍ୟୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏହିସବୁ ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଏହି ସମସ୍ତ କାର୍ଯ୍ୟ ୨୦୨୬ ଶେଷ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରହିଥିଲା। କେବଳ ରାଜଧାନୀରେ ୧୩ଟି ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଘୋଷଣା ହୋଇଥିଲା। ହେଲେ ବର୍ଷେ ସରିବାକୁ ମାତ୍ର ସାଢ଼େ ତିନି ମାସ ରହିଥିଲେ ସୁଦ୍ଧା ରାଜଧାନୀରେ ମାତ୍ର ତିନୋଟି ପ୍ରତିମୂର୍ତ୍ତିର କାମ ସରିଛି। ଯେଉଁ ତିନୋଟି ମୂର୍ତ୍ତି କାମ ସରିଛି ତାହା ମଧ୍ୟ ପାଖାପାଖି ମାସ ମାସ ହେଲାଣି ଅବହେଳିତ ହୋଇପଡ଼ିରହିଛି। ଆଚାର୍ଯ୍ୟ ବିହାରରେ ୨ଟି ଓ ଆନନ୍ଦ ବଜାର ଛକରେ ଥିବା ଗୋଟିଏ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପ୍ରାୟ ୬ ମାସ ହେଲାଣି ଜରି ଘୋଡ଼ାଇ ରଖାଯାଇଛି। ସେଥିରେ ମଧ୍ୟ ଆଚାର୍ଯ୍ୟ ବିହାର ଛକରେ ଥିବା ପ୍ରତିମୂର୍ତ୍ତିରେ ଜରି ଛିଡ଼ିଯାଇ ବରପୁତ୍ରଙ୍କ ମୁହଁ ଦେଖାଗଲାଣି। ପ୍ରତିମୂର୍ତ୍ତି ଉନ୍ମୋଚନ ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ପିଣ୍ଡିରେ ବରପୁତ୍ରଙ୍କ ନାମ, ଜନ୍ମସ୍ଥାନ, ଠିକଣା, କୃତିତ୍ୱ ବିଷୟରେ ଏଯାବତ୍ ଲେଖା ହେଲାନାହିଁ। ଅପରନ୍ତୁ ରାସ୍ତା ପାର୍ଶ୍ୱରେ ଏଭଳି ଢଙ୍ଗରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିକୁ ପକାଇ ରଖିବା ଘଟଣାକୁ ସହରର ସାହିତ୍ୟପ୍ରେମୀ ଓ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି। ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ନିକଟରେ କେବଳ ପ୍ରତିମୂର୍ତ୍ତିର ପିଣ୍ଡି ନିର୍ମାଣ ୩ ମାସ ହେଲା ସରୁନାହିଁ। ଏନେଇ ସଂସ୍କୃତି ବିଭାଗର ଅନୁସଚିବ ସତ୍ୟବ୍ରତ ସାମଲ କହିଛନ୍ତି ଯେ ଆସନ୍ତା ୧୮ ତାରିଖରେ ଉକ୍ତ ତିନିଟି ସ୍ଥାନରେ ଥିବା ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରାଯିବ। ସେହିପରି ଅନ୍ୟ ମୂର୍ତ୍ତି ସ୍ଥାପନା ପାଇଁ ସ୍ଥାନ ଚୟନ ସମ୍ପର୍କରେ ଗତମାସ ବିଭାଗ ପକ୍ଷରୁ ବିଏମ୍‌ସି ଓ ବିଡିଏ ସହିତ ଆଲୋଚନା କରାଯାଇଛି। ଖୁବ୍ ?ଶୀଘ୍ର ସ୍ଥାନ ନିରୂପଣ ହୋଇ ଏହି ଆର୍ଥିକ ବର୍ଷ ଶେଷ ସୁଦ୍ଧା ଆମେ ପ୍ରତିମୂର୍ତ୍ତି ନିର୍ମାଣ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରହିଛି। ବିଶେଷ କରି ସହରର ବିଭିନ୍ନ ପାର୍କ ଓ ରାସ୍ତାକଡ଼ରେ ଏହି ପ୍ରତିମୂର୍ତ୍ତି ରହିବ। ବରପୁତ୍ରଙ୍କ ଅବଦାନ ସମ୍ପର୍କରେ ଜଣାଇବା ପାଇଁ ପିଣ୍ଡିରେ ତାଙ୍କ କୃତିତ୍ୱ ଉଲ୍ଲେଖ କରାଯିବ ବୋଲି ସେ କହିଛନ୍ତି।

### ରୁଷ୍ ଠାରୁ ତେଲ କିଣିବା ଭାରତ ପାଇଁ ହୋଇପାରେ ମହଙ୍ଗା

## ୧୦୦% ଶୁଳ୍କ ଲଗାଇବାକୁ ଯୋଜନା କରୁଛି ଆମେରିକା

■ ଭାରତ ସମେତ ୧୦ ଦେଶ ଉପରେ ଲାଗିବ ଟ୍ୟାକ୍ସ



**ୱାସିଂଟନ,୧୫।୯:** ଜଣେ ଆମେରିକୀୟ ସାଂସଦ ରୁଷ ଉପରେ କଟକଣା ଲାଗୁ କରିବା ପାଇଁ ଏକ ବିଲ୍‌ରେ ସଂଶୋଧନ ପ୍ରସ୍ତାବ ଦେଇଛନ୍ତି, ଯେଉଁଥିରେ ଭାରତ ସମେତ ରୁଷର ପ୍ରମୁଖ ବାଣିଜ୍ୟିକ ଅଂଶୀଦାରଙ୍କ ନାମ ଅନ୍ତର୍ଭୁକ୍ତ କରିବାକୁ ଦାବି କରାଯାଇଛି। 'ଲିଣ୍ଡସେ ଓ. ଗ୍ରାହାମ ସାଙ୍କସନ୍ସିଂ ରୁଷ ଆଣ୍ଡ ଇରାନ ଆକ୍ଟ' ନାମକ ଏହି ବିଲ୍ ଗତ ମାସରେ ଆମେରିକା ସିନେଟ୍ ଦ୍ୱାରା ବଡ଼ ବହୁମତରେ ଗୃହୀତ ହୋଇଥିଲା। ଏହାର ସପକ୍ଷରେ ୮୬ ଜଣ ସାଂସଦ ଭୋଟ୍ ଦେଇଥିବା ବେଳେ ୧୧ ଜଣ ବିପକ୍ଷରେ ଭୋଟ୍ ଦେଇଥିଲେ। ଏହି ବିଲ୍ ରୁଷର ନେତୃତ୍ୱ ଏବଂ ଏହାର ଶକ୍ତି କ୍ଷେତ୍ର ଉପରେ କଟକଣା ଲଗାଇବା ସହିତ ତୈଳ ବିକ୍ରୟ କଟକଣାକୁ ଏଡ଼ାଇବା ପାଇଁ ରୁଷ ବ୍ୟବହାର କରୁଥିବା ଛାୟା ଫ୍ଲିଟ୍ ଜାହାଜଗୁଡ଼ିକ ଉପରେ କଟକଣା ଲଗାଇବା ପାଇଁ ଲକ୍ଷ୍ୟ ରଖିଛି। ଆମେରିକା କହିଛି ଯେ, ରୁଷ ଅଶୋଧିତ ତେଲ ବିକ୍ରୟ କରି ଯେଉଁ ଟଙ୍କା ରୋଜଗାର କରୁଛି ତାହା ୟୁକ୍ରେନ ବିରୋଧରେ ଯୁଦ୍ଧରେ ବ୍ୟବହୃତ ହେଉଛି। ଏହି ବିଲ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଚୀନ୍ ଏବଂ ଭାରତ ସମେତ ପ୍ରମୁଖ ରୁଷୀୟ ତୈଳ କ୍ରେତାମାନଙ୍କ ଉପରେ ୧୦୦% ପର୍ଯ୍ୟନ୍ତ ଶୁଳ୍କ ଲଗାଇବାର କ୍ଷମତା ପ୍ରଦାନ କରିବାର ପ୍ରସ୍ତାବ ମଧ୍ୟ ଦିଆଯାଇଛି। ଅଗଷ୍ଟ ୭ ତାରିଖରେ ଆମେରିକା ସିନେଟ୍ ଦ୍ୱାରା ଗୃହୀତ ଏହି ବିଲ୍‌ରେ ରୁଷର ବାଣିଜ୍ୟିକ ଅଂଶୀଦାରଙ୍କ ନାମ ନାହିଁ। ତେବେ ଏଥିରେ ପରିମାଣ ଅନୁସାରେ ବିଶ୍ୱର ପାଞ୍ଚଟି ସର୍ବବୃହତ ତୈଳ ଏବଂ ଗ୍ୟାସ୍ କ୍ରେତାଙ୍କ ନାମ ଉଲ୍ଲେଖ ଅଛି। ଏହାକୁ ରାଷ୍ଟ୍ରପତି ଟ୍ରମ୍ପଙ୍କ ନିକଟକୁ ପଠାଇବା ପୂର୍ବରୁ ଆମେରିକାର ପ୍ରତିନିଧି ସଭା ଦ୍ୱାରା ମଧ୍ୟ ଗୃହୀତ କରିବାକୁ ପଡ଼ିବ। ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ନଭେମ୍ବର ୩ ତାରିଖରେ ହେବାକୁ ଯାଉଛି। ଏହା ପୂର୍ବରୁ ପ୍ରତିନିଧି ସଭାର ସାଧାରଣ କାର୍ଯ୍ୟ କେବଳ ଚାରି ଦିନ ବାକି ଅଛି। ଏବେ ଡେମୋକ୍ରାଟିକ୍ କଂଗ୍ରେସମ୍ୟାନ୍ ଷ୍ଟେନି ହୋଇୟର ବିଲ୍‌ରେ ଏକ ସଂଶୋଧନ ଆଗତ କରିଛନ୍ତି, ଯେଉଁଥିରେ ସ୍ପଷ୍ଟ ଭାବରେ ୧୦୦% ପର୍ଯ୍ୟନ୍ତ ଶୁଳ୍କ ଲାଗୁ ହେଉଥିବା ଦେଶଗୁଡ଼ିକର ନାମ ଉଲ୍ଲେଖ କରିବାକୁ ଦାବି ହୋଇଛି। ଭାରତ ସମେତ ୧୦ଟି ଦେଶର ନାମ ଯୋଡିବାକୁ ଦାବି କରାଯାଇଛି। ସେସବୁ ଦେଶଗୁଡ଼ିକ ମଧ୍ୟରେ ଚୀନ୍, ଭାରତ, ତୁର୍କୀ, ଆଜରବାଇଜାନ, ହଙ୍ଗେରୀ, ସ୍ଲୋଭାକିଆ ଗଣରାଜ୍ୟ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ସିଙ୍ଗାପୁର,କାଜାଖସ୍ତାନ ଏବଂ କିର୍ଗିଜସ୍ତାନ ଅଛନ୍ତି। ଏହି ବିଲ୍‌ଟି ରୁଷର ତୈଳ ଏବଂ ଗ୍ୟାସ୍ ବାଣିଜ୍ୟ ଉପରେ ଚାପ ବୃଦ୍ଧି କରିବା ପାଇଁ ଉଦ୍ଦିଷ୍ଟ। ଭାରତ ରୁଷର ଅଶୋଧିତ ତୈଳର ଏକ ପ୍ରମୁଖ କ୍ରେତା। ତେଣୁ ଭାରତ ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି। ଆଶ୍ଚର୍ଯ୍ୟଜନକ କଥା ହେଉଛି, କିଛି ଡେମୋକ୍ରାଟିକ୍ ସାଂସଦ ମଧ୍ୟ ରୁଷର ବାଣିଜ୍ୟିକ ଅଂଶୀଦାରମାନଙ୍କ ଉପରେ ଅଧିକ ଶୁଳ୍କ ଲାଗୁ କରିବାର ଅଧିକାର ଟ୍ରମ୍ପଙ୍କୁ ଦେବାକୁ ବିରୋଧ କରୁଛନ୍ତି। ଡେମୋକ୍ରାଟିକ୍ କଂଗ୍ରେସମ୍ୟାନ୍ ଗ୍ରେଗୋରୀ ମିକ୍ସ ଏକ ପୃଥକ ସଂଶୋଧନ ଆଗତ କରିଛନ୍ତି ଯାହା ବିଲ୍‌ରୁ 'ନିୟମ ୧୧୩'କୁ ସମ୍ପୂର୍ଣ୍ଣ ଭାବରେ ହଟାଇବା ପାଇଁ ଆହ୍ୱାନ କରୁଛି। ଏହି ନିୟମ ରାଷ୍ଟ୍ରପତିଙ୍କୁ ରୁଷର ବାଣିଜ୍ୟିକ ଅଂଶୀଦାରମାନଙ୍କ ଉପରେ ୧୦୦% ପର୍ଯ୍ୟନ୍ତ ବ୍ୟାପକ ଅତିରିକ୍ତ ଶୁଳ୍କ ଲାଗୁ କରିବାକୁ ଅଧିକାର ଦେଉଛି।

### ସୋସିଆଲ ମିଡିଆ ଉପରେ କଟକଣା ବଢ଼ାଇବାକୁ ପ୍ରସ୍ତୁତ ସରକାର

## ଭାରତ ସରକାରଙ୍କ ଆହ୍ୱାନରେ ନଇଁଲା ମେଟା

■ ପିଲାଙ୍କ ସହିତ ଜଡ଼ିତ ସମସ୍ତ ସୂଚନା ଦେବାକୁ ଆଗ୍ରହ



**ନୂଆଦିଲ୍ଲୀ,୧୫।୯:** ଶିଶୁମାନଙ୍କୁ ଇଣ୍ଟରନେଟରେ ହେଉଥିବା ଯୌନ ଶୋଷଣ ଏବଂ କ୍ଷତିକାରକ ବିଷୟବସ୍ତୁରୁ ସୁରକ୍ଷା ଦେବା ପାଇଁ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ ଉପରେ କଟକଣା ବଢ଼ାଇବାକୁ ପ୍ରସ୍ତୁତ ହେଉଛନ୍ତି ଭାରତ ସରକାର । ଏନେଇ ସରକାର ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମ ସହ ନିୟମିତ ଆଲୋଚନା କରୁଛନ୍ତି । ଶିଶୁଙ୍କ ସହ ଜଡ଼ିତ ଆପତ୍ତିଜନକ ଏବଂ ବେଆଇନ ବିଷୟବସ୍ତୁକୁ ଶୀଘ୍ର ଚିହ୍ନଟ କରି ପ୍ଲାଟଫର୍ମରୁ ହଟାଇବା ଉପରେ ସରକାରଙ୍କ ଗୁରୁତ୍ୱ ରହିଛି । ମେଟା ପକ୍ଷରୁ ଶିଶୁଙ୍କ ଯୌନ ଶୋଷଣ ସମ୍ପର୍କିତ ମାମଲାର ସୂଚନା ସମ୍ପୃକ୍ତ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ସହ ବାଣ୍ଟିବାକୁ ସହମତି ପ୍ରକାଶ କରିଛି । ସରକାରଙ୍କ କହିବା ଅନୁସାରେ, ଭାରତରେ କାର୍ଯ୍ୟ କରୁଥିବା ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକର ଦାୟିତ୍ୱ ମଧ୍ୟରେ ଶିଶୁଙ୍କ ଅନଲାଇନ୍ ସୁରକ୍ଷା ଏକ ପ୍ରମୁଖ ବିଷୟ। ଏ କ୍ଷେତ୍ରରେ କୌଣସି ପ୍ରକାରର ଅବହେଳାକୁ ବରଦାସ୍ତ କରାଯିବ ନାହିଁ । ସରକାରଙ୍କ ମୁଖ୍ୟ ଫୋକସ୍ ଏଭଳି ବିଷୟବସ୍ତୁ ଚିହ୍ନଟ କରିବା ଉପରେ ରହିଛି, ଯାହା ଶିଶୁଙ୍କ ପାଇଁ କ୍ଷତିକାରକ ହୋଇପାରେ କିମ୍ବା ସେମାନଙ୍କ ଯୌନ ଶୋଷଣ ସହ ଜଡ଼ିତ ଥାଇପାରେ । ମେଟା ପକ୍ଷରୁ ଏଭଳି ମାମଲାର ସୂଚନା ସମ୍ପୃକ୍ତ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାକୁ ଦେବା ପାଇଁ ସହମତି ଦେବାକୁ ସରକାର ଚିନ୍ତା କରୁଛନ୍ତି । ଏହା ଶିଶୁଙ୍କ ବିରୋଧରେ ହେଉଥିବା ଅନଲାଇନ୍ ଅପରାଧର ତଦନ୍ତରେ ଏଜେନ୍ସିଗୁଡ଼ିକୁ ସହାୟତା କରିପାରିବ । ସରକାର କେବଳ ମେଟାରେ ସୀମିତ ରହିବାକୁ ଚାହୁଁନାହାନ୍ତି। ଅନ୍ୟ ସୋସିଆଲ ମିଡିଆ ଏବଂ ଅନଲାଇନ୍ ପ୍ଲାଟଫର୍ମଗୁଡ଼ିକ ସହ ମଧ୍ୟ ଆଲୋଚନା ଚାଲିଛି । ଶିଶୁଙ୍କ ସହ ଜଡ଼ିତ ଆପତ୍ତିଜନକ ଓ ବେଆଇନ କଣ୍ଟେଣ୍ଟକୁ ସମୟ ପୂର୍ବରୁ ଚିହ୍ନଟ କରି ହଟାଇବା ପାଇଁ ପ୍ରଭାବୀ ବ୍ୟବସ୍ଥା କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ।

ଅନଲାଇନ୍ ପ୍ଲାଟଫର୍ମଗୁଡ଼ିକୁ ଶିଶୁଙ୍କ ସୁରକ୍ଷାକୁ ନିଜର ପ୍ରାଥମିକ ଦାୟିତ୍ୱ ଭାବେ ଗ୍ରହଣ କରିବାକୁ ପଡ଼ିବ । ଯଦି କୌଣସି କମ୍ପାନୀ ଆବଶ୍ୟକ ପଦକ୍ଷେପ ନେବାରେ ବିଫଳ ହୁଏ, ତେବେ ନିୟମ ଅନୁସାରେ ତା' ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ସରକାର କହିଛନ୍ତି ।

## ୨ ହଜାର ଟଙ୍କା ପର୍ଯ୍ୟନ୍ତ ୟୁପିଆଇ ନେଣଦେଣ ଫ୍ରି




**ନୂଆଦିଲ୍ଲୀ,୧୫।୯:** ୨ ହଜାର ଟଙ୍କା ପର୍ଯ୍ୟନ୍ତ ୟୁପିଆଇ ପେମେଣ୍ଟ ଉପରେ ପଡ଼ିବନି ଶୁଳ୍କ । ୟୁପିଆଇ ପେମେଣ୍ଟକୁ ନେଇ ଚାଲିଥିବା ଚର୍ଚ୍ଚା ଉପରେ ସ୍ପଷ୍ଟୀକରଣ ଦେଇଛି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ । ସରକାର କହିଛନ୍ତି ଯେ, ୨ ହଜାର ପର୍ଯ୍ୟନ୍ତର ଟଚଓ ପେମେଣ୍ଟ ଉପରେ ବ୍ୟାଙ୍କ କିମ୍ବା ପେମେଣ୍ଟ ସିଷ୍ଟମ୍ ପ୍ରୋଭାଇଡର୍ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ କୌଣସି ଶୁଳ୍କ ଲାଗୁ କରିପାରିବେ ନାହିଁ । ରୁପେ ଡେବିଟ୍ କାର୍ଡ ମାଧ୍ୟମରେ ହେଉଥିବା ପେମେଣ୍ଟକୁ ମଧ୍ୟ ଏହି ବ୍ୟବସ୍ଥାରେ ସାମିଲ କରାଯାଇଛି । ସୂଚନା ଅନୁସାରେ, ଅଗଷ୍ଟ ମାସରେ ସଂସଦରେ 'ଟ୍ୟାକ୍ସେସନ୍ ଆଣ୍ଡ ଅଦର ଲଜ୍ (ଆମେଣ୍ଡମେଣ୍ଟ) ଆକ୍ଟ, ୨୦୨୬' ପାରିତ ହୋଇଥିଲା । ଏହା ମାଧ୍ୟମରେ 'ପେମେଣ୍ଟ ଆଣ୍ଡ ସେଟଲମେଣ୍ଟ ସିଷ୍ଟମ୍ସ ଆକ୍ଟ, ୨୦୦୭'ର ଧାରା ୧୦ଏରେ ସଂଶୋଧନ କରାଯାଇଥିଲା । ଏହି ସଂଶୋଧନ ଜରିଆରେ କେଉଁ ଡିଜିଟାଲ୍ ପେମେଣ୍ଟ ଉପରେ ଶୁଳ୍କ ଲାଗିବ ନାହିଁ, ତାହା ନିର୍ଦ୍ଧାରଣ କରିବାର ଅଧିକାର ସରକାର ପାଇଥିଲେ । ଏହା ପରେ ୨ ହଜାରରୁ ଅଧିକ ଟଚଓ ପେମେଣ୍ଟ ଉପରେ ଚାର୍ଜ ଲାଗିପାରେ ବୋଲି ଅଟକଳ ଆରମ୍ଭ ହୋଇଥିଲା । ତେବେ ଅର୍ଥ ମନ୍ତ୍ରଣାଳୟ ଜାରି କରିଥିବା ନୋଟିଫିକେସନ୍ ୨ ହଜାର ଟଙ୍କା ପର୍ଯ୍ୟନ୍ତ ୟୁପିଆଇ ପେମେଣ୍ଟ ଉପରେ କୌଣସି ପ୍ରକାରର ଚାର୍ଜ ନ ଲଗାଇବାକୁ ସ୍ପଷ୍ଟ କରାଯାଇଛି ।

### ସିଜେପି ଆନ୍ଦୋଳନ ବେଳେ ଆକ୍ରମଣ

## ସ୍ୱତନ୍ତ୍ର ଭରଦ୍ୱାଜଙ୍କୁ ମିଳିଲା ୩ ସପ୍ତାହର ଅନ୍ତରୀଣ ଜାମିନ



**ନୂଆଦିଲ୍ଲୀ,୧୫।୯:** ହିନ୍ଦୁତ୍ୱର ତଥାକଥିତ ଠିକାଦାର ସ୍ୱତନ୍ତ୍ର ଭରଦ୍ୱାଜଙ୍କୁ ବଡ଼ ଆଶ୍ୱସ୍ତି। ନିଜକୁ ସ୍ୱତନ୍ତ୍ର ସନାତନୀ ଯୋଦ୍ଧା କହି ଡିଙ୍ଗୁରା ପୁଟୁଥିବା ଭରଦ୍ୱାଜଙ୍କୁ ଦିଲ୍ଲୀର ଗୋଟିଏ କୋର୍ଟ ଆଜି ୩ ସପ୍ତାହର ଅନ୍ତରୀଣ ଜାମିନ ଦେଇଛନ୍ତି। ଜୁଲାଇ ମାସରେ କକ୍ରୋଚ ଜନତା ପାର୍ଟିର ଯନ୍ତରମନ୍ତର ବିକ୍ଷୋଭ ବେଳେ ଭରଦ୍ୱାଜ ୧୪ ବର୍ଷୀୟ ସୋଶାଲ ମିଡିଆ ବ୍ୟକ୍ତିତ୍ୱ ନିଶୁ ଆଜାଦଙ୍କ ବାପାଙ୍କୁ ଭୟଙ୍କର ଢଙ୍ଗରେ ମାଡ଼ ମାରି ମୁଣ୍ଡ ଫଟାଇ ଦେଇଥିଲେ। ଏକଥାକୁ ନିକଟରେ ସେ କ୍ୟାମେରା ଆଗରେ କହିବା ସହ ମୁହଁ ଫୁଟାଣି ମାରିଥିଲେ। ଏହି ବାହାଦୂରୀ ଯୋଗୁ ତାଙ୍କୁ ଉତ୍ତର ପ୍ରଦେଶରୁ ଟେକି ନେଇ ଦିଲ୍ଲୀ ପୁଲିସ ସେପ୍ଟେମ୍ବର ୪ରେ ଗିରଫ କରିଥିଲା। ଜେଲରେ ପ୍ରାୟ ୧୧ ଦିନ ରହିବା ପରେ ଆଜି ଏହି ତଥାକଥିତ ହିନ୍ଦୁତ୍ୱ ସ୍ୱେଚ୍ଛାସେବୀଙ୍କୁ ଜାମିନ ମିଳିଛି। ଦିଲ୍ଲୀର ପଟିଆଲା ହାଉସ କୋର୍ଟ ଦିନକ ତଳେ ଭରଦ୍ୱାଜଙ୍କ ଜାମିନ ଆବେଦନର ଶୁଣାଣି ଶେଷ କରିଥିଲେ। ଆଜି ତାଙ୍କୁ କୋର୍ଟ ଆଶ୍ୱସ୍ତି ଦେଇଛନ୍ତି। ଜୁନ ୨୩ରେ ନିଶୁ ଆଜାଦଙ୍କ ବାପା ସଞ୍ଜୟ କୁମାରଙ୍କୁ ଆକ୍ରମଣ କରି ତାଙ୍କ ମୁଣ୍ଡ ହାଡ଼ ଫଟାଇ ଦେଇଥିବା ନିକଟରେ ବାହାସ୍ଫୋଟ ମାରିଥିଲେ ଭରଦ୍ୱାଜ। ସେ ମୁଣ୍ଡ ଫଟାଇ ଦେଇଥିଲେ ହେଁ ନିଜର ରାଜନୀତିକ ପତିଆରା ଯୋଗୁ ତାଙ୍କୁ ଜେଲ ଯିବାକୁ ପଡ଼ି ନଥିଲା ବୋଲି ମଧ୍ୟ ଦାବି କରିଥିଲେ। ବିଜେପି ଓ ସହଯୋଗୀ ଏନଡିଏ ଦଳର ବଡ଼ ବଡ଼ ନେତାଙ୍କ ନାଁ ନେଇ ସେ ନିଜର ଦବଦବା ଦେଖାଇବାକୁ ଚେଷ୍ଟା କରିଥିଲେ। ହେଲେ ଏପରି ମୁହଁ ଫୁଟାଣି ତାଙ୍କୁ ମହଙ୍ଗା ପଡ଼ିଥିଲା। ଘଟଣାକୁ ନେଇ ବିବାଦ ଦେଖାଯିବାରୁ ଦିଲ୍ଲୀ ପୁଲିସ୍ ତାଙ୍କୁ ସେପ୍ଟେମ୍ବର ୪ରେ ଗିରଫ କରିଥିଲା। ଜାମିନ ଆବେଦନର ଶୁଣାଣି ବେଳେ ଭରଦ୍ୱାଜ ଘଟଣା ବେଳେ ପୀଡ଼ିତଙ୍କ ପ୍ରତି ଜାତିଗତ ଆକ୍ଷେପ କରିଥିଲେ କି ନାହିଁ ସେକଥା ଦିଲ୍ଲୀ ପୁଲିସ୍‌କୁ ପଚାରିଥିଲେ କୋର୍ଟ। ଏହାର ଜବାବରେ ପୁଲିସ୍ କହିଥିଲା ଯେ ପ୍ରାରମ୍ଭିକ ଅଭିଯୋଗରେ କୌଣସି ଜାତିଗତ ଆକ୍ଷେପ ସମ୍ପର୍କରେ ଉଲ୍ଲେଖ ନଥିଲା।

## ଚୁଟ୍‌କୀରେ...

### ଫ୍ରିଜ୍ ବିସ୍ଫୋରଣ, ଚାଲିଗଲା ୪ ଜୀବନ

**କର୍ଣ୍ଣାଟକ,୧୫।୯:** ଫ୍ରିଜ୍ ବିସ୍ଫୋରଣରେ ପରିବାରର ୪ ମୃତ । ନିଆଁରୁ ବଞ୍ଚିଗଲେ ୨ଜଣ । ଶରୀରର ୬୦% ଅର୍ଦ୍ଧଦଗ୍ଧ ହୋଇ ଅବସ୍ଥା ଗୁରୁତର ରହିଛି । କର୍ଣ୍ଣାଟକ ବେଲଗାଭି ସେଣ୍ଟ୍ରାଲ୍ ବସଷ୍ଟାଣ୍ଡ ନିକଟ ଚାଭାଟ ଗଲିରେ ଏହି ଅଘଟଣ ଘଟିଛି । ସୂଚନାନୁଯାୟୀ, ଗତକାଲି ରାତିରେ ଘରେ ପରିବାରର ୬ଜଣ ଶୋଇଥିଲେ । ହଠାତ୍ ଏକ ପ୍ରଚଣ୍ଡ ଶବ୍ଦରେ ଥରିଉଠିଲା ଘର । ଏହାପରେ ଚାରିଆଡ଼େ ନିଆଁ ବ୍ୟାପିଯାଇଥିଲା । ଅଗ୍ନିକାଣ୍ଡ ଭିତରେ ଫସିଯାଇଥିଲେ ପୁରା ପରିବାର । ଏହି ଭୟଙ୍କର ଅଗ୍ନିକାଣ୍ଡରେ ୪ ଜଣଙ୍କ ଜୀବନ ଯାଇଥିବା ବେଳେ ଆଉ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ପ୍ରାଥମିକ ତଦନ୍ତରୁ ଘରେ ଥିବା ଫ୍ରିଜ୍ ବିସ୍ଫୋରଣ ପରେ ଅଗ୍ନିକାଣ୍ଡ ବ୍ୟାପିଥିବା ସନ୍ଦେହ କରାଯାଉଛି । ମୃତକମାନେ ହେଲେ ଭାରତୀ ଦାମୋନେ, ଶାରଦା ଦାମୋନେ, ଗଙ୍ଗା ଦାମୋନେ ଓ ପ୍ରିୟା ଦାମୋନେ। ଗଜାନନ ଦାମୋନେ ଓ ରୋଶନ ଦାମୋନେଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି । ଉଭୟଙ୍କ ଶରୀରର ପ୍ରାୟ ୬୦ ପ୍ରତିଶତ ପୋଡ଼ିଯାଇଛି । ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସା ଜାରି ରହିଛି ।

### ରାଜପାଲ ଯାଦବଙ୍କୁ ସୁପ୍ରିମକୋର୍ଟଙ୍କ କଡ଼ା ତାଗିଦ୍

### ତୁରନ୍ତ ଜମାକର ୨ କୋଟି

**ନୂଆଦିଲ୍ଲୀ,୧୫।୯:** ଏକ ଚେକ୍ ବାଉନ୍ସ ମାମଲାରେ ବଲିଉଡ୍ ଅଭିନେତା ରାଜପାଲ ଯାଦବଙ୍କୁ ସୁପ୍ରିମକୋର୍ଟ ଶେଷ ସୁଯୋଗ ଦେଇଛନ୍ତି। ମଙ୍ଗଳବାର ଦିନ ଏକ ଘରୋଇ ଅଭିଯୋଗକାରୀଙ୍କ ସହ ଜଡ଼ିତ ମାମଲାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କୁ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ସୁପ୍ରିମକୋର୍ଟ ରେଜିଷ୍ଟ୍ରିରେ ଅତି କମରେ ୨ କୋଟି ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। 'ମୁରଲୀ ପ୍ରୋଜେକ୍ଟସ' ନାମକ କମ୍ପାନୀର ୫ କୋଟି ଟଙ୍କା ବକେୟା ରଖିଥିବା ନେଇ ରାଜପାଲଙ୍କ ବିରୋଧରେ ଅଭିଯୋଗ ରହିଛି। ଭାରତର ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଅଭିନେତାଙ୍କ ପୂର୍ବ ଆଚରଣକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। କୋର୍ଟ କହିଛନ୍ତି, 'ତାଙ୍କର ପୂର୍ବ ଆଚରଣକୁ ଦେଖିଲେ ତାଙ୍କ ଉପରେ କିଏ ବା କିପରି ଭରସା କରିବ ? ସେ ବଲିଉଡରେ ଡ୍ରାମା ଏବଂ ଅଭିନୟ କରିବାରେ ମାହିର, ଆଉ କୋର୍ଟରେ ମଧ୍ୟ ସେଇଆ କରୁଛନ୍ତି।' ତେବେ ରାଜପାଲଙ୍କ ଓକିଲ ନିର୍ଦ୍ଧାରିତ ସମୟ ମଧ୍ୟରେ ୨ କୋଟି ଟଙ୍କା ଜମା କରିବା ଏବଂ ବାକି ଟଙ୍କା ପାଇଁ ଜାମିନ ଦେବାକୁ ପ୍ରତିଶ୍ରୁତି ଦେବା ପରେ କୋର୍ଟ ତାଙ୍କୁ ୨ ସପ୍ତାହ ସମୟ ଦେଇଛନ୍ତି। ଏହାସହ ଅକ୍ଟୋବର ୫ରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ତାଙ୍କ ଗିରଫଦାରୀ ଉପରେ ରୋକ୍ ଲଗାଯାଇଥିବା ବେଳେ ତାଙ୍କ ପାସପୋର୍ଟ ସରେଣ୍ଡର କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଓମାନ ଉପକୂଳରେ ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ ଘଟଣା

### ୧୩ ଭାରତୀୟ ନାବିକ ଉଦ୍ଧାର, ଜଣେ ନିଖୋଜ

**ନୂଆଦିଲ୍ଲୀ,୧୫।୯:** ଇରାନ-ଆମେରିକା ମଧ୍ୟରେ ବଢୁଥିବା ଉତ୍ତେଜନା ଏବଂ ଉପସାଗରୀୟ କ୍ଷେତ୍ରରେ ଅସ୍ଥିରତା ମଧ୍ୟରେ ଓମାନ ଉପକୂଳ ନିକଟରେ ତୈଳ ଟ୍ୟାଙ୍କର ଉପରେ ହୋଇଥିବା ଆକ୍ରମଣ ସାମୁଦ୍ରିକ ସୁରକ୍ଷାକୁ ନେଇ ଗମ୍ଭୀର ଚିନ୍ତା ସୃଷ୍ଟି କରିଛି । ପାନାମା ପତାକା ବିଶିଷ୍ଟ ତୈଳ ଟ୍ୟାଙ୍କର 'ଏମ୍‌ଟି ଏଲ୍ ଗାଇଆ' ଉପରେ ହୋଇଥିବା ଆକ୍ରମଣ ପରେ ଜାହାଜରେ ଥିବା ୧୪ ଜଣ ଭାରତୀୟ ନାବିକଙ୍କ ମଧ୍ୟରୁ ୧୩ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ତେବେ ଜଣେ ଭାରତୀୟ ନାବିକ ଏବେ ବି ନିଖୋଜ ଥିବାରୁ ତାଙ୍କୁ ଖୋଜିବା ପାଇଁ ବ୍ୟାପକ ଉଦ୍ଧାର ଅଭିଯାନ ଜାରି ରହିଛି । ଏହି ଆକ୍ରମଣ ଓମାନ ଉପକୂଳ ନିକଟରେ ଘଟିଛି, ଯାହା ବିଶ୍ୱର ସବୁଠାରୁ ସମ୍ବେଦନଶୀଳ ସାମୁଦ୍ରିକ ମାର୍ଗ ଭାବେ 'ଷ୍ଟ୍ରେଟ୍ ଅଫ୍ ହରମୁଜ୍' ନିକଟରେ ଅବସ୍ଥିତ । ଏହି ଜଳପଥ ଦେଇ ବିଶ୍ୱର ବହୁ ପରିମାଣର ତୈଳ ବାଣିଜ୍ୟ କାରବାର ହୋଇଥାଏ । ଘଟଣା ପରେ ଏହି ଆକ୍ରମଣକୁ ନେଇ ଆମେରିକା ଏବଂ ଇରାନ ପକ୍ଷରୁ ଭିନ୍ନ ଭିନ୍ନ ଦାବି ସାମ୍ନାକୁ ଆସିଛି । ଇରାନର ରିଭୋଲ୍ୟୁସନାରୀ ଗାର୍ଡସ ସହ ଜଡ଼ିତ ସୂତ୍ରରୁ ଦାବି କରାଯାଇଛି ଯେ, ତୈଳ ଟ୍ୟାଙ୍କରଟି ଏକ ନିଷିଦ୍ଧ ଅଞ୍ଚଳ ଦେଇ ଯିବାକୁ ଚେଷ୍ଟା କରୁଥିବା ବେଳେ 'ନେଭାଲ୍ ମାଇନ୍' ସଂସ୍ପର୍ଶରେ ଆସିଥିଲା । ଇରାନ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ଏହା ପରେ ଟ୍ୟାଙ୍କରରେ ଭୟଙ୍କର ନିଆଁ ଲାଗିଯାଇଥିଲା । ଭାରତ ସରକାର ଏହି ଘଟଣାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇଛନ୍ତି ଏବଂ ଓମାନ ପ୍ରଶାସନ ସହିତ ନିରନ୍ତର ଯୋଗାଯୋଗରେ ରହିଛନ୍ତି ।

### ଅମିତ ଶାହଙ୍କ ବିବୃତିକୁ ନେଇ ଶାସକମେଣ୍ଟ ଦୁଇଫାଳ

## ବିହାରରେ ଏସବୁ ଚଳିବ ନାହିଁ: ଜେଡିୟୁ



**ନୂଆଦିଲ୍ଲୀ,୧୫।୯:** ଆଗାମୀ ଲୋକସଭା ନିର୍ବାଚନ ପୂର୍ବରୁ ବିଜେପି-ଏନଡିଏ ଶାସିତ ୨୧ଟି ରାଜ୍ୟରେ ସମାନ ନାଗରିକ ସଂହିତା(ୟୁସିସି)ଲାଗୁ କରିବା ପାଇଁ ଗୃହମନ୍ତ୍ରୀ ଅମିତ ଶାହଙ୍କ ବିବୃତିକୁ ନେଇ ଶାସକ ମେଣ୍ଟ ଦୁଇଫାଳ ହୋଇଥିବା ପରି ମନେ ହେଉଛି। ସମାନ ନାଗରିକ ସଂହିତାକୁ ନେଇ ଏନଡିଏ ଭିତରେ ମତଭେଦ ଦେଖାଦେଇଛି। କିଛି ଏନଡିଏ ସହଯୋଗୀ ୟୁସିସିକୁ ସମର୍ଥନ କରିଛନ୍ତି, ଯେତେବେଳେ କିଛି ଏହାକୁ ବିରୋଧ କରିଛନ୍ତି। ୟୁସିସିକୁ ବିରୋଧ କରୁଥିବା ଦଳଗୁଡ଼ିକ କହିଛନ୍ତି ଯେ ଏହି ପ୍ରସଙ୍ଗରେ ଏକ ବ୍ୟାପକ ଆଲୋଚନା ହେବା ଉଚିତ୍। ତେଲୁଗୁ ଦେଶମ ପାର୍ଟି (ଟିଡିପି), ଶିବସେନା ଏବଂ ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା(ଏଚ୍‌ଏଏମ୍) (ଧର୍ମନିରପେକ୍ଷ) ୟୁସିସିକୁ ସମର୍ଥନ କରିଛନ୍ତି। ଯେତେବେଳେ ଜନତା ଦଳ (ୟୁନାଇଟେଡ୍) ଏବଂ ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ)ପରି ବିଜେପି ସହଯୋଗୀମାନେ ସତର୍କ ମନୋଭାବ ଗ୍ରହଣ କରିଛନ୍ତି। ନୀତିଶ କୁମାରଙ୍କ ଦଳ ଜେଡିୟୁର ବରିଷ୍ଠ ନେତା ତଥା ବିଧାୟକ ଶ୍ୟାମ ରଜକ କହିଛନ୍ତି, ସଂସଦରେ ବିଲ୍ ପାସ୍ ହେଉଥିବା ସମୟରେ ମଧ୍ୟ ଆମ ଦଳ ଏହାକୁ ସମର୍ଥନ କରି ସ୍ପଷ୍ଟ କରିଥିଲା ଯେ, ଏହାକୁ ବିହାରରେ ଲାଗୁ କରାଯିବା ଉଚିତ୍ ନୁହେଁ। ଦଳ ଆଜି ମଧ୍ୟ ଏହି ମତ ବଜାୟ ରଖିଛି। ଶ୍ୟାମ ରଜକ କହିଛନ୍ତି, କୌଣସି ପରିସ୍ଥିତିରେ ବିହାରରେ ୟୁସିସି କାର୍ଯ୍ୟକାରୀ କରିବା ନେଇ ପ୍ରଶ୍ନ ଉଠୁନି। ବିହାରରେ ବର୍ତ୍ତମାନର ଏନଡିଏ ସରକାର ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି ଯେ, ଏହା କେବଳ ବିଜେପି ସରକାର ନୁହେଁ, ବରଂ ଅନେକ ସହଯୋଗୀଙ୍କ ମେଣ୍ଟ। ମୁଖ୍ୟମନ୍ତ୍ରୀ ବିଜେପିର, କିନ୍ତୁ ସରକାର ଏକ ଏନଡିଏ ସରକାର। ଯେଉଁଥିରେ ଜେଡିୟୁ, ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା ଏବଂ ଏଲଜେପି ସମେତ ଅନ୍ୟାନ୍ୟ ସହଯୋଗୀ ଦଳ ସାମିଲ ଅଛନ୍ତି। ବିଜେପି ନେତୃତ୍ୱ ସହିତ ଏହି ପ୍ରସଙ୍ଗରେ ଆଲୋଚନା କରିବ ବୋଲି ଜେଡିୟୁ ମଧ୍ୟ ସୂଚାଇ ଦେଇଛି। ଜେଡିୟୁର ରାଷ୍ଟ୍ରୀୟ ମୁଖପାତ୍ର ରାଜୀବ ରଞ୍ଜନ କହିଛନ୍ତି ଯେ କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ଝା ଖୁବ୍ ଶୀଘ୍ର ଶାହଙ୍କ ସହ ଏହି ବିଷୟରେ ଆଲୋଚନା କରିବେ।

### ହସିନାଙ୍କ ଦଳକୁ ବଡ଼ ଝଟକା

## ଅୱାମୀ ଲିଗ୍‌ର ୭ ନେତାଙ୍କୁ ଫାଶୀ ଦଣ୍ଡାଦେଶ



**ଢାକା,୧୫।୯:** ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ଦଳକୁ ବଡ଼ ଝଟକା। ଅୱାମୀ ଲିଗ୍‌ର ୭ ଜଣ ନେତାଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଲେ କୋର୍ଟ। ୨୦୨୪ରେ ଛାତ୍ରଙ୍କ ନେତୃତ୍ୱରେ ହୋଇଥିଲା ବଡ଼ ଆନ୍ଦୋଳନକୁ ନେଇ ଦେଶର ବିଭିନ୍ନ ସ୍ଥାନରେ ହିଂସା ଓ ରକ୍ତପାତ ହୋଇଥିଲା। ଏହି ଘଟଣାରେ ହତ୍ୟା, ହିଂସା ଉସୁକାଇବା ଏବଂ ହତ୍ୟା ପାଇଁ ପ୍ରୋତ୍ସାହନ ଦେବା ଭଳି ଅଭିଯୋଗ ଅୱାମୀ ଲିଗ୍‌ର ଏହି ନେତାମାନଙ୍କ ବିରୋଧରେ ଆସିଥିଲା। ଇଣ୍ଟରନ୍ୟାସନାଲ୍ କ୍ରାଇମ୍ସ ଟ୍ରିବ୍ୟୁନାଲ୍-୨ର ଜଷ୍ଟିସ୍ ନଜରୁଲ ଇସଲାମ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ମାମଲାର ଶୁଣାଣି ହୋଇଥିଲା। ମଙ୍ଗଳବାର କୋର୍ଟ ଅଭିଯୋଗଗୁଡ଼ିକୁ ଗ୍ରହଣ କରି ୭ ଜଣଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି।

ଏହି ମାମଲାରେ ମୃତ୍ୟୁଦଣ୍ଡ ପାଇଥିବା ୭ ଜଣ ହେଲେ : ଅୱାମୀ ଲିଗ୍ ମହାସଚିବ ଓବାଏଦୁଲ କାଦର, ଅୱାମୀ ଲିଗ୍ ଯୁଗ୍ମ ମହାସଚିବ ବାହାଉଦ୍ଦିନ ନସିମ, ପୂର୍ବତନ ସୂଚନା ଓ ପ୍ରସାରଣ ରାଜ୍ୟମନ୍ତ୍ରୀ ମହମ୍ମଦ ଅଲୀ ଆରାଫାତ, ଯୁବୋ ଲିଗ୍ ଅଧ୍ୟକ୍ଷ ଶେଖ ଫଜଲେ ଶମ୍ସ ପରାଶ, ଯୁବୋ ମହାସଚିବ ମୈନୁଲ ହୁସେନ ଖାନ ନିଖିଲ, ଛାତ୍ର ଲିଗ୍ ଅଧ୍ୟକ୍ଷ ସଦ୍ଦାମ ହୁସେନ, ଛାତ୍ର ଲିଗ୍ ମହାସଚିବ ଶେଖ ୱାଲି ଆସିଫ ଏନନ।

### ମହାକାଶରେ ଅସ୍ତ୍ର ମୁତୟନ କରିଛି ଆମେରିକା

## ଯୁଦ୍ଧ ପ୍ରସ୍ତୁତି ବନ୍ଦ କରିବାକୁ ଚେତାବନୀ ଦେଲା ଚୀନ୍

**ନୂଆଦିଲ୍ଲୀ,୧୫।୯:** ମହାକାଶରେ ଅସ୍ତ୍ର ମୁତୟନ କରିଛି ଆମେରିକା । ଯୁଦ୍ଧ ପ୍ରସ୍ତୁତି ବନ୍ଦ କରିବାକୁ ଚେତାବନୀ ଶୁଣାଇଲା ଚୀନ। ମହାକାଶରେ ଅସ୍ତ୍ର ମୁତୟନ କରିଥିବା ନେଇ ସାର୍ବଜନୀନ ଭାବେ ସ୍ୱୀକାର କରିଛି ଆମେରିକା। ପୃଥିବୀର କକ୍ଷପଥରେ ଆମେରିକାର 'on-orbit space control weapons' ରହିଥିବା କୁହାଯାଇଛି। ଏହି ଘୋଷଣା ପରେ ମହାକାଶରେ ନୂଆ ଅସ୍ତ୍ର ପ୍ରତିଯୋଗିତା ଆରମ୍ଭ ହେବା ନେଇ ଆଶଙ୍କା ବଢ଼ିଛି। ଆମେରିକାର ଯୁକ୍ତି ହେଉଛି, ମହାକାଶରେ ଚୀନ୍ ଓ ରୁଷ୍ ର ବଢୁଥିବା ସାମରିକ କ୍ଷମତା ତା' ପାଇଁ ବଡ଼ ଚ୍ୟାଲେଞ୍ଜ। ଏହି ଦୁଇ ଦେଶ କାଉଣ୍ଟର ସ୍ପେସ୍ ଟେକ୍ନୋଲୋଜି ବିକଶିତ କରୁଥିବାରୁ ନିଜ ସାଟେଲାଇଟ୍ ଓ ମହାକାଶଭିତ୍ତିକ ସାମରିକ ବ୍ୟବସ୍ଥାକୁ ସୁରକ୍ଷା ଦେବା ପାଇଁ ଏଭଳି କ୍ଷମତା ଆବଶ୍ୟକ ବୋଲି ଆମେରିକା କହିଛି। ତେବେ ମହାକାଶରେ ମୁତୟନ ହୋଇଥିବା ଅସ୍ତ୍ର କେଉଁ ପ୍ରକାରର, କେତୋଟି ରହିଛି ଏବଂ ଏହାର ପ୍ରକୃତ କ୍ଷମତା କ'ଣ, ସେ ସମ୍ପର୍କରେ ଆମେରିକା ବିସ୍ତୃତ ତଥ୍ୟ ସାର୍ବଜନୀନ କରିନାହିଁ। ଆମେରିକାର ଘୋଷଣା ପରେ କଡ଼ା ପ୍ରତିକ୍ରିୟା ଦେଇଛି ଚୀନ୍। ମହାକାଶରେ ଯୁଦ୍ଧ ପାଇଁ ପ୍ରସ୍ତୁତି ବନ୍ଦ କରିବାକୁ ୱାଶିଂଟନ୍ କୁ କହିଛି ବେଜିଂ।

### ମଧ୍ୟପ୍ରାଚ୍ୟ ଯୁଦ୍ଧ ଉପରେ ପୁଣିଥରେ ଆଲୋଚନା କରିବାକୁ ପ୍ରସ୍ତୁତ ଟ୍ରମ୍ପ

## ଆଲୋଚନାକୁ ପ୍ରତ୍ୟାଖ୍ୟାନ କଲା ଇରାନ

**ତେହେରାନ,୧୫।୯:** ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟପ୍ରାଚ୍ୟ ଯୁଦ୍ଧ ଉପରେ ପୁଣି ଥରେ ଆଲୋଚନା କରିବାକୁ ପ୍ରସ୍ତୁତ ଥିବା କହିବା ପରେ ଇରାନର ସୁରକ୍ଷା ମୁଖ୍ୟ ମଙ୍ଗଳବାର ଆମେରିକା ସହିତ କୌଣସି ଆଲୋଚନାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଇରାନର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦର ସଚିବ ମୋହସେନ ରେଜା ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି କହିଛନ୍ତି,ଟ୍ରମ୍ପଙ୍କର ଏଭଳି ମନ୍ତବ୍ୟକୁ ବିଶ୍ୱାସ କରନ୍ତୁ ନାହିଁ। ଏପରି ମନ୍ତବ୍ୟ ନେଇ ଭ୍ରମିତ ହେବା ଅନାବଶ୍ୟକ।ତେଲ ଏବଂ ହର୍ମୁଜ୍ ପ୍ରଣାଳୀ ପ୍ରସଙ୍ଗରେ ଏବେ ବାଜି ପଲଟି ଯାଇଛି। ଏହାକୁ କେହି ରୋକିପାରିବ ନାହିଁ। ଇରାନର ସର୍ତ୍ତ ପୂରଣ ନହେବା ପର୍ଯ୍ୟନ୍ତ କୌଣସି ଆଲୋଚନା ହେବ ନାହିଁ। ଯୁଦ୍ଧ ସମାପ୍ତ କରିବା ପାଇଁ ଚୁକ୍ତି ବହୁ ଶୀଘ୍ର ହେବ ବୋଲି ସପ୍ତାହେ ଧରି କହିବା ପରେ ସୋମବାର ଟ୍ରମ୍ପ କହିଥିଲେ ଯେ, ସେ ଇରାନ ସହିତ ଆଲୋଚନା କରିବାକୁ ରାଜି ଅଛନ୍ତି। ବିଫଳ ଦେଶ ଇରାନ ଏକ ଚୁକ୍ତି କରିବାକୁ ଚାହୁଁଛି। ଆମେରିକା ଏଥିରେ ସାମିଲ ହେବ କି ନାହିଁ ତାହା ମୁଁ ନିର୍ଣ୍ଣୟ କରିବି ବୋଲି ଟ୍ରମ୍ପ ତାଙ୍କ ଟ୍ରୁଥ ସୋସିଆଲରେ କହିଥିଲେ।



# ପୂଜ୍ୟ ପୂଜା ଅନୁଷ୍ଠାନର ମାସିକ ଆଲୋଚନାଚକ୍ର



**ସତ୍ୟବାଦୀ/ ସୁଆଣ୍ଡୋ (ଅମୃତ ମିଡିଆ):** ଉତ୍କଳୀୟ ସଂସ୍କୃତିରେ ପୂଜ୍ୟ ପୂଜା ଆମ ଆଦର୍ଶ ଓ ମହାନ ପରମ୍ପରା ବୋଲି ପୂଜ୍ୟପୂଜା ଅନୁଷ୍ଠାନ ର ମାସିକ ଆଲୋଚନାଚକ୍ରରେ ଇଂ ପ୍ରଭାତ କୁମାର ପାଢୀ ସଭାପତିତ୍ୱ କରି ମତପ୍ରକାଶ କରିଥିଲେ । ଅନ୍ୟତମ ବକ୍ତା ଭାବରେ ଯୋଗଦାନ କରି ଅମିୟ କୁମାର ପଟ୍ଟନାୟକ, ନାଟ୍ୟକାର ବିଜୟ କୁମାର ମହାନ୍ତି, ଅଶୋକ କୁମାର ଦାଶ, ମଧୁସୂଦନ ଦାଶ, ପ୍ରଭାତ କୁମାର ଦାଶ ଯୋଗଦାନ କରି ବିଭିନ୍ନ ଉଦାହରଣ ମାଧ୍ୟମରେ ସ୍ୱକୀୟ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପୂର୍ବତନ ମୁଖ୍ୟ ମନ୍ତ୍ରୀ, ସଦାଶିବ ତ୍ରିପାଠୀ ଓ ପ୍ରଥିତଯଶା ସାହିତ୍ୟକ ଶ୍ରୀ ଜଗନ୍ନାଥଙ୍କର ଭକ୍ତ ରବୀନ୍ଦ୍ର ନାରାୟଣ ମିଶ୍ର, ଓଡ଼ିଶାର ପ୍ରଥମ ବାରିଷ୍ଟର ବିଶ୍ୱନାଥ ମିଶ୍ର,କାକଟପୁର ଅଞ୍ଚଳର ସଂଗ୍ରାମୀ ପୂର୍ଣ୍ଣାନନ୍ଦ ସ୍ୱାଇଁ, ମଧୁସୂଦନ ମିଶ୍ର ଆଦିଙ୍କ ବହୁମୁଖୀ ପ୍ରତିଭା ଓ ଜୀବନ ଦର୍ଶନ ଉପରେ ଦୀକ୍ଷାନ୍ତ ଭାଷଣ ଗେଇବକ୍ତା କରି ଭବିଷ୍ୟତପିଢିର ବଂଶଧର ମାନେ ସେହି ଗୁଣୀଜନମାନଙ୍କର ଆଦର୍ଶ ରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ । ପ୍ରାରମ୍ଭରେ ସଂପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ ସହିତ ଅନୁଷ୍ଠାନର ଆଭିମୁଖ୍ୟ ସଂପର୍କରେ ସମ୍ୟକ ଆଲୋକପାତ କରି କିପରି ୨୦୦୩ ମସିହାରୁ ଦୀର୍ଘ ୨୩ ବର୍ଷ ଧରି ଏହି ସାଂସ୍କୃତିକ ପରମ୍ପରା କୁ ରକ୍ଷା କରିଆସୁଛି ତାହା ବର୍ଣ୍ଣନା କରିଥିଲେ । ରାଜକିଶୋର ସାହୁ ଧନ୍ୟ ବାଦ ଅର୍ପଣ କରିଥିଲେ । ପ୍ରଥମେ ସେହି ବିଦ୍ୱାନଗଣଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ଥିଲା ।

# ଶ୍ରୀରାଧା ଜନ୍ମୋତ୍ସବ କମିଟି ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା



**ସତ୍ୟବାଦୀ/ ସୁଆଣ୍ଡୋ (ଅମୃତ ମିଡିଆ):** ସାକ୍ଷୀଗୋପାଳର ସାଂସ୍କୃତିକ ଅନୁଷ୍ଠାନ ଶ୍ରୀ ଶ୍ରୀ ସିଂହଦ୍ୱାର ଭଜନ ସମାରୋହ କମିଟି ତରଫରୁ ଆସନ୍ତା ସେପ୍ଟେମ୍ବର ୧୭ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ମହା ଆଡମ୍ବରରେ ପାଳନ ଶ୍ରୀରାଧା ଜନ୍ମ ମହୋତ୍ସବ ୨୦୨୬ ପାଳନ କରାଯିବ । ଏହି ପରିପ୍ରେକ୍ଷୀରେ ସାକ୍ଷୀଗୋପାଳ ସେବକ ସାହି ମା ଜଗେଶ୍ୱରୀ ମଣ୍ଡପରେ ମଣ୍ଡଳ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ସତ୍ୟବାଦୀ ବ୍ଲକ୍ ର ବିଭିନ୍ନ ବିଦ୍ୟାଳୟର କନିଷ୍ଠ ଏବଂ ବରିଷ୍ଠ ବିଭାଗରେ ୭୪ ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ବିଜୟୀ ଛାତ୍ର ଛାତ୍ରୀଙ୍କୁ ଆସନ୍ତା ୧୭ ତାରିଖ ଶ୍ରୀ ରାଧାଜନ୍ମୋତ୍ସବ ଉଦ୍ଘାଟନୀ ଉତ୍ସବରେ ସମ୍ମାନିତ କରାଯିବ। ପ୍ରତିଯୋଗିତା କାର୍ଯ୍ୟକ୍ରମ କୁ ସମ୍ପାଦକ ଦିବାକର ମହାପାତ୍ର, ସାଂସ୍କୃତିକ ସମ୍ପାଦକ ବିଜୟ ମହାପାତ୍ର, ସଦସ୍ୟ ପ୍ରଫୁଲ୍ଲ କୁମାର ପଣ୍ଡା , ଆଲୋକ ଖୁଣ୍ଟିଆ, ବିଜୟ କୁମାର ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

# ହାନା ଟାଇକୋଣ୍ଡୋ ଏକାଡେମୀର ସଫଳତା



**ସତ୍ୟବାଦୀ/ ସୁଆଣ୍ଡୋ (ଅମୃତ ମିଡିଆ):** ସାକ୍ଷୀଗୋପାଳରେ ଥିବା ହାନା ଟାଇକୋଣ୍ଡୋ ଏକାଡେମୀର ଛାତ୍ରଛାତ୍ରୀମାନେ ଜିଲ୍ଲାସ୍ତରୀୟ ସ୍କୁଲ ଗେମ୍ସ ଟାଇକୋଣ୍ଡୋ ପ୍ରତିଯୋଗିତାରେ ଚମତ୍କାର ସଫଳତା ହାସଲ କରିଛନ୍ତି। ପ୍ରତିଯୋଗିତାରେ ଏକାଡେମୀର ମୋଟ ୧୨ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ, ସେଥିମଧ୍ୟରୁ ୬ ଜଣ ସ୍ୱର୍ଣ୍ଣ ପଦକ ହାସଲ କରି ରାଜ୍ୟସ୍ତରୀୟ ସ୍କୁଲ ଗେମ୍ସ ପାଇଁ ମନୋନୀତ ହୋଇଛନ୍ତି। ୟୁ- ୧୭ ବାଳିକା ବର୍ଗରେ ସତ୍ୟବାଦୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଅଧ୍ୟୟନରତ ସ୍ମୃତିରେଖା ନାୟକ +୬୮ କି.ଗ୍ରା. ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।ୟୁ ୧୭ ବାଳକ ବର୍ଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସାକ୍ଷୀଗୋପାଳରେ +୨ ଅଧ୍ୟୟନରତ କମଳେଶ ମିଶ୍ର ୬୮–୭୩ କି.ଗ୍ରା. ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ପିଏମଶ୍ରୀ ସତ୍ୟବାଦୀ ହାଇସ୍କୁଲ ରେ ଅଧ୍ୟୟନରତ ଆୟୁଷ୍ମାନ ମିଶ୍ର ୪୮–୫୧ କି.ଗ୍ରା. ଏବଂ ସୋମନାଥ ନାୟକ ୫୧–୫୫ କି.ଗ୍ରା. ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।ସେହିପରି ୟୁ-୧୪ ବାଳିକା ବର୍ଗରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଧ୍ୟୟନରତ ପ୍ରିୟଙ୍କା ମେକାପ ୩୫–୩୮ କି.ଗ୍ରା. ବର୍ଗରେ ଏବଂ ପିଏମଶ୍ରୀ ସତ୍ୟବାଦୀ ହାଇସ୍କୁଲ ରେ ଅଧ୍ୟୟନରତ ଆରାଧ୍ୟ ସତକ୍ଷୀ ମିଶ୍ର +୩୮ କି.ଗ୍ରା. ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଜିଲ୍ଲାସ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଏହି ୬ ଜଣ କ୍ରୀଡ଼ାବିତ ଆଗାମୀ ରାଜ୍ୟ ସ୍କୁଲ ଗେମ୍ସ ପାଇଁ କେଉଁଝରର ଗସ୍ତ କରିବେ। ଏହି ସଫଳତା ସତ୍ୟବାଦୀ ଅଞ୍ଚଳ ପାଇଁ ଗର୍ବର ବିଷୟ ହୋଇଛି । ସତ୍ୟବାଦୀ ହାଇସ୍କୁଲ ଓ ମଣ୍ଡଳ ସଭାପତି ସୁଚିତ୍ର ସାରଙ୍କ ନେତୃତ୍ୱରେ ୧୨ ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୬ ଜଣ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଏହି ସମସ୍ତ ଛାତ୍ରଛାତ୍ରୀ ସାକ୍ଷୀଗୋପାଳସ୍ଥିତ ହାନା ଟାଇକୋଣ୍ଡୋ ଏକାଡେମୀର ମୁଖ୍ୟ ପ୍ରଶିକ୍ଷକ ଦୀପକ କୁମାର ପ୍ରଧାନଙ୍କ ଠାରୁ ନିୟମିତ ଟାଇକୋଣ୍ଡୋ ପ୍ରଶିକ୍ଷଣ ନେଉଛନ୍ତି। ଛାତ୍ରଛାତ୍ରୀମାନଙ୍କ ଏହି ସଫଳତା ପାଇଁ ଅଭିଭାବକ, ବିଦ୍ୟାଳୟ ଓ ଏକାଡେମୀ ପକ୍ଷରୁ ଖୁସି ପ୍ରକାଶ କରାଯାଇଛି।

# ବିଭିନ୍ନ ସ୍ଥାନରେ ଗଣନାଥଙ୍କ ପୂଜା



**ସତ୍ୟବାଦୀ/ ସୁଆଣ୍ଡୋ (ଅମୃତ ମିଡିଆ):** ଗାଁ ଠାରୁ ଆରମ୍ଭ କରି ହାଟ ବଜାର ବିଦ୍ୟାଳୟ ଗୁଡିକ ସହିତ ଘରେ ଘରେ ଅଗ୍ରପୂଜ୍ୟ ଗଣନାଥଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗଣେଶଙ୍କ ମୃଣ୍ମୟମୂର୍ତ୍ତୀ ସ୍ଥାପନ କରାଯାଇ ସ୍ନାନ ମାର୍ଜନା,



ଭୋଗ, ଆଳତି , ଉପଚାର, ହୋମ ଆଦି ଅନୁଷ୍ଠିତ ହୋଇଯାଇଛି । ସତ୍ୟବାଦୀ ହାଇସ୍କୁଲ, ବଳପୁର, ଜୟ ଦୁର୍ଗା ହାଇସ୍କୁଲ ସହ ବିଭିନ୍ନ ହାଇସ୍କୁଲ ପ୍ରାଥମିକ ବିଦ୍ୟାଳୟ, ସରସ୍ୱତୀ ଶିଶୁମନ୍ଦିର ମାନଙ୍କରେ ଛାତ୍ରଛାତ୍ରୀ ମାନେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ସାରଙ୍ଗ ଯୋଡି ବଜାର, ସାକ୍ଷୀଗୋପାଳ ବଡ ବଜାର, ଅଳଗୁମ ବଜାର, ପାଣି ଛତ୍ର ବଜାର, ବୁଢାକେରା ରମା ବଜାର ପ୍ରମୁଖ ସ୍ଥାନଗୁଡିକରେ ସୁଦୃଶ୍ୟ ମଣ୍ଡପ ଗୁଡିକ ରେ ଗଣେଶଙ୍କ ବିଗ୍ରହ ପୂଜାଅର୍ଚ୍ଚନା କରାଯାଉଛି ।

# ବାରୁଦଗଦାରେ ଅସ୍ତରଙ୍ଗ-କାକଟପୁର ମୁଖ୍ୟ ବଜାର

## ଅଗ୍ନି ନିରାପତ୍ତା ଶୂନ



**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ଗୋଟିଏ ନିଆଁ ଗୁଳା ହିଁ ଯଥେଷ୍ଟ, ପୁରା ବଜାରକୁ ପାଉଁଶ କରିଦେବା ପାଇଁ। କାରଣ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକର ମୁଖ୍ୟ ବଜାର ଏବେ ବାରୁଦ ଗଦା ଉପରେ ବସିଛି। ଏଠାରେ ଥିବା ବଡ ବଡ ଲୁଗା ଦୋକାନ, ଗ୍ରୋସରୀ ଦୋକାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଶୂନ, ତା ଉପରେ ବଜାର ମଧ୍ୟରେ ଖୁଲମଖୁଲା ଚାଲିଛି ବେଆଇନ ଗ୍ୟାସ ଫିଲିଂ ବ୍ୟବସାୟ। ଖବର ମୁତାବକ ଅସ୍ତରଙ୍ଗ ହାଟ ମଧ୍ୟରେ , ମୁଖ୍ୟ ବଜାର କାକଟପୁର ବଜାର, ଓଥକା ମାର୍କେଟ ଓ ବାଙ୍ଗୁରିଗାଁ ଛକରେ ପ୍ରାୟ ୯୦% ଲୁଗା ଦୋକାନରେ ଫାୟାର ଏକ୍ସଟିଙ୍ଗୁଇସର ନାହିଁ। ଯେଉଁ ଦୁଇ ଗୋଟିରେ ଅଛି, ତାହା ଏକ୍ସପାଏରୀ ହୋଇ ଧୂଳି ଖାଉଛି। ଗ୍ରୋସରୀ ଦୋକାନ ଭିତରେ ତେଲ, ଘିଅ, ପ୍ଲାଷ୍ଟିକ ଓ ପଲିଥିନ ଗଦା ହୋଇ ରହିଛି। ନା ଅଛି ସ୍ମୋକ ଡିଟେକ୍ଟର, ନା ଅଛି ବାହାରିବା ପାଇଁ ଇମରଜେନ୍ସି ଗେଟ।ଏହାଠୁ ବଡ ବିପଦ ହେଲା ବଜାର ମଝିରେ ଥିବା ପ୍ରାୟ ୨୦ଟି ଗ୍ୟାସ ଫିଲିଂ ଦୋକାନ। ଏମାନେ ବଡ ସିଲିଣ୍ଡରରୁ ଛୋଟ ସିଲିଣ୍ଡରକୁ ବେଆଇନ ଭାବେ ଗ୍ୟାସ ଭରୁଛନ୍ତି। ଅଧିକାଂଶ ଦୋକାନ ଲୁଗା ଦୋକାନକୁ ଲାଗିକରି ରହିଛି। ଲୁଗା ଭଳି ସହଜରେ ନିଆଁ ଲାଗୁଥିବା ଜିନିଷ ପାଖରେ ଗ୍ୟାସ, ମାନେ ମୃତ୍ୟୁକୁ ନିମନ୍ତ୍ରଣ। ନିୟମ କହୁଛି, ୨୫୦ ବର୍ଗଫୁଟରୁ ବଡ ଦୋକାନରେ ଫାୟାର ଲାଇସେନ୍ସ ଓ ଗ୍ୟାସ ଫିଲିଂରେ ପେଟ୍ରୋଲିୟମ ବିଭାଗର ଅନୁମତି ବାଧ୍ୟତାମୂଳକ। ବର୍ଷକୁ ଥରେ ଅଗ୍ନିଶମ ବିଭାଗ ଯାଞ୍ଚ କରିବା କଥା। ହେଲେ ସ୍ଥାନୀୟ ବ୍ୟବସାୟୀ କହୁଛନ୍ତି, ବିଭାଗ କେବେ ଆସେନି। କେବଳ ଲାଇସେନ୍ସ ନବୀକରଣ ବେଳେ କାଗଜରେ ସବୁ ଓକେ। ସାମ୍ନାକୁ ବିଶ୍ୱକର୍ମା। ପୂଜା,ଦଶହରା, ଦୀପାବଳି। ଦୋକାନରେ ଭିଡ ବଢିବ। ଯଦି ଏବେ ଯାଞ୍ଚ ନହେଲା, ଗୋଟିଏ ଛୋଟ ଅଘଟଣ ବଡ ବିପଦ ଆଣିବ। ପୁରୀ ଜିଲ୍ଲାପାଳ ଓ ଅଗ୍ନିଶମ ଅଧିକାରୀ ତୁରନ୍ତ ଅସ୍ତରଙ୍ଗ-କାକଟପୁରରେ ଚଢାଉ କରି ବେଆଇନ ଗ୍ୟାସ ଦୋକାନ ସିଲ୍ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି।ଏହା ଶହ ବଡ଼ ବଡ଼ ଲୁଗା ଦୋକାନ, ଗ୍ରୋସରୀ ଦୋକାନ, ହାର୍ଡୱେୟାର ଷ୍ଟୋର ଯାଞ୍ଚ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ପିପିଲି ଗଣେଶ ପୂଜା: ସହର ଠାରୁ ଗ୍ରାମାଞ୍ଚଳ ସବୁଠି ଉତ୍ସବ ମୁଖର



**ପିପିଲି(ଅମୃତ ମିଡିଆ):** ଗଣେଶ ପୂଜା ଅବସରରେ ପିପିଲି ସହରଠାରୁ ଆରମ୍ଭ କରି ବିଭିନ୍ନ ଗ୍ରାମାଞ୍ଚଳ ଉତ୍ସବମୁଖର ହୋଇଉଠିଛି। ପୂର୍ବ ପ୍ରସ୍ତୁତି ଅନୁଯାୟୀ ବିଭିନ୍ନ ପୂଜାମଣ୍ଡପରେ ପ୍ରତିଯୋଗିତାମୂଳକ ଭାବେ ଗଜାନନଙ୍କ ପୂଜାର୍ଚ୍ଚନା କରାଯାଇଥିବା ବେଳେ ସୁସଜ୍ଜିତ ମେଢ, ଆକର୍ଷଣୀୟ ମୂର୍ତ୍ତି ଓ ଚତୁଃପାର୍ଶ୍ୱର ଆଲୋକସଜ୍ଜାରେ ସାରା ପିପିଲି ଝଲସି ଉଠିଛି। ପିପିଲି ଶାସନର ମା' ଧନେଶ୍ୱରୀ କ୍ଲବ୍, ସିଦ୍ଧି ବିନାୟକ କ୍ଲବ୍, ବାବା ସିଦ୍ଧେଶ୍ୱରୀ କ୍ଲବ୍, ପିପିଲି ବଜାର ଦର୍ଜିସାହିସ୍ଥିତ ମା' ଦୁଲ୍ଲାଦେଇ କ୍ଲବ୍, ଗଣପତି କ୍ଲବ୍, ଦରଡ଼ା ଗ୍ରାମର ବାଜି ରାଉତ କ୍ଲବ୍, ମହାରାଜା କ୍ଲବ୍, ମହାକାଳ କ୍ଲବ୍, ସିଂହସାହି ରୟାଲ କ୍ଲବ୍, ମା' ମଙ୍ଗଳା କ୍ଲବ୍, ପିପିଲି ବଜାର ବ୍ୟବସାୟୀ ସଂଘ, ବିଶ୍ୱକର୍ମା କ୍ଲବ୍ ଓ ନରସିଂହପୁର ଧନେଶ୍ୱରୀ କ୍ଲବ୍ ସମେତ ବିଭିନ୍ନ ପୂଜାମଣ୍ଡପରେ ଗଜାନନ ପୂଜା ପାଉଛନ୍ତି। ଏଥିମଧ୍ୟରୁ ମହାରାଜା କ୍ଲବ୍, ମା' ଦୁଲ୍ଲାଦେଇ କ୍ଲବ୍ ଓ ବାଜି ରାଉତ କ୍ଲବ୍ ପକ୍ଷରୁ ଆୟୋଜିତ ଗଜାନନଙ୍କ ମୂର୍ତ୍ତି ଓ ସୁସଜ୍ଜିତ ମେଢ ବେଶ୍ ଆକର୍ଷଣୀୟ ହୋଇଛି। ଚିତ୍ତାକର୍ଷକ ମୂର୍ତ୍ତି ସାଙ୍ଗକୁ ଆକର୍ଷଣୀୟ ଆଲୋକସଜ୍ଜା ପିପିଲି ବଜାରର ପୂଜା ପରିବେଶକୁ ଆହୁରି ମନୋରମ କରିଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ପିପିଲି ବଜାରର ସମସ୍ତ ପୂଜା କମିଟି ପକ୍ଷରୁ ଗଜାନନଙ୍କ ସମୂହ ଭସାଣି ଯାତ୍ରା ଆସନ୍ତା ୨୦ ତାରିଖ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହେବ। ଏନେଇ ପିପିଲି ବଜାର କମିଟି ସଭାପତି ଶାରଦା ପ୍ରସନ୍ନ ସିଂ ସୂଚନା ଦେଇଛନ୍ତି। ଚଳିତବର୍ଷ ଏଠାରେ ସୁନ୍ଦର ଗଜାନନଙ୍କ ମୂର୍ତ୍ତି ପୂଜା ପାଉଛନ୍ତି। ଜୟପୁରହାଟ ଗ୍ରାମବାସୀ ଏକତ୍ରିତ ହୋଇ ଏହି ପୂଜାକୁ ଆନନ୍ଦ ଓ ଉତ୍ସାହର ସହ ପାଳନ କରିଥିଲେ। ପୂଜା କାର୍ଯ୍ୟକ୍ରମରେ ଗ୍ରାମର ଯୁବ ସହଯୋଗୀ ଅନିଲ କୁମାର ମହାରଣା, ତ୍ରିଲୋଚନ ମହାରଣା, ଶଶିକାନ୍ତ ମହାରଣା, ମୋହନ ମହାରଣା, ପ୍ରିୟବ୍ରତ ମହାନ୍ତି, ସଚ୍ଚିକାନ୍ତ ମହାରଣା, ପ୍ରଭାତ ମହାରଣା ପ୍ରମୁଖ ସାମିଲ ହୋଇ ପୂଜା ପରିଚାଳନାରେ ସହଯୋଗ କରିଥିଲେ। ଗଣେଶ ପୂଜାକୁ ନେଇ ପିପିଲିରେ ଦେଖାଦେଇଥିବା ଏହି ଉତ୍ସବମୁଖର ପରିବେଶ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ଓ ଉତ୍ସାହ ଭରିଦେଇଛି।

# ମୁକ୍ତିମଣ୍ଡପ ପଣ୍ଡିତ ସଭା ଓ ୧୬ ଶାସନ ମହାଜନଙ୍କ ବୈଠକ

**ସତ୍ୟବାଦୀ ସୁଆଣ୍ଡୋ (ଅମୃତ ମିଡିଆ):** ବୀରଗୋବିନ୍ଦପୁର ସ୍ଥିତ ସମୁଦାୟ କେନ୍ଦ୍ରରେ ମୁକ୍ତିମଣ୍ଡପ, ମୁକ୍ତିମଣ୍ଡପ ପଣ୍ଡିତ ସଭା ଓ ୧୬ ଶାସନର ମହାଜନମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁକ୍ତିମଣ୍ଡପର ସଭାପତି ଶ୍ରୀ ବିଶ୍ୱନାଥ ମିଶ୍ର, ସମ୍ପାଦକ ଶ୍ରୀ ଅଜିତ ମିଶ୍ର ଏବଂ ମୁକ୍ତିମଣ୍ଡପ ପଣ୍ଡିତ ସଭାର ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ସମେତ ବୀରଗୋବିନ୍ଦପୁରର ସଭାପତି ଆଦିତ୍ୟ ପ୍ରସାଦ ନନ୍ଦ ଓ ସମ୍ପାଦକ ଅବିନାଶ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ବ୍ରାହ୍ମଣ ସଂଘର ସଭାପତି ଅଶ୍ୱିନୀ ନନ୍ଦ ମଧ୍ୟ ବୈଠକରେ ଯୋଗଦେଇଥିଲେ। ବୈଠକରେ ୧୬ ଶାସନର ମହାଜନମାନେ ଯୋଗଦେଇ ମୁକ୍ତିମଣ୍ଡପର ପରମ୍ପରା, ମର୍ଯ୍ୟାଦା ଓ ଏହାର ଗରିମାକୁ ଅକ୍ଷୁଣ୍ଣ ରଖିବା ସହିତ ଭବିଷ୍ୟତ କାର୍ଯ୍ୟଧାରା ସମ୍ପର୍କରେ ନିଜ ନିଜର ମତାମତ ଓ ମୂଲ୍ୟବାନ ଚିନ୍ତାଧାରା ଉପସ୍ଥାପନ କରିଥିଲେ।ବିଶେଷକରି ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ମୁକ୍ତିମଣ୍ଡପରେ ଆସନ ଗ୍ରହଣ କରିବା ପାଇଁ ଯୋଗ୍ୟ ମହାଜନ/ପଣ୍ଡିତଙ୍କ ଚୟନ ସମ୍ପର୍କରେ ବିସ୍ତୃତ ଓ ଫଳପ୍ରଦ ଆଲୋଚନା ହୋଇଥିଲା।ଏହି ଗୁରୁତ୍ୱପୂର୍ଣ୍ଣ ଚୟନ ପ୍ରକ୍ରିୟାକୁ ସୁଚାରୁ, ନିରପେକ୍ଷ ଓ ସୁସଂଗଠିତ ଭାବେ ସମ୍ପାଦନ କରିବା ନିମନ୍ତେ ଏକ ଚୟନ କୋର୍ କମିଟି ଗଠନ କରାଯାଇଛି। ଏହି କୋର୍ କମିଟି ଯୋଗ୍ୟ ମହାଜନ/ପଣ୍ଡିତଙ୍କ ଚୟନ ସମ୍ପର୍କିତ ଆବଶ୍ୟକ ପ୍ରକ୍ରିୟା ଓ କାର୍ଯ୍ୟ ସମ୍ପାଦନ କରିବ।ବୈଠକରେ ଆଲୋଚନା ହୋଇଥିବା ବିଷୟଗୁଡ଼ିକର ପରବର୍ତ୍ତୀ ପଦକ୍ଷେପ ଓ ଚୟନ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ଆଲୋଚନା ପାଇଁ ଚଳିତ ମାସ ୨୦ ତାରିଖରେ ଏକ ଅନୁସରଣୀୟ ବୈଠକ ଅନୁଷ୍ଠିତ ହେବା ନେଇ ସହମତି ପ୍ରକାଶ ପାଇଛି।ବୈଠକରେ ଉପସ୍ଥିତ ସମସ୍ତ ମହାଜନ, ପଣ୍ଡିତ ଓ ପ୍ରତିନିଧିମାନେ ଶ୍ରୀଜଗନ୍ନାଥଙ୍କ ପବିତ୍ର ପରମ୍ପରା, ଶାସ୍ତ୍ରୀୟ ମର୍ଯ୍ୟାଦା ଓ ମୁକ୍ତିମଣ୍ଡପର ଗୌରବକୁ ସର୍ବୋଚ୍ଚ ସ୍ଥାନ ଦେଇ ଏହି ଦାୟିତ୍ୱକୁ ସମ୍ମିଳିତ ଓ ସୁଚାରୁ ଭାବେ ସମ୍ପାଦନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

**ପିଏମଶ୍ରୀ ଜଗନ୍ନାଥ ନୋଡାଲ ବିଦ୍ୟାଳୟରେ ଶ୍ରୀଗଣେଶ ପୂଜା**

# ଏକାଠି ହେଲେ ପୁରାତନ-ନୂତନ



**କାକଟପୁର /ଅସ୍ତରଙ୍ଗ (ଅମୃତ ମିଡିଆ):** ସବୁଠି ପବିତ୍ର ଗଣେଶ ପୂଜାର ଉତ୍ସବ ମୁଖର ପରିବେଶ ଲାଗିରହିଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ପିଏମଶ୍ରୀ ଜଗନ୍ନାଥ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବନ୍ତିଲୋ ରେ ଭକ୍ତି ଓ ଉଲ୍ଲାସର ସହ ଶ୍ରୀଗଣେଶ ପୂଜା ମହା ଆଡମ୍ବରରେ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷର ପୂଜା ସବୁଠୁ ନିଆରା ଥିଲା। କାରଣ ଏଥର ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ନାରାୟଣ ପରିଡା ନିଜେ କର୍ତ୍ତା ହୋଇ ପୂଜା ସମ୍ପାଦନ କରିଥିଲେ। ତାଙ୍କ ନେତୃତ୍ୱରେ ସମଗ୍ର ବିଦ୍ୟାଳୟ ପରିବାର ଏକ ମନ, ଏକ ପ୍ରାଣ ହୋଇ ବାପ୍ପାଙ୍କ ଆରାଧନା କରିଥିଲେ। ସକାଳୁ ମନ୍ତ୍ର ଉଚ୍ଚାରଣ, ଢୋଲ, ମୃଦଙ୍ଗର ତାଳେ ତାଳେ ଗଜାନନଙ୍କୁ ବିଦ୍ୟାଳୟ ପରିସରକୁ



ଆବାହନ କରାଯାଇଥିଲା। ବିଦ୍ୟାର ଅଧିପତି ଶ୍ରୀଗଣେଶଙ୍କ ପୂଜା ଦେଖିବା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ପୂଜାର ସବୁଠୁ ବଡ ଆକର୍ଷଣ ଥିଲା ପୁରାତନ ଓ ନୂତନର ମିଳନ। ବିଦ୍ୟାଳୟରୁ ଅବସର ନେଇଥିବା ସମସ୍ତ ପୂର୍ବତନ ଶିକ୍ଷକ, ପୁରାତନ ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ପୂଜାକୁ ଆହୁରି ଗୌରବମୟ କରିଥିଲେ। ବର୍ତ୍ତମାନର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀମାନେ ପୂର୍ବତନ ଗୁରୁଜୀମାନଙ୍କୁ ପାଛୋଟି ନେଇଥିଲେ। ଏହି ଦୃଶ୍ୟ ସମସ୍ତଙ୍କ ଆଖିରେ ଆନନ୍ଦଅଶ୍ରୁ ଆଣି ଦେଇଥିଲା। ପ୍ରଧାନଶିକ୍ଷକ ନାରାୟଣ ପରିଡା କହିଛନ୍ତି, ଶିକ୍ଷା ସହ ସଂସ୍କାର ଓ ପରମ୍ପରାକୁ ଯୋଡିବା ଆମ ଲକ୍ଷ୍ୟ। ପିଏମଶ୍ରୀ ବିଦ୍ୟାଳୟ କେବଳ ପାଠ ପଢା କେନ୍ଦ୍ର ନୁହେଁ, ଏହା ଏକ ପରିବାର। ପୁରାତନ ଛାତ୍ର ଓ ଶିକ୍ଷକଙ୍କୁ ଡାକି ଆମେ ପରିବାରର ବନ୍ଧନକୁ ମଜବୁତ କରିଛୁ। ବିଘ୍ନହର୍ତ୍ତା ଗଣେଶ ଆମ ବିଦ୍ୟାଳୟର ସମସ୍ତ ବିଘ୍ନ ଦୂର କରନ୍ତୁ। ପୂଜା ଶେଷରେ ସମସ୍ତଙ୍କୁ ପ୍ରସାଦ ସେବନ କରାଯାଇଥିଲା। ଶେଷରେ ବିଦ୍ୟାର୍ଥୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ଏହି ଭବ୍ୟ ଆୟୋଜନ ପାଇଁ ସ୍ଥାନୀୟ ଅଞ୍ଚଳରେ ପ୍ରଧାନଶିକ୍ଷକ ଓ ବିଦ୍ୟାଳୟ ପରିବାରକୁ ପ୍ରଶଂସା କରାଯାଉଛି।

**ମହଙ୍ଗା ମାଡ଼ରେ ଜଳୁଛି ପେଟ**

# ଫଟୋ ସେସନରେ ନେତା, ଭୋକରେ ଅସ୍ତରଙ୍ଗ ଜନତା

## ଭତ୍ତା ପାଇଁ ବୃଦ୍ଧ-ବୃଦ୍ଧା ହୀନସ୍ତା, କେବେ ଦୂରହେବ ଧାନ-ପାନ-ମୀନ ସମସ୍ୟା



**କାକଟପୁର/ଅସ୍ତରଙ୍ଗ(ଅମୃତ ମିଡିଆ):** ସନ୍ଧ୍ୟାରେ ଦୀପ ଜାଳିବାକୁ ନିର୍ଦ୍ଦେଶ, ହେଲେ ସକାଳୁ ରୋଷେଇ ଘରେ ଚୁଲି ଜଳିବାକୁ ତେଲ ନାହିଁ। ଏ କେମିତି ସେବା? ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଟି ପଞ୍ଚାୟତରେ ଏବେ ଏହି ଗୋଟିଏ ପ୍ରଶ୍ନ - ମହଙ୍ଗା ମାଡ଼ରେ ଆମେ କି ଦୀପ ଜାଳିବୁ? ଅସ୍ତରଙ୍ଗ ଅର୍ଥନୀତି ଠିଆ ହୋଇଛି ଧାନ, ପାନ ଓ ମାଛ ଉପରେ। ହେଲେ ତିନିଯାକ ଏବେ ବିପଦରେ। ୭୦ ବର୍ଷର ବୁଢା ବାପା ହାତରେ ଲାଠି ଧରି ମାସ ମାସ ଧରି ବ୍ଲକକୁ ଦୌଡୁଛନ୍ତି। ଆବେଦନ ପରେ ବି ଭତ୍ତା ଆସୁନି। ଆବାସରେ ବଡ ଘୋଟାଲା। ଯାହାର ପକ୍କା ଘର ତାକୁ ଘର ମିଳୁଛି, ଚାଳ ଘର ଲୋକର ନାଁ କଟି ଯାଉଛି। ଜିଲ୍ଲାପାଳଙ୍କ ଜନ ଶୁଣାଣିରେ ଅସ୍ତରଙ୍ଗର ଅଭିଯୋଗ ସବୁଠୁ ଅଧିକ। ନୂଆଗଡ ଜେଟି ରୁ ଦକ୍ଷିଣ ମୁହାଣ ଯାଏଁ ସମ୍ପୂର୍ଣ୍ଣ ପୋତି। ଡ୍ରେଜିଂ ବନ୍ଦ। ସମୁଦ୍ରକୁ ଡଙ୍ଗା ଯାଇ ପାରୁନି। ସରକାର ମିନି ହାର୍ବର ପ୍ରତିଶ୍ରୁତି ଦେଇଥିଲେ, କେବଳ ଫାଇଲି ରେ ସୀମିତ । ହଜାରେ ପରିବାର ଆଜି ଆନ୍ଧ୍ର, କେରଳକୁ ଦାଦନ ଖଟିବାକୁ ଯାଉଛନ୍ତି। ପାନ ପାଇଁ ମଣ୍ଡି ନାହିଁ, କୋଲ୍ଡ ଷ୍ଟୋରେଜ ନାହିଁ। ଚାଷୀ ଭୋର ୩ଟାରୁ ନୟାହାଟ ଦୌଡୁଛନ୍ତି। ଧାନ ପାଇଁ ପ୍ୟାକ୍ସରେ ସାର ନାହିଁ, ବାହାରେ କଳାବଜାର। ବିକ୍ରି ବେଳେ କଟନି-ଛଟନି। ପନିପରିବା ପାଇଁ ଶୀତଳ ଭଣ୍ଡାର ନାହିଁ, ଗୋଶାଳା ନଥିବାରୁ ରାସ୍ତାରେ ବୁଲା ଗାଈ ଯୋଗୁଁ ଦୁର୍ଘଟଣା ବଢୁଛି।ବୁଦ୍ଧିଜୀବୀ କହୁଛନ୍ତି, ସ୍ୱାର୍ଥ ପାଇଁ ଶୀତ ଦିନେ ପକ୍ଷୀ ଆସିଲା ଭଳି ଦଳ ବଦଳାଇ ଆସିଥିବା ନେତାମାନେ ହିଁ ଏବେ ଦୀପ ଜାଳି ଫଟୋ ଉଠାଇ ଉପର ମହଲକୁ ଖୁସି କରିବେ। ହେଲେ ଦିନକୁ ୫୦୦ ଟଙ୍କା ରୋଜଗାର କରୁଥିବା ଲୋକ ହଜାର ଟଙ୍କା ଗ୍ୟାସ କେମିତି କିଣିବ? ଲୋକଙ୍କୁ ଦରକାର ଫଟୋ ନୁହେଁ, ସସ୍ତା ବଜାର, ମୁହାଣ ଖୋଲା, ଭତ୍ତା ଓ ଆବାସ। ନହେଲେ ଦୀପର ଆଲୁଅ ଫିକା ପଡିଯିବ।

# ଛିଣ୍ଡାଜୋତା ଯୋଡ଼ି ସଂସାର ସଜାଡୁଛନ୍ତି କାର୍ତ୍ତିକ

- ଥାନା ସାମ୍ନାରେ ୩୪ ବର୍ଷ ହେଲା ସଂଘର୍ଷ
- ୨୦୨୪ରେ ଚପଲ ଚିହ୍ନରେ ବିଧାୟକ ପ୍ରାର୍ଥୀଭାବେ ଲଢ଼ିଥିଲେ



**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ପୁରୀ ଜିଲ୍ଲା କାକଟପୁର ଥାନା ଠିକ ସାମ୍ନାରେ ଫୁଟପାଥ ଉପରେ ଗୋଟିଏ ଛୋଟ କାଠ ବାକ୍ସ। ହାତରେ ସୁଇଁ ସୂତା, ପାଖରେ ପଲିସ ଡବା, ଆଖିରେ ବଡ ସ୍ୱପ୍ନ। ସକାଳ ୯ରୁ ରାତି ୭ଟା ଯାଏଁ ସେଠି ବସିଛନ୍ତି ଜଣେ ମଣିଷ - କାର୍ତ୍ତିକ ରାଓ। ବୟସ ୪୨ ବର୍ଷ। ପିତା - ସ୍ୱର୍ଗତଃ ଶ୍ୟାମଘନ ରାଓ। କାମ - ଜୋତା ସିଲେଇ। ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ତାଙ୍କୁ ସମସ୍ତେ ଜୋତା ମିସ୍ତ୍ରୀ ଭାବେ ଜାଣନ୍ତି। ହେଲେ ଏହି ଜୋତା ମିସ୍ତ୍ରୀ ଭିତରେ ଅଛି ଜଣେ ନେତା, ଜଣେ ସମାଜସେବୀର କାହାଣୀ, ଯାହା ଆମ ପ୍ରତିନିଧି ଖୋଜି ବାହାର କରିଛନ୍ତି। ସାଧାରଣ ଲୋକ ସମସ୍ୟା ପାଇଁ ନିଜେ ସେବା କରିବାକୁ ଚେଷ୍ଟା କରିଛନ୍ତି। ସୂଚନା ଅନୁଯାୟୀ ୧୯୫୮ ମସିହାରେ ତାଙ୍କ ଜେଜେ ଗଞ୍ଜାମ ଜିଲ୍ଲାରୁ ଆସି କାକଟପୁରରେ ବସତି ସ୍ଥାପନ କରିଥିଲେ। ତାଙ୍କ ବାପା ଶ୍ୟାମଘନ ଜୋତା ସିଲେଇ କରି ପରିବାର ପ୍ରତିପୋଷଣ କରୁଥିଲେ। ୧୯୮୩ରେ କାର୍ତ୍ତିକ ଜନ୍ମ ହେଲେ। ଅଭାବ ଯୋଗୁଁ ୫ମ ଶ୍ରେଣୀ ପରେ ପାଠ ପଢା ବନ୍ଦ ହୋଇଗଲା। ବାପାଙ୍କ ଦେହ ଖରାପ ହେବାରୁ ୧୯୯୨ ମସିହାରୁ ମାତ୍ର ୯ ବର୍ଷ ବୟସରୁ ବାପାଙ୍କ ଠାରୁ ଶିଖିଥିବା ଜୋତା ସିଲେଇ କାମ ଆରମ୍ଭ କଲେ। ଆଜିକୁ ୩୪ ବର୍ଷରୁ ଅଧିକ ହେଲା ସେ ଏହି ଗୋଟିଏ ଜାଗାରେ ବସି ସଂଘର୍ଷ କରୁଛନ୍ତି। କାର୍ତ୍ତିକ କୁହନ୍ତି, ଦିନ ସାରା ରାସ୍ତା କଡରେ ବସି ଗ୍ରାହକଙ୍କୁ ଅପେକ୍ଷା କରିବାକୁ ପଡେ। କିଏ ଜୋତା ସିଲେଇ କରେ ତ କିଏ ପଲିସ କରେ। କେଉଁ ଦିନ ୫୦ ଟଙ୍କା ରୋଜଗାର ତ କେଉଁ ଦିନ ୩୦୦ ଟଙ୍କା। ଆଗ ଅପେକ୍ଷା ଏବେ ରୋଜଗାର ବହୁତ କମିଛି। କାରଣ ଆଗରୁ ଦୋକାନରେ ଚପଲ ସିଲେଇ, ପଲିସ ଭଲ ଚାଲୁଥିଲା, ଏବେ ଅନଲାଇନ ଯୋଗୁଁ ନୂଆ ଜୋତା ଶସ୍ତାରେ ମିଳୁଛି, ଲୋକେ ପୁରୁଣା ଜୋତା ମରାମତି ବଦଳରେ ନୂଆ କିଣୁଛନ୍ତି। ଝଡି ବର୍ଷା ହେଲେ କିମ୍ବା ବଜାର ବନ୍ଦ ହେଲେ ପରିବାର ଚଳାଇବା କଷ୍ଟ। ଫୁଟପାଥରେ ବସି ପ୍ରଚଣ୍ଡ ଖରା, ମୁଷଳ ଧାରା ବର୍ଷା, ଶୀତ ସବୁ ସହିବାକୁ ପଡେ, ମଝିରେ ମଝିରେ କିଛି ଲୋକଙ୍କ ଦୌରାତ୍ମ୍ୟ ବି ସହିବାକୁ ପଡେ। କେବଳ ଜୋତା ସିଲେଇ ନୁହେଁ, କାର୍ତ୍ତିକ କାକଟପୁର ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତି। ଗରିବ ଲୋକେ ଅନେକ ଯୋଜନାରୁ ବଞ୍ଚିତ ହେଉଥିବା ଦେଖି ସେମାନଙ୍କ ସମସ୍ୟା ଦୂର କରିବାକୁ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପ୍ରାର୍ଥୀ ଭାବେ ଲଢିଥିଲେ, ଅର୍ଥ ବଳ ନଥିବାରୁ ପରାଜୟ ହେଲେ। ୨୦୨୪ରେ କାକଟପୁର ବିଧାନସଭା ନିର୍ବାଚନରେ ନିଜ କାମର ଚିହ୍ନ - ଚପଲ (ଜୋତା) ଚିହ୍ନରେ ବିଧାୟକ ପ୍ରାର୍ଥୀ ଭାବେ ପତ୍ନୀଙ୍କ ସହ ଘର ଘର ବୁଲି ଲୋକଙ୍କ ସମସ୍ୟା ବୁଝିଥିଲେ। କାକଟପୁରକୁ ଏନଏସି ମାନ୍ୟତା ପାଇବା ପାଇଁ ଯୁବକଙ୍କ ସହ ଚାଲି ଚାଲି ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଇଥିଲେ। ଆଜି ବି ସେ ଭୂମିହୀନ, ପ୍ରଶାସନ ଶୁଣୁନି। ତଥାପି ହସି କହୁଛନ୍ତି - ମୁଁ ଲୋକଙ୍କ ଛିଣ୍ଡା ଜୋତା ଯୋଡୁଛି, ଦିନେ ସମାଜର ଛିଣ୍ଡା ବ୍ୟବସ୍ଥାକୁ ବି ଯୋଡିବି। ଭୂମିହୀନ କାର୍ତ୍ତିକଙ୍କ ଏହି ସଂଘର୍ଷ ଆଜି କାକଟପୁରର ପ୍ରେରଣା ପାଲଟିଛି।




# ଆସିକା ସହରରେ ଧୂମ୍‌ଧାମରେ ଗଣେଶ ପୂଜା

## ବିଭିନ୍ନ ଅନୁଷ୍ଠାନ ଓ ପୂଜାମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼








**ଆସିକା (ଅମୃତ ମିଡିଆ):** ଆସିକା ସହର ଓ ଏହାର ଆଖପାଖ ଅଞ୍ଚଳରେ ପବିତ୍ର ଗଣେଶ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ପୂଜା କମିଟି ପକ୍ଷରୁ ଗଣେଶଙ୍କ ମୃଣ୍ମୟ ପ୍ରତିମା ସ୍ଥାପନ କରାଯାଇ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଆସିକା ସହର ଉପକଣ୍ଠ ବିନାୟକ ବଜାର ଗଣେଶ ମଣ୍ଡପରେ ୨୬ତମ ଗଣେଶ ପୂଜା ଅନୁଷ୍ଠିତ ହୋଇଥିଲା। ପୁରୋହିତ ଭାବେ ସୀତାରାମ ଦାଶ ଓ କର୍ତ୍ତା ଭାବେ ନିରଞ୍ଜନ ସାହୁ ପୂଜାକାର୍ଯ୍ୟ ତୁଲାଇଥିଲେ। ସେହିପରି ଖମ୍ବେଶ୍ୱରୀପାଟଣାସ୍ଥିତ ଶ୍ରୀ ଶ୍ରୀ ଗଣେଶ ସେବା ସମିତି ପକ୍ଷରୁ ୬୬ତମ ଗଣେଶ ପୂଜା ଆୟୋଜିତ ହୋଇଥିଲା। ପୁରୋହିତ ରାଜେଶ ତ୍ରିପାଠୀ ଓ କର୍ତ୍ତା ଆଶିଷ କୁମାର ପାଢ଼ୀ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ।

ତାଲୁକା ରୋଡ୍ ଗଣେଶ ପୂଜା ମଣ୍ଡପରେ ମଧ୍ୟ ଧୁମଧାମରେ ପୂଜା ପାଳିତ ହୋଇଥିଲା। ପୁରୋହିତ କାହ୍ନୁଚରଣ ତ୍ରିପାଠୀ ଥିବାବେଳେ କର୍ତ୍ତା ଭାବେ ଆସିକା ପୌରପରିଷଦର ୧୦ ନମ୍ବର ୱାର୍ଡ କାଉନସିଲର ବନ୍ଦିତା ପ୍ରଧାନ ଓ କୈଳାସ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ତାଲୁକା ରୋଡ୍ ଫ୍ରେଣ୍ଡସ ୟୁନିୟନ ପକ୍ଷରୁ ମଧ ଗଣେଶ ପୂଜା ଆୟୋଜିତ ହୋଇଥିଲା। ଏଠାରେ ପୁରୋହିତ ଦିଲ୍ଲୀପ କର ଓ କର୍ତ୍ତା ଭାବେ ରବିନ୍ଦ୍ର କୁମାର ପୋଲାଇ ଓ ମଧୁସ୍ମିତା ପୋଲାଇ ପୂଜାକାର୍ଯ୍ୟ ତୁଲାଇଥିଲେ।

ଓଡ଼ିଆ ସାହି ଗଣେଶ ପୂଜା କମିଟି ପକ୍ଷରୁ ମଧ ଶ୍ରଦ୍ଧା ଓ ଭକ୍ତିର ସହ ଗଣେଶଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପୁରୋହିତ ହରିହର ପାଢ଼ୀ ଓ କର୍ତ୍ତା ସୁଶାନ୍ତ ସାହୁ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ।

ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ପାଳିତ ଏହି ପବିତ୍ର ପର୍ବକୁ ନେଇ ସହରରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିଲା। ବିଭିନ୍ନ ପୂଜାମଣ୍ଡପରେ ଗଣେଶଙ୍କ ପ୍ରତିମା ସ୍ଥାପନ ପରେ ଆବାହନ, ପଞ୍ଚାମୃତ ସ୍ନାନ, ଚକ୍ଷୁଦାନ, ପ୍ରାଣପ୍ରତିଷ୍ଠା, ପୂଜା, ହୋମ, ସ୍ତୁତି, ବନ୍ଦନା, ଆରତୀ ଓ ପୁଷ୍ପାଞ୍ଜଳି ଆଦି ଧାର୍ମିକ କାର୍ଯ୍ୟକ୍ରମ ହୋଇଥିଲା।

ବିଶେଷକରି ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଗଣେଶଙ୍କୁ ପୂଜା କରି ଶିକ୍ଷାରେ ଉନ୍ନତି ଓ ସଫଳତା କାମନା କରିଥିଲେ। ଅନେକ ପ୍ରାଥମିକ ବିଦ୍ୟାଳୟରେ ଛୋଟ ପିଲାମାନଙ୍କର ଖଡ଼ିଛୁଆଁ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପୂଜାମଣ୍ଡପ ଓ ଶିକ୍ଷାନୁଷ୍ଠାନରେ ଭକ୍ତଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

ସନ୍ଧ୍ୟାରେ ସହରର ବିଭିନ୍ନ ପୂଜାମଣ୍ଡପ ଆଲୋକମାଳାରେ ସଜ୍ଜିତ ହୋଇଥିଲା। ଗଣେଶଙ୍କ ସନ୍ଧ୍ୟା ଆଳତି ଓ ଦର୍ଶନ ପାଇଁ ଛାତ୍ରଛାତ୍ରୀଙ୍କ ସମେତ ମହିଳା, ପୁରୁଷ ଓ ଆଖପାଖ ଗ୍ରାମାଞ୍ଚଳରୁ ଆସିଥିବା ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତିମୟ ପରିବେଶରେ ସମଗ୍ର ଆସିକା ସହର ଗଣେଶମୟ ହୋଇଉଠିଥିଲା।

## ନଇଗୁଆଁ ଟେନ୍‌ସନ୍ କ୍ଲବରେ ଗଣନାଥଙ୍କ ପୂଜାର୍ଚ୍ଚନା



**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ):** ପବିତ୍ର ଗଣେଶ ଚତୁର୍ଥୀ ତିଥି ଅବସରରେ ଅଗ୍ରପୂଜ୍ୟ ଗଣନାଥ ଧରାପୃଷ୍ଠକୁ ଅବତରଣ କରିଛନ୍ତି । ପାର୍ବଣର ଆଦ୍ୟ ପର୍ବରେ ପ୍ରଭୁ ଗଣନାୟକଙ୍କୁ ଭକ୍ତି ଓ ଶ୍ରଦ୍ଧାର ସହିତ ପୂଜାର୍ଚ୍ଚନା କରାଯାଇ ଆଶିଷ ଲାଭ କରିବା ନିମନ୍ତେ ସମସ୍ତଙ୍କ ମଧ୍ୟରେ ଉତ୍ସାହ ଉତ୍କଣ୍ଠା ଦେଖାଦେଇଛି । ଏଥିପାଇଁ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ପୁରପଲ୍ଲୀ ଉତ୍ସବମୁଖର ହୋଇଉଠିଛି । ଏହି ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଦାଉଦପୁର ଗ୍ରାମ ପଞ୍ଚାୟତ ମା ବୁଢ଼ୀ ଜାଗୁଳାଇ ପୂଜା କମିଟି ଟେନ୍‌ସନ୍ କ୍ଲବ ଆନୁକୂଲ୍ୟରେ ଚଳିତ ବର୍ଷ ଧୂମ୍‌ଧାମର ସହିତ ଆନନ୍ଦ ଉଲ୍ଲାସର ସହିତ ଅଗ୍ରପୂଜ୍ୟ ପ୍ରଭୁ ଗଣନାଥଙ୍କ ପୂଜାର୍ଚ୍ଚନା କରାଯାଉଅଛି । ଏହି ଅବସରରେ ଗଣେଶଙ୍କ ଏକ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରାଯାଇ ଯଥାବିଧି ରୀତି ନୀତି ଅନୁଯାୟୀ ପୂଜା କାର୍ଯ୍ୟ କରାଯାଉଛି । ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଦାଉଦପୁର ଗ୍ରାମ ପଞ୍ଚାୟତର ସମାଜସେବୀ ତଥା ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ଦୃଢ ସମର୍ଥକ ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ମହାନ୍ତି, ଶ୍ରୀଯୁକ୍ତ ବିଜୟ ଗୋପାଳ ବିଶୋଇ ଯୋଗଦାନ କରି ପ୍ରଭୁ ଗଣନାଥଙ୍କ କୃପା ଭିକ୍ଷା କରିବା ସହ ଅନୁଷ୍ଠାନକୁ ସହଯୋଗର ହାତ ବଢାଇଥିଲେ ଓ କିଭଳି ଭାବେ ସମସ୍ତ କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହିତ ହେବ ସେ ନେଇ କ୍ଲବର ସଭ୍ୟମାନଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ଟେନସନ୍ କ୍ଲବର ସଭ୍ୟମାନଙ୍କ ପକ୍ଷରୁ ଶ୍ରୀ ମହାନ୍ତି ଓ ଶ୍ରୀ ବିଶୋଇଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ପ୍ରଭୁ ଗଜାନନଙ୍କ ଦର୍ଶନ ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ଼ ଜମିଥିଲା । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ କ୍ଲବର ସଭାପତି ଦୀପକ କୁମାର ମଲିକ,ଉପସଭାପତି ଅଛୁତି ମଲିକ,ଶିଶିର ମଲିକ,ଜଗା ମଲିକ, ମଙ୍ଗୁଳି ମଲିକ, ଚି ମଲିକ, ପ୍ରତାପ ମଲିକ, ଗଣେଶ ମଲିକ, ପ୍ରଦୀପ ମଲିକ, ବଇଆ, ତିଲୁଆ, ରାଜୁ, ପପି, ପପୁଆ, ଚିକୁ, ପିଣ୍ଟୁ, ତୋଫାନ, ଦିପୁ , ନଟ, ସୁଧାଂଶୁ ମଲିକ, ଚନ୍ଦନ, ତାପସ, ରାଜା, କୃଷ୍ଣ ବିଶୋଇ, ସୁଜନ ମଲିକ, ଗୁରିଆ ମଲିକ, କିଶୋର ମଲିକ, ଜଗନ୍ନାଥ ମଲିକ, ବିଶ୍ୱଭୂଷଣ ମଲିକ,ପ୍ରମୋଦ ମଲିକ, ସୁକାନ୍ତ ମଲିକ, ଅଲେଖ ମଲିକ, ହିମାଂଶୁ ମଲିକ, ସତ୍ୟପ୍ରକାଶ ମଲିକଙ୍କ ସମେତ କ୍ଲବର ସମସ୍ତ ସଭ୍ୟ ସଭ୍ୟା ମାନେ ଉପସ୍ଥିତ ହୋଇ ପୂର୍ଣ୍ଣ ସହଯୋଗ କରୁଛନ୍ତି । ଅନୁଷ୍ଠାନ ପକ୍ଷରୁ ପ୍ରତ୍ୟେହ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଅଛି ।

## ସୋଲାର କରେଣ୍ଟ ଲାଗି ମହିଳାଙ୍କ ମୃତ୍ୟୁ



**ହିନ୍ଦୋଳ (ଅମୃତ ମିଡିଆ):** ଗାଧୋଇ ଯାଇଥିବା ବେଳେ ସୋଲାର କରେଣ୍ଟ ଲାଗି ଜଣେ ମହିଳାଙ୍କର ମୃତ୍ୟୁଘଟିଛି। ଏଭଳି ଏକ ଅଭାବନୀୟ ଘଟଣା ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅନ୍ତର୍ଗତ ବେଡାପଡାର ରଗୁଡିସାହିରେ ଦେଖିବାକୁ ମିଳିଛି। ସୂଚନା ମୁତାବକ ବେଡାପଡା ରଗୁଡିସାହିର ଆକୁଳ ବେହେରାଙ୍କ ସ୍ତ୍ରୀ ଉପମା ବେହେରା (୫୨) ସକାଳ ସମୟରେ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ବନ୍ୟଜନ୍ତୁଙ୍କ ଦାଉରୁ ଫସଲ ସୁରକ୍ଷାପାଇଁ ବିଛା ଯାଇଥିବା ସୋଲାରତାର କରେଣ୍ଟରେ ଲାଗି ଗୁରୁତର ହୋଇପଡିଥିଲେ। ଖବରପାଇ ମହିଳାଙ୍କୁ ପରିବାରଲୋକେ ଓ ସ୍ଥାନୀୟଲୋକେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଢେଙ୍କାନାଳ ନେଇଥିବାବେଳେ ଡାକ୍ତର ପ୍ରାଥମିକ ଚିକିତ୍ସାପରେ ମୃତ ଘୋଷଣା କରିଥିଲେ। ତେବେ ସେହି ସୋଲାରତାର ସହ ବିଦ୍ୟୁତ୍ ତାର ସଂଯୋଗ ହୋଇଥିବା ନେଇ ଅଭିଯୋଗ ଆଣିଛନ୍ତି ମୃତ ମହିଳାଙ୍କ ଝିଅ। ତେବେ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଅଧିକ ତଦନ୍ତ ହେଲେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏ ସଂପର୍କରେ ଆମେ ପୋଲିସ୍ ସହ ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ ମଧ ସମ୍ଭବ ହୋଇପାରିନଥିଲା।

## ତାଲୁକା ମଧୁବୈଶ୍ୟ ସମାଜର ବାର୍ଷିକ ଉତ୍ସବ, ଗୃହପ୍ରବେଶ




**ପୋଲସରା (ଅମୃତ ମିଡିଆ):** ଆଜି ଗଞ୍ଜାମ ଜିଲ୍ଲା ପୋଲସରା ତାଲୁକା ମଧୁବୈଶ୍ୟ ସମାଜର ବାର୍ଷିକ ଉତ୍ସବ ଏବଂ ଗୃହପ୍ରବେଶ କାର୍ଯ୍ୟକ୍ରମ ସମାଜର ପୋଲସରା- ପାଟିଗଡ ରୋଡ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବନମାଳୀ ସାହୁଙ୍କ ସଭାପତିତ୍ୱ ଏବଂ ସମ୍ପାଦକ ବିଜୟ କୁମାର ସାହୁ (ବୁଲୁ)ଙ୍କ ବଳିଷ୍ଠ ସମ୍ପାଦନାରେ ସମ୍ମାନୀତ ଅତିଥି ଭାବେ ଉପ-ସଭାପତି ଭଜରାମ ଶାସମଲ, ସୀମାଞ୍ଚଳ ସାହୁ, କୁଳ ବେହେରା, କୋଷାଧ୍ୟକ୍ଷ ଶିବ ପ୍ରସାଦ ଶାସମଲ ଓ ମହେଶ୍ୱର ସାହୁ ଓ ଗୌରାଙ୍ଗ ସାହୁ ଉଭୟେ ଉପଦେଷ୍ଟା ମଣ୍ଡଳୀ ପ୍ରମୁଖ ମଞ୍ଚରେ ଥିଲେ। ପ୍ରାରମ୍ଭରେ ସଭାପତିଙ୍କ କରକମଳରେ କୁଳଇଷ୍ଟ ବିଘ୍ନରାଜଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ଏବଂ ସମାଜର କଲ୍ୟାଣ ମଣ୍ଡପ ଗୃହର ଫଳକ ଉନ୍ମୋଚନ କରାଯିବା ସହିତ ଫିତା କାଟି ଗୃହ ପ୍ରବେଶ କାର୍ଯ୍ୟ ପାରମ୍ପରିକ ନିତି ନିୟମ ପ୍ରକାରେ ସମ୍ପନ୍ନ ହୋଇଥିଲା। ପରେ ସଂପାଦକଙ୍କ ସମ୍ପାଦନାରେ ଏକ ସଭାକାର୍ଯ୍ୟ କରାଯାଇଥିଲା।

ଏହି ଅବସରରେ ସମାଜର ପରମ୍ପରା ବିଭିନ୍ନ ସମସ୍ୟା ଏବଂ ସୁଦୃଢ଼ୀକରଣ ଉପରେ ମଞ୍ଚାସୀନ ଅତିଥିବୃନ୍ଦ ନିଜ ନିଜର ସୁଚିନ୍ତିତ ମନ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ। ଏଥିସହିତ ସମାଜର ସମସ୍ତ ନୀତି ଏବଂ ନିୟମକୁ ମାନି ଚଳିବାକୁ ନିବେଦନ କରିଥିଲେ। ପରବର୍ତ୍ତୀ ଆସନ୍ତା ପୌଷମାସର ପଇଲି ଭୋଗ କାର୍ଯ୍ୟକ୍ରମ ଜରିଆରେ ଏକ ବନ୍ଧୁମିଳନ ଉତ୍ସବ କରାଯିବାକୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଥିଲା। କାର୍ଯ୍ୟକ୍ରମରେ ତାଲୁକାର ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟାରେ ସମାଜର କର୍ମକର୍ତ୍ତା ଓ ସଦସ୍ୟ ଓ ପରିବାର ବର୍ଗ ଯୋଗଦେଇଥିଲେ। ପରିଶେଷରେ ସମାଜର ଜଣେ କର୍ମଠ, ଦକ୍ଷ ଓ କର୍ତ୍ତବ୍ୟନିଷ୍ଠ ସଦସ୍ୟ ରବୀନ୍ଦ୍ର କୁମାର ସାହୁ (ଟିକିନା) ସମାଜ ପକ୍ଷରୁ ଉପସ୍ଥିତ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଏବଂ କୃତଜ୍ଞତା ଜଣାଇଥିଲେ। ଶେଷରେ ବାଳକ ବାଳିକାମାନଙ୍କ ଦ୍ୱାରା ବିଭିନ୍ନ ସଚେତନତାଧର୍ମୀ ଏବଂ ଲୋକକଳାକୁ ନେଇ ଖୁବ ସୁନ୍ଦର ଭାବେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ନୂତନ ମନ୍ଦିର ନିର୍ମାଣ ପାଇଁ ଭକ୍ତଙ୍କ ସହାୟତାର ହାତ ବଢ଼ି ଚାଲିଛି



**ପାରଳାଖେମୁଣ୍ଡି (ଅମୃତ ମିଡିଆ):** ପାରଳାଖେମୁଣ୍ଡି ସହରରେ ଶ୍ରୀଜଗନ୍ନାଥଙ୍କ ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି. ଏହି ମନ୍ଦିର ନିର୍ମାଣ ପାଇଁ ବହୁ ଭକ୍ତ ଭିନ୍ନ ଭିନ୍ନ ଭାବେ ନିଜ ନିଜକୁ ସାମିଲ କରି ସହାୟତାର ହାତ ବଢ଼ାଇ ଚାଲିଛନ୍ତି. ପାରଳାଖେମୁଣ୍ଡି ସହର ଉପକଣ୍ଠରେ ଥିବା କେରାଣ୍ଡି ଗ୍ରାମର ନରେନ୍ଦ୍ର କୁମାର ପାତ୍ର ଶ୍ରୀଜଗନ୍ନାଥଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ ୫୦,୦୦୦ ଟଙ୍କା ପ୍ରଦାନ କରିଛନ୍ତି. ସେହିପରି ପାରଳାଖେମୁଣ୍ଡି ସହରର ତୁଳସୀ ନଗର ବାସିନ୍ଦା ବେଣୁଗୋପାଳ ପାଢ଼ୀଙ୍କ ପୁଅ ଡ଼. ଦିଗବିଜୟ ପାଢ଼ୀ ନୂତନ ମନ୍ଦିର ନିର୍ମାଣ ପାଇଁ ୧୦,୦୦୦ ଟଙ୍କା ପ୍ରଦାନ କରିଛନ୍ତି. ଶ୍ରୀଜଗନ୍ନାଥଙ୍କ ଭକ୍ତ ତଥା ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିର ନିର୍ମାଣ କମିଟିର ସଦସ୍ୟ ଦୁର୍ଗା ମାଧବ ପାଣିଗ୍ରାହୀଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ସଦସ୍ୟା ମନ୍ଦିର ନିର୍ମାଣରେ ସହାଭାଗିତା ହୋଇଥିବା ଶ୍ରୀଜଗନ୍ନାଥଙ୍କ ଭକ୍ତମାନଙ୍କୁ ସାଧୁବାଦ ଜଣାଇଛନ୍ତି ।

## ବେଗୁନିଆପଡା ସମେତ ବିଭିନ୍ନ ସ୍ଥାନରେ ଶ୍ରୀଗଣେଶ ପୂଜା



**ବେଗୁନିଆପଡା (ଅମୃତ ମିଡିଆ):** ପବିତ୍ର ଗଣେଶ ପୂଜା ଅବସରରେ ବେଗୁନିଆପଡା ବ୍ଲକ ଓ କୋଦଳା ଏନଏସିର ବିଭିନ୍ନ ସ୍ଥାନରେ ଅଗ୍ରପୁଜ୍ୟ ଶ୍ରୀ ଗଣେଶଙ୍କ ମେଢ଼ ପୂଜା ପାଉଥିବା ଦେଖିବାକୁ ମିଳିଛି। ଏହି ପବିତ୍ର ଓ ପାବନ ଦିବସରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଦ୍ୟାର୍ଥୀ ମାନେ ଆନନ୍ଦଉଲ୍ଲାସରେ ଠାକୁରଙ୍କୁ ଭୋଗଲଗାଇ ପୂଜାର୍ଚ୍ଚନା କରୁଥିବା ବେଳେ ଗାଁ ଗହଳି, ବଜାର, ବିଭିନ୍ନ ସଙ୍ଘ ଏବଂ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଳୁ ମାନେ ସୁସଜ୍ଜିତ ମେଢ଼, ସୁନ୍ଦର ଆଲୋକ ଏବଂ ନୂତନ ବସ୍ତ୍ର ସାହାଯ୍ୟରେ ଠାକୁରଙ୍କୁ ସଜେଇ ଅତ୍ୟନ୍ତ ଧାର୍ମିକ ପରିବେଶରେ ଧୂମଧାମ ସହ ପାଳନ କରିଛନ୍ତି ଗଣେଶ ପୂଜା । କୋଦଳା ଏନଏସି ର ପଣ୍ଡା ସାହି, ଖଲାଡି ସାହି, ଗୋଲାସାହି, କଲେଜ ରୋଡ, ଭାଇଗାସାହି, ଗୌରାଦେଇପୁର, ବସଷ୍ଟାଣ୍ଡ, ହରିଜନ ସାହି, ଖଡୁରା ସାହି, ନୁଆସାହି, ବଡଦାଣ୍ଡ ସାହି, ଗଣେଶ ଯୁବକ ସଙ୍ଘ, ସମେତ ଫାସି, ଦିଗାପଡା, ମଠସରସିଙ୍ଗି, ବେରୁଆଁବାଡ଼ି, କାଳିମେଘି, ସାନଉସ୍ତାପଡ଼ା, ବେଗୁନିଆପଡା, ମଠ ବରିଡା, କେ ବରିଡା, ଦେଉଳିଆପଡା, ସାଙ୍କୁଡ଼ା, ଅଙ୍ଗାର ଗାଁ, ବଡ ଖଇରଖମା, ସୁମଣ୍ଡଳ, ବୁରୁଝରୀ, ମର୍ଦ୍ଦକୋଟ, ଚିଙ୍ଗୁଡ଼ିଖୋଲ ମର୍ଦ୍ଦମେଖ, ଘୋଡାପଡା, ତାଳସର, ଷଣ୍ଢମୂଳ, ଚନ୍ଦନପୁର ଏବଂ କୁମ୍ଭାରଗାଁ ଆଦି ପଞ୍ଚାୟତର ସମସ୍ତ ସ୍କୁଲ, କଲେଜ, ଅନୁଷ୍ଠାନ ଓ ସାହି ମାନଙ୍କରେ ଛାତ୍ରଛାତ୍ରୀ ଓ ଗ୍ରାମ୍ୟ ଯୁବକମାନେ ଧୂପ, ଦୀପ, ଅର୍ଘ୍ୟ ଦେଇ ଅଗ୍ରପୁଜ୍ୟଙ୍କ ଆଶୀର୍ବାଦ ଜାଚନା କରିଥିଲେ । ଏହି ଅବସରରେ ସମସ୍ତ ପୂଜସ୍ଥଳରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । କଲେଜରୋଡ ପୂଜା ମଣ୍ଡପ ଠାରେ ଆକର୍ଷଣୀୟ ତୋରଣ ସହିତ ଆଲୋକ ସଜ୍ଜା ଶୋଭା ପାଉଛି ।

## ଆପିଲୋ ଏବିସିସି କ୍ରିକେଟ କ୍ଲବ ଆନୁକୂଲ୍ୟରେ ପ୍ରଭୁ ଗଜାନନଙ୍କ ପୂଜା



**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଗୋତରା ପଞ୍ଚାୟତ ଆପିଲୋ ଉପରପଡ଼ା ସ୍ଥିତ ଏବିସିସି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଯୁବ ସଂଗଠକ ବିମଳପ୍ରସାଦ ପ୍ରଧାନଙ୍କ ସଂଯୋଜନାରେ ପାର୍ବଣର ଆଦ୍ୟ ପର୍ବରେ ପ୍ରଭୁ ଶ୍ରୀ ଶ୍ରୀ ଗଜାନନଙ୍କ ପୂଜାକାର୍ଯ୍ୟ ଭକ୍ତି ଓ ଶ୍ରଦ୍ଧାର ସହିତ ଅନୁଷ୍ଠିତ ହୋଇଯାଇଛି । ଏହି ପୂଜାକାର୍ଯ୍ୟରେ ସମସ୍ତ ସଭ୍ୟ ତଥା ଗ୍ରାମବାସୀ ମାନେ ଯୋଗଦାନ କରି ପ୍ରଭୁ ଗଜାନନଙ୍କ ଆଶିଷ ଭିକ୍ଷା ପାଇଁ ପ୍ରାର୍ଥନା କରିଥିଲେ । ପୂଜକ ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ସୁନାମ ଅର୍ଜନ କରିଥିବା ପଣ୍ଡିତ ବିକ୍ରମକେଶରୀ ଷଡଙ୍ଗୀ ଯଥାବିଧି ରୀତିନୀତି ଅନୁଯାୟୀ ବେଦ ପାଠ ପୂର୍ବକ ପୂଜା କାର୍ଯ୍ୟ କରିଥିଲା ବେଳେ କ୍ଲବର ସଭ୍ୟ ଯୁବ ସଂଗଠକ ପରମାନନ୍ଦ ବେହେରା, ମନୋଜ କୁମାର ସାହୁ, ରମେଶ ଦାସ,ବିଭୁପ୍ରସାଦ ମହାପାତ୍ର, ସଞ୍ଜୟ ଖିଲାର,ପ୍ରତାପ ସାମଲ, ସୌମ୍ୟରଞ୍ଜନ ଜେନା, ବିଜୟଶେଖର ଦାସ, ଚନ୍ଦ୍ରଶ୍ରୀ ବେହୁରା, ଦିପୁରଂଜନ ବାରିକ, ଶ୍ୟାମାପ୍ରସାଦ ମହାପାତ୍ର,ସତ୍ୟବ୍ରତ ବେହେରା,ବିଶ୍ୱଜିତ୍ ଦାଶ,ରମାକାନ୍ତ ବାରିକ, ଲକ୍ଷ୍ମୀଧର ବାରିକ,ପ୍ରତାପ ଷଡଙ୍ଗୀ, ଦୀପକ ଷଡଙ୍ଗୀ, ମଳୟ ବିଶ୍ୱାଳ, ଦିପ୍ତିରଂଜନ ସ୍ୱାଇଁ,ମନୋରଂଜନ ରଣା,ସୁଦୀପ୍ତ ବିଶ୍ୱାଳ,ଚି ରଂଜନ ଜେନା, ସନ୍ତୋଷ ସେଠୀ, ଶାରଦା ସେଠୀ, ଦିଲ୍ଲୀପ ପାତ୍ର,ରଞ୍ଜନ ବେହେରା,ପିତାମ୍ବର ବେହେରା, ତରୁଣ ବାରିକ, ପ୍ରଫୁଲ୍ଲ ରାଉତ, ରଞ୍ଜନ ବାରିକ, ଅରାକ୍ଷିତ ସେଠୀ, ଅବିନାଶ ଶରଣ, ପ୍ରମୋଦ ରାଉତଙ୍କ ସମେତ କ୍ଲବର ସମସ୍ତ ସଭ୍ୟ, ସ୍ଥାନୀୟ ଗ୍ରାମବାସୀ ଯୋଗଦାନ କରି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



# ସ୍ୱାମୀ ବିବେକାନନ୍ଦ ଜାତୀୟତାବାଦର ପ୍ରତୀକ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ତୁଳସୀ ମହିଳା ମହାବିଦ୍ୟାଳୟ ସଭାଗୃହରେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶ ଶୀର୍ଷକ ଏକ ଆଲୋଚନାଚକ୍ର କଲେଜ ଅଧକ୍ଷା ପ୍ରଫେସର ଡ. ବାସନ୍ତୀ ଶୁକ୍ଳାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ର କେନ୍ଦ୍ରାପଡା ଜିଲ୍ଲା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଏବଂ ମହାବିଦ୍ୟାଳୟ ଆଭ୍ୟନ୍ତରିକ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠର ମିଳିତ ସହଭାଗିତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟବକ୍ତା ଭାବେ ବିବେକାନନ୍ଦ ଲୋକ ସଂସଦର ରାଜ୍ୟ ଉଦବୋଧନୀ ପ୍ରମୁଖ ଡ. ରାମଚନ୍ଦ୍ର ପଲାଇ ଯୋଗଦେଇ ସ୍ୱାମୀ ବିବେକାନନ୍ଦ ଜାତୀୟତାବାଦର ପ୍ରତୀକ ଥିଲେ ବୋଲି କହିଥିଲେ । ଏଥିସହିତ ସେ ବିବେକାନନ୍ଦଙ୍କ ଆଦର୍ଶ, ଦିଗଦର୍ଶନ ଓ ସତ୍‌ମାର୍ଗରେ ପରିଚାଳିତ ହେବା ସହ ଦେଶ ଓ ସମାଜର ଉନ୍ନତିରେ ଯୁବପିଢ଼ିର ଭୂମିକା ସମ୍ପର୍କରେ ଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ । ଆଭ୍ୟନ୍ତରିକ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠ ସଂଯୋଜକ ଅଧ୍ୟାପକ ସୁଶାନ୍ତ କୁମାର ପରିଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲ୍ଲା ଉଦବୋଧନୀ ମୁଖ୍ୟ ସୁରେନ୍ଦ୍ର ନାଥ ପଣ୍ଡା ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ । ଶୈକ୍ଷିକ ଅଧିକାରୀ ଡ. ପଦ୍ମଜାକବି ଶତପଥୀ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ଶକ୍ତିଶେଖର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବିବେକାନନ୍ଦ ଲୋକ ସଂସଦର କଟକ ଜୋନ ଅଧକ୍ଷ ଡ. ପ୍ରମୋଦ କୁମାର ଦାସ, ଲୋକ ସଂସଦର ଖୋର୍ଦ୍ଧା ଜିଲ୍ଲା ସଭାପତି ଡ. ଚନ୍ଦ୍ରମଣି ନାୟକ, ଅଧାପକ ପ୍ରଭାକର ମଲ୍ଲିକ, ଅଧାପିକା ସୌମ୍ୟାକାନ୍ତି ମିତାଶ୍ରୀ, ଏଲୋରା କବି, ନିବେଦିତା ନାୟକ, ସୁରିତା ମିଶ୍ର, ଲିପିକା ରାଉତ, ଭାରତୀ କୁମାରୀ ଜେନାଙ୍କ ସମେତ ବହୁ ଅଧାପକ,ଅଧାପିକା ଓ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ।

# ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ଦିନମଜୁରିଆଙ୍କ ପରିବାର



**ବାରିପଦା/ଉଦଳା (ଅମୃତ ମିଡିଆ) :** କପ୍ତିପଦା ବ୍ଲକର ମଝିଗଡ଼ିଆ ପଂଚାୟତ ଅନ୍ତର୍ଗତ ଛତ୍ରାମ୍ବ ଗ୍ରାମର ବାସିନ୍ଦା ସ୍ୱର୍ଗତଃ ସୁରେନ୍ଦ୍ର ସିଂଙ୍କ ପୁତ୍ର ମାତୁରା ସିଂ ଓ ତାଙ୍କ ପରିବାରର ସମସ୍ତ ସଦସ୍ୟ ଖାଦ୍ୟ ସୁରକ୍ଷାରୁ ବଂଚିତ ଥିବାର ଜଣାଇଛନ୍ତି । ଦିନମଜୁରିଆ ଭାବରେ କାମ କରି ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଏହି ପରିବାର ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇପାରୁ ନାହାଁନ୍ତି । ଫଳରେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା କହିଛନ୍ତି । ପରିବାରର ମୋଟ ସଦସ୍ୟ ୪ଜଣ ହୋଇଥିବା ବେଳେ ଆବାସ ଯୋଜନାରେ ଘର ମିଳିନାହିଁ । ସେହିପରି ପାଇଖାନା ଓ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଥିବାର ଜଣାଇଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ କେହି ଶୁଣୁ ନଥିବାର ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ବହୁ ସ୍ୱେଚ୍ଛାସେବି ଅନୁରୋଧ ଜଣାଇଛନ୍ତି ।

# ଲିଙ୍ଗଗତ ବୈଷମ୍ୟ ଓ ତତଜନିତ ହିଂସା ଉପରେ ଆଲୋଚନାଚକ୍ର




**ବାରିପଦା/ଉଦଳା (ଅମୃତ ମିଡିଆ) :** ସ୍ୱେଚ୍ଛାସେବୀ ସଂଗଠନ 'ଅନ୍ୱେଷଣ' ତରଫରୁ ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ହାତୀଗଡ଼ା ପଂଚାୟତର ଘୋଡ଼ାବିନ୍ଧା ଗ୍ରାମସ୍ଥିତ ଗୋଷ୍ଠୀ ସଭାଗୃହ ପରିସରରେ ଚଳିତ ସେପ୍ଟେମ୍ବର ୧୨ତାରିଖ ଶନିବାର ଦିନ ପୁରୁଷ ଓ ନାରୀ ମଧ୍ୟରେ ଥିବା ଲିଙ୍ଗଗତ ବୈଷମ୍ୟ ଓ ମହିଳା ମାନଙ୍କ ପ୍ରତି ବୃଦ୍ଧି ପାଉଥିବା ହିଂସାର ପ୍ରତିକାର ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ 'ବାଳିକା ସୁରକ୍ଷା, ଜଗତରକ୍ଷା' ପ୍ରକଳ୍ପର ସଂଯୋଜକ ରଶ୍ମିରଂଜନ ବେହେରା ଅଧକ୍ଷତା କରିଥିଲେ । ସହଯୋଗୀ ଭାବରେ ସ୍ୱେଚ୍ଛାସେବି କେଦାରନାଥ ମହାନ୍ତି ଓ ବଂଶୀଧର ବେହେରା କାର୍ଯ୍ୟକ୍ରମର ଉଦେଶ୍ୟ ସଂପର୍କରେ ଅବଗତ କରାଇଥିଲେ । ଲିଙ୍ଗଗତ ବୈଷମ୍ୟ, ଘରୋଇ ହିଂସା, କନ୍ୟା ସନ୍ତାନ ପ୍ରତି ଅବହେଳା, ବାଲ୍ୟ ବିବାହ, ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ ଓ ବ୍ୟବହାରରେ ପୁଅ ଓ ଝିଅ ମଧ୍ୟରେ ସମାନ ଆଭିମୁଖ୍ୟ ଗ୍ରହଣ କରିବା ସହିତ ପ୍ରସୂତୀ ଓ ଗର୍ଭବତୀ ମା' ମାନଙ୍କର ଉପଯୁକ୍ତ ଚିକିତ୍ସା ଓ ଯତ୍ନ ନେବାକୁ ସଚେତନତା ସୃଷ୍ଟି କରାଯାଇଥିଲା । ବହୁସଂଖ୍ୟାରେ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

## ଜେଲ୍‌ରୁ ...

ବା ଅସମ୍ପୂର୍ଣ୍ଣ ବୋଲି ଗ୍ରହଣ କରି ମୁକ୍ତି ଆବେଦନକୁ ଖାରଜ କରିବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି । ଏକାଧିକ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ଦାରା ସିଂ । ସେ କେବଳ ଗ୍ରାହାମ୍ ଷ୍ଟେନ୍ସ ଓ ଦୁଇ ପୁଅଙ୍କ ହତ୍ୟାକାଣ୍ଡ ନୁହେଁ, ମୟୂରଭଞ୍ଜର କ୍ୟାଥୋଲିକ୍ ପାଦ୍ରି ଫାଦର ଆରୁଲ୍ ଦୋସ ଓ ବ୍ୟବସାୟୀ ଏସ.କେ ରହମାନଙ୍କ ହତ୍ୟା ମାମଲାରେ ୨୦୦୭ରୁ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି । ଏକାଧିକ ଗମ୍ଭୀର ହତ୍ୟା ମାମଲାରେ ସଂପୃକ୍ତି ତାଙ୍କ ଆଗୁଆ ମୁକ୍ତିରେ ଏକ ବଡ଼ ପ୍ରତିବନ୍ଧକ ସାଜିଛି ।

## ଆସାମ,...

ଏକ କଳା ଥାର ଗାଡ଼ି ଯାଉଥିବା ଦେଖିଥିଲା । ତଦନ୍ତକାରୀମାନେ ସନ୍ଦେହ କରୁଛନ୍ତି, ଏହି ଗାଡ଼ିରେ ଓରାଙ୍ଗଉଟାନଗୁଡ଼ିକୁ ଓଡ଼ିଶାକୁ ଅଣାଯାଇଥାଇପାରେ । ପୁଲିସ ଦୀଘାର ଏକ ହୋଟେଲ ପର୍ଯ୍ୟନ୍ତ ଏହି ଥାର ଗାଡ଼ିକୁ ଟ୍ରାକ୍ କରିଛି । ତେବେ ଗାଡ଼ିରେ ଥିବା ବ୍ୟକ୍ତିମାନେ ଓରାଙ୍ଗଉଟାନ ଗୁଡ଼ିକୁ ବାଲେଶ୍ୱର ଜଙ୍ଗଲରେ ନେଇ ଛାଡ଼ିବା ଘଟଣାରେ ସମ୍ପୃକ୍ତ କି ନାହିଁ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ।

## ବିକାଶ...

ଶାସକ ଦଳର ସାଂସଦ । ଏବେ ପ୍ରଶ୍ନ ଉଠୁଛି ସରକାର ନିଜକୁ ବିକାଶର ସରକାର ବୋଲି ଦାବି କରୁଥିବା ବେଳେ ସରକାରଙ୍କ ସାଂସଦମାନେ ନିଜ ଅଞ୍ଚଳର ବିକାଶ କାମକୁ ନେଇ କାହିଁକି ଅଭିଯୋଗ କରୁଛନ୍ତି । ପ୍ରକଳ୍ପ କାମ ଧିମା ପଡିଯାଉଛି ସଠିକ ସମୟରେ କାମ ସରୁନି ।

## ମା ସମଲେଇଙ୍କ...

ଲାଗି ହୋଇଛି । ଏହା ପରେ ଲୋକେ ନିଜ ନିଜ ଘରେ କୁଳ ଦେବଦେବୀଙ୍କୁ ନୂଆଭୋଗ ଲାଗି କରି ନିଜେ ନୂଆ ଖାଇବେ । ନିର୍ଦ୍ଧାରିତ ଲଗ୍ନରେ କ୍ଷେତ ପୂଜା, ଗୁରସ ରୁକା ଆଦି ପର୍ବ ପରେ ଇଷ୍ଟ ଦେବାଦେବୀ, ପିତୃପୁରୁଷଙ୍କୁ ନବାନ୍ନ ଲାଗି ହେବ । ଏହାପରେ ପରିବାରର ବରିଷ୍ଠ ସଦସ୍ୟ ଅନ୍ୟ ସମସ୍ତ ସଦସ୍ୟଙ୍କୁ ନବାନ୍ନ ଭୋଗ ପ୍ରଦାନ କରିବେ । ଏଥିପାଇଁ ଘରେଘରେ ନାନା ପିଠାପଣା ପ୍ରସ୍ତୁତି ସରିଲାଣି । ନୂଆଁଖାଇ ପର୍ବ ସମୟରେ ଅନେକ ଲୋକ ନୂଆଁ ଲୁଗା ପିନ୍ଧୁଥିବାରୁ ପୋଷାକ ଓ ଲୁଗା ଦୋକାନଗୁଡ଼ିକରେ ବି ଗତକାଲି ଭିଡ଼ ଦେଖିବାକୁ ମିଳିଥିଲା । ମଙ୍ଗଳବାର ମଧ୍ୟାହ୍ନରେ ନୂଆଁଖାଇ ପର୍ବ ଶେଷ ହେବା ପରେ ସନ୍ଧ୍ୟାରୁ ନୂଆଁଖାଇ ଭେଟଘାଟ ଓ ଜୁହାର ବିଧି ଚାଲିବ । ନୂଆଁଖାଇ ଭେଟଘାଟ ପରମ୍ପରା ଏବେ ବଦଳି ଯାଇଥିବାରୁ ଗାଁ ଗହଳିରୁ ନେଇ ଦେଶବିଦେଶରେ ବି ଏହାର ଝଲକ ଦେଖିବାକୁ ମିଳୁଛି । ଯେଉଁଠି ନାନା ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ସମ୍ବଲପୁରୀ ଭାଷା, ସଂସ୍କୃତି, ଗୀତ ଓ ନୃତ୍ୟ ଦର୍ଶକଙ୍କ ମନମୋହିବ ।

# ନୂତନ ପ୍ରଧାନଶିକ୍ଷକଙ୍କ ଯୋଗଦାନ

## ଶିକ୍ଷାର ବିକାଶ ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନକୁ ଗୁରୁତ୍ୱ

**ପଦ୍ମପୁର (ଅମୃତ ମିଡିଆ) :** ଜିଲ୍ଲା ସଦରଠାରୁ ପ୍ରାୟ ୧୧୦ କିଲୋମିଟର ଦୂରରେ ଥିବା ଦୁର୍ଗମ ଡୁମ୍ବରବାହାଲ ଅଞ୍ଚଳର ଡୁମ୍ବରବାହାଲ ସରକାରୀ ୟୁପି ବିଦ୍ୟାଳୟରେ ଲେଭଲ୍ ?-ଓଓ ପ୍ରଧାନଶିକ୍ଷକ ଭାବେ ଶ୍ରୀ ସଞ୍ଜୟ କୁମାର ମୁଣା ଶନିବାର, ୧୨ ସେପ୍ଟେମ୍ବର ୨୦୨୬ରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିଛନ୍ତି । ଶ୍ରୀ ମୁଣା ଯୋଗଦାନ ପରେ ବିଦ୍ୟାଳୟର ଶିକ୍ଷାର ଗୁଣାତ୍ମକ ବିକାଶ, ପଛୁଆ ଓ ଦୁର୍ଗମ ଅଞ୍ଚଳର ଶିକ୍ଷା ବ୍ୟବସ୍ଥାର ଉନ୍ନତି ଏବଂ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ବିଦ୍ୟାଳୟ କେବଳ ପାଠପଢ଼ାର କେନ୍ଦ୍ର ନୁହେଁ, ବରଂ ଗ୍ରାମାଞ୍ଚଳର ଶିଶୁମାନଙ୍କ ସ୍ୱପ୍ନ ଓ ଭବିଷ୍ୟତ ଗଢ଼ିବାର ଏକ ପବିତ୍ର ମଞ୍ଚ ବୋଲି ସେ ମତବ୍ୟକ୍ତ କରିଛନ୍ତି । ତାଙ୍କ ଯୋଗଦାନର ପ୍ରଥମ ଦିନରେ ହିଁ ଗ୍ରାମବାସୀ, ଅଭିଭାବକ ଓ ଶିକ୍ଷାପ୍ରେମୀଙ୍କ ପକ୍ଷରୁ ତାଙ୍କୁ ଉଷ୍ମ ସ୍ୱାଗତ ଓ ଶୁଭେଚ୍ଛା ଜଣାଯାଇଥିଲା । ନୂତନ ପ୍ରଧାନଶିକ୍ଷକଙ୍କ ଆଗମନକୁ ନେଇ ଡୁମ୍ବରବାହାଲ ଗ୍ରାମରେ ଖୁସିର ଲହରୀ ଖେଳିଯାଇଥିବା ବେଳେ ଅଭିଭାବକ ଓ ଶିକ୍ଷାବିତ୍ ?ମାନଙ୍କ ମନରେ ମଧ୍ୟ ନୂଆ ଆଶା ସଞ୍ଚାର ହୋଇଛି । ଦୁର୍ଗମ ଅଞ୍ଚଳରେ ଶିକ୍ଷାର ଆଲୋକକୁ ଆହୁରି ବ୍ୟାପକ କରିବା, ଛାତ୍ରଛାତ୍ରୀଙ୍କ ପ୍ରତିଭାର ବିକାଶ କରିବା ଏବଂ ବିଦ୍ୟାଳୟକୁ ଏକ ଆଦର୍ଶ ଶିକ୍ଷାନୁଷ୍ଠାନ ଭାବେ ଗଢ଼ି ତୋଳିବା ଦିଗରେ ଶ୍ରୀ ମୁଣାଙ୍କ ଉଦ୍ୟମ ଅଞ୍ଚଳ ପାଇଁ ଏକ ନୂତନ ଆଶାର ଦ୍ୱାର ଖୋଲିବ ବୋଲି ଗ୍ରାମବାସୀ ଆଶା ପ୍ରକାଶ କରିଛନ୍ତି । ତାଙ୍କ ଯୋଗଦାନ ଡୁମ୍ବରବାହାଲର ଶିକ୍ଷା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ସୁନାମଧନ୍ୟ କଣ୍ଠଶିଳ୍ପୀ ଦିବାକର ମହାନ୍ତି ଅସୁସ୍ଥ

## ଭେଟିଲେ ବଳଦେବଜିଉଙ୍କ ସେବାୟତ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ଜନ୍ମୋତ୍ସବ ଭଜନ ସମାରୋହ ପରିଷଦ ସଦସ୍ୟ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ତଥା କେନ୍ଦ୍ରାପଡ଼ା ମାଟିର ସୁଯୋଗ୍ୟ ସନ୍ତାନ ଦିବାକର ମହାନ୍ତିଙ୍କୁ ବଳଦେବଜୀଉଙ୍କ ସେବକ ଜନ୍ମୋତ୍ସବ ଭଜନ ସମାରୋହ ପରିଷଦ ସଭାପତି ତଥା ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ, ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା, ସଦସ୍ୟ ସଞ୍ଜୟ କୁମାର ସେନାପତି(କୁନା), ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ ଭୁବନେଶ୍ୱରସ୍ଥିତ ବାସଭବନରେ ଭେଟି ଶ୍ରୀଜୀଉଙ୍କ ଅଙ୍ଗବସ୍ତ୍ର ଓ ମହାପ୍ରସାଦ ତାଙ୍କୁ ପ୍ରଦାନ କରିଥିଲେ । ଏଥିସହିତ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ନିକଟରେ ତାଙ୍କର ଆଶୁ ଆରୋଗ୍ୟ ମଧ କାମନା କରିଥିଲେ । ପାଖରେ ତାଙ୍କ ସୁପୁତ୍ର ଏବଂ କନ୍ୟା ଉପସ୍ଥିତ ଥିଲେ । ଶ୍ରୀ ମହାନ୍ତି ଶ୍ରୀବଳଦେବଜୀଉଙ୍କ ଭଜନ ଗାଇବା ସହ ତାଙ୍କ କଣ୍ଠରୁ ବହୁ ହୃଦୟ ସ୍ପର୍ଷୀ ଗୀତ ଓଡ଼ିଶା ବାସୀଙ୍କ ମନ ଛୁଇଁ ପାରୁଥିଲା । ଓଡ଼ିଶା ସଙ୍ଗୀତ ଜଗତର ଆଗ ଧାଡ଼ିର ଜଣେ କଣ୍ଠଶିଳ୍ପୀ ଭାବେ ସେ ପରିଚିତ । କିଛି ମାସ ହେବ ଶ୍ରୀ ମହାନ୍ତି ଅସୁସ୍ଥ ହେବାପରେ ଶଯ୍ୟାଶାୟୀ ହୋଇ ତାଙ୍କ ବାସ ଭବନରେ ଚିକିତ୍ସିତ ହେଉଛନ୍ତି ।

# ନଡ଼ାଛପର ସାଙ୍ଗକୁ ମୁକୁଳାଘର ପାଲଟିଛି ଆଶ୍ରୟସ୍ଥଳ




**ବାରିପଦା/ଉଦଳା (ଅମୃତ ମିଡିଆ) :** କପ୍ତିପଦା ବ୍ଲକର ମଝିଗଡ଼ିଆ ପଂଚାୟତ ଅନ୍ତର୍ଗତ ଛତ୍ରାମ୍ବ ଗ୍ରାମର ବାସିନ୍ଦା ମୋତି ସିଂଙ୍କ ପରିବାର ନଡ଼ାଛପର ସାଙ୍ଗକୁ ମୁକୁଳା ଘରେ ଆଶ୍ରୟ ନେଇଛନ୍ତି । ଦିନମଜୁରିଆ ଭାବରେ କାମ କରି ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଏହି ପରିବାରକୁ ଆବାସ ଯୋଜନାରେ ଘର ମିଳିନଥିବାରୁ ଏପରି ଅବସ୍ଥାରେ ରାତି ବିତାଇବାକୁ ବାଧ ହୋଇଥିବାର ଜଣାଇଛନ୍ତି । ପରିବାରର ମୋଟ ସଦସ୍ୟ ୪ଜଣ ହୋଇଥିବା ବେଳେ ପାଇଖାନା ଓ ପାଣିପାଇଁ ତାଙ୍କୁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ଆର୍ଥିକ ଅବସ୍ଥା ଆଦୌ ଭଲ ନଥିବା ଯୋଗୁଁ ମୋତି ସିଂଙ୍କର ୨ପୁତ୍ର ମାଟ୍ରିକ ପାସ କରିବା ପରେ କଲେଜରେ ପାଠ ପଢ଼ିପାରିଲେ ନାହିଁ । ମାଟ୍ରିକ ପାସ ପରେ ପାଠପଢ଼ାରେ ବାଧ ହୋଇ ଡ଼ୋରି ବାନ୍ଧିଥିବା ଏହି ୨ ପୁତ୍ର ସନ୍ତାନ ଦିନମଜୁରିଆ ଭାବରେ କାମ କରି ଏବେ ପରିବାର ଚଳାଉଛନ୍ତି । ଉକ୍ତ ପରିବାରକୁ ତୁରନ୍ତ ଆବାସ ଯୋଜନାରେ ଘରଟିଏ ଯୋଗାଇ ଦେବାକୁ ଜନଜାଗୃତି ମଂଚର ସଦସ୍ୟ ମାନେ ଅନୁରୋଧ ଜଣାଇଛନ୍ତି ।

# ଶ୍ରୀଗଣେଶ ପୂଜା ପାଳିତ



**ଫୁଲନଖରା (ଅମୃତ ମିଡିଆ) :** କଟକ ମହାନଗର ନିଗମ ୫୯ ନମ୍ବର ୱାର୍ଡ ଅନ୍ତର୍ଗତ ରାମନଗର ଗ୍ରାମରେ ୟୁଥ କ୍ଲବ ଏବଂ ବ୍ରଦର୍ସ କ୍ଲବ ଦ୍ୱାରା ଅଗ୍ରପୂଜ୍ୟ ଶ୍ରୀଗଣପତିଙ୍କ ପୂଜା ଯାକଯମକରେ ପାଳିତ ହୋଇଯାଇଛି । ଉଭୟ ଅନୁଷ୍ଠାନ ଦ୍ୱାରା ବେଦଜ୍ଞ ବ୍ରାହ୍ମଣଙ୍କ ଦ୍ୱାରା ହୋମ କାର୍ଯ୍ୟକ୍ରମ କରାଯିବା ସହିତ ଗ୍ରାମର ମୁରବୀ ସ୍ଥାନୀୟ ବ୍ୟକ୍ତିମାନଙ୍କୁ ଉତ୍ତରୀୟ ପ୍ରଦାନ କରି ପୂଜ୍ୟପୂଜା କରାଯାଇଥିଲା । ବ୍ରଦର୍ସ କ୍ଲବ ଦ୍ୱାରା ସ୍ୱତନ୍ତ୍ର ଭାବେ କ୍ଷୀରି ପ୍ରସ୍ତୁତ କରାଯାଇ ଶ୍ରୀଗଣେଶଙ୍କୁ ଅର୍ପଣ କରାଯାଇଥିଲା । କ୍ଷୀରି ପ୍ରସାଦ ପାଇବା ପାଇଁ ବହୁ ସମାଗମ ହୋଇଥିଲା ।

# ଡିଏମଏଫ ଅନୁଦାନରେ ଗୋଟିଏ ନାଳରେ ତିନି ପ୍ରକଳ୍ପ କରି ଅର୍ଥ ହଡପ

**ଜେନାପୁର(ଅମୃତ ମିଡିଆ):** ଯାଜପୁର ଜିଲ୍ଲାରେ ଡିଏମଏଫ ଅନୁଦାନର ବ୍ୟାପକ ହଡପ ଏବଂ ଦୁରୁପଯୋଗ ଏବେ ସମଗ୍ର ରାଜ୍ୟରେ ଗୋର ଆଲୋଡନ ସଅଷ୍ଟି କରିଛି । ଏଠାରେ ଗୋଟିଏ ନାଳରେ ଡିଏମଏଫ ଅନୁଦାନରେ ତିନୋଟି ପୃଥକ ପୃଥକ ପ୍ରକଳ୍ପ ହୋଇଛି । ହେଲେ ଏହି ପ୍ରକଳ୍ପ ଗୁଡିକର କୌଣସି ସୁଫଳ ଲୋକେ ପାଉ ନାହାନ୍ତି । ଏଥିନେଇ ଉଚ୍ଚସ୍ତରୀୟ ଭିଜିଲାନ୍ସ ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି । ଯାଜପୁର ଜିଲ୍ଲାରେ ପାଣିକୋଇଲି ଅଂଚଳରେ ଥିବା ବ୍ରାହ୍ମଣୀ-ବୈତରଣୀ ଦୋଆବ ନଂବର-୧୪ ଅଧୀନରେ ଥବା ନମଟିକିରୀ ନାଳ ପୁନରୁଦ୍ଧାର, ସୁରକ୍ଷା ପ୍ରାଚୀର ଓ ବନ୍ୟା ନିୟନ୍ତ୍ରଣ ନାମରେ ପ୍ରାୟ ୨୦ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଥିବା କାଗଜପତ୍ରରେ ଦର୍ଶାଯାଇଛି । ହେଲେ ବାସ୍ତବରେ ଏତେ ପରିମାଣର ବିପୁଳ ଅର୍ଥ ବ୍ୟୟ ହେଉଥିଲେ ମଧ୍ୟ ଜଳ ନିଷ୍କାସନ ବ୍ୟବସ୍ଥାରେ କୌଣସି ଆଖି ଦୃଶିଆ ପରିବର୍ତ୍ତନ ହୋଇନାହିଁ । ଏଠାରେ ୨୦ କୋଟି ଟଙ୍କା ବ୍ୟୟ ହୋଇଥିଲେ ମଧ୍ୟ ବନ୍ୟା ସମୟରେ ସ୍ଥାନୀୟ ଲୋକଙ୍କ କୌଣସି ପ୍ରକାର କାର୍ଯ୍ୟରେ ଆସୁନାହିଁ । ତଥ୍ୟ ଅନୁସାରେ ନମଟିକିରି ନାଳର ପୁନରୁଦ୍ଧାର ପାଇଁ ୨୦୨୧-୨୨ ଆର୍ଥିକ ବର୍ଷରେ ୯ କୋଟି ୮୬ ଲକ୍ଷ ଟଙ୍କା, ନାଳର ସୁରକ୍ଷା ପ୍ରାଚୀର ନିର୍ମାଣ ନିମନ୍ତେ ୪ କୋଟି ୯୧ ଲକ୍ଷ ଟଙ୍କା, ଲିଙ୍ଗେଶ୍ୱର ମନ୍ଦିରରୁ ନମଟିକିରୀ ନାଳ ପୁନରୁଦ୍ଧାର ପାଇଁ ୫ କୋଟି ୨୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଏହିପରି ସମୁଦାୟ ୨୦ କୋଟି ଟଙ୍କା ବ୍ୟୟ ହୋଇଛି । ଅପର ପକ୍ଷରେ ଏହି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଦାୟୀତ୍ୱ ରାଜ୍ୟ ଜଳସମ୍ପଦ ବିଭାଗ କିମ୍ବା ସ୍ଥାନୀୟ କାର୍ଯ୍ୟନିର୍ବାହୀ ସଂସ୍ଥାକୁ ନଦେଇ କେନ୍ଦ୍ରିୟ ଉଦ୍ୟୋଗ 'ଏନପିସିସି'କୁ ପ୍ରଦାନ କରାଯିବା ନେଇ ସନ୍ଦେହ ଘନୀଭୂତ ହୋଇଛି । ରାଜ୍ୟର ଦକ୍ଷ ବୈଷୟିକ ଟିମ ଥାଇ ମଧ୍ୟ କେଉଁ ଆଧାରରେ ପ୍ରକଳ୍ପଟି ଏକ କେନ୍ଦ୍ରିୟ ସଂସ୍ଥାକୁ ହସ୍ତାନ୍ତର କରାଗଲା, ତାହା ଅସ୍ପଷ୍ଟ ରହିଛି । ଡିଏମଏଫ ନିୟମାବଳୀ ଅନୁଯାୟୀ, ଖଣି ପ୍ରଭାବିତ ଅଂଚଳରେ ପାନୀୟ ଜଳ, ଶିକ୍ଷା,ସ୍ୱାସ୍ଥ୍ୟ, ଶିଶୁ ଓ ମାତୃ ପୃଷ୍ଟିହୀନତା ଦୂରୀକରଣ ଏବଂ ପରିବେଶ ସୁରକ୍ଷାକୁ ପ୍ରାଥମିକତା ଦିଆଯିବା କଥା । ମାତ୍ର ଅତ୍ୟାବଶ୍ୟକ ମୌଳିକ ସମସ୍ୟା ଥାଉ ଥାଉ କାହା ସ୍ୱାର୍ଥରେ ନାଳ ପୁନରୁଦ୍ଧାର ନାଁରେ କୋଟି କୋଟି ଖର୍ଚ୍ଚ କରାଗଲା, ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସତୀଶ ବିଶ୍ୱାଳ ଅଭିଯୋଗ କରିଛନ୍ତି । ପ୍ରକଳ୍ପର ଅନୁମୋଦିତ ଡିପିଆର, ଟେଣ୍ଡର ମୂଲ୍ୟ, କାର୍ଯ୍ୟାଦେଶ, ମାପ ବହି (ଏମ ବୁକ) ଏବଂ ବିଲ ସହ ବାସ୍ତବ କାମକୁ ତୁଳନା କଲେ ସତ୍ୟାସତ୍ୟ ସମ୍ନାକୁ ଆସିପାରିବ ବୋଲି ଦାବି ହୋଇଛି ।

# ପାରାଦୀପ ବନ୍ଦର ବିକାଶ ପାଇଁ ସାଂସଦ ବିଭୁ ତରାଇ ଓ ବନ୍ଦରାଧକ୍ଷ ସୁଶାନ୍ତ ପୁରୋହିତଙ୍କ ଆଲୋଚନା



**ପାରାଦୀପ (ଅମୃତ ମିଡିଆ) :** ଜଗତସିଂପୁରର ସାଂସଦ ଡ଼ଃ.ବିଭୁ ପ୍ରସାଦ ତରାଇ ଓ ପାରାଦୀପ ବନ୍ଦର ପ୍ରାଧିକରଣ ଅଧକ୍ଷ ସୁଶାନ୍ତ କୁମାର ପୁରୋହିତଙ୍କ ମଧ୍ୟରେ ବନ୍ଦର ପ୍ରଶାସନିକ ଭବନରେ ସୋମବାର ଦିନ ଏକ ସୌଜନ୍ୟମୂଳକ ସାକ୍ଷାତ ହୋଇଥିଲା । ଏହି ଅବସରରେ ଏକ ଆଲୋଚନାରେ ବନ୍ଦର-କେନ୍ଦ୍ରିତ ଅର୍ଥନୈତିକ ଅଭିବୃଦ୍ଧିକୁ ଆଗକୁ ବଢାଇବା, ସାମୁଦ୍ରିକ ଏବଂ ଲଜିଷ୍ଟିକ୍ସ ଭିତ୍ତିଭୂମିକୁ ସୁଦୃଢ଼ କରିବା, ମଲ୍ଟିମୋଡାଲ ସଂଯୋଗ ବୃଦ୍ଧି କରିବା ଏବଂ ଏହି ଅଞ୍ଚଳରେ ଶିଳ୍ପ ବିକାଶକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଆଲୋଚନାରେ ଓଡ଼ିଶାର ସାମୁଦ୍ରିକ ପ୍ରଗତିକୁ ତ୍ୱରାନ୍ୱିତ କରିବା ଏବଂ ବିକଶିତ ଭାରତର ଦୃଷ୍ଟିକୋଣରେ ଯୋଗଦାନ ଦେବା ପାଇଁ ମିଳିତ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦିଆଯାଇଥିଲା ।

# ବ୍ଲକସ୍ତରୀୟ ସାମାଜିକ ଜନଶୁଣାଣି ଶିବିର




**ବାରିପଦା (ଅମୃତ ମିଡିଆ) :** ମୟୁରଭଞ୍ଜ ଜିଲ୍ଲା, ବିଜାତଳା ପଂଚାୟତ ସଭାଗୃହ ଠାରେ ବିଡ଼ିଓ ବଂଶୀଧର ଖୋସଲାଙ୍କ ନେତୃତ୍ୱରେ ସାମାଜିକ ସମୀକ୍ଷା ଜନ ଶୁଣାଣୀ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ଉକ୍ତ ଶିବିରରେ ମୁଖ୍ୟ ଅତିଥି ଭାବେ ବାମନଘାଟି ଉପଖଣ୍ଡର ଉପଜିଲ୍ଲାପାଳଙ୍କ ସହିତ ବିଜାତଳା ବ୍ଲକର ସହକାରୀ ଯନ୍ତ୍ରୀ ଓ ସାମାଜିକ ସମୀକ୍ଷକ ଯୋଗ ଦେଇ ଥିଲେ । ପଂଚାୟତ କାର୍ଯକାରିଣୀ ସଦସ୍ୟ,ସଦସ୍ୟା ଏବଂ ବନ ବିଭାଗ ବ୍ୟତୀତ ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଗାଁସାଥୀ(ମେଟ)ସଙ୍ଘ ମିଳିତ କ୍ରିୟାନୁଷ୍ଠାନ ପକ୍ଷରୁ ସଭାପତି ଆନ୍ତା ମୁର୍ମୁ, ଉପସଭାପତି ରାମଜିତ ହେମ୍ବ୍ରମ, ପାର୍ବତୀ ଟୁଡୁ ଏକ ଦାବିପତ୍ର ବିଡ଼ିଓଙ୍କୁ ପ୍ରଦାନ କରି ଥିଲେ । ମାସିକ ୧୫ ହଜାରରୁ ଉର୍ଦ୍ଧ ପ୍ରୋତ୍ସାହନ ରାଶି, ଫାଙ୍କା ଥିବା ଜି ଆର ଏସ ପଦବୀରେ ଯୋଗ୍ୟ ଗାଁସାଥୀଙ୍କୁ ସଂରକ୍ଷଣ ଭିତିରେ ମୁତୟନ, ଜବ କାର୍ଡଧାରୀ ମାନଙ୍କୁ ସେମାନଙ୍କ ଡିମାଣ୍ଡ ଆଧାରରେ ବର୍ଷକୁ ୩୦୦ ଦିନର କାମ, ଗାଁସାଥୀଙ୍କ ସଠିକ ଡାଟା ବେସକୁ ରାଜ୍ୟକୁ ପଠାଇବା, ଚିଠି ଅନୁଯାୟୀ ଗାଁସାଥୀଙ୍କୁ ସମସ୍ତ ଜିଓ ଟ୍ୟାଗ କାର୍ଯ୍ୟରେ ଲଗାଇବା, ଗାଁସାଥୀ(ମେଟ)ଙ୍କ ବକେୟା ପ୍ରାପ୍ୟ ପ୍ରଦାନ କରିବା, ପୂର୍ବପରି ଭି ଭି ରାମଜୀ ଯୋଜନାରେ ଗାଁସାଥୀ(ମେଟ)ଙ୍କ ନାମରେ କାର୍ଯ୍ୟଦେଶ ପ୍ରଦାନ ଆଦି ଦାବି କରାଯାଇଛି ।

# ଜିଲ୍ଲାସ୍ତରୀୟ ବିଜ୍ଞାନମେଳା



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡା ବ୍ଲକ ଅଧିନ ଭାଗବତପୁର ପଞ୍ଚାୟତର ବାଲିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଭାରତ ଶିକ୍ଷା ବିକାଶ ସଂସ୍ଥାନ, ଓଡିଶା ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ସଂସ୍ଥାନ ସହିତ ସହବନ୍ଧିତ କେନ୍ଦ୍ରାପଡା ଜିଲ୍ଲାର ୭ଟି ବିଦ୍ୟାଳୟର ୬୫ଜଣ ପ୍ରତିଯୋଗୀ ବିଭିନ୍ନ ପ୍ରକଳ୍ପ ସହିତ ଏହି ମେଳାରେ ଯୋଗଦେଇଥିଲେ । ସଂସ୍ଥାନ ପକ୍ଷରୁ ପ୍ରଦୀପ କୁମାର ନାୟକ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ମେଳାକୁ ଉଦଘାଟନ କରିଥିଲେ । ବିଦ୍ୟାମନ୍ଦିରର ସଭାପତି ପ୍ରମୋଦ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଶ୍ରୀ ନାୟକ ପରିଚାଳନା କରିଥିଲେ । ବିଜ୍ଞାନମେଳାରେ ବିଚାରପତି ଭାବେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ଅଧ୍ୟାପକ ବିନ୍ଦୁସାଗର ସାହୁ, ଆଇତିପୁର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ରାଉତ ଓ ବାଲିଆ ମହିଳା ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗ ଅଧ୍ୟାପିକା ନିହାରିକା ତ୍ରିପାଠୀ ପ୍ରମୁଖ ଯୋଗଦେଇ କୁନି କୁନି ବୈଜ୍ଞାନିକମାନଙ୍କ ସୃଜନଶୀଳତାକୁ ମୂଲ୍ୟାୟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବାଙ୍କି ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ମୁରଲୀଧର ରଥ, ବିଦ୍ୟାମନ୍ଦିର ସମ୍ପାଦକ ରାଜଗୋପାଳ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ବିଭୂତିରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ ଗୁରୁଜୀ ଓ ଗୁରୁମାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସମସ୍ତ ପ୍ରତିଯୋଗୀଙ୍କୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରିଥିଲେ । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

# ବ୍ଲକର ବିଭିନ୍ନ ସ୍ଥାନରେ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା ପାଳନ

**ରାଇଘର (ଅମୃତ ମିଡିଆ) :** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମାର ପୁଜା ମଣ୍ଡପ, ବ୍ଲକ ଛକ, ପତ୍ରକୋଟି, ହାଟପଦା, କୋଦଭଟା, କାଳୀ ସୁନ୍ଦରୀ ସାହି, ଭିମା ଛକ, ଭିତର ଗଡ ଛକ, ଠାରୁ ଆରମ୍ଭ କରି ବ୍ଲକର ୨୬ ଗୋଟି ପଞ୍ଚାୟତର ବିଭିନ୍ନ ଗ୍ରାମ ସାହି ତଥା ପ୍ରତେକ ସରକାରୀ, ବେସରକାରୀ ସ୍କୁଲ୍ କଲେଜ, ଆଦି ଅନୁଷ୍ଠାନରେ ଅଗ୍ରପୂଜ୍ୟ ଗଜନନଙ୍କ ପୂଜା ଦେଖିବାକୁ ମିଳିଛି । ବିଭିନ୍ନ ସ୍ଥାନରେ ଆଲୋକରେ ସଜ୍ଜିତ କରାଯାଇ ଆଡମ୍ବର ସହ ଗଜାନନଙ୍କ ପୂଜା ପାଳନ କରାଯାଉଅଛି ।





# ଆଫଗାନିସ୍ତାନକୁ ୭ ୱିକେଟରେ ହରାଇଲା ଭାରତ



**ନୂଆଦିଲ୍ଲୀ :** ମଙ୍ଗଳବାର ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯାଇ ଥିଲା ଦ୍ୱିତୀୟ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ । ଏଥିରେ ଭାରତ ୭ ୱିକେଟରେ ଆଫଗାନିସ୍ତାନକୁ ପରାସ୍ତ କରି ୩ ମ୍ୟାଚ୍ ବିଶିଷ୍ଟ ସିରିଜରେ ୨-୦ର ଅପରାଜେୟ ଅଗ୍ରଣୀ ହାସଲ କରିଛି । ଭାରତ ପ୍ରଥମ ମ୍ୟାଚକୁ ମଧ୍ୟ ୭ ୱିକେଟରେ ଜିତି ଥିଲା। ଭାରତ ୧୪.୫ ଓଭରରେ ୧୬୩ ରନ କରି ଥିଲା । ସିରିଜର ଶେଷ ମ୍ୟାଚ୍ ସେପ୍ଟେମ୍ବର ୧୭ ରେ ଖେଳାଯିବ। କୋଟଲାର ଫ୍ଲାଟ୍ ୱିକେଟରେ ସନ୍ଧ୍ୟା ୭ଟା ୩୦ରୁ ଆରମ୍ଭ ହୋଇଥିବା ଏହି ମ୍ୟାଚରେ, ଭାରତୀୟ ଅଧିନାୟକ ଶ୍ରେୟସ ଆୟର ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇ ଥିଲେ। ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ଭାରତ ସାମ୍ନାରେ ୧୬୦ ରନର ଲକ୍ଷ୍ୟ ରଖି ଥିଲା । ଆଫଗାନିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟରେ ୧୫୯ ରନରେ ଅଟକି ଥିଲା । ନୀତୀଶ ରେଡ୍ଡୀ ଦମଦାର ବୋଲିଂ ପ୍ରଦର୍ଶନ କରି ଥିଲେ । ଭାରତର ପ୍ଲେଇଂ ଇଲେଭନରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ପୁଣି ଥରେ ସୁଯୋଗ ମିଳି ନଥିଲା । ଆଫଗାନିସ୍ତାନ ପକ୍ଷରୁ ଇବ୍ରାହିମ୍ ଜାଦ୍ରାନ୍ ୩୭ (୩୩) ରନ୍ କରି ଥିଲେ । ଶେଷ ଆଡ଼କୁ ମହମ୍ମଦ ନବୀ ଓ ରାଶିଦ ଖାନ୍ ମୋର୍ଚ୍ଚା ସମ୍ଭାଳି ଥିଲେ । ନବୀ ୨୦ (୧୪) ରନ୍ କରି ଥିବା ବେଳେ ରାଶିଦ ଖାନ୍ ୧୬ ବଲ୍ରୁ ୨୮ ରନ୍‌ର ପାରି ଖେଳି ଥିଲେ । ମଝି ଓଭର ଗୁଡ଼ିକରେ ରସୁଲୀ ୧୫ ବଲ୍ରେ ୨୬ ରନ୍ କରିଥିଲେ । ଦଳ ନିର୍ଦ୍ଧାରିତ ୨୦ ଓଭରରେ ୧୫୯ ରନ୍ ସଂଗ୍ରହ କରି ପାରି ଥିଲା । ଭାରତ ପକ୍ଷରୁ ଜସପ୍ରୀତ ବୁମରା ୪ ଓଭରରେ ୨୫ ରନ୍ ଦେଇ ୧ଟି ୱିକେଟ୍ ନେଇ ଥିଲେ । ଅର୍ଶଦୀପ ସିଂହ ୪ ଓଭରରେ ୩୫ ରନ୍ ଦେଇ ୨ଟି ୱିକେଟ୍ ନେଇ ଥିଲେ । ନୀତୀଶ କୁମାର ରେଡ୍ଡୀ ଆଜିର ମ୍ୟାଚର ଶ୍ରେଷ୍ଠ ବୋଲର ରହି ଥିଲେ, ଯିଏକି ୩ ଓଭରରେ ୨୪ ରନ୍ ଦେଇ ୩ଟି ୱିକେଟ୍ ହାସଲ କରି ଥିଲେ । ଅକ୍ଷର ପଟେଲ ଓ ରବି ବିଷ୍ଣୋଇଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳି ଥିଲା । ୧୬୦ ରନର ଲକ୍ଷ୍ୟ ପିଛା କରିବାକୁ ଓହ୍ଲାଇ ଥିବା ଭାରତୀୟ ଦଳର ଓପନିଂ ଯୋଡ଼ି ଦମଦାର ବ୍ୟାଟିଂ କରି ଥିଲେ । ଅଭିଷେକ ଶର୍ମା ଓ ସଞ୍ଜୁ ସାମସନ୍ ପ୍ରାରମ୍ଭିକ କିଛି ବଲ୍ ସଂଯମତାର ସହ ଖେଳିବା ପରେ ଆକ୍ରମଣାତ୍ମକ ରୂପ ଆପଣାଇ ଥିଲେ । ସଞ୍ଜୁ ସାମସନ୍ ୨୦୨୬ ବିଶ୍ୱକପ୍ ଫାଇନାଲ୍ ପରେ ନିଜର ପ୍ରଥମ ଅର୍ଦ୍ଧଶତକ ମାତ୍ର ୨୦ ବଲରେ ହାସଲ କରି ଥିଲେ । ସେ ୨୨ ବଲରେ ୭ଟି ଚୌକା ଓ ୪ଟି ଛକା ସହାୟତାରେ ୨୫୯ରୁ ଅଧିକ ଷ୍ଟ୍ରାଇକ୍ ରେଟରେ ୫୭ ରନ୍ କରି ଆଉଟ୍ ହୋଇଥିଲେ । ଅଭିଷେକ ଶର୍ମା ୧୯ ବଲରେ ୨ଟି ଚୌକା ଓ ୪ଟି ଛକା ମାରି ୨୦୫ରୁ ଅଧିକ ଷ୍ଟ୍ରାଇକ୍ ରେଟରେ ୩୯ ରନ୍ କରି ଥିଲେ । ଶ୍ରେୟସ ଆୟର ୧୧ ରନ୍ କରି ଆଉଟ୍ ହୋଇଥିବା ବେଳେ ଶେଷରେ ତିଲକ ବର୍ମା (୧୪ ବଲରେ ୧୫ ରନ୍) ଓ ଇଶାନ କିଶନ (୨୩ ବଲରେ ୩ଟି ଚୌକା ଓ ୨ଟି ଛକା ସହ ୩୮ ରନ୍) ମ୍ୟାଚକୁ ଶେଷ କରି ଥିଲେ। ଆଫଗାନିସ୍ତାନ ପକ୍ଷରୁ ରାଶିଦ ଖାନ୍ ୩.୫ ଓଭରରେ ୩୬ ରନ୍ ଦେଇ ସମସ୍ତ ୩ଟି ୱିକେଟ୍ ନେଇଥିଲେ ।

# ୧୮ରେ ହକି ଇଣ୍ଡିଆ କାର୍ଯ୍ୟାଳୟରେ ବସିବ ଏକ୍‌ଜିକ୍ୟୁଟିଭ୍ ବୋର୍ଡ ବୈଠକ



**ନୂଆଦିଲ୍ଲୀ :** ନିଜ ଭିତରେ ବିବାଦକୁ ନେଇ ଚର୍ଚ୍ଚାରେ ଥିବା ହକି ଇଣ୍ଡିଆ ଏବେ ଡାକିଛି ଜରୁରୀ ବୈଠକ। ଆସନ୍ତା ସେପ୍ଟେମ୍ବର ୧୮ ତାରିଖରେ ନୂଆଦିଲ୍ଲୀସ୍ଥିତ ହକି ଇଣ୍ଡିଆ କାର୍ଯ୍ୟାଳୟରେ ବସିବ ଏକ୍‌ଜିକ୍ୟୁଟିଭ୍ ବୋର୍ଡ ବୈଠକ। ସଭାପତି ଦିଲୀପ ତିର୍କୀଙ୍କ ନିର୍ଦ୍ଦେଶରେ ସଚିବ ଭୋଳାନାଥ ସିଂହ ଏହି ବୈଠକ ଡାକିଛନ୍ତି। ଭାରତୀୟ ଦଳର ଜର୍ସି ନୀଳରୁ ଗେରୁଆ ହେବାକୁ ନେଇ ତିର୍କୀ ଓ ହକି ଇଣ୍ଡିଆ ଡିଜି କର୍ଣ୍ଣେଲ ଆର୍.କେ. ଶ୍ରୀବାସ୍ତବଙ୍କ ମଧ୍ୟରେ ବିବାଦ ଖୋଲାଖୋଲି ସାମ୍ନାକୁ ଆସିଥିଲା। ଏହାପରେ ଶ୍ରୀବାସ୍ତବଙ୍କୁ ସୋ-କଜ୍ ନୋଟିସ୍ ଦେବା ସହ ତାଙ୍କ କ୍ଷମତା ହଟାଇଥିଲେ ତିର୍କୀ। ଏହି ମାମଲା ମଧ୍ୟ ବୈଠକରେ ଆଲୋଚନା ହେବ। ସେପଟେ, ହକି ଇଣ୍ଡିଆ ଲିଗର ଭବିଷ୍ୟତ ନେଇ ମଧ୍ୟ ହେବ ବଡ଼ ନିଷ୍ପତ୍ତି। ଲିଗ୍‌କୁ ହକି ଇଣ୍ଡିଆ ଓ ଫ୍ରାଞ୍ଚାଇଜି ମିଶି ଚଳାଇବା, ନୂଆ ଗଭର୍ଣ୍ଣିଂ କାଉନସିଲ୍ ଗଠନ ଭଳି ପ୍ରସ୍ତାବ ରହିଛି। ଏହାସହ ହକି ଇଣ୍ଡିଆ ନିର୍ବାଚନ, ଆର୍ଥିକ ହିସାବ ଏବଂ ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ଆୟୋଜନ ନେଇ ମଧ୍ୟ ଆଲୋଚନା ହେବ।

# ନାଇରୋବିରେ ୨୦୨୯ ବିଶ୍ୱ ଆଥଲେଟିକ୍ସ



**ନୂଆଦିଲ୍ଲୀ :** ବିଶ୍ୱ କ୍ରୀଡ଼ା ଇତିହାସରେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିବାକୁ ଯାଉଛି କେନିଆର ରାଜଧାନୀ ନାଇରୋବି। ୨୦୨୯ ବିଶ୍ୱ ଆଥଲେଟିକ୍ସ ପ୍ରତିଯୋଗିତା ଆୟୋଜନ ଅଧିକାର ନାଇରୋବିକୁ ମିଳିଛି। ଏହା ଫଳରେ ପ୍ରଥମ ଥର ପାଇଁ ଆଫ୍ରିକାର କୌଣସି ସହରରେ ଏହି ସମ୍ମାନଜନକ ବିଶ୍ୱସ୍ତରୀୟ ଆଥଲେଟିକ୍ସ ପ୍ରତିଯୋଗିତା ଆୟୋଜିତ ହେବା ନିଶ୍ଚିତ ହୋଇଛି। ମଙ୍ଗଳବାର ହଙ୍ଗେରୀର ବୁଦାପେଷ୍ଟଠାରେ ଅନୁଷ୍ଠିତ ବିଶ୍ୱ ଆଥଲେଟିକ୍ସ ପରିଷଦର ବୈଠକ ପରେ ନାଇରୋବିକୁ ୨୦୨୯ ସଂସ୍କରଣର ଆୟୋଜକ ଭାବେ ଘୋଷଣା କରାଯାଇଛି। ସେହିଭଳି ଜର୍ମାନୀର ମ୍ୟୁନିକ ସହରକୁ ୨୦୩୧ ବିଶ୍ୱ ଆଥଲେଟିକ୍ସ ପ୍ରତିଯୋଗିତାର ଆୟୋଜନ ଅଧିକାର ମିଳିଛି। ନାଇରୋବିର ଏହି ଚୟନ ଆଫ୍ରିକୀୟ କ୍ରୀଡ଼ା ଜଗତ ପାଇଁ ଏକ ଐତିହାସିକ ଘଟଣା। ଏପର୍ଯ୍ୟନ୍ତ ଆଫ୍ରିକାର କୌଣସି ସହର ବିଶ୍ୱ ଆଥଲେଟିକ୍ସର ଆୟୋଜନ କରି ନାହାନ୍ତି। ୨୦୨୯ରେ ନାଇରୋବି ଏହି ଇତିହାସ ରଚିବ। ପୂର୍ବରୁ ଏହି ସହର ୨୦୨୫ ବିଶ୍ୱ ଆଥଲେଟିକ୍ସ ପ୍ରତିଯୋଗିତାର ଆୟୋଜନ ଲାଗି ଦାବି ଉପସ୍ଥାପନ କରିଥିଲା। ତେବେ ସେହିବର୍ଷର ଆୟୋଜନ ଅଧିକାର ଜାପାନର ଟୋକିଓକୁ ମିଳିଥିଲା। ଏହା ପରେ ନାଇରୋବି ପୁଣିଥରେ ଆୟୋଜନ ଅଧିକାର ପାଇଁ ଦାବି ରଖିଥିଲା ଏବଂ ଏଥର ଏଥିରେ ସଫଳ ହୋଇଛି। ଉଭୟ ୨୦୨୯ ଓ ୨୦୩୧ ସଂସ୍କରଣ ସେପ୍ଟେମ୍ବର ମାସରେ ଆୟୋଜିତ ହେବ। ବେଜିଂ ଆୟୋଜିତ ହେବାକୁ ଥିବା ୨୦୨୭ ବିଶ୍ୱ ଆଥଲେଟିକ୍ସ ପ୍ରତିଯୋଗିତା ମଧ୍ୟ ସେପ୍ଟେମ୍ବରରେ ଖେଳାଯିବ।

### ନକ୍‌ଭିଙ୍କଠାରୁ ଏସିଆ କପ୍ ଟ୍ରଫି ଗ୍ରହଣ ନକରିବା ନେଇ

# ବିସିସିଆଇର ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ସମର୍ଥନ କଲା ଭାରତୀୟ ମହିଳା କ୍ରିକେଟ ଦଳ




**ନୂଆଦିଲ୍ଲୀ:** ଏସୀୟ କ୍ରିକେଟ ପରିଷଦ ଅଧ୍ୟକ୍ଷ ମୋହସିନ ନକ୍‌ଭିଙ୍କଠାରୁ ଏସିଆ କପ୍ ଟ୍ରଫି ଗ୍ରହଣ ନକରିବା ନେଇ ବିସିସିଆଇର ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ସମର୍ଥନ କରିଛି ଭାରତୀୟ ମହିଳା କ୍ରିକେଟ ଦଳ। ଦଳର ମୁଖ୍ୟ ପ୍ରଶିକ୍ଷକ ଆମୋଲ ମଜୁମଦାର କହିଛନ୍ତି ଯେ, ଏସିଆ କପ୍ ଜିତିବା ଖେଳାଳିଙ୍କ ପାଇଁ ସବୁଠାରୁ ବଡ଼ ସଫଳତା। ଚମ୍ପିଆନ ଟ୍ରଫି ଗ୍ରହଣ ଗ୍ରହଣ ନକରିବା ନେଇ ଖେଳାଳିଙ୍କ ମଧ୍ୟରେ କୌଣସି ଅବଶୋଷ ନାହିଁ। ବିସିସିଆଇର ନିଷ୍ପତ୍ତି ସମ୍ପୂର୍ଣ୍ଣ ଯଥାର୍ଥ ବୋଲି ମଜୁମଦାର କହିଛନ୍ତି। ଦୁବାଇରେ ରବିବାର ଖେଳାଯାଇଥିବା ମହିଳା ଏସିଆ କପ୍ ଟି୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ହରମନପ୍ରୀତ କୌରଙ୍କ ନେତୃତ୍ୱାଧିନ ଭାରତୀୟ ଦଳ ୭୨ରନରେ ଶ୍ରୀଲଙ୍କାକୁ ପରାସ୍ତ କରି ଅଷ୍ଟମ ଥର ପାଇଁ ଚମ୍ପିଆନ ହୋଇଥିଲା। ତେବେ ପୁରସ୍କାର ବିତରଣୀ ସମାରୋହରେ ଏସିସି ଅଧ୍ୟକ୍ଷ ମୋହସିନ ନକ୍‌ଭିଙ୍କଠାରୁ ଭାରତୀୟ ଦଳ ଟ୍ରଫି ଗ୍ରହଣ କରିନଥିଲା। ନକ୍‌ଭି ଏବେ ପାକିସ୍ତାନର ଗୃହ ମନ୍ତ୍ରୀ ସହ ପାକିସ୍ତାନ କ୍ରିକେଟ ବୋର୍ଡର ଅଧ୍ୟକ୍ଷ ଅଛନ୍ତି। ମ୍ୟାଚ ପରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଉତ୍ତରରେ ମଜୁମଦାର କହିଥିଲେ ଯେ, ଏହି ନିଷ୍ପତ୍ତି ବିସିସିଆଇ ନେଇଛି ଏବଂ ଆମେ ଏହା ସହିତ ଅଛୁ। ଆମେ ଚମ୍ପିଆନ ହୋଇଛୁ ; ଏହା ହିଁ ଆମ ପାଇଁ ଯଥେଷ୍ଟ। ସେ ଆହୁରି କହିଥିଲେ ଯେ, ପଡ଼ିଆରେ ବଡ଼ ପରଦାରେ ଭାରତକୁ ୨୦୨୬ ଏସିଆ କପ୍ ଚମ୍ପିଆନ ଭାବେ ଦର୍ଶାଯାଇଥିଲା। ଆମେ ଚମ୍ପିଆନ ହୋଇଥିବାରୁ ଖୁସି। ଏବେ ଆମର ଏସୀୟ କ୍ରୀଡ଼ା ଉପରେ ନଜର ବୋଲି ମଜୁମଦାର କହିଥିଲେ। ୨୦୨୫ରେ ପୁରୁଷ ଏସିଆ କପରେ ବି ଭାରତ ସମାନ ଆଭିମୁଖ୍ୟ ଗ୍ରହଣ କରିଥିଲା। ଏହାକୁ ନେଇ ସେତେବେଳେ ବଡ଼ ବିବାଦ ଦେଖାଦେଇଥିବାବେଳେ ଏପର୍ଯ୍ୟନ୍ତ ଭାରତ ହାତକୁ ଟ୍ରଫି ଆସିନାହିଁ।

# ସଚିନ ତେନ୍ଦୁଲକରଙ୍କ ଦିନିକିଆ ବିଶ୍ୱ ରେକର୍ଡ ଭାଙ୍ଗିଲେ ଜିମ୍ବାୱେର ବ୍ରେଣ୍ଡନ ଟେଲର



**ନୂଆଦିଲ୍ଲୀ :** ଭାଙ୍ଗିଛି କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ଦିନିକିଆ ବିଶ୍ୱ ରେକର୍ଡ। ତାଙ୍କ ଦିନିକିଆ ବିଶ୍ୱ ରେକର୍ଡକୁ ଭାଙ୍ଗି ଦେଇଛନ୍ତି ଜିମ୍ବାୱେର ୱିକେଟ କିପର ବ୍ୟାଟର ବ୍ରେଣ୍ଡନ ଟେଲର। ଏବେ ପୁରୁଷ କ୍ରିକେଟରେ ସବୁଠାରୁ ଲମ୍ବା ସମୟ ଧରି ଦିନିକିଆ କ୍ରିକେଟ ସହ ଜଡ଼ିତ ଖେଳାଳି ବନି ଯାଇଛନ୍ତି ଟେଲର। ପୂର୍ବରୁ ଏହି ରେକର୍ଡ ସଚିନ ତେନ୍ଦୁଲକରଙ୍କ ନାଁରେ ଥିଲା। ଟେଲରଙ୍କ ଦିନିକିଆ ଅନ୍ତର୍ଜାତୀୟ କ୍ୟାରିୟର ଏବେ ୨୨ ବର୍ଷ ୧୪୮ ଦିନରେ ପହଞ୍ଚି ଯାଇଛି। ତେନ୍ଦୁଲକର ୨୨ ବର୍ଷ ଓ ୯୧ ଦିନ ଦିନିକିଆ କ୍ରିକେଟରେ ସକ୍ରିୟ ଥିଲେ। ମଙ୍ଗଳବାର ଅଷ୍ଟ୍ରେଲିଆ ବିପକ୍ଷ ହରାରେ ଦିନିକିଆର ଚୂଡ଼ାନ୍ତ ଏକାଦଶରେ ଟେଲର ସାମିଲ ହେବା ମାତ୍ରେ ସଚିନଙ୍କ ରେକର୍ଡ ଭାଙ୍ଗି ଯାଇଛି। ବର୍ତ୍ତମାନ ଜିମ୍ବାୱେ ଗସ୍ତରେ ଥିବା ଅଷ୍ଟ୍ରେଲିଆ ୩ଟି ଦିନିକିଆ ମ୍ୟାଚ୍ ଖେଳିବ। ଏବେ ସର୍ବାଧିକ ସମୟ ଦିନିକିଆ କ୍ରିକେଟ ତାଲିକାର ୧ ନମ୍ବରରେ ଟେଲର ରହିଥିବା ବେଳେ ସଚିନ ଦ୍ୱିତୀୟକୁ ଖସି ଯାଇଛନ୍ତି। ତୃତୀୟ ସ୍ଥାନରେ ଅଛନ୍ତି ଶ୍ରୀଲଙ୍କାର ସନଥ ଜୟସୂରିୟା। ତାଙ୍କ ଦିନିକିଆ କ୍ୟାରିୟର ୨୧ ବର୍ଷ ଓ ୧୮୪ ଦିନ। ସଚିନଙ୍କ ଏହି ଦିନିକିଆ ବିଶ୍ୱ ରେକର୍ଡ ଭାଙ୍ଗିଥିଲେ ହେଁ ଏବେ ବି ସେ କ୍ରିକେଟର ଏହି ଫର୍ମାଟର ସର୍ବାଧିକ ରନ ହାସଲକାରୀ ଖେଳାଳି ହୋଇ ରହିଛନ୍ତି। ସେହିପରି ଦିନିକିଆରେ ସର୍ବାଧିକ ମ୍ୟାଚ୍ ଖେଳିବା ରେକର୍ଡ ମଧ୍ୟ ସଚିନଙ୍କ ନାଁରେ ରହିଛି। ସଚିନ ୪୬୩ଟି ଦିନିକିଆରେ ମୋଟ ୧୮,୪୨୬ ରନ କରିଛନ୍ତି। ୪୦ ବର୍ଷୀୟ ଟେଲର ୨୦୦୪ ଏପ୍ରିଲ ମାସରେ ଶ୍ରୀଲଙ୍କା ବିପକ୍ଷ ଦିନିକିଆରେ ଜିମ୍ବାୱେ ପାଇଁ ଡେବ୍ୟୁ କରିଥିଲେ। ସେ ଜିମ୍ବାୱେର ଅନ୍ୟତମ ଷ୍ଟାର ବ୍ୟାଟର ଭାବେ ପରିଚିତ। ମଙ୍ଗଳବାର ମ୍ୟାଚ୍ ବାଦ ଦେଲେ ସେ ଜିମ୍ବାୱେ ପାଇଁ ୨୦୭ ଦିନିକିଆରେ ୧୧ଟି ଶତକ ସହ ମୋଟ ୬,୭୦୪ ରନ କରିଛନ୍ତି। ଟେଲର ପ୍ରଥମେ ୨୦୨୧ରେ ଅନ୍ତର୍ଜାତୀୟ କ୍ରିକେଟରୁ ହଠାତ୍ ଅବସର ଘୋଷଣା କରିଥିଲେ। ଏହାର ୪ ମାସ ପରେ ଅର୍ଥାତ ୨୦୨୨ ଜାନୁଆରୀରେ ସେ ସମସ୍ତଙ୍କୁ ଚକିତ କରିବା ଭଳି ଖୁଲାସା କରିଥିଲେ। ୨୦୧୯ରେ ତାଙ୍କୁ ମ୍ୟାଚ୍ ଫିକ୍ସିଂ ପାଇଁ ପ୍ରଲୋଭିତ କରାଯାଇଥିଲା। ପ୍ରଥମେ ତାଙ୍କୁ କୋକେନ ଦିଆଯାଇଥିଲା ଓ ପରେ ବ୍ଲାକମେଲର ସାମ୍ନା କରିବାକୁ ପଡ଼ିଥିଲା। ତଥାପି ସେ ନିଜ କ୍ୟାରିୟରରେ କେବେ ବି ମ୍ୟାଚ୍ ଫିକ୍ସିଂ କରି ନଥିବା ଦାବି କରିଥିଲେ। ଫିକ୍ସିଂ ସମ୍ପର୍କରେ ସେ ବିଳମ୍ବରେ ରିପୋର୍ଟ କରିଥିବାରୁ ଆଇସିସି ତାଙ୍କୁ ସାଢ଼େ ୩ ବର୍ଷ ପାଇଁ କ୍ରିକେଟର ସମସ୍ତ ଫର୍ମାଟରୁ ବ୍ୟାନ କରାଯାଇଥିଲା। ଏହି କଟକଣା ଶେଷ ହେବା ପରେ ଟେଲର ୨୦୨୫ରେ ନିଜ ଅବସର ନିଷ୍ପତ୍ତି ପ୍ରତ୍ୟାହାର କରିଥିଲେ। ଏବେ ସେ ୨୦୨୭ ଦିନିକିଆ ବିଶ୍ୱକପ ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି। ୨୦୨୭ ଦିନିକିଆ ବିଶ୍ୱକପ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବିଆ ମିଳିତ ଭାବେ ଆୟୋଜନ କରିବେ।

# ଅକ୍ଟୋବର ୨୭ରୁ ଏସୀୟ ଚମ୍ପିଆନ୍‌ସ ଟ୍ରଫି ହକି



**ଚଣ୍ଡିଗଡ଼:** ପଞ୍ଜାବର ଜଳନ୍ଧର ଓ ମୋହାଲିରେ ଆସନ୍ତା ଅକ୍ଟୋବର ୨୭ରୁ ନଭେମ୍ବର ୫ ପର୍ଯ୍ୟନ୍ତ ଏଏଚ୍‌ଏଫ ଏସୀୟ ପୁରୁଷ ଚମ୍ପିଆନ୍‌ସ ଟ୍ରଫି ହକି -୨୦୨୬ ଖେଳାଯିବ। ଏଥିରେ ପାକିସ୍ତାନ ଦଳ ଅଂଶଗ୍ରହଣ କରିବ ବୋଲି ସୋମବାର ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍ ସ୍ପଷ୍ଟ କରିଛନ୍ତି। ଏସୀୟ ଚମ୍ପିଆନ୍‌ସ ଟ୍ରଫି ହକି ଟୁର୍ଣ୍ଣାମେଣ୍ଟ ଲାଗି ହକି ଇଣ୍ଡିଆ ଓ ପଞ୍ଜାବ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ସିଂହ ପଞ୍ଜାବରେ ଏସୀୟ ପୁରୁଷ ଚମ୍ପିଆନ୍‌ସ ଟ୍ରଫି ହକି ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବା ସହ ପାକିସ୍ତାନ ଦଳ ଖେଳିବାକୁ ଆସିବ ବୋଲି ଘୋଷଣା କରିଥିଲେ। ପ୍ରତିଯୋଗିତାକୁ ସଫଳ କରିବା ନେଇ ସରକାର ପ୍ରତିଶ୍ରୁତିବଦ୍ଧ। ପାକିସ୍ତାନ ଦଳ ଖେଳିବାକୁ ଆସିଲେ ଆମର କୌଣିସ ଆପତ୍ତି ନାହିଁ। ସୁରକ୍ଷା ବ୍ୟବସ୍ଥା ନେଇ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯିବ ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍ କହିଥିଲେ। ବହୁଦେଶୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତ ମାଟିରେ ଦୁଇ ଦେଶ ଖେଳିପାରିବେ ବୋଲି କେନ୍ଦ୍ର ସରକାରଙ୍କ ନୀତି ରହିଛି। ପ୍ରତିଯୋଗିତାରେ ଭାରତ, ପାକିସ୍ତାନ ସମେତ ଚୀନ, ଜାପାନ , ମାଲେସିଆ ଓ ଦକ୍ଷିଣ କୋରିଆ ଅଂଶଗ୍ରହଣ କରିବେ। ଓମାନ ଓ ବାଂଲାଦେଶ ରିଜର୍ଭ ଦଳ ଭାବେ ରହିଛନ୍ତି।ଅକ୍ଟୋବର ୨୭ରେ ଜଳନ୍ଧରର ଅଲିମ୍ପିଆନ ବଲବୀର ସିଂହ ସିନିୟର ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ମୋହାଲିରେ ନଭେମ୍ବର ୪ରେ ସେମିଫାଇନାଲ ଓ ୫ରେ ଫାଇନାଲ ଖେଳାଯିବ। ଭାରତ ଉକ୍ତ ଟୁର୍ଣ୍ଣାମେଣ୍ଟରେ ଡିଫେଣ୍ଡିଂ ଚମ୍ପିଆନ ରହିଛି। ୨୦୧୧ରୁ ଆରମ୍ଭ ହୋଇଥିବା ଉକ୍ତ ପ୍ରତିଯୋଗିତାରେ ଭାରତ ସର୍ବାଧିକ ୫ଥର ୨୦୧୧, ୨୦୧୬,୨୦୧୮,୨୦୨୩ ଓ ୨୦୨୪ରେ ଚମ୍ପିଆନ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ପାକିସ୍ତାନ ୨୦୧୨ ଓ ୨୦୧୩ରେ ଦୁଇଥର ଓ ଦକ୍ଷିଣ କୋରିଆ ୨୦୨୧ରେ ଥରେ ଚମ୍ପିଆନ ହୋଇଛି। ୨୦୨୫ରେ ଉକ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇନଥିଲା।

# ପୁଣି ଫର୍ମୁଲା-୧ ରେସ୍ ଆୟୋଜନ ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି



**ନୂଆଦିଲ୍ଲୀ :** ଭାରତରେ ପୁଣି ଫର୍ମୁଲା-୧ ରେସ୍ ଆୟୋଜନ ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ୨୦୨୮ରେ ଏଫ୧ ଫେରାଇ ଆଣିବାର ସମ୍ଭାବନା ଓ ଚ୍ୟାଲେଞ୍ଜ୍ ଯାଞ୍ଚ କରିବାକୁ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟା ୧୦ ଜଣିଆ ଟାସ୍କଫୋର୍ସ ଗଠନ କରିଛନ୍ତି। ନୀତି ଆୟୋଗର ପ୍ରୋଗ୍ରାମ ଡାଇରେକ୍ଟର ଯୁଗଳ କିଶୋର ଯୋଶୀ ଏହାର ଅଧ୍ୟକ୍ଷ ରହିବେ। ଟାସ୍କଫୋର୍ସରେ କ୍ରୀଡ଼ା, ପର୍ଯ୍ୟଟନ, ବାଣିଜ୍ୟ ଓ ରାଜସ୍ୱ ବିଭାଗ ସହ ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ର ସରକାରଙ୍କ ପ୍ରତିନିଧି ରହିବେ। ଏହାସହ ମୋଟରସ୍ପୋର୍ଟ୍ସ ସଂସ୍ଥା ଏଫ୍‌ଏମ୍‌ଏସ୍‌ସିଆଇ, ବୁଦ୍ଧ ଇଣ୍ଟରନ୍ୟାସନାଲ୍ ସର୍କିଟ୍ ଓ ମାଦ୍ରାସ ଇଣ୍ଟରନ୍ୟାସନାଲ୍ ସର୍କିଟ୍‌ର ପ୍ରତିନିଧି ମଧ୍ୟ ସାମିଲ ହେବେ। ଟିକସ୍ ସମସ୍ୟା, ଭିତ୍ତିଭୂମି ଓ ଅପରେସନ୍ ସହ ମୋଟରସ୍ପୋର୍ଟ୍ସର ବିକାଶ ନେଇ କମିଟି ରୋଡମ୍ୟାପ୍ ପ୍ରସ୍ତୁତ କରିବ। ଭାରତ ଶେଷଥର ୨୦୧୩ରେ ଗ୍ରେଟର ନଏଡାର ବୁଦ୍ଧ ଇଣ୍ଟରନ୍ୟାସନାଲ୍ ସର୍କିଟ୍‌ରେ ଏଫ୧ ରେସ୍ ଆୟୋଜନ କରିଥିଲା। ତେଣୁ ୨୦୨୮ରେ ଭାରତୀୟ ମାଟିକୁ ଏଫ୧ର ପ୍ରତ୍ୟାବର୍ତ୍ତନ ହେବ କି ନାହିଁ, ଏହି ଟାସ୍କଫୋର୍ସର ରିପୋର୍ଟ ଉପରେ ଏବେ ନଜର।

### ଆଇସିସି ମହିଳା ଟି୨୦ ପ୍ଲେୟର ର୍‌ୟାଙ୍କିଙ୍ଗ

# ପ୍ରଥମ, ଦ୍ୱିତୀୟ ସ୍ଥାନରେ ଭାରତୀୟ ଖେଳାଳି



**ଦୁବାଇ :** ଭାରତ ସ୍ପିନର ଶ୍ରୀ ଚରଣୀ କ୍ୟାରିୟର ଶ୍ରେଷ୍ଠ ରେଟିଂ ପଏଣ୍ଟ ସହ ସଦ୍ୟ ପ୍ରକାଶିତ ଆଇସିସି ମହିଳା ଅନ୍ତର୍ଜାତୀୟ ଟି୨୦ ପ୍ଲେୟର ର୍‌ୟାଙ୍କିଙ୍ଗ ତାଲିକାରେ ତାଙ୍କ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଅନ୍ୟପକ୍ଷରେ ଭାରତର ଦୀପ୍ତି ଶର୍ମା ୪ ସ୍ଥାନ ଉପରକୁ ଉଠି ୨ୟ ସ୍ଥାନ ଅଧିକାର କରିଛନ୍ତି। ଚରଣୀ ଶ୍ରୀଲଙ୍କା ବିପକ୍ଷ ମହିଳା ଟି୨୦ ଏସିଆ କପ୍‌ରେ ୨୦ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ, ଯାହାଫଳରେ ତାଙ୍କ ରେଟିଂ ପଏଣ୍ଟ ୮୦୦ ଅତିକ୍ରମ କରି ୮୦୪ରେ ପହଞ୍ଚିଛି। ଆଇସିସି ର୍‌ୟାଙ୍କିଙ୍ଗରେ ଉଭୟ ବ୍ୟାଟର ଓ ବୋଲରଙ୍କ ପାଇଁ ଜଣେ ଭାରତୀୟ ଭାବେ ସେ ସର୍ବୋଚ୍ଚ ରେଟିଂ ପଏଣ୍ଟ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ମିଥାଲି ରାଜଙ୍କ ନାମରେ ରହିଥିଲା। ମିଥାଲି ୨୦୧୧ରେ ୭୮୦ ରେଟିଂ ପଏଣ୍ଟ ସହ ରେକର୍ଡର ଅଧିକାରୀ ହୋଇଥିଲେ। ୨୦୧୮ ନଭେମ୍ବରରେ ଅନ୍ତର୍ଜାତୀୟ ଟି୨୦ରେ ଜଣେ ମହିଳା ବୋଲର ହିସାବରେ ସର୍ବୋଚ୍ଚ ରେଟିଂ ପଏଣ୍ଟ ହାସଲ କରିବା ରେକର୍ଡ ଅଷ୍ଟ୍ରେଲିଆର ମେଗାନ ସ୍କଟଙ୍କ ନାମରେ ରହିଛି। ଚରଣୀ ତାଙ୍କଠାରୁ ମାତ୍ର ୨ ପଏଣ୍ଟ ପଛରେ ରହିଛନ୍ତି। ଏସିଆ କପ୍‌ରେ ଭାରତ ପକ୍ଷରୁ ଚମତ୍କାର ବୋଲିଂ କରିଥିବା ଦୀପ୍ତି ୪ ସ୍ଥାନ ପଦୋନ୍ନତି ସହ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଟୁର୍ନାମେଣ୍ଟରେ ସେ ସର୍ବାଧିକ ୧୪ ଉଇକେଟ ହାସଲ କରିଥିବା ବୋଲର। ଟୁର୍ନାମେଣ୍ଟରେ ସିମ୍ ବୋଲର ନନ୍ଦିନୀ ଶର୍ମା ମଧ୍ୟ ଭଲ ବୋଲିଂ କରିଥିଲେ। ସେ ୧୦ ସ୍ଥାନ ଉପରକୁ ଉଠି ୯୪ତମ ସ୍ଥାନ ଅଧିକାର କରିଥିବା ବେଳେ ଲେଗସ୍ପିନର ପ୍ରେମା ରାୱତ ୫୦ ସ୍ଥାନ ପଦୋନ୍ନତି ସହ ୯୬ତମ ସ୍ଥାନରେ ରହିଛନ୍ତି। ଏସିଆ କପ୍ ସେମିଫାଇନାଲରେ ୬୪ ଏବଂ ଫାଇନାଲରେ ୬୮ରନ ସମେତ ମୋଟ ୨୩୬ ରନ ସହ ଅଗ୍ରଣୀ ସ୍କୋରର ବିବେଚିତ ଶେଫାଳି ବର୍ମାଙ୍କ ରେଟିଂ ପଏଣ୍ଟ ୭୪୧ରେ ପହଞ୍ଚିଛି। ୨୦୨୧ ଅକ୍ଟୋବର ପରେ ଏହା ସର୍ବାଧିକ। ସେ ବର୍ତ୍ତମାନ ସାଥୀ ଖେଳାଳି ସ୍ମୃତି ମନ୍ଧାନାଙ୍କଠାରୁ ମାତ୍ର ଗୋଟିଏ ସ୍ଥାନ ଏବଂ ୪ ରେଟିଂ ପଏଣ୍ଟ ପଛରେ ରହିଛନ୍ତି। ମନ୍ଧାନା ମ୍ୟାଚରେ ୫ଟି ଇନିଂସ ଖେଳି ୨୧୩ରନ କରିଥିବା ବେଳେ ୭୪୫ ପଏଣ୍ଟ ସହ ୫ମ ସ୍ଥାନରେ ରହିଛନ୍ତି। ଶେଫାଳିଙ୍କର ଆହୁରି ମଧ୍ୟ ଅଲରାଉଣ୍ଡର ର୍‌ୟାଙ୍କିଙ୍ଗରେ ୫ ସ୍ଥାନ ପଦୋନ୍ନତି ଘଟିଛି। ସେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୨୨୧ ରେଟିଂ ପଏଣ୍ଟ ସହ ୧୫ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085(News)

ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra





# ଭାଷା ହେଉଛି ଆମ ଐତିହ୍ୟ, ପରମ୍ପରା ଓ ପରିଚୟର ଜୀବନ୍ତ ପ୍ରତିଛବି




**ଭୁବନେଶ୍ୱର (ବ୍ୟୁରୋ) :** ଭାଷା ହେଉଛି ଆମ ଐତିହ୍ୟ, ପରମ୍ପରା ଓ ପରିଚୟର ଜୀବନ୍ତ ପ୍ରତିଛବି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ଅବହେଳା ଚାଲିଥିବା ହେତୁ ତାହା ଅମପ୍ରତି ବିପଦ ସୃଷ୍ଟି କରୁଛି ବୋଲି ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଉଦବେଗ ପ୍ରକାଶ ପାଇଛି। ଆଜି ଭୁବନେଶ୍ୱରର ଗୀତ ଗୋବିନ୍ଦ ସଦନରେ 'ମା ଓ ମାତୃଭାଷା' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ଏହି ପରିପେକ୍ଷୀରେ ବିଶ୍ୱ ଓଡ଼ିଆ ପରିବାର ଅଧକ୍ଷ ସଜ୍ଜନ ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ର ରେ ବକ୍ତା ମାନେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସଙ୍କଳ୍ପ ନେଇ ଥିଲେ। ଆଲୋଚନା ଚକ୍ରରେ ବକ୍ତା ଗଁ କହିଛନ୍ତି ଯେ,ଭାଷା ସେତେବେଳେ ବଂଚି ରହେ, ଯେତେବେଳେ ଏହା କେବଳ ପୁସ୍ତକରେ ନୁହେଁ, ଆମ ଘରେ, ଆମ କଥାରେ, ଆମ ସୃଜନଶୀଳତାରେ ଓ ଆମ ଆଗାମୀ ପିଢ଼ିର ଜୀବନରେ ବଂଚି ରହେ। ସବୁଠାରୁ ବଡ଼ କଥା, ନିଜ ଭାଷା କହିବାରେ ଗର୍ବ ଅନୁଭବ କରିବା।ଭାଷାକୁ କେବଳ ଅତୀତର ଐତିହ୍ୟ ଭାବେ ନୁହେଁ, ଭବିଷ୍ୟତର ଜ୍ଞାନ ଓ ରୋଜଗାରର ମାଧ୍ୟମ ଭାବେ ବିକଶିତ କରିବା। ମନେ ରଖିବା ଦରକାର—ଭାଷାକୁ ସରକାର ଏକାକୀ ସୁରକ୍ଷା କରିପାରିବ ନାହିଁ। ପରିବାର, ଶିକ୍ଷକ, ଛାତ୍ର, ସାହିତ୍ୟିକ, କଳାକାର, ଗଣମାଧ୍ୟମ ଓ ସମାଜର ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ସ୍ତରରେ ଭାଷାକୁ ବ୍ୟବହାର କଲେ ହିଁ ଭାଷା ଜୀବନ୍ତ ଓ ସମୃଦ୍ଧ ରହିପାରିବ। ଆମର ପ୍ରିୟ ଓଡ଼ିଆ ଭାଷା, ଜାଣତ ବା ଅଜାଣତରେ ବିକୃତ ଓ ପତନ ଆଡକୁ ଅଗ୍ରସର ହେଉଛି। ଘରେ ଓଡ଼ିଆର ବ୍ୟବହାର ହ୍ରାସ ପାଉଛି। ସମସ୍ତ ସୂଚନା (ନିମନ୍ତ୍ରଣ ଓ ବିଜ୍ଞାପନରେ) ବିଦେଶୀ ଭାଷାର ଆଧିପତ୍ୟ ବଢି ବଢି ଚାଲିଛି। ଯାହା ପରାଧୀନତା ବେଳେ ସମ୍ଭବ ହୋଇ ନଥିଲା ତାହା ଏବେ ସମ୍ଭବ ହୋଇପାରୁଛି। ସହରୀ ଜୀବନ ଆମଠାରୁଁ ଭାଷା, ସଂସ୍କୃତି ଓ ପରମ୍ପରା ଛଡାଇ ନେଇଛି।ଏହି ଅବସରରେ ଆମର ପୂର୍ବପୁରୁଷମାନଙ୍କ ସଂଘର୍ଷ ଓ ବଳିଦାନକୁ ସ୍ମରଣ କରିବାକୁ ନିବେଦନ କରାଯିବା ସହିତ ଗହ୍ମା ପୁନେଇଁ ଦିନ ରକ୍ଷାସୂତ୍ର ବାନ୍ଧିବା ସଂକଳ୍ପ ନେବା ପାଇଁ ସ୍ଥିର କରାଯାଇଛି। ଏହା ସହିତ ଏଣିକି ଓଡିଆରେ ସ୍ୱାକ୍ଷର କରିବା, ସମସ୍ତ ସୂଚନା (ନିମନ୍ତ୍ରଣ ଓ ବିଜ୍ଞାପନ ଓଡ଼ିଆରେ) ପ୍ରଦାନ କରିବା ଏବଂ ଆମ ଭାଷା ଓ ସଂସ୍କୃତି ସୁରକ୍ଷା, ଆମ ପବିତ୍ର କର୍ତ୍ତବ୍ୟ ବୋଲି ଶପଥ ନେବାକୁ ବିଶ୍ୱ ଓଡ଼ିଆ ପରିବାରର ଅଧକ୍ଷ ସଜ୍ଜନ ଶର୍ମା ଆହ୍ୱାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ଅନେକ ବିଶିଷ୍ଟ ସାହିତ୍ୟିକ, ଭାଷାବିତ୍, ବୁଦ୍ଧିଜୀବୀ ଓ ଶିକ୍ଷାବିତମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଓଡ଼ିଆ ମାତୃଭାଷାର ସୁରକ୍ଷା, ପ୍ରସାର ଏବଂ ନବପିଢ଼ି ମଧ୍ୟରେ ଏହାର ଆଦୃତି ବୃଦ୍ଧି କରିବା। ମୁଖ୍ୟବକ୍ତା ତଥା ବହୁଭାଷୀ କବି ସଞ୍ଜୟ ରଥ ନିଜ ବକ୍ତବ୍ୟରେ ଦର୍ଶାଇଥିଲେ ଯେ, ଜନ୍ମଦାତ୍ରୀ ମାଆ ଏବଂ ମାତୃଭାଷାର ସ୍ଥାନ ଜୀବନରେ ସର୍ବୋପରି ଅଟେ। ପିଲାମାନଙ୍କର ପ୍ରାଥମିକ ଶିକ୍ଷା ଓ ଚିନ୍ତାଧାରାର ବିକାଶ କେବଳ ମାତୃଭାଷା ମାଧ୍ୟମରେ ହିଁ ସଠିକ୍ ଭାବେ ହୋଇପାରିବ ବୋଲି ମୁଖ୍ୟ ଅତିଥି ବରିଷ୍ଠ ସାମ୍ବାଦିକ ଓ ସ୍ତମ୍ଭକାର ଶ୍ରୀରାମ ଦାଶ ମତବ୍ୟକ୍ତ କରିଥିଲେ। ଆଧୁନିକ ସମାଜରେ ଇଂରାଜୀ ଭାଷାର ପ୍ରଭାବ ସତ୍ତ୍ୱେ ନିଜ ଓଡ଼ିଆ ଭାଷାର ଗାରିମାକୁ ବଜାୟ ରଖିବା ପାଇଁ ଏହି ସଭାରେ ଆହ୍ୱାନ ଦିଆଯାଇଥିଲା। ଆଲୋଚନାଚକ୍ରରେ ବିଶିଷ୍ଟ କଣ୍ଠଶିଳ୍ପୀ ସୁସ୍ମିତା ଦାଶ, ଡକ୍ଟର କିଶୋରେ ମହାନ୍ତି, ସୁଧୀର ଦାସ ସୁରେଶ ଚନ୍ଦ୍ର ସାମନ୍ତରାୟ, ସ୍ତମ୍ଭକାର ଜୟଶ୍ରୀ ମହାପାତ୍ର, ମଞ୍ଜୁଶ୍ରୀ ବରାଳ, ଆଶୁ କବି ହେମନ୍ତ ଜେନାଙ୍କୁ, ବାବାଜୀ ମହାନ୍ତ, ବିଶ୍ୱପ୍ରସାଦ ଆଚାର୍ଯ୍ୟଙ୍କୁ ସମ୍ମାନନୀତ କରାଯାଇଥିଲା। ସଂଗୀତା ଦାସ, ଶକୁନ୍ତଳା ମହାରଣା, ଦ୍ରୋପଦୀ ପଟେଲ, ସୁପ୍ରିୟା ଶତପଥି, ବିଜୟଲକ୍ଷ୍ମୀ ପ୍ରହରାଜ, ମଞ୍ଜୁଶ୍ରୀ ବରାଳ, କୃଷ୍ଣଚନ୍ଦ୍ର ମିଶ୍ର, ଡ଼କ୍ଟର ବଂଶୀଧର ଦାସ, ନିରଞ୍ଜନ ମିଶ୍ର, ଅଞ୍ଜନ ଦେବତା ନିଜନିଜର ମତ ରଖିଥିଲେ। ବିଶ୍ୱ ଓଡ଼ିଆ ପରିବାରର ପରିଚାଚଳା ମୁଖ୍ୟ ଭବାନୀ ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ସୁଜିତ ଦାସ, ସୁବ୍ରତ କିଶୋରେ ନାୟକ, ଡକ୍ଟର ହାଡିବନ୍ଧୁ ପାଣିଗ୍ରାହୀ,ଅକ୍ଷୟ ବଳିୟାର ସିଂହ, ପ୍ରଦୀପ ସାହୁ ସାହୁ, ଶ୍ରୀମତୀ ସ୍ୱାଗତିକ ଧଳ ଓ ସୁରେଶ କୁମାର ସାହୁ ଆଦି ଉପସ୍ଥିତ ଥିଲେ।

## ଓଇଏସ୍‌ର ଆଲୋଚନାଚକ୍ର
# ସୁସ୍ଥ ପରିସଂସ୍ଥା ପାଇଁ ପରାଗସଙ୍ଗମକାରୀ ଅତ୍ୟାବଶ୍ୟକ

**ଭୁବନେଶ୍ୱର (ବ୍ୟୁରୋ) :** ଜଙ୍ଗଲ କ୍ଷୟ, ଖଣି ଖନନ, ଶିଳ୍ପାୟନ, ପ୍ରଦୂଷଣ, କୀଟନାଶକର ଅତ୍ୟଧିକ ବ୍ୟବହାର, ସହରୀକରଣ ଏବଂ ଜଳବାୟୁ ପରିବର୍ତ୍ତନ ଭଳି କ୍ଷତିକାରକ ମାନବ କାର୍ଯ୍ୟକଳାପ ଯୋଗୁଁ ପ୍ରାକୃତିକ ପରିବେଶର ଅବନତି ବୃଦ୍ଧି ପାଉଛି। ଏହାର ଏକ ଗୁରୁତ୍ୱପୂର୍ଣ୍ଣ ପରିଣାମ ହେଉଛି ଉପକାରୀ କୀଟପତଙ୍ଗ ଏବଂ ପକ୍ଷୀମାନଙ୍କର ହ୍ରାସ, ବିଶେଷକରି ମହୁମାଛି, ପ୍ରଜାପତି, ପତଙ୍ଗ, ଭଅଁର ଏବଂ କିଛି ମାଛିଙ୍କ ପରି ପରାଗସଙ୍ଗମକାରୀଙ୍କର। ଏହି ପ୍ରାଣୀମାନେ ସୁସ୍ଥ ପରିସଂସ୍ଥା ବଜାୟ ରଖିବା ଏବଂ କୃଷି ଉତ୍ପାଦନକୁ ସମର୍ଥନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ପରାଗକ କୀଟପତଙ୍ଗମାନେ ଗୋଟିଏ ଫୁଲରୁ ଅନ୍ୟ ଫୁଲକୁ ପରାଗ ସ୍ଥାନାନ୍ତର କରନ୍ତି, ଯାହା ଫଳରେ ଗଛଗୁଡ଼ିକ ଫଳ ଏବଂ ମଞ୍ଜି ଉତ୍ପାଦନ କରିପାରିବେ। ଫଳ, ପନିପରିବା, ବାଦାମ ଏବଂ ତୈଳବୀଜ ସମେତ ବହୁ ସଂଖ୍ୟକ ଖାଦ୍ୟ ଫସଲ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଭାବରେ କୀଟପତଙ୍ଗ ପରାଗଣ ଉପରେ ନିର୍ଭର କରେ। ତେଣୁ, ପରାଗକଙ୍କ ହ୍ରାସ ସିଧାସଳଖ ପରିବେଶ ସ୍ଥିରତା, ଖାଦ୍ୟ ଉତ୍ପାଦନ ଏବଂ ଜୈବବିବିଧତାକୁ ପ୍ରଭାବିତ କରେ। ପରିବେଶ ଅବକ୍ଷୟକୁ ରୋକିବା ଏବଂ କୀଟପତଙ୍ଗ ଅନୁକୂଳ ବାସସ୍ଥଳୀ ସୃଷ୍ଟି କରିବା ପରାଗକମାନଙ୍କୁ ସୁରକ୍ଷା ଦେବା ଏବଂ ଏକ ସୁସ୍ଥ ଓ ସ୍ଥାୟୀ ପରିବେଶ ସୁନିଶ୍ଚିତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଓଡ଼ିଶା ପରିବେଶ ସମିତି ଦ୍ୱାରା ଏହାର ସମ୍ମିଳନୀ କକ୍ଷରେ ପରିବେଶ ଅବକ୍ଷୟ-ପରାଗସଙ୍ଗମ ଉପରେ ପ୍ରଭାବ ବିଷୟବସ୍ତୁ ଉପରେ ଆୟୋଜିତ ଏକ ଆଲୋଚନାଚକ୍ରରେ ପରିବେଶ ବିଶେଷଜ୍ଞମାନେ ଏପରି ମତ ପ୍ରକାଶ କରିଛନ୍ତି। ଓଇଏସ୍ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ଓୟୁଏଟିର ପୂର୍ବତନ ପ୍ରଫେସର ତଥା ଏମେରିଟସ୍ ବୈଜ୍ଞାନିକ ଡ. ଚିତ୍ତରଞ୍ଜନ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ପ୍ରଫେସର ଶତପଥୀ ମତବ୍ୟକ୍ତ କରିଥିଲେ ଯେ ଜଙ୍ଗଲ, ତୃଣଭୂମି ଏବଂ ଫୁଲଗଛସବୁର ବିନାଶ ଫଳରେ ପରାଗସଙ୍ଗମରେ ସହାୟକ ହେଉଥିବା ଜୀବମାନଙ୍କର ପ୍ରାକୃତିକ ଆବାସସ୍ଥଳୀ ଓ ଖାଦ୍ୟ ଉତ୍ସ ହ୍ରାସ ପାଇଥାଏ। ରାସାୟନିକ କୀଟନାଶକର ଅତ୍ୟଧିକ କିମ୍ବା ଅନୁଚିତ ବ୍ୟବହାର ଦ୍ୱାରା କ୍ଷତିକାରକ କୀଟ ସହିତ ଉପକାରୀ କୀଟମାନେ ମଧ୍ୟ ମୃତ୍ୟୁବରଣ କରିଥାନ୍ତି। ଏହାବ୍ୟତୀତ, ବାୟୁ ଓ ଜଳ ପ୍ରଦୂଷଣ କୀଟମାନଙ୍କ ସ୍ୱାସ୍ଥ୍ୟ ଏବଂ ପ୍ରଜନନ ପ୍ରକ୍ରିୟାକୁ ମଧ୍ୟ ବାଧାପ୍ରାପ୍ତ କରିପାରେ। ସେ ଆହୁରି ମତବ୍ୟକ୍ତ କରିଥିଲେ ଯେ ଜଳବାୟୁ ପରିବର୍ତ୍ତନ ଫୁଲ ଫୁଟିବା ସମୟ ଏବଂ କୀଟପତଙ୍ଗ ଜୀବନଚକ୍ରକୁ ମଧ୍ୟ ପ୍ରଭାବିତ କରେ, କେତେକ ସମୟରେ ଉଦ୍ଭିଦ ଏବଂ ସେମାନଙ୍କର ପରାଗକ ମଧ୍ୟରେ ସମନ୍ୱୟର ଅଭାବ ଘଟେ। ଜନସଚେତନତା ଏବଂ ସଂରକ୍ଷଣ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରି ଡ. ପାତ୍ର କହିଥିଲେ ଯେ କୃଷକମାନେ ସ୍ଥାୟୀ ପରିବେଶଗତ ଅଭ୍ୟାସସବୁକୁ କାର୍ଯ୍ୟକାରୀ କରିପାରିବେ, ସମନ୍ୱିତ କୀଟପତଙ୍ଗ ପରିଚାଳନା ମାଧ୍ୟମରେ କୀଟନାଶକ ବ୍ୟବହାର ହ୍ରାସ କରିପାରିବେ ଏବଂ ସୁରକ୍ଷିତ, ଲକ୍ଷ୍ୟଭେଦିତ ବିକଳ୍ପ ଗ୍ରହଣ କରିପାରିବେ। କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ଫୁଲଗଛ ଲଗାଇବା, ଗୁଳ୍ମବାଡ଼ର ରକ୍ଷଣାବେକ୍ଷଣ, ଜଙ୍ଗଲ ସୁରକ୍ଷା ଏବଂ ପରାଗକ-ଅନୁକୂଳ ଉଦ୍ୟାନ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା କୀଟପତଙ୍ଗମାନଙ୍କୁ ଖାଦ୍ୟ ଏବଂ ଆଶ୍ରୟ ଯୋଗାଇପାରିବ।

# ବିଜେପି ସମବାୟ ପ୍ରକୋଷ୍ଠ ପକ୍ଷରୁ ସେବା ସଂକଳ୍ପ ଅଭିଯାନ ପାଇଁ ପ୍ରସ୍ତୁତି ବୈଠକ
## 'ସେବା ସଂକଳ୍ପ ଅଭିଯାନ'କୁ ଜନ ଆନ୍ଦୋଳନରେ ପରିଣତ କରୁ ସମବାୟ ପ୍ରକୋଷ୍ଠ : ମନମୋହନ




**ଭୁବନେଶ୍ୱର (ବ୍ୟୁରୋ) :** ଆମ ସମସ୍ତଙ୍କର ପ୍ରେରଣାର କେନ୍ଦ୍ରବିନ୍ଦୁ ତଥା ବିଶ୍ୱର ଅଦ୍ୱିତୀୟ ନେତା ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅକ୍ଟୋବର ୧୭ ତାରିଖ ଦିନ ଜନସେବା ଏବଂ ସମର୍ପଣର ୨୫ ବର୍ଷ ପୂରଣ କରିବେ। ଏନେଇ ତାଙ୍କ ଜନ୍ମଦିବସ ଆସନ୍ତା ୧୭ ସେପ୍ଟେମ୍ବରରୁ ଆରମ୍ଭ ହୋଇ ୧୭ ଅକ୍ଟୋବର ପର୍ଯ୍ୟନ୍ତ ଏକ ମାସ ବ୍ୟାପୀ "ସେବା ସଂକଳ୍ପ ଅଭିଯାନ" ପାଳନ କରାଯିବ। ମୋଦିଜୀ ନିରନ୍ତର ଭାବେ ଗତ ୨୫ ବର୍ଷ ଧରି ଯେଉଁଭଳି ଗୁଜୁରାଟର ମୁଖ୍ୟମନ୍ତ୍ରୀ ଓ ଦେଶର ପ୍ରଧାନମନ୍ତ୍ରୀଭାବେ ସୁଶାସନ ଦେଇଛନ୍ତି, ତାହା କୌଣସି ଛୋଟିଆ ଅବଧି ନୁହେଁ। ସେଥିରୁ ପ୍ରେରଣା ନେଇ ଓଡ଼ିଶାରେ 'ସେବା ସଂକଳ୍ପ ଅଭିଯାନ'କୁ ଏକ ବୃହତ୍ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ବିଜେପି ସମବାୟ ପ୍ରକୋଷ୍ଠ ପ୍ରମୁଖ ଭୂମିକା ଗ୍ରହଣ କରୁ ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ସମବାୟବିତ୍‌ମାନଙ୍କୁ ଆହ୍ୱାନ ଦେଇଛନ୍ତି। ଭାରତବର୍ଷର ଶାସନଭାର ଦାୟିତ୍ୱ ନେଲାପରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ଚାଷୀଙ୍କ ରୋଜଗାରକୁ ଦ୍ୱିଗୁଣିତ କରିବା ପାଇଁ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ପିଏମ୍ କିଷାନ ସମ୍ମାନନିଧି ଯୋଜନାରେ ପ୍ରତିବର୍ଷ ମୋଦୀ ସରକାର ୬୦୦୦ ଟଙ୍କା ଚାଷୀଙ୍କ ଆକାଉଂଟକୁ ଡିବିଟି ମାଧ୍ୟମରେ ପଠାଇ ସେମାନଙ୍କ ମେରୁଦଣ୍ଡକୁ ସୁଦୃଢ଼ କରିଛନ୍ତି। ଏଥିସହ ବୁଣାକାରମାନଙ୍କ ବିକାଶ ତଥା "ବୁଣାକାର ବୀମା" ଯୋଜନା, ମତ୍ସ୍ୟଜୀବୀଙ୍କ ବିକାଶ ପାଇଁ "ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦା" ଯୋଜନା, ଗୋଚାଷୀମାନଙ୍କୁ ସମୃଦ୍ଧ କରିବା ପାଇଁ "କାମଧେନୁ" ଯୋଜନା ମାଧ୍ୟମରେ ସମବାୟ ଏକ ପ୍ରମୁଖ ଭୂମିକା ଗହଣ କରିଛି। ମୋଦିଜୀଙ୍କ ନେତୃତ୍ୱରେ ଏବଂ କେନ୍ଦ୍ରୀୟ ସମବାୟମନ୍ତ୍ରୀ ଶ୍ରୀ ଅମିତ୍ ଶାହଙ୍କ ସଫଳ ଦିଗ୍‌ଦର୍ଶନରେ ସମବାୟ କ୍ଷେତ୍ରରେ ଆଜି ଏକ ନୂଆ ଉତ୍ସାହ ଓ ଉଦ୍ଦିପନା ତଥା ବୈପ୍ଳବିକ ପରିବର୍ତ୍ତନ ଆସିଛି ବୋଲି "ସେବା ସଂକଳ୍ପ ଅଭିଯାନ" ଉପଲକ୍ଷେ ବିଜେପି ସମବାୟ ପ୍ରକୋଷ୍ଠ ତରଫରୁ ଆୟୋଜିତ ପ୍ରସ୍ତୁତି ବୈଠକରେ ବିଜେପି ରାଜ୍ୟ ସଭାପତି ତଥା ରାଜ୍ୟ ସଭା ସାଂସଦ ଶ୍ରୀ ମନମୋହନ ସାମଲ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଓଡ଼ିଶା ବିଜେପି ପ୍ରକୋଷ୍ଠ ସମୂହର ରାଜ୍ୟ ସହ ପ୍ରଭାରୀ ଶ୍ରୀ ସୁଦୀପ୍ତ ରାୟ କହିଛନ୍ତି ଯେ, ମୋଦିଜୀଙ୍କ ଲମ୍ବା ସମୟର ଜନକଲ୍ୟାଣକାରୀ ନୀତି, ଓଡିଶା ପ୍ରତି ତାଙ୍କ ଭଲ ପାଇବା ତଥା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପ୍ରତି ତାଙ୍କର ଆବେଗପୂର୍ଣ୍ଣ ଭକ୍ତି ପାଇଁ ତାଙ୍କ ଜନ୍ମଦିନରେ କୃତଜ୍ଞତା ଜ୍ଞାପନ କରିବା ପାଇଁ ୧୩ ଗୋଟି ପ୍ରମୁଖ ସେବା ଦାୟିତ୍ୱ ଦଳ ତରଫରୁ ନିଆଯାଇଛି। ତାହାକୁ ନିଷ୍ଠାର ସହ ଜିଲ୍ଲା ଓ ମଣ୍ଡଳସ୍ତରର କର୍ମକର୍ତ୍ତାମାନେ ପାଳନ କରିବା ପାଇଁ ଶ୍ରୀ ରାୟ କହିଥିଲେ। ସମବାୟ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ଶ୍ରୀ ଶ୍ରୀରଞ୍ଜନ ମଙ୍ଗରାଜ କହିଛନ୍ତି ଯେ, ଆସନ୍ତା ୧୭ ତାରିଖ ଦିନ ବିଜେପି ସମବାୟ ପ୍ରକୋଷ୍ଠ ତରଫରୁ ଓଡ଼ିଶାର ୧୮ଗୋଟି ଶୀର୍ଷ ସମବାୟ ସଂସ୍ଥା ଓ ୧୭ଗୋଟି ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ତଥା ଗ୍ରାମାଂଚଳର ସମସ୍ତ ପ୍ୟାକ୍ସ ଓ ଲ୍ୟାମ୍ପର ମୁଖ୍ୟ କାର୍ଯ୍ୟାଳୟଗୁଡ଼ିକରେ ସ୍ଥାନୀୟ ସମବାୟବିତ୍ ଓ ଚାଷୀମାନଙ୍କୁ ନେଇ ଆଶୀର୍ବାଦର ଦୀପ ପ୍ରଜ୍ୱଳନ କରାଯିବ। ସେହିପରି ସେବା ସଂକଳ୍ପର ବାର୍ତ୍ତାକୁ ତଳସ୍ତରରେ ପହଁଚାଇବା ପାଇଁ 'ପରିବର୍ତ୍ତନର କାହାଣୀ' କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ଲାଭାର୍ଥୀମାନଙ୍କ ଘରକୁ ଘର ଯାଇ ଭିଡିଓ ବାର୍ତ୍ତା ଜରିଆରେ ହିତାଧିକାରୀମାନଙ୍କ ଅଭିଜ୍ଞତାକୁ ଦେଶବାସୀଙ୍କୁ ଅବଗତ କରାଇବା ପାଇଁ ସମବାୟ ପ୍ରକୋଷ୍ଠ କାର୍ଯ୍ୟ କରିବ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉପସଭାପତି ଅଶୋକ ମିଶ୍ର, ପୂର୍ବତନ ସମବାୟ ମନ୍ତ୍ରୀ ଅରବିନ୍ଦ ଢ଼ାଲି, ପୂର୍ବତନ ସମବାୟ ନିବନ୍ଧକ ସୁଦର୍ଶନ ନାୟକ, ପୂର୍ବତନ ସାଂସଦ ମୁକ୍ତିକାନ୍ତ ମଣ୍ଡଳ, ପବିତ୍ର ମୋହନ ଦାସ, ଅକ୍ଷୟ କୁମାର ମହାନ୍ତି, ସ୍ତମ୍ଭକାର ପ୍ରତାପ ସାମଲ, ଇଂ. ଅଜୟ ସାହୁ, କଲ୍ୟାଣ କୁମାର ଚାଟାର୍ଜୀ, ଶ୍ରୀଧର ବେହେରା, ସୁଧାଂଶୁ ଶେଖର ବଡ଼ ଜେନା, ପ୍ରଶାନ୍ତ ନାୟକ, ଆଶିଷ ପାତ୍ର, ସର୍ବେଶ୍ୱର ମହାନ୍ତି, ରଶ୍ମି ମହାପାତ୍ର, ଗଣେଶ ପ୍ରସାଦ ମହାପାତ୍ର, ରାଜ କିଶୋର ଆଚାର୍ଯ୍ୟ, ସରୋଜ କୁମାର ସାହୁ, ଚିତ୍ରଲେଖା ମହାନ୍ତି, ପ୍ରଦୀପ ଦାସ ଓ ବନ୍ଦନା ଦାସଙ୍କ ସମେତ ପ୍ରମୁଖ ସମବାୟ ପ୍ରେମୀ ଯୋଗଦେଇଥିଲେ।

# ଯୋଗନିଦ୍ରା ଓ ମାନସିକ ଚାପହ୍ରାସ କୌଶଳ ତାଲିମ ଶିବିର



**ଭୁବନେଶ୍ୱର (ବ୍ୟୁରୋ) :** ବର୍ତ୍ତମାନ ସାମାଜିକ ସ୍ଥିତି କାରଣରୁ ଅଧିକାଂଶ ବ୍ୟକ୍ତି ମାନସିକ ଚାପହେତୁ ଆବଶ୍ୟକ ପରିମାଣର ନିଦ୍ରା ଅଭାବ ଜନିତ ସମସ୍ୟାରେ ଜର୍ଜରିତ। ନିଦ୍ରା ଶରୀରକୁ ପୁନଃନବୀକରଣ ଶକ୍ତି ଯୋଗାଉଥିବାରୁ ଏହାର ଅଭାବହେତୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଅନେକ ରୋଗ ସୃଷ୍ଟି ହେଉଛି ବୋଲି ଋଷି ଚୈତନ୍ୟ ଟ୍ରଷ୍ଟର ପ୍ରତିଷ୍ଠାତ୍ରୀ ଆନନ୍ଦମୂର୍ତ୍ତି ଗୁରୁମା କହିଛନ୍ତି। ଭୁବନେଶ୍ୱର ନିଳାଦ୍ରୀ ବିହାରଠାରେ ଏକ ଯୋଗନିଦ୍ରା ତାଲିମ କାର୍ଯ୍ୟକ୍ରମ ପରିଚାଳନା ଅବସରରେ ଉତ୍ତମ ସ୍ୱାସ୍ଥ୍ୟ ନିମିତ୍ତ ଯୋଗନିଦ୍ରାକୁ ଏକ ଅବ୍ୟର୍ଥ ଉପାୟ କହି ଏହାର ଅଭ୍ୟାସ ସମ୍ପର୍କରେ ବିସ୍ତୃତ ସୂଚନା ଓ କୌଶଳ ବର୍ଣ୍ଣନା କରିଛନ୍ତି। ମନରୁ ଚାପ ନିୟନ୍ତ୍ରଣ କରିବା, ମନ ଓ ଶରୀରକୁ ଶାନ୍ତ ରଖିବା, ମାନସିକ ଉଦ୍ବେଗ ହ୍ରାସ କରିବା ଆଦି ଉଦ୍ଦେଶ୍ୟରେ ଏହି ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ନାଲକୋର ବହୁ ବରିଷ୍ଠ ଅଧିକାରୀ, ପ୍ରଶାସକ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀ, ଚିକିତ୍ସକ, ବ୍ୟବସାୟୀ, ସାଧାରଣ ଜନତା ବହୁସଂଖ୍ୟାରେ ଯୋଗ ଦେଇଥିଲେ। ପୂର୍ବରୁ ଏହି କାର୍ଯ୍ୟକ୍ରମ ସହିଦନଗର, ଫୁଲନଖରା, କଟକର କେତେକ ସ୍ଥାନରେ ଆୟୋଜିତ ହୋଇଥିବାର ସୂଚନା ଆୟୋଜକ କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ।

# ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ପ୍ରଥମ ସାଧାରଣ ବୈଠକ



ଭୁବନେଶ୍ୱର (ବ୍ୟୁରୋ) : ଆଜି ଓଡିଶା ଦୁର୍ନୀତି ସଂଘର୍ଷ ମଞ୍ଚର ଏ ବର୍ଷର ପ୍ରଥମ ସାଧାରଣ ବୈଠକ ମଞ୍ଚର ଅଧକ୍ଷ ଇଂ ଜଗବନ୍ଧୁ ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଆୟୋଜନ ଭୁବନେଶ୍ୱର ସ୍ଥିତ ବରମୁଣ୍ଡା କାଳୀ ମନ୍ଦିରରେ ଅନୁଷ୍ଠିତ ହୋଇଥିଲା। ବୈଠକର ଅଧକ୍ଷଙ୍କ ସହିତ ଉପଦେଷ୍ଟା ଓ ପ୍ରଥମ ଅଧକ୍ଷ ଶ୍ରୀଯୁକ୍ତ ଉମା ଚରଣ ମିଶ୍ର, ସାଧାରଣ ସମ୍ପାଦକ ଅମୀର ପ୍ରସାଦ ସାହୁ, ତିନି ଉପାଧକ୍ଷ ଇଂ ବଂଶୀଧର ପାଢ଼ୀ ଓ ଓକିଲ ସୁଧୀର ଚରଣ ମହାନ୍ତି, ଶ୍ରୀଯୁକ୍ତ ଅଜୟ କୁମାର ମିଶ୍ର, ଏବଂ କୋଷାଧକ୍ଷ ଶ୍ରୀମତୀ ଉପାସନା ରାଓ ମଞ୍ଚାସୀନ ଥିଲେ। ବୈଠକରେ ସ୍ୱ-ପରିଚୟ ପରେ ସାଧାରଣ ସମ୍ପାଦକ ପୂର୍ବ ବୈଠକ ବିବରଣୀ ପାଠ କରିବା ସହ ସଙ୍ଗଠନ ମଜଭୁତ କରିବା ପାଇଁ ସମସ୍ତଙ୍କୁ ପ୍ରଚେଷ୍ଟା କରିବା ପାଇଁ ବକ୍ତବ୍ୟ ରଖିଥିଲେ। ଉପଦେଷ୍ଟା ସାରା ରାଜ୍ୟରେ ସବୁ ଜିଲ୍ଲା ଓ ଉପଜିଲ୍ଲାରେ ଶାଖା ଖୋଲିବା ପାଇଁ ମତ ରଖିଥିଲେ। ଅଧକ୍ଷ ନିଜ ଜୀବନର ସାଧୁତା ଉପରେ ବକ୍ତବ୍ୟ ରଖି କହିଥିଲେ ସାଧୁତାର ସହ ବଞ୍ଚିବା ଏକ କଷ୍ଟକର ବା ଦୁଃଖଦ ବ୍ୟାପାର ନୁହେଁ। ଅନ୍ୟ ସମସ୍ତେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ମଞ୍ଚର ସମସ୍ତ ଶାଖାର ସମୃଦ୍ଧି ଉପରେ ସ୍ୱତନ୍ତ୍ର ଆଲୋଚନା ହୋଇଥିଲା। ମଞ୍ଚର ବାରିପଦା ଶାଖା ସଭାପତି ମୁକ୍ତେଶ୍ୱର ଜୀଉ ଓ ବାଲେଶ୍ୱର ଶାଖା ସମ୍ପାଦକ ମହେଶ୍ୱର ପ୍ରଧାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଗଲା ସେମାନଙ୍କର ଶାଖାରୁ ଅଧିକ ସଂଖ୍ୟକ ସଦସ୍ୟ ଉପସ୍ଥିତ ହୋଇଥିବା ଓ କାର୍ଯ୍ୟ ଦକ୍ଷତା ନିମନ୍ତେ। ମଞ୍ଚର କାର୍ଯ୍ୟକ୍ରମରେ ଖୁସି ହୋଇ ପାଞ୍ଚ ଜଣ, ଯଥା - ଧନେଶ୍ୱର ସାହୁ, ଅବସରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ, ପଞ୍ଜାବ ଜାତୀୟ ବ୍ୟାଙ୍କ, ସର୍ବେଶ୍ୱର ବରାଳ, ଅବସରପ୍ରାପ୍ତ ଉପ ମହାପ୍ରବନ୍ଧକ, ଇଡିକୋ, କିଶୋର କୁମାର ମିଶ୍ର, ଅବସରପ୍ରାପ୍ତ ସହକାରୀ ମହାପ୍ରବନ୍ଧକ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚିତ୍ତରଞ୍ଜନ ରାଉତ, ଡଃ ନବୀନ ଚନ୍ଦ୍ର ମହାପାତ୍ର, ପୂର୍ବତନ ଆଇନ ସଦସ୍ୟ, ଓଡ଼ିଆ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗ ଆଜୀବନ ସଦସ୍ୟ ହୋଇଥିଲେ।

# ନିୟମଗିରି ସୁରକ୍ଷା ସମିତିର ନେତା ଲଦ ସିକ୍କାଙ୍କ ଗିରଫଦାରୀକୁ ସିପିଡିଆରଏସ ପକ୍ଷରୁ ତୀବ୍ର ନିନ୍ଦା

**କଟକ (ବ୍ୟୁରୋ) :** ନିୟମଗିରି ସୁରକ୍ଷା ସମିତିର ଅନ୍ୟତମ ତୁଙ୍ଗ ନେତା ଶ୍ରୀ ଲଦ ଶିକ୍କା ଙ୍କୁ କଲ୍ୟାଣସିଂହପୁର ନିକଟରୁ ପୋଲିସ ଅପହରଣ କରିବା ଓ ଦୀର୍ଘ ୨୨ ଘଣ୍ଟା ପରେ ବହୁ ପୁରୁଣା ମାମଲାରେ ଗିରଫ ଦର୍ଶାଇ ଜେଲ୍ ପଠାଇବା ଘଟଣାକୁ ସିପିଡିଆରଏସ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଶ୍ରୀ ଶୁକ୍ଲା ଙ୍କୁ ଜେଲ୍ ପଠାଇବା ସହିତ ବେଦାନ୍ତ କମ୍ପାନୀର ସିଜିମାଳି ପ୍ରକଳ୍ପ ବିରୋଧୀ ଦୁଇଟି ପ୍ରମୁଖ ଗାଁ କାଶୀପୁର ବ୍ଲକ୍ ଅନ୍ତର୍ଗତ କଣ୍ଟାମାଳ ଓ ଥୁଆମୂଳ ରାମପୁର ଅନ୍ତର୍ଗତ ତଳଆମପଦର କୁ ସଶସ୍ତ୍ର ପୁଲିସ ବାହିନୀ ଘେରା ବନ୍ଦୀ କରିଛି ଏବଂ ସମଗ୍ର ଅଞ୍ଚଳରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି କରାଯାଇଛି। ପୂର୍ବରୁ ନିୟମଗିରି ସୁରକ୍ଷା ସମିତିର ଉପଦେଷ୍ଟା ଶ୍ରୀ ଲିଙ୍ଗରାଜ ଆଜାଦ୍ ଙ୍କୁ ମନଗଡ଼ା ଦଫାରେ ଗିରଫ କରି ଦୀର୍ଘ ଦିନ ଧରି ଜେଲରେ ରଖାଯାଇଛି। ସମଗ୍ର ଅଞ୍ଚଳରୁ ବକ୍ସାଇଟ ଲୁଟ୍ କରିବାପାଇଁ ବେଦାନ୍ତ କମ୍ପାନୀକୁ ଅବାଧ ସୁଯୋଗ ଦେବା ଉଦ୍ଦେଶ୍ୟରେ ସ୍ଥାନୀୟ ଆଦିବାସୀ ଜନସାଧାରଣଙ୍କ ଉପରେ ଦୀର୍ଘଦିନ ଧରି ପୁଲିସ ଅକଥନୀୟ ବର୍ବରତା ପ୍ରଦର୍ଶନ କରୁଚି। ଏହି ପରିସ୍ଥିତିରେ ତୁରନ୍ତ ଲଦ ସିକ୍କା ଓ ଲିଙ୍ଗରାଜ ଆଜାଦ୍‌ଙ୍କୁ ନିଃସର୍ତ୍ତରେ ଖଲାସ କରିବା ଓ ଗାଁରୁ ତୁରନ୍ତ ପୁଲିସ ପ୍ରତ୍ୟାହାର କରିବାପାଇଁ ସଂଗଠନ ପକ୍ଷରୁ ଦାବି କରାଯାଇଛି।

# ବିକାଶଶୀଳ ଓଡ଼ିଶା ଗଠନ ପାଇଁ ଶ୍ରୀଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ପଦାଙ୍କ ୨୦୩୬ର ଉପାଦାନ ହେଉ




**ଭୁବନେଶ୍ୱର (ବ୍ୟୁରୋ) :** ବିଶ୍ୱନାଥ ଫଙ୍କସନ ହଲ, ରାଜଦାଣ୍ଡ ସାହି, ପାରଳାଖେମୁଣ୍ଡି ଠାରେ ଭାଷା ଆନ୍ଦୋଳନ, ଓଡ଼ିଶା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର ଏବଂ ଶବ୍ଦସ୍ପର୍ଶ ମିଳିତ ଆନୁକୂଲ୍ୟରେ ଗଜପତି ଜିଲ୍ଲାରେ ଗଜପତି ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଦେବଙ୍କ କୀର୍ତ୍ତି ଓ କୃତିତ୍ୱ ଉପରେ ୧୨ ଏବଂ ୧୩ ତାରିଖରେ ମହାରାଜଙ୍କ କୃତିତ୍ୱ ପରିଦର୍ଶନ କରିବା ସହିତ ଏକ କର୍ମଶାଳା ସହ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାକୁ ଉଦ୍‌ଘାଟନ କରି ବିଶିଷ୍ଟ ଶିକ୍ଷାବିତ୍ ତଥା ପ୍ରଫେସର ଦାସ ବେନହୁର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଗଜପତି ମହାରାଜାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶା ଗଠନ ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ବ୍ୟବସ୍ଥାର ବିକାଶ କ୍ଷେତ୍ରରେ ଗଜପତି ମହାରାଜାଙ୍କ ଉଲ୍ଲେଖନୀୟ ଅବଦାନ ରହିଥିବା ସେ କହିଥିଲେ। ବର୍ତ୍ତମାନ ତଥା ଆଗାମୀ ପିଢ଼ି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଭୂମିକା ତଥା କାର୍ଯ୍ୟାବଳୀ ଜାଣିବା ଉଦ୍ଦେଶ୍ୟରେ ଏହି ସମ୍ମିଳନୀ ବା କର୍ମଶାଳାର ଉଦ୍ଦେଶ୍ୟ ବୋଲି ଭାଷା ଆନ୍ଦୋଳନ, ଓଡ଼ିଶାର ଆବାହକ ପବିତ୍ର ମହାରଥା ସ୍ୱଷ୍ଟୋକ୍ତି ପ୍ରକାଶ କରିଥିଲେ। ଓଡ଼ିଆରେ ଓଡ଼ିଶାର ଶାସନ ପାଇଁ ଦୀର୍ଘ ଦିନର ଆନ୍ଦୋଳନ ସହ ଜଡିତ ଭାଷା ଯୋଧାଙ୍କ ଯୋଗଦାନ ସହ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସମେତ ଆମ ପୂର୍ବଜ ଦେଇ ଯାଇଥିବା ଭୂଖଣ୍ଡର ସୁରକ୍ଷା ସହ ଏହି ମାଟିକୁ ପ୍ରଣାମ ଜଣାଇ ତାଙ୍କ ସ୍ୱାଗତ ଭାଷଣରେ ଦେଇଥିଲେ ଏବଂ ଗଜପତି ମହାରାଜାଙ୍କ କୀର୍ତ୍ତି ଓ କୃତିତ୍ୱକୁ ନେଇ ଆଗାମୀ ଦିନରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଅନୁରୂପ କର୍ମଶାଳା ଓ ଆଲୋଚନାଚକ୍ର ଆୟୋଜନ କରାଯିବା ସହ ଏହା ମାଧ୍ୟମରେ ଗଜପତି ମହାରାଜାଙ୍କ ଅବଦାନ ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯିବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଗଜପତିଙ୍କ ସ୍ମୃତିଚାରଣ କରିବା ସହ ଅବଦାନ ଅନୁରୂପ ସରକାରୀ ସମ୍ମାନ ପାଇବାରୁ ମହାରାଜ ବଞ୍ଚିତ ହୋଇଥିବା ନେଇ କ୍ଷୋଭ ପ୍ରକଟ କରିଥିଲେ। ଅନ୍ୟତମ ଅତିଥି ଭାବେ ଭାଜପା ମୁଖପାତ୍ର ତଥା ଶିକ୍ଷାବିତ୍ ପୂର୍ଣ୍ଣ ଚନ୍ଦ୍ର ମଲ୍ଲିକ ପାଠ୍ୟକ୍ରମରେ ଗଜପତିଙ୍କ ଅନୁକରଣୀୟ ଜୀବନୀକୁ ସ୍ଥାନିତ କରିବା ପାଇଁ ପ୍ରୟାସ ରଖିବେ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରଫେସର ଉଦୟନାଥ ସାହୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଇତିହାସ ଏବଂ ଆଧୁନିକ ଓଡ଼ିଶା ନିର୍ମାଣରେ ଗଜପତି ମହାରାଜାଙ୍କ ଅବଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ତମ୍ଭକାର ନଟବର ଖୁଣ୍ଟିଆ, ଗବେଷକ ସତ୍ୟନାରାୟଣ ମହାପାତ୍ର, ଭାଷାବିତ୍ ଦେବାଶିଷ ମହାପାତ୍ର, ପ୍ରାଧାପିକା ବିଜୟଲକ୍ଷ୍ମୀ ଦାସ, ଶର୍ମିଷ୍ଠା ମହାପାତ୍ର, ଅଧାପକ କଳ୍ପତରୁ ନାୟକ ପ୍ରମୁଖ ଯୋଗଦେଇ ଗଜପତି ମହାରାଜାଙ୍କର ଓଡ଼ିଶା ଗଠନରେ ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି ସଭାରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ଅଧାପିକା ସଂଘମିତ୍ରା ମହାପାତ୍ର, ସ୍ୱାଧୀନତା ସଂଗ୍ରାମରେ କାରାବରଣ କରିଥିବା ପ୍ରଥମ ମହିଳା ସରଳା ଦେବୀଙ୍କ ନାତୁଣୀ ନିବେଦିତା ମହାନ୍ତି ପ୍ରମୁଖ ଜିଗ ଦେଇଥିଲେ। ଏହି ଅବସରରେ ଓଡ଼ିଶା ଗଠନ ପରବର୍ତ୍ତୀ ପୃଷ୍ଠଭୂମିରେ ଗଜପତିଙ୍କ ଭୂମିକା ପ୍ରତିପାଦନ ପୂର୍ବକ ସଚିତ୍ର ପୁସ୍ତକ ପ୍ରକାଶନ, ଶିକ୍ଷାନୁଷ୍ଠାନରେ ଆବଶ୍ୟକୀୟ ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି, ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବ୍ୟାପକ ପ୍ରଚାର ଓ ପ୍ରସାର, ବିକୃତ ବା ଅତିରଞ୍ଜିତ ଇତିହାସର ପୁନଃଲିଖନ ଇତ୍ୟାଦି ପ୍ରସ୍ତାବ ପାରିତ ହୋଇଥିଲା। ଏହି ସଭାରେ ୮୭୮ ଦିନର କଳାପତାକା ଅଭିଯାନ ରେ ସାମିଲ ହୋଇଥିବା ପ୍ରାୟ ୫୦ରୁ ଅଧିକ ଭାଷା ଯୋଦ୍ଧା, ସମସ୍ତ ଶିକ୍ଷାବିତ ତଥା ପାରଳା ଗଜପତି ବିକାଶ ମଞ୍ଚକୁ ସମ୍ବର୍ଦ୍ଧିତ କରାଯାଇ ଉତ୍ସାହ ପ୍ରଦାନ କରାଯାଇଥିଲା। ସାଗର ରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରଥିବା କରିଥିବା ବେଳେ ସମଗ୍ର କାର୍ଯ୍ୟକ୍ରମକୁ ରାଜକିଶୋର ପାଣିଗ୍ରାହୀ ଏବଂ ଭାଷା ଆନ୍ଦୋଳନ ଓଡିଶାର ଉପସଭାପତି ସାରଦା ମହାପାତ୍ର ପରିଚାଳନା କରିଥିଲେ।

# ଶ୍ରଦ୍ଧା, ଭକ୍ତି ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦିଲ୍ଲୀ କଳିଙ୍ଗ ଆସୋସିଏସନର ୨୩ ତମ ଗଣେଶ ପୂଜା

**ନୂଆଦିଲ୍ଲୀ/ଲକ୍ଷ୍ମୀ ନାରାୟଣ ବେବର୍ତ୍ତା :** ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀ ସମେତ ଏହାର ସୀମାନ୍ତ ବର୍ତ୍ତୀ ସହର ଗୁଡିକ ରେ ଗତକାଲି ସୋମବାର ଦିନ ବିଦ୍ୟା, ବୁଦ୍ଧି ଓ ସଂବୃଦ୍ଧି ର ଦେବତା ଅଗ୍ରପୂଜ୍ୟ ଶ୍ରୀ ଗଣେଶ ଙ୍କ ପୂଜା ଉତ୍ସବ ଘରେ ଘରେ ଓ ବିଭିନ୍ନ ପ୍ରବାସୀ ଓଡ଼ିଆ ସାମାଜିକ ଓ ସାଂସ୍କୃତିକ ସଂଗଠନ ଗୁଡିକ ତରଫରୁ ଅତି ଆଡମ୍ବର ସହକାରେ ପାଳିତ ହୋଇଥିବା ଦେଖିବାକୁ ମିଳିଥିଲ। ଗଜାନନ ଙ୍କୁ ପୂଜା କଲେ ଧର୍ମ, ଅର୍ଥ, କାମ, ମୋକ୍ଷ ର ଚତୁଃବର୍ଗ ର ଫଳ ପ୍ରାପ୍ତି ହେବା ସହ ସର୍ବ କାର୍ଯ୍ୟ ସିଦ୍ଧି ଓ ଫଳପ୍ରଦ ହୋଇଥିବା ବିଶ୍ୱାସ ରହିଥିବା ଯୋଗୁ ଏବଂ ଏହି ବିଶ୍ୱାସ କୁ ଆଧାର କରି ଗତକାଲି ସମସ୍ତ ପୂଜା ମଣ୍ଡପ ରେ ଆଶାତୀତ ଭାବେ ଭିଡ଼ ପରିଲିକ୍ଷିତ ହୋଇଥିଲା। ଅନୁକୂଳ ପାଗ ଥିବା ଯୋଗୁ ସକାଳେ ଓ ସନ୍ଧ୍ୟାରେ ପ୍ରବାସୀ ଓଡ଼ିଆ ମାନେ ସପରିବାର ସହ ବିଭିନ୍ନ ପୂଜା ମଣ୍ଡପ ର ସାଂସ୍କୃତିକ କାର୍ଯ୍ୟକ୍ରମ କୁ ବେସ ମନଭରି ଉପଭୋଗ କରିଥିଲେ।ସମସ୍ତ ପୂଜା ମଣ୍ଡପ ଗୁଡିକ ରଙ୍ଗ ବେରଙ୍ଗ ପୁଷ୍ପ ମାଲ୍ୟ ଓ ଆଲୋକ ମାଳା ରେ ସୁସଜ୍ଜିତ ହୋଇଥିବା ସହ ଆଗନ୍ତୁକ ମାନଙ୍କ ପାଇଁ ମଧ୍ୟାହ୍ନ ଓ ରାତ୍ର ରେ ସୁ ସୁସ୍ୱାଦୁ ପ୍ରସାଦ ସେବନ ର ବ୍ୟବସ୍ଥା ହୋଇଥିଲା।ଦକ୍ଷିଣ ଦିଲ୍ଲୀ ର ମଦନ ଗିରି ଡି. ଡି. ଏ.କମ୍ୟୁନିଟି କେନ୍ଦ୍ର ଠାରେ ସର୍ବ ଜନୀନ




କଳିଙ୍ଗ ଆସୋସିଏସନ ଦ୍ୱାରା ଆୟୋଜିତ ହୋଇ ଆସୁଥିବା ଗଣେଶ ପୂଜା ଦକ୍ଷିଣ ଦିଲ୍ଲୀ ର ଏକ ପ୍ରମୁଖ ଆକର୍ଷଣୀୟ ପୂଜା ମଣ୍ଡପ ଭାବେ ଗଣା ହୋଇ ଆସୁଥିବା ବେଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ଯୋଗ ଦେଇ ଆସୁଥିବା ପୂର୍ବରୁ ନଜର ରହିଛି। ଚଳିତ ବର୍ଷ କମିଟି ତାର ତେଇଶି ବର୍ଷ ପୂଜାଉତ୍ସବ କୁ ଦିନ ତମାମ ଅତି ଧୂମଧାମ ସହକାରେ ବିଳମ୍ବିତ ରାତ୍ର ଯାଏ ମନୋରଞ୍ଜନ କାର୍ଯ୍ୟକ୍ରମ ସହ ପାଳନ କରିଥିବା ଦେଖିବାକୁ ମିଳିଥିଲା। ଅପରାହ୍ନ ରେ ଶ୍ରୀ ଗଣେଶ ଙ୍କ ମୃଣ୍ମୟ ମୂର୍ତ୍ତୀ ଙ୍କୁ ବିଧି ଓ ପରମ୍ପରା ଅନୁଯାୟୀ ପଣ୍ଡିତ ମାନଙ୍କ ଙ୍କ ଦ୍ୱାରା ପୂଜା ଆରାଧନା କରାଯିବା ପରେ ସଂଗଠନ ର ପ୍ରମୁଖ କର୍ମକର୍ତ୍ତା ମାନେ ଏବଂ ଉପସ୍ଥିତ ଶ୍ରଦ୍ଧାଳୁ ମାନେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ଏହି ଅବସରରେ ଏକ ବିଶାଳ ଭଣ୍ଡରା ର ମଧ ଆୟୋଜନ ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ ହୋଇଥିଲା ବିଶେଷ ସାଂସ୍କୃତିକ କାର୍ଯ୍ୟକ୍ରମ। ଭଜନ ସନ୍ଧ୍ୟା ସହ ପରିବେଷଣ ହୋଇଥିଲା ଝାଙ୍କି ନୃତ୍ୟ ଯାହାକୁ ଉପସ୍ଥିତ ଦର୍ଶକ ଦେଖି ମନ୍ତ୍ର ମୁଗ୍ଧ ହୋଇଯାଥିଲେ। ଆୟୋଜିତ ସାଂସ୍କୃତିକ ଉତ୍ସବ ରେ ନ୍ୟାୟକ୍ଷଧୀଶ ତଥା ଅଧୁନା ଜାତୀୟ ମାନବିକ ଅଧିକାର ଆୟୁକ୍ତ ଙ୍କ କାର୍ଯ୍ୟାଳୟ ସଦସ୍ୟ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ, ଜାତୀୟ ମାନବିକ ଅଧିକାର ଆୟୁକ୍ତ ଙ୍କ କାର୍ଯ୍ୟାଳୟ ର ଅନ୍ୟତମ ସଦସ୍ୟା ବିଜୟ ଭାରତୀ ସାଇନି, ସ୍ଥାନୀୟ ଦେବିଲି ଗାଁ ବିଧାୟକ ପ୍ରେମ ଚୌହାନ, ରାଷ୍ଟ୍ରୀୟ କ୍ଷୁଦ୍ର ଶିଳ୍ପ ନିଗମ ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶୁଭଙ୍କର ଆଚାର୍ଯ୍ୟ, ଜାତୀୟ ତାପଜ ବିଦ୍ୟୁତ ନିଗମ ର ପୂର୍ବତନ ବିତ୍ତ ନିର୍ଦ୍ଦେଶକ କୁଳମଣି ବିଶ୍ୱାଳ, କରମଳା ଶାନ୍ତି ଧାମ ପୀଠ ର ବାବାଜୀ ଅରବିନ୍ଦ ଦାସ, ଦିଲ୍ଲୀ ଶୀତଳ ଷଷ୍ଠୀ କମିଟି ର ପ୍ରରାମ୍ଭିକ ତଥା ମୁଖ୍ୟ ଆୟୋଜକ ଡ଼. ପ୍ରକାଶ ଷଡ଼ଙ୍ଗୀ,ବରିଷ୍ଠ ସମ୍ବାଦିକ ଲକ୍ଷ୍ମୀନାରାୟଣ ବେବର୍ତ୍ତା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ. ସଂଗଠନ ତରଫରୁ ଅତିଥି ମାନଙ୍କୁ ଉତ୍ତରୀୟ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା. ସାର୍ବଜନୀନ କଳିଙ୍ଗ ଆସୋସିଏସନ ର ସଭାପତି ବିଶ୍ୱଜିତ ବାରିକ, ଉପ ସଭାପତି ବିନୋଦ ଦାସ ମୁଖ୍ୟ ସମ୍ପାଦକ ଧୀରେନ୍ଦ୍ର ପାଣିଗ୍ରାହୀ, ପୂଜା ସମ୍ପାଦକ ରମେଶ ଚନ୍ଦ୍ର ନାୟକ,ଯୁଗ୍ମ ସମ୍ପାଦକ ପ୍ରଣବ ପଣ୍ଡା, କୋଷାଧକ୍ଷ ଦୀପକ ଦାସ, ଉପ ସଚିବ ଅକ୍ଷୟ କୁମାର ସାହୁ , ଯୁଗ୍ମ କୋଷାଧକ୍ଷ ଅକ୍ଷୟ ସାହୁ, ପୂଜା ସଚିବ ହୃଷିକେଶ ପାତ୍ର, ସୁଶାନ୍ତ କୁମାର ବିଶ୍ୱାଳ,ସଦସ୍ୟ ଅଜୟ ପତି, ରମାକାନ୍ତ ମହାନ୍ତି, ସୁରେନ୍ଦ୍ର ପାଣିଗ୍ରାହୀ, ରବି କୁମାର ସାମଲ, ରାଜେନ୍ଦ୍ର ସାହୁ ଙ୍କ ସହ ସଂଗଠନ ର ଅନ୍ୟାନ୍ୟ ପ୍ରମୁଖ କର୍ମକର୍ତ୍ତା ଏହି ପୂଜା ଉତ୍ସବ କୁ ଶାନ୍ତି ଶୃଙ୍ଖଳା ଓ ସୁଚାରୁ ରୂପେ ପରିଚାଳନା କରିଥିବା ଦେଖାଦେଇଥିଲା. ଶେଷର ଆସୋସିଏସନ ର ସଭାପତି ଶ୍ରୀ ବାରିକ କହିଥିଲେ ଏହି ଭଳି ମହୋତ୍ସବ ପାଳନ କରିବା ଦ୍ୱାରା ଆମ ମାନଙ୍କ ଭିତରେ ଏକତା, ଭାଇଚାରା ସମ୍ପର୍କ ନିବିଡ଼ ହେବା ସହ ସଂସ୍କୃତି ର ମୂଲ୍ୟବୋଧ କୁ ଶକ୍ତିଶାଳୀ କରାଯାଇ ପରିବ। ଆଗାମୀ ଯୁବପିଢ଼ି ମଧ ଏ ସମ୍ପର୍କ ରେ ଅବଗତ ହୋଇ ପାରିବେ ଓ ଆମେ ଆମ ପର୍ବ ପର୍ବାଣୀ କୁ ଉଜ୍ଜୀବିତ କରି ରଖି ପକ୍ଷରିବ। ଶେଷରେ ଶ୍ରୀ ବାରିକ ସମସ୍ତ ଙ୍କ ସହଯୋଗ ରେ ଶାନ୍ତି ଶୃଙ୍ଖଳା ର ସହ ଚଳିତ ବର୍ଷ ପୂଜା ପାଳିତ ହୋଇଥିବାରୁ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେବେଶ୍ୱର ଇଣ୍ଟରନେସନାଲ ସ୍କୁଲ ପରିସରରେ ଗଣେଶ ପୂଜା



**ଯାଜପୁର (ଅମୃତ ମିଡିଆ) :** ଯାଜପୁର ଟାଉନ ଅଗ୍ରଣୀ ଶିକ୍ଷାନୁଷ୍ଠାନ ନରସିଂହପୁର ସ୍ଥିତ ଦେବେଶ୍ୱର ଇଣ୍ଟରନେସନାଲ ସ୍କୁଲ ପରିସରରେ ଗଣେଷ ଚତୁର୍ଥୀ ମହାସମାରୋହ ରେ ପାଳିତ ହୋଇଯାଇଛି। ବିଘ୍ନ ବିନାଶନ ପାର୍ବତୀ ନନ୍ଦନ ବୁଦ୍ଧିସିଦ୍ଧି ଦାତା ଶ୍ରୀ ଗଣେଷ ଙ୍କୁ ପ୍ରସନ୍ନ କରିବା ପାଇଁ ସହଜ ଓ ସରଳ ଉପାୟ ହେଲା ତାଙ୍କ ନିକଟରେ ନୈବେଦ୍ୟ ଅର୍ପଣ କରିବା ବୋଲି ଧର୍ମଶାସ୍ତ୍ର ର ମତ. ଗଣନାଥ ଲଡୁ ପ୍ରିୟ ବୋଲି ମଧ ବିଶ୍ୱାସ ରହିଛି. ଏଣୁ ଗଣେଷ ଚତୁର୍ଥୀ ରେ ଲଡୁ ଭୋଗ କରାଯାଏ.ଅନୁଷ୍ଠାନ ର ଅଧକ୍ଷ ଡ଼କ୍ଟର କୈଳାଶ ଚନ୍ଦ୍ର ବେହେରା ପିଲାମାନଙ୍କୁ ଗଣେଷ ଚତୁର୍ଥୀ ସମ୍ପର୍କ ରେ ବୁଝାଇ ବ୍ରାହ୍ମଣ ପୂଜା କରିବା ସମୟ ରେ ପିଲାମାନେ, ଅଭିଭାବକ, ଶିକ୍ଷକ, ଶିକ୍ଷୟତ୍ରୀ, କର୍ମଚାରୀ ଧୁଆ ଲୁଗା, ଡ୍ରେସ ପିନ୍ଧି ପୂଜାରେ ବସିଥିଲେକ୍ଷ। ଅନୁଷ୍ଠାନ ଉପାଧକ୍ଷା ସ୍ମୃତି ରଞ୍ଜିତା କର ସକଳ୍ପ କରିଥିଲେ.ଅନ୍ୟ ମାନଙ୍କ ମଧରେ ଅଧାପିକା ବିଜୟିନୀ ପାଳିକା ସାମଲ, ଅଧାପିକା ତେଜସ୍ମିତା ଜେନା,ଦେବେଶ୍ୱର ସ୍ୱାଇଁ ଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ପରିଡା, ସରୋଜିନୀ ବେହେରା, ସ୍ୱପ୍ନା ସରସ୍ୱତୀ ସାହୁ, ମମତା ବେହେରା, ଗୁରୁବାରୀ ବେହେରା ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରିଛନ୍ତି.ମହାପୁରାଣ ଓ ଶିବ ପୁରାଣ ରେ ଗଣେଷ ଙ୍କ ଜନ୍ମ ସମ୍ପର୍କ ରେ ଭିନ୍ନ ଭିନ୍ନ ଉପାଖ୍ୟାନ ରହିଛି. ସ୍କନ୍ଦ ପୁରାଣ ର ବିନାୟକ ବ୍ରତ କଥାରେ ବର୍ଣ୍ଣିତ ରହିଛି ଯେ ଶ୍ରୀକୃଷ୍ଣ ଙ୍କ ଉପଦେଶ ଅନୁଯାଇ ଯୁଧିଷ୍ଠିର ଓ ଅନ୍ୟ ପାଣ୍ଡବ ମାନେ ଗଣେଷ ଙ୍କୁ ଉପାସନା କରି କୌରବ ମାନଙ୍କୁ ପରାସ୍ତ କରିଥିଲେ।

# ମାନସିକ ଭିନ୍ନକ୍ଷମ ଯୁବକ ଉଦ୍ଧାର ଓ ଥଇଥାନ

**ପାରାଦୀପ (ଅମୃତ ମିଡିଆ) :** ମାଆ ବାପାଙ୍କୁ ହରାଇବା ପରେ ମାନସିକ ବିକାର ଗ୍ରସ୍ତ ହୋଇ ଏଣେତେଣେ ବୁଲୁଥିବା ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇ ଥଇଥାନ କରାଯାଇଛି। କୁଜଙ୍ଗ ଥାନା ଅନ୍ତର୍ଗତ ପାନପଲ୍ଲୀ ଗ୍ରାମର ସ୍ୱର୍ଗତ ରବୀନ୍ଦ୍ର ବେହେରା ଓ କୁସୁମ ବେହେରାଙ୍କ ପୁଅ ମିଲୁ(୧୭) ଦୁଇ ବର୍ଷ ପୂର୍ବରୁ ବାପା ମାଆଙ୍କ ମୃତ୍ୟୁକୁ ସାମ୍ନାରେ ଦେଖିବା ପରେ ଏହାକୁ ସହ୍ୟ କରି ନପାରି ନିଜର ମାନସିକ ଭାରସାମ୍ୟ ହରାଇ ନିଜ ଗାଁ ଛାଡି ଭୋକ ଉପାସରେ ଏଣେ ତେଣେ ବୁଲୁଥିଲେ। ମାନସିକ ବିକାର ଗ୍ରସ୍ତ ହେବା ପରେ ସେ ସମ୍ଭବତଃ ମୂକ ପ୍ରାୟ ହୋଇ ଯାଇଛନ୍ତି। ଶନିବାର ବିଳମ୍ବିତ ରାତିରେ ନିକଟସ୍ଥ ମାଳହୁଙ୍କା ବଜାରରେ ବୁଲୁଥିବା ବେଳେ କିଛି ବ୍ୟବସାୟୀ ବୀନୋରି ସେବା ଫାଉଣ୍ଡେସନର ଅଧକ୍ଷ ପ୍ରଭାତ ବେହେରାଙ୍କୁ ଜଣାଇଥିଲେ। ଖବର ପାଇ ବାବୁନି ବାବା ଏବଂ ପଙ୍କଜ ତରାଇ ସେ ପିଲା ନିକଟରେ ପହଞ୍ଚି ତାକୁ ଉଦ୍ଧାର କରିବା ସହ ତାକୁ ସଫା ସୁତୁରା କରି ନୂଆ ବସ୍ତ୍ର ପରିଧାନ କରାଇ ତାର ସ୍ଥାୟୀ



ଥଇଥାନ ପାଇଁ ଜିଲ୍ଲାର ଅଧାତ୍ମିକ ଏବଂ ସାମାଜିକ ସଂଗଠନ ବ୍ୟାସ ଫାଉଣ୍ଡେସନର ଅଧକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟଙ୍କ ସହ ଯୋଗାଯୋଗ କରିଥିଲେ। ଶ୍ରୀମତୀ ଆଚାର୍ଯ୍ୟ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଣୀ ଶ୍ରୀମତୀ ମମତା ନାୟକଙ୍କ ସହ ଯୋଗାଯୋଗ କରି ଉକ୍ତ ଯୁବକ ଟିକୁ ଜଗତସିଂହପୁର ଆଶ୍ରା ଠାରେ ଥଇଥାନ କରାଇଛନ୍ତି।

# କଳିଙ୍ଗ ଭାରତୀ ଓ ଅକ୍ଷୟ ମିତ୍ର ଫାଉଣ୍ଡେସନ ପକ୍ଷରୁ ଜଟାଧାରୀ ଆଶ୍ରମରେ ବୃକ୍ଷରୋପଣ

**ମାହାଙ୍ଗା ( ଅମୃତ ମିଡ଼ିଆ) :** ମାହାଙ୍ଗା ବ୍ଲକ ଭେଡା ଗ୍ରାମ ପଞ୍ଚାୟତ ପ୍ରସିଦ୍ଧ ଆଧାତ୍ମିକ କ୍ଷେତ୍ର ଜଟାଧାରୀ ଆଶ୍ରମ ପରିସରରେ ଶତାଧିକ ବେଲ ନଡ଼ିଆ ଏବଂ ବିଭିନ୍ନ ପ୍ରକାରର ଫଳ ଫୁଲ ଓ ଔଷଧୀୟ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ଭାରତୀ ଫାଉଣ୍ଡେସନ ଓ ଅକ୍ଷୟ ମିତ୍ର ଫାଉଣ୍ଡେସନ,ନୂଆଦିଲ୍ଲୀ ପୃଷ୍ଠପୋଷକତାରେ ଏବଂ ଜଟାଧାରୀ ଆଶ୍ରମ ଆନୁକୂଲ୍ୟରେ ରେ ଏହି ଅବସରରେ ଆଶ୍ରମ ପରିସରରେ ଅନୁଷ୍ଠିତ ସଭାରେ ଗୀତିକାର ବିଶେଶ୍ୱର ମହାନ୍ତି ଙ୍କ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଫାଉଣ୍ଡେସନ ର ପ୍ରତିଷ୍ଠାତା ଅଧକ୍ଷ ଇଁ ଅକ୍ଷୟ କୁମାର ସାମଲ ଯୋଗଦେଇ ଫାଉଣ୍ଡେସନ ର ଆଭିମୁଖ୍ୟ ଏବଂ ଓଡ଼ିଶା ଓ ମାହାଙ୍ଗାରେ କରାଯିବାକୁ ଥିବା ବିଭିନ୍ନ ବିଭିନ୍ନ ସାମାଜିକ,ସାଂସ୍କୃତିକ ଏବଂ ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ମହିମା ଧର୍ମର ଗବେଷକ ଡ଼କ୍ଟର ଏକାଦଶୀ ପ୍ରଧାନ,ପ୍ରବଚକ ସୁଶାନ୍ତ ନାୟକ,ନାଟ୍ୟକାର ଅଭୟ କୁମାର ଦାସ ପ୍ରମୁଖ ଯୋଗଦେଇ ଆଶ୍ରମ ର ମାହାତ୍ମ୍ୟ ଏବଂ ସାମ୍ପ୍ରତିକ




ସମୟରେ ବୃକ୍ଷରୋପଣ ର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଜଟାଧାରୀ ଆଶ୍ରମ ର ମୁଖ୍ୟ ପରିଚାଳକ ଅଶୋକ କୁମାର ସାମଲ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ବିଶିଷ୍ଟ ଶିକ୍ଷାବିତ୍ ଅଶୋକ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଆଶ୍ରମ ର ମହନ୍ତ ଗୁରୁ ରାମ ପ୍ରସାଦ ଦାସ, ସ୍ଥାନୀୟ ସରପଞ୍ଚ ଋଷି କୁମାର ରାଉତ୍,ପ୍ରଶାନ୍ତ ପଟ୍ଟନାୟକ, ସୁନାକର ରାଉତ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରିଥିଲେ। ଫାଉଣ୍ଡେସନ ର ରାଜ୍ୟ କାର୍ଯ୍ୟକାରିଣୀ ବରିଷ୍ଠ କର୍ମକର୍ତ୍ତା ବୈଜ୍ଞାନିକ ବିଜୟ କୁମାର ସାମଲ, ପରିବେଶବିତ୍ ଅକ୍ଷୟ କୁମାର ଷଡ଼ଙ୍ଗୀ, ଶିକ୍ଷାବିତ୍ ଚୌ ରମାକାନ୍ତ ପ୍ରହରାଜ, ପ୍ରଦ୍ୟୁମ୍ନ କୁମାର ବାରିକ୍, ପ୍ରଦୀପ୍ତ କୁମାର ମହାପାତ୍ର,ଯତୀନ୍ଦ୍ର ନାଥ ସାମଲ, ଜ୍ୟୋତିରଞ୍ଜନ ମହାନ୍ତି, ସମାଜସେବୀ ପବିତ୍ର ମୋହନ ପ୍ରଧାନ, ସୁନାକର ମହାପାତ୍ର, ସୁବାସ ସିଂହ ପ୍ରମୁଖ ଯୋଗଦେଇ ସମସ୍ତ କାର୍ଯ୍ୟକ୍ରମ କୁ ସଫଳତାର ସହିତ ପରିଚାଳନା କରିଥିଲେ। ବରିଷ୍ଠ କବି ପ୍ରଫୁଲ୍ଲ କୁମାର ସିଂହ କବିତା ପାଠ କରିଥିବା ବେଳେ ଆଶ୍ରମ ର ଅନ୍ତେବାସୀ ବେଦ ବିଦ୍ୟାର୍ଥି ବେଦ ପାଠ ଏବଂ ବାବା ଆତ୍ମାରାମ ଙ୍କ ରଚିତ ଭଜନ ପରିବେଷଣ କରିଥିଲେ। ସ୍ଥାନୀୟ ଅଧିବାସୀ ଏବଂ ଆଶ୍ରମ ଅନ୍ତେବାସୀ ମାନେ ସକ୍ରିୟ ଭାବେ କାର୍ଯ୍ୟକ୍ରମ କୁ ସଫଳତା ର ସହିତ ପରିଚାଳନା କରିଥିଲେ।

# ଶ୍ରୀଜଗନ୍ନାଥ ଟ୍ରଷ୍ଟ ଦ୍ୱାରକା ତରଫରୁ ଶ୍ରୀଗଣେଶ ପୂଜା

**ନୂଆଦିଲ୍ଲୀ/ ଲକ୍ଷ୍ମୀ ନାରାୟଣ ବେବର୍ତ୍ତା :** ଦିଲ୍ଲୀର ଦ୍ୱାରକା ଗୋଲାଡ଼ାଇରୀ ନିକଟସ୍ଥ କୁତବ ବିହାର କମ୍ୟୁନିଟି କେନ୍ଦ୍ର ରେ ଗତକାଲି ସୋମବାର ଦିନ ଶ୍ରୀ ଜଗନ୍ନାଥ ଟ୍ରଷ୍ଟ ଆନୁକୂଲ୍ୟରେ ସମିତି ର ସପ୍ତମ ବାର୍ଷିକ ଗଣେଶ ପୂଜା ଉତ୍ସବ ପୂର୍ବାହ୍ନ ରେ ଶ୍ରଦ୍ଧା, ଭକ୍ତି ଓ ଆନନ୍ଦ ଉଲ୍ଲାସ ମଧରେ ଅନୁଷ୍ଠିତ ହୋଇଯାଇଛି। ସକାଳେ ଓ ସନ୍ଧ୍ୟା ରେ ଆନୁମାନିକ ପନ୍ଦର ଶହ ଶ୍ରଦ୍ଧାଳୁ ଓଡ଼ିଆ ଓ ସ୍ଥାନୀୟ ବାସିନ୍ଦା ପୂଜା ରେ ଯୋଗ ଦେଇ ଗଣେଶ ମହାପ୍ରଭୁ ଙ୍କୁ ପୁଷ୍ପାଞ୍ଜଳି ପ୍ରଦାନ କରିବା ସହ ପ୍ରସାଦ ସେବନ କରିଥିଲେ। ପୂଜା ରେ ମୁଖ୍ୟ କର୍ତ୍ତା ଭାବେ ଆଲୋକ ଚନ୍ଦ୍ର ରାଉତରାୟ ଏବଂ ତାଙ୍କ ଧର୍ମ ପତ୍ନୀ ନିବେଦିତା ରାଉତରାୟ ଦାୟିତ୍ୱ ନିର୍ବାହ କରିଥିଲେ।ସେହିଭଳି ସନ୍ଧ୍ୟା ରେ ପ୍ରସ୍ତୁତି ହୋଇଥିଲା ହିନ୍ଦୀ ଭଜନ ସନ୍ଧ୍ୟା ଓ ଝାଙ୍କି ସହ ବିଶାଳ ଭଣ୍ଡାର ରେ ଆଗନ୍ତୁକ ମାନଙ୍କୁ ଦହି କଡୀ ଅନ୍ନ ପୁରୀ ବିତରଣ ର ଆୟୋଜନ ହୋଇଥିଲା। ଆୟୋଜିତ ଏହି ପୂଜା ଉତ୍ସବ କୁ ଟ୍ରଷ୍ଟ ର ସଭାପତି ରଜନୀ କାନ୍ତ ଜେନା,, ଉପ ସଭାପତି ଗୟାଧର ସ୍ୱାଇଁ , ସମ୍ପାଦକ ଆଲୋକ ରାଉତରାୟ, କୋଷାଧକ୍ଷ ଅତୁଲ୍ୟ ଖଟୁଆ,, ସହ



କୋଷାଧକ୍ଷ ଅନନ୍ତ କିଶୋର ରାଉତରାୟ, କାର୍ଯ୍ୟକାରୀ କମିଟି ର ସଦସ୍ୟ ବିଷ୍ଣୁ ପ୍ରଧାନ, ରାଜେଶ ଗାର୍ଗ ଭାରତ ସିଂ ଡ଼କ୍ଷଙ୍ଗୀ, ପବନ ଶ୍ରୀ ବାସ୍ତବ, ମାନସ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଟ୍ରଷ୍ଟ ର ସଭାପତି ରଜନୀ କାନ୍ତ ଜେନା ଅନୁଷ୍ଠାନ ର ସମସ୍ତ କର୍ମକର୍ତ୍ତା ଙ୍କ ସକ୍ରିୟ ପୂର୍ଣ୍ଣ ସହଯୋଗ ରେ ଚଳିତ ବର୍ଷ ର ପୂଜା ଉତ୍ସବ ବେସ ଉତ୍ସାହ ସହକାରେ ଅନୁଷ୍ଠିତ ହୋଇଥିବା ରୁ ସମସ୍ତ କର୍ମକର୍ତ୍ତା ଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଥିଲେ।

## ଖର୍ଚ୍ଚ ହୋଇପାରୁନି ସିଏମ୍ ସ୍ୱତନ୍ତ୍ର ପାଣ୍ଠି

# କାଠଗଡାରେ ନୀଳଗିରି ଆଇଟିଡିଏ

**ନୀଳଗିରି (ଅମୃତ ମିଡିଆ) :** ଗତ ସରକାର ସମୟରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା (ସିଏମ୍ ସ୍ପେଶାଲ ଫଣ୍ଡ) ଜରିଆରେ ବିଭିନ୍ନ ବ୍ଲକ ନିମନ୍ତେ କୋଟି କୋଟି ଟଙ୍କାର ଅନୁଦାନ ମଞ୍ଜୁର କରାଯାଇଥିଲା। ହେଲେ ନୀଳଗିରି ବ୍ଲକ ଓ ଏନଏସି ନିମନ୍ତେ ଏହି ଯୋଜନାରେ ମଞ୍ଜୁର ହୋଇଥିବା ୧ କୋଟିରୁ ଅଧିକ ଅନୁଦାନ ପଡିରହିଥିବା ବେଳେ ବିକାଶ ବାଧାପ୍ରାପ୍ତ ହେଉଛି। ଏହି ଅନୁଦାନ ମଞ୍ଜୁରକୁ ୩ ବର୍ଷ ବିତିବାକୁ ଯାଉଥିବା ବେଳେ କାହିଁକି ଏହାକୁ ଖର୍ଚ୍ଚ କରାଯାଇ ନାହିଁ, ବିକାଶମୂଳକ କାମକୁ କାହିଁକି ଅଟକାଇ ଦିଆଯାଇଛି ବୋଲି ପ୍ରଶ୍ନ ଉଠିଛି।ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗ ଜରିଆରେ ୨୦୧୪ ଜାନୁଆରୀ ମାସରେ ବାଲେଶ୍ୱର ଜିଲ୍ଲା ନିମନ୍ତେ ପ୍ରାୟ ୧୦ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ସେଥିରୁ ନୀଳଗିରି ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୨୦୧୪ ଜାନୁଆରୀରେ ପ୍ରାୟ ୯୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ୨୦୧୪ ଫେବ୍ରୁଆରୀ ମାସରେ ନୀଳଗିରି ବ୍ଲକ ଓ ଏନଏସି ପାଇଁ ୫୧ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା।ଅର୍ଥାତ୍ ଦୁଇଟି ପର୍ଯ୍ୟାୟରେ ମୋଟ ୧ କୋଟି ୪୬ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ଏହାର ଖର୍ଚ୍ଚ ଦାୟିତ୍ୱ ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା (ଆଇଟିଡିଏ) ନୀଳଗିରି ଉପରେ ନ୍ୟସ୍ତ ଥିଲା। ହେଲେ ଏଯାବତ ମାତ୍ର ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବିଶେଷ ସୂତ୍ରରୁ ଜଣାପଡିଛି, ବାକି ୧ କୋଟି ୩୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇପାରିନି। ଆଇଟିଡିଏ ଏହି ଅନୁଦାନ ଖର୍ଚ୍ଚ କରୁନାହିଁ ନା ଏହାକୁ କେଉଁ ଜନ ପ୍ରତିନିଧି ଅଟକାଇଛନ୍ତି ବୋଲି ତର୍କ ହେଉଛି।ଇତିମଧ୍ୟରେ ରାଜ୍ୟରେ ସରକାର ବଦଳି ଯାଇ ନୂତନ ସରକାର ଆସିଥିବା ବେଳେ ରାଜନୈତିକ ପସାପାଲିରେ ବିକାଶ ବଳି ପଡୁଛି ବୋଲି ତର୍କ ହେଉଛି। ଏବେ କିଛି ଦିନ ତଳେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ପୂର୍ବତନ ବିଧାୟକ ସୁକାନ୍ତ ନାୟକ ଅଭିଯୋଗ କରିବା ସହିତ ସାମ୍ବାଦିକ ସମ୍ମିଳନୀ କରି ବ୍ଲକ୍ ଘେରଉ ଚେତାବନୀ ଦେଇଥିଲେ।ଏହା ପରେ ମଧ୍ୟେ ସିଏମ୍ ? ସ୍ପେଶାଲ ଫଣ୍ଡ ଖର୍ଚ୍ଚ ନେଇ ସମୀକ୍ଷା ହୋଇନାହିଁ। ଏହି ପାଣ୍ଠି ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନାରେ ଆସୁଥିବାରୁ ଯେଉଁ କାମ ପାଇଁ ଆସିଛି ତାହା ବ୍ୟତୀତ ଅନ୍ୟ କୌଣସି ବିଭାଗରେ ଖର୍ଚ୍ଚ କରିହେବ ନାହିଁ।ଶିକ୍ଷାନୁଷ୍ଠାନ, ଧାର୍ମିକ, ସାଂସ୍କୃତିକ, ପ୍ରାଚୀନ କୀର୍ତ୍ତିରାଜି ସମେତ ରାସ୍ତା, ପୋଲ, ନଳ, ନଦୀ ବନ୍ଧ ଆଦିର ମରାମତି, ଉନ୍ନୟନ ଭଳି କାମ ଏହି ଅନୁଦାନରେ କରାଯିବା କଥା। ନୀଳଗିରି ବ୍ଲକ ଓ ଏନଏସିରେ ଏହି ଯୋଜନାରେ ୨୦ରୁ ଅଧିକ ପ୍ରକଳ୍ପ ନିର୍ମାଣ ପାଇଁ ଯୋଜନା ଥିଲା ବେଳେ ୩ ବର୍ଷ ପରେ ବି ଆରମ୍ଭ ହୋଇପାରିନି। ଏପରିକି କୌଣସି ପ୍ରକଳ୍ପରେ ମାଟି ମୂଳଦୁଆ ବି ପଡିନି ବୋଲି ଶ୍ରୀ ନାୟକ ଅଭିଯୋଗ କରିଛନ୍ତି। ଏ ସଂପର୍କରେ ଆଇଟିଡିଏ ମୁଖ୍ୟ ଅଧିକାରୀ ମଧୁସ୍ମିତା ସାମନ୍ତରାୟ କହିଛନ୍ତି, ଏହି ଅନୁଦାନ ଖର୍ଚ୍ଚ ନେଇ ସମୀକ୍ଷା କରାଯାଇଥିଲା। କିଛି କାମ ହୋଇଛି, କେତେଗୁଡିକ ବାକି ରହିଛି ଅନୁଧ୍ୟାନ କରିବି।

# ଚାରିଆଡ଼େ ଶ୍ରୀଶ୍ରୀ ଗଜାନନଙ୍କୁ ଆରାଧନା



**ଧୂଷୁରୀ (ଅମୃତ ମିଡ଼ିଆ) :** ବିଘ୍ନ ବିନାଶକ ତଥା ମଙ୍ଗଳମୂର୍ତ୍ତି ପ୍ରଭୁ ଶ୍ରୀଗଣେଶଙ୍କ ଆରାଧନାରେ ଉତ୍ସବମୁଖର ହୋଇଉଠିଛି ଚାନ୍ଦବାଲି ବ୍ଲକର ବିଭିନ୍ନ ଅଞ୍ଚଳ। ଆରଡ଼ି, ସୁନ୍ଦରପୁର, ଓଳଗ, ନାନ୍ଦପୁର, କୁଳେଇପଦା, ଦୋହରାପାଟଣା, ବୋଡ଼କ, ସାଠିବାଙ୍କୁଡ଼ା ଓ ଭୂଇଁପୁର ସମେତ ବିଭିନ୍ନ ଗାଁରେ ଧୁମଧାମରେ ଗଣେଶ ପୂଜା ପାଳିତ ହେଉଛି। ବିଭିନ୍ନ ବିଦ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ପୂଜାମଣ୍ଡପରେ ବିଘ୍ନେଶ୍ୱରଙ୍କୁ ଭକ୍ତି ଓ ଶ୍ରଦ୍ଧାର ସହ ପୂଜାର୍ଚ୍ଚନା କରାଯାଇଛି।ଗଣେଶ ପୂଜା ଅବସରରେ ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବେଶ୍ ? ଉତ୍ସାହ ଦେଖିବାକୁ ମିଳିଛି। ମଠଡ଼ିହ ନୋଡାଲ ଉଚ୍ଚ ବିଦ୍ୟାଳୟ, ଦଧିବାମନ ଜୀଉ ଉଚ୍ଚ ବିଦ୍ୟାଳୟ, ସାଠିବାଙ୍କୁଡ଼ା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମେତ ବିଭିନ୍ନ ଘରୋଇ ବିଦ୍ୟାଳୟରେ ମଧ୍ୟ ଗଣେଶ ପୂଜା ଆୟୋଜିତ ହୋଇଛି। ପୂଜାମଣ୍ଡପରେ ମନ୍ତ୍ରଧ୍ୱନି, ଘଣ୍ଟଘଣ୍ଟା ଓ ଧୂପଦୀପର ସୁଗନ୍ଧରେ ପରିବେଶ ଭକ୍ତିମୟ ହୋଇଉଠିଛି। ସୁନ୍ଦରପୁରସ୍ଥିତ ଓମ୍ ? ଦଧିବାମନ ଜୀଉ ଷ୍ଟଡି ସେଣ୍ଟରରେ ଚଳିତବର୍ଷ ଗଣେଶ ପୂଜାକୁ ନିଆରା ଢଙ୍ଗରେ ପାଳନ କରାଯାଇଛି। ଛାତ୍ରଛାତ୍ରୀଙ୍କ ସହ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଷ୍ଟଡି ସେଣ୍ଟର ପରିସରରେ ବୃକ୍ଷରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଛନ୍ତି। ପ୍ରଭୁ ଗଣେଶଙ୍କ ଆରାଧନା ସହ ପ୍ରକୃତିର ସୁରକ୍ଷାକୁ ଯୋଡ଼ିବାର ଏହି ପ୍ରୟାସକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି। ସେହିପରି କୁଳେଇପଦା ଗଣେଶ କମିଟି, ବଡ଼ ଓଳଗ, ସାନ ଓଳଗ, ଚମ୍ପାସାହି, ଦୋହରାପାଟଣା, ସୁନ୍ଦରପୁର, ଆରଡ଼ି, ପହଣା, ବୋଡ଼କ, ସାଠିବାଙ୍କୁଡ଼ା, ନାନ୍ଦପୁର, କୋଇଲଖା ଓ ଭୂଇଁପୁର ଆଦି ଅଞ୍ଚଳରେ ମଧ୍ୟ ପୂଜାର୍ଚ୍ଚନା ଚାଲିଛି। ପୂଜାମଣ୍ଡପଗୁଡ଼ିକୁ ଆଲୋକମାଳା ଓ ବିଭିନ୍ନ ସାଜସଜ୍ଜାରେ ସୁସଜ୍ଜିତ କରାଯାଇଛି। ପୂଜାରେ କଳସ ସ୍ଥାପନ, ଆବାହନ ଓ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା ପରେ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଉଛି। ଖସାଲଡ୍ଡୁ, ଫଳମୂଳ ଓ ବିଭିନ୍ନ ଭୋଗରେ ପ୍ରଭୁଙ୍କୁ ଆରାଧନା କରାଯାଉଛି। ଗଣେଶ ପୂଜା ଅବସରରେ କେତେକ ସ୍ଥାନରେ ପ୍ରସାଦ ସେବନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେଉଛି। ଦୋହରାପାଟଣାରେ ସ୍କୁଲ ପିଲାମାନଙ୍କୁ ନେଇ ତିନିଦିନିଆ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଛି। ଏଥିରେ ଛାତ୍ରଛାତ୍ରୀମାନେ ନିଜ ପ୍ରତିଭା ପ୍ରଦର୍ଶନ କରି ପୂଜାର ଉତ୍ସବକୁ ଆହୁରି ରଙ୍ଗିନ କରିଛନ୍ତି। ସୁନ୍ଦରପୁର ମହାଳିକ ସାହିରେ ଗଣେଶ ପୂଜାକୁ ଏକ ନିଆରା ସାମାଜିକ ବାର୍ତ୍ତା ସହ ପାଳନ କରାଯାଉଛି। ପୂଜା ଓ ଭସାଣି ସମୟରେ ଡିଜେ ବ୍ୟବହାର ନକରିବା ସହ କମିଟିର ସଦସ୍ୟମାନେ ନିଶାଦ୍ରବ୍ୟଠାରୁ ଦୂରେଇ ରହିବାକୁ ସଂକଳ୍ପ ନେଇଛନ୍ତି। ଭକ୍ତି ସହ ଶୃଙ୍ଖଳା ଓ ସାମାଜିକ ସଚେତନତାର ଏହି ବାର୍ତ୍ତା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ନୀଳଗିରିରେ ଏସ୍.ଏଫ୍.ଆଇ.ର ନୂତନ ବ୍ଲକ କମିଟି ଗଠିତ

**ନୀଳଗିରି (ଅମୃତ ମିଡିଆ) :** ଭାରତର ଛାତ୍ର ଫେଡେରେସନ୍ (SFI) ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ଆଜି ନୀଳଗିରିରେ ନୂତନ ବ୍ଲକ କମିଟି ଗଠନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ବୈଠକରେ ଏକ ୧୩ ଜଣିଆ ବ୍ଲକ କମିଟି ଗଠନ କରାଯାଇଥିଲା। ନୂତନ କମିଟିର ଆବାହକ ଭାବେ ରଶ୍ମିତା ସିଂ ଏବଂ ସହଆବାହକ ଭାବେ ବିଶ୍ୱଜୟୀ ସିଂ ଓ ହରପ୍ରିୟା ସିଂ ନିର୍ବାଚିତ ହୋଇଛନ୍ତି। ବୈଠକରେ ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷା ବ୍ୟବସ୍ଥାର ସ୍ଥିତି ଓ ଛାତ୍ରଛାତ୍ରୀଙ୍କ ସମସ୍ୟା ସମ୍ପର୍କରେ ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ରୀ ସତ୍ୟଜିତ ଦାସ ଆଲୋଚନା କରିଥିଲେ। ଶିକ୍ଷାର ଗୁଣବତ୍ତା, ଛାତ୍ରଛାତ୍ରୀଙ୍କ ଅଧିକାର ଓ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ସେ ମତ ରଖିଥିଲେ। ସେହିପରି ଝରଓ ର ରାଜ୍ୟ ସଭାପତି ଶ୍ରୀ ଚନ୍ଦନ କାମିଲା ସଂଗଠନର ଉଦ୍ଦେଶ୍ୟ ଓ ଇତିହାସ, ଛାତ୍ରଛାତ୍ରୀଙ୍କ ଅଧିକାର ଏବଂ ଶିକ୍ଷା ସମ୍ପର୍କିତ ବିଭିନ୍ନ ଦାବୀ ଓ ଆନ୍ଦୋଳନ ସମ୍ପର୍କରେ ଆଲୋକପାତ କରିଥିଲେ। ନୂତନ ବ୍ଲକ କମିଟି ଗଠନ ମାଧ୍ୟମରେ ନୀଳଗିରି ଅଞ୍ଚଳରେ ଛାତ୍ର ସଂଗଠନକୁ ଆହୁରି ସୁଦୃଢ଼ କରିବା ସହ ଛାତ୍ରଛାତ୍ରୀଙ୍କ ସମସ୍ୟା ଓ ଶିକ୍ଷା ସମ୍ପର୍କିତ ପ୍ରସଙ୍ଗ ଯଥା ନୀଳଗିରି ବ୍ଲକରେ ଖାଲି ପଡ଼ିଥିବା ଥିବା ସମସ୍ତ ସରକାରୀ ସ୍କୁଲ କଲେଜରେ ଶିକ୍ଷକ ନିଯୁକ୍ତି, ଶିକ୍ଷାନୁଷ୍ଠାନ ଗୁଡିକର ଭିତିଭୂମି, ଗୁଣାତ୍ମକ ଶିକ୍ଷା ଆଦି ଅନେକ ଦାବୀ ଉପରେ ଆଗାମୀ ଦିନରେ ସଂଗଠିତ ଭାବେ କାର୍ଯ୍ୟ କରାଯିବ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଏହି ବୈଠକରେ ସମାଜସେବୀ ବିଜୟୀ କୁମାର ପାତ୍ର, ଯୋଗାନନ୍ଦ ଦାସ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀ ରୁପାଲୀ ସିଂ, ପ୍ରତୀକ୍ଷା ସିଂ, ନରେଶ ସିଂ, ଶ୍ରୀମାନ ସିଂ, ସାରା ସିଂ, ତପସ୍ୱିନୀ ସିଂ, ସ୍ନେହଲତା ସିଂ, ସୁହାଗି ସିଂ, ଭବାନୀପ୍ରିୟା ସିଂ, ରେବିକା ସିଂ ବ୍ଲକ କମିଟିରେ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।



# ସଫଳତାର ସହ ଆୟୋଜିତ ହେଲା ମେଗା ପ୍ରପର୍ଟି ଏକ୍ସପୋ



**ଭୁବନେଶ୍ୱର(ବ୍ୟୁରୋ)** 'ପ୍ରପର୍ଟି ଓଡ଼ିଶା' ପକ୍ଷରୁ ଆୟୋଜିତ 'ମେଗା ପ୍ରପର୍ଟି ଏକ୍ସପୋ – ୨୦୨୬' ଭୁବନେଶ୍ୱରସ୍ଥିତ ଗ୍ରାଣ୍ଡ ଲୁମ୍ବିନୀ କନଭେନସନ୍‌ରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଏକ୍ସପୋକୁ ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ଶ୍ରୀ ବାବୁ ସିଂହ ଉଦ୍‌ଘାଟନ କରିଥିବା ବେଳେ ବିଜେପିର ବରିଷ୍ଠ ନେତା ଶ୍ରୀ ପ୍ରିୟଦର୍ଶୀ ମିଶ୍ର ଏବଂ ଶ୍ରୀ ଜଗନ୍ନାଥ ପ୍ରଧାନ ଉପସ୍ଥିତ ରହିଥିଲେ। ଏହି ଅବସରରେ ଓଡ଼ିଶା ପ୍ରପର୍ଟିଜ୍‌ର ନିର୍ଦ୍ଦେଶକ ଶ୍ରୀ ବିଶ୍ୱଜିତ ପାଣିଗ୍ରାହୀ ଉପସ୍ଥିତ ରହି ଏକ୍ସପୋର ଆୟୋଜନ, ରିଅଲ୍ ଇଷ୍ଟେଟ୍ କ୍ଷେତ୍ରର ବିକାଶ ଏବଂ ଓଡ଼ିଶାରେ ଉପଲବ୍ଧ ନୂତନ ସୁଯୋଗ ସମ୍ପର୍କରେ ମତାମତ ରଖିଥିଲେ। ଏହି ଏକ୍ସପୋରେ ପ୍ରମୁଖ ରିଅଲ୍ ଇଷ୍ଟେଟ୍ ବିକାଶକାରୀ, ସହର ଯୋଜନାକାରୀ, ଆର୍ଥିକ ସଂସ୍ଥା ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଅଂଶୀଦାରମାନେ ଗୋଟିଏ ମଞ୍ଚରେ ଏକତ୍ରିତ ହୋଇଥିଲେ। ଏହା ମାଧ୍ୟମରେ ଦର୍ଶକ ଓ ସମ୍ଭାବ୍ୟ କ୍ରେତାମାନେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଉପଲବ୍ଧ ଆବାସିକ ଓ ବାଣିଜ୍ୟିକ ପ୍ରକଳ୍ପ, ଆଗାମୀ ନିର୍ମାଣ ପ୍ରକଳ୍ପ, ସ୍ଥାୟୀ ଓ ପରିବେଶ ଅନୁକୂଳ ଆବାସ ବ୍ୟବସ୍ଥା ଏବଂ ନିବେଶ ସୁଯୋଗ ସମ୍ପର୍କରେ ଜାଣିବାର ସୁଯୋଗ ପାଇଥିଲେ। ଏହି ଏକ୍ସପୋ ସମ୍ଭାବ୍ୟ ଗୃହକ୍ରେତା, ନିବେଶକ ଏବଂ ରିଅଲ୍ ଇଷ୍ଟେଟ୍ କ୍ଷେତ୍ରର ବୃତ୍ତିଗତମାନଙ୍କ ପାଇଁ ସିଧାସଳଖ ବିକାଶକାରୀଙ୍କ ସହ ଆଲୋଚନା କରିବା ଏବଂ ଓଡ଼ିଶାର ଦ୍ରୁତ ବିକାଶଶୀଳ ରିଅଲ୍ ଇଷ୍ଟେଟ୍ କ୍ଷେତ୍ରର ନୂତନ ପ୍ରବଣତା ଓ ସୁଯୋଗ ସମ୍ପର୍କରେ ଜାଣିବାର ଏକ ଉତ୍ତମ ମଞ୍ଚ ଭାବେ ପରିଣତ ହୋଇଥିଲା। ଏକ୍ସପୋରେ ସୁପରିକଳ୍ପିତ ସହରୀକରଣ, ସ୍ଥାୟୀ ଓ ପରିବେଶ ଅନୁକୂଳ ଆବାସ ବ୍ୟବସ୍ଥା ଏବଂ ଆଧୁନିକ ଭିତ୍ତିଭୂମିର ଗୁରୁତ୍ୱ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ଏକ୍ସପୋରେ ଅଂଶଗ୍ରହଣ କରିଥିବା ବିଭିନ୍ନ ଆର୍ଥିକ ସଂସ୍ଥା ପକ୍ଷରୁ ଗୃହ ଋଣ, ନିବେଶ ସୁଯୋଗ ଏବଂ ଅନ୍ୟାନ୍ୟ ଆର୍ଥିକ ସମାଧାନ ସମ୍ପର୍କରେ ଦର୍ଶକମାନଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରେ ହାଇ-ଟି ଏବଂ ଏକ ସ୍ୱତନ୍ତ୍ର ମିଡିଆ ଇଣ୍ଟରାକ୍ସନ୍ ସେସନ୍ ଆୟୋଜିତ ହୋଇଥିଲା। ଏଥିରେ ସାମ୍ବାଦିକ ଓ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରମୁଖ ଶିଳ୍ପପତି, ରିଅଲ୍ ଇଷ୍ଟେଟ୍ ନେତୃତ୍ୱ ଏବଂ ସମ୍ପୃକ୍ତ ଅଂଶୀଦାରମାନଙ୍କ ସହ ସିଧାସଳଖ ଆଲୋଚନା କରିବାର ସୁଯୋଗ ପାଇଥିଲେ। ଓଡ଼ିଶା ପ୍ରପର୍ଟିଜ୍‌ର ନିର୍ଦ୍ଦେଶକ ଶ୍ରୀ ବିଶ୍ୱଜିତ ପାଣିଗ୍ରାହୀଙ୍କ ନେତୃତ୍ୱ ଓ ସହଯୋଗରେ ଆୟୋଜିତ ଏହି ଏକ୍ସପୋ ରିଅଲ୍ ଇଷ୍ଟେଟ୍ କ୍ଷେତ୍ରର ବିଭିନ୍ନ ଅଂଶୀଦାରଙ୍କୁ ଏକ ମଞ୍ଚରେ ଯୋଡ଼ିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ପରିଗଣିତ ହୋଇଛି। 'ମେଗା ପ୍ରପର୍ଟି ଏକ୍ସପୋ – ୨୦୨୬'ର ସଫଳ ଆୟୋଜନ ଓଡ଼ିଶାର ରିଅଲ୍ ଇଷ୍ଟେଟ୍ କ୍ଷେତ୍ରର ବଢୁଥିବା ସମ୍ଭାବନାକୁ ପ୍ରତିଫଳିତ କରିଛି।

# ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ନବେତୀତ ସମ୍ବର୍ଦ୍ଧିତ

**ଭୁବନେଶ୍ୱର(ବ୍ୟୁରୋ)** ଓଡିଶା ପ୍ରଦେଶ ଗଠନର ୯୦ ବର୍ଷ ପୂର୍ତ୍ତି ଏବଂ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ନବଦଶକ ପାଳନ ଅବସରରେ ଭୁବନେଶ୍ୱରସ୍ଥ ରମାଦେବୀ ବିଶ୍ୱବିଦ୍ୟାଳୟର ନୂତନ ପ୍ରେକ୍ଷାଳୟରେ ପ୍ରାୟ ୧୦୦୦ ରୁ ଉର୍ଦ୍ଧ ଭରପୁର ବୟସ୍କ ଦର୍ଶକଙ୍କ ଉପସ୍ଥିତିରେ ଅନନ୍ୟ କାର୍ଯ୍ୟକ୍ରମ ନବେତୀତ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମ ଆଜି ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ନବେବର୍ଷରୁ ଉର୍ଦ୍ଧ ପ୍ରାୟ ୯୦ ଜଣବ୍ୟୋବୃଦ୍ଧ ବ୍ୟକ୍ତି ବିଶେଷଙ୍କୁ ସମାଜପାଇଁ ତଥା ଓଡିଶା ପ୍ରଦେଶ ଗଠନ ଏବଂ ସମୃଦ୍ଧ କରିବାରେ ସେମାନଙ୍କର ବଳିଷ୍ଠ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମେ ନବେତୀତ ସମ୍ମାନୀୟ ବ୍ୟକ୍ତିବିଶେଷଙ୍କୁ ତିଳକ ଚନ୍ଦନ ଲଗାଯାଇ ଏବଂ ପୁଷ୍ପ ଅକ୍ଷତ ପକାଯାଇ ସ୍ୱାଗତ କରାଯାଇ ମଞ୍ଚଙ୍କୁ ଆମନ୍ତ୍ରଣ କରାଯାଇଥିଲା। ମଞ୍ଚ ଉପରେ ସମସ୍ତ ବ୍ୟୋବୃଦ୍ଧମାନଙ୍କୁ ଫୁଲମାଳ ପକାଯାଇ ବନ୍ଦାପନା କରାଯାଇଥିଲା। ପରେ ପରେ ପ୍ରତ୍ୟକ ସମ୍ମାନନୀୟ ନବେତୀତ ବ୍ୟକ୍ତି ବିଶେଷଙ୍କୁ ଅତିଥି ମାନେ ସାଲ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ଠାକୁରଙ୍କ ଫଟୋଚିତ୍ର,ଟୋଲୀ ଏବଂ ଫଳ ଇତ୍ୟାଦି ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ସେମାନଙ୍କ ସମ୍ମାନାର୍ଥେ ଆଶ୍ରମରେ ପ୍ରସ୍ତୁତ ଏକ କେକ ମଞ୍ଚରେ କଟାଯାଇ ସମସ୍ତଙ୍କୁ ବଣ୍ଟାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୧୧୦ ବର୍ଷର ସାଧୁ ବିଚିତ୍ରାନନ୍ଦ ସ୍ୱାମୀ, ୧୦୬ ବର୍ଷର ଗାଡକଣର ଲବଣି ବେହେରା, ପୂର୍ବତନ ବିଧାୟକ ନ୍ତମୋନା' ର ସଭାପତି ୧୦୧ ବର୍ଷର ପଦ୍ମ ଚରଣ ନାୟକ, ୯୮ ବର୍ଷୀୟ ନାଗା ସାଧୁ ମହନ୍ତ ରମେଶ ମହାରାଜ, ୯୫ ବର୍ଷୀୟ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ୯୪ ବର୍ଷୀୟ ଶିକ୍ଷାବିତ୍ ଶାନ୍ତନୁ ଆଚାର୍ଯ୍ୟ, ୯୪ ବର୍ଷର ପାଲା ବାୟକ ଜଗନ୍ନାଥ ବରାଡ଼, ୯୪ ବର୍ଷୀୟା ଧର୍ମପ୍ରାଣା ମହିଳା ଶୈଳରାଣୀ ମିଶ୍ର, ମୟୁରଭଞ୍ଜର ୯୪ ବର୍ଷୀୟ ଧ୍ରୁବ ଚରଣ ସିଂ, ପୂର୍ବତନ ଅଧକ୍ଷା ୯୩ ବର୍ଷୀୟା ଡ଼. ସୀତା ସାହୁ ପ୍ରମୁଖ ନବେତୀତ ବୟୋଜ୍ୟେଷ୍ଠ ସୌଭାଗ୍ୟବାନ ନାଗରିକ ଯୋଗଦେଇ ସେମାନଙ୍କର ଅଭିଜ୍ଞାତା ବର୍ଣ୍ଣନ କରି ସମାଜକୁ ସକାରାତ୍ମକ ବାର୍ତ୍ତା ପ୍ରଦାନ କରିଥିଲେ। ଅତିଥି ଭାବେ ଏକାମ୍ରର ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଶିଷ୍ଟ ସମାଜସେବୀ ଜଗନ୍ନାଥ ପ୍ରଧାନଙ୍କ ସହ କର୍ଣ୍ଣାଟକରୁ ଆସିଥିବା ରାଜଯୋଗୀ ପ୍ରଶିକ୍ଷିକା ତଥା ଗୀତା ପ୍ରବୀଣା ବ୍ରହ୍ମାକୁମାରୀ ବୀଣା ଭଉଣୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ନବେତୀତ ବରିଷ୍ଠ ନାଗରିକଙ୍କୁ ଏକତ୍ରିତ କରି ସମ୍ବର୍ଦ୍ଧିତ କରିବାଭଳି ଅନନ୍ୟ କାର୍ଯ୍ୟକ୍ରମ ସଫଳତାରସହ କରି ଉଦାହରଣ ସୃଷ୍ଟି କରି ପାରିଥିବାରୁ ଅନୁଷ୍ଠାନକୁ ସାଧୁବାଦ ଜଣାଇଥିଲେ। ଏହାଦ୍ୱାରା ବୃଦ୍ଧ ପିତାମାତା ଏବଂ ଅବହେଳିତ ବୟୋଜ୍ୟେଷ୍ଠ ନାଗରିକ ମାନଙ୍କପ୍ରତି ପୁଅଝିଅ ଏବଂ ସମାଜର ଦାଇତ୍ୱବୋଧ ବୃଦ୍ଧିପାଇବ ବୋଲି ମତବ୍ୟକ୍ତ କରଥିଲେ। ଅନ୍ୟ ଅନୁଷ୍ଠାନମାନେ ଏଭଳି କାର୍ଯ୍ୟକ୍ରମମାନ ଗ୍ରହଣକରି ସାମାଜିକ ସଚେତନତା ସୃଷ୍ଟିକରିବା ଉଚିତ ବୋଲି ଆହ୍ୱାନ ଦେଇଥିଲେ। ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ୱ – ଜୋନ ଇନଚାର୍ଜ, ୟୁନିଟ – ୯ ଓଁ ଶାନ୍ତି ଭବନର ବି.କେ ଗୀତା ଭଉଣୀ କାର୍ଯ୍ୟକ୍ରମକୁ ସଂଚାଳନ କରିଥିବା ବେଳେ ଡମାଜସେବୀ ମନୋରଞ୍ଜନ ମହାନ୍ତି ଏବଂ ଚିତ୍ରଶିଳ୍ପୀ ସୁନାରାମ ସିଂ ସଂଯୋଜନା କରିଥିଲେ।

# ଏଚଡିଏଫସି ଏର୍‌ଗୋ ଇନ୍ସ୍ୟୁରାନ୍ସ କ୍ୱିଜ୍ ଜୁନିଅର ଓଡିଶାର ୧୦୮ଟି ସ୍କୁଲର ୪୫୦ରୁ ଅଧିକ ଛାତ୍ରଛାତ୍ରୀ ପଞ୍ଜୀକୃତ

**ଭୁବନେଶ୍ୱର(ବ୍ୟୁରୋ)** ଭାରତର ଅଗ୍ରଣୀ ବୀମା କମ୍ପାନୀ, ଏଚଡିଏଫସି ଏରଗୋ ଜେନେରାଲ ଇନ୍ସୁରାନ୍ସ କମ୍ପାନୀ ୮ମ ଓ ୯ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଏହାର ଫ୍ଲାଗସିପ ଅଭିଯାନ ଏଚ୍‌ଡିଏଫସି ଏରଗୋ ଇନ୍ସୁରାନ୍ସ କ୍ୱିଜ୍ ଜୁନିଅରର ୧୧ତମ ସଂସ୍କରଣ ଆରମ୍ଭ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ଅଧିନରେ ଓଡିଶାର ୧୦୮ଟି ସ୍କୁଲର ୪୫୦ରୁ ଅଧିକ ଛାତ୍ରଛାତ୍ରୀ ଏହି କ୍ୱିଜ୍ ପାଇଁ ପୀକରଣ କରିଛନ୍ତି। ଚଳିତ ବର୍ଷ ଏହି କ୍ୱିଜ କଂଟେଂଟକୁ ୧୦ଟି ଭାରତୀୟ ଭାଷାରେ ପ୍ରଦାନ କରାଯାଇଥିଲା ଏବଂ କ୍ୱିଜ ପାଇଁ ପୀକରଣ କରିଥିବା ୨୫ଟି ସ୍କୁଲ ସ୍ଥାନୀୟ ମାଧ୍ୟମର ଥିଲେ, ଯାହା ଏହି କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରକୁ ନେଇଥିଲା। ବର୍ତମାନ କ୍ୱିଜ୍‌ର ପ୍ରେଲିମିନାରୀ ରାଉଣ୍ଡ ପରିଚାଳିତ ହେଉଛି। ଏହି ରାଉଣ୍ଡର ଶୀର୍ଷ ୩୨ଟି ଟିମ ଗ୍ରାଣ୍ଡ ଫିନାଲେ ପାଇଁ ନିଜର ସ୍ଥାନ ପକ୍କା କରିବା ଲାଗି ଭର୍ଚୁଆଲ ଜୋନାଲ ରାଉଣ୍ଡରେ ପ୍ରତିଦ୍ୱନ୍ଦିତା କରିବେ। ଏଚଡିଏଫସି ଏର୍ଗୋ ଇନ୍ସୁରାନ୍ସ କ୍ୱିଜ ଜୁନିଅରର ୨୦୨୬ ସଂସ୍କରଣ ଫିଜିକାଲ ଗ୍ରାଣ୍ଡ ଫିନାଲେରେ ୬ଟି ଟିମ୍ ଜାତୀୟ ଟାଇଟଲ ପାଇଁ ପ୍ରତିଦ୍ୱନ୍ଦିତା କରିବା ସହ ଶେଷ ହେବ। ୨୦୧୬ରେ ଏହାର ଆରମ୍ଭ ପରଠାରୁ ଏଚ୍‌ଡିଏଫସି ଏରଗୋ ଇନ୍ସୁରାନ୍ସ କ୍ୱିଜ ଜୁନିଅର ଉଭୟ ବ୍ୟାପକତା ଓ ପହଂଚ କ୍ଷେତ୍ରରେ ବହୁମାତ୍ରାରେ ବୃଦ୍ଧି ପାଇଛି। ୧୮ଟି ସ୍କୁଲ ସହ ଗୋଟିଏ ସହରରେ ଏକ କ୍ୱିଜ ଭାବେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଭାରତର ୧୧୦୦ରୁ ଅଧିକ ସହରକୁ ବିସ୍ତାର ହୋଇଛି। ଗତ ଦଶନ୍ଧି ମଧ୍ୟରେ ଏହି କାର୍ଯ୍ୟକ୍ରମ ୩ ମିଲିୟନରୁ ଅଧିକ ଛାତ୍ରଛାତ୍ରୀଙ୍କ ପାଖରେ ପହଂଚିଛି, ଯାହା ଏହାକୁ ଦେଶର ଯୁବ ଦର୍ଶକଙ୍କ ପାଇଁ ବୀମା ସଚେତନତା ଓ ଆର୍ଥିକ ସାକ୍ଷରତା ପହଂଚାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମରେ ପରିଣତ କରିଛି। ଏହି ପଦକ୍ଷେପ ସମ୍ପର୍କରେ ଏଚଡିଏଫସି ଏରଗୋ ଜେନେରାଲ ଇନ୍ସୁରାନ୍ସ କମ୍ପାନୀର ଡିଜିଟାଲ ବିଜନେସ୍ ଗ୍ରୁପ ଆଣ୍ଡ ମାର୍କେଟିଂ ବିଭାଗର ଯୁଗ୍ମ ଅଧକ୍ଷ ସୋମେଶ ସୁରାନା କହିଛନ୍ତି, ନ୍ତବୀମା ହେଉଛି ଅପ୍ରତ୍ୟାଶିତ ପରିସ୍ଥିତି ପାଇଁ ପ୍ରସ୍ତୁତ ହେବା ସମ୍ପର୍କରେ ଏବଂ ଆମେ ବିଶ୍ୱାସ କରୁଛୁ ଯେ, ଏହି ବିଚାରଧାରାକୁ ବୁଝିବାର ପ୍ରକ୍ରିୟା ଶୀଘ୍ର ଆରମ୍ଭ ହେବା ଉଚିତ। ଯାହା ଏହି ଯାତ୍ରାକୁ ନିର୍ଦ୍ଦିଷ୍ଟ ଭାବେ ଅର୍ଥପୂର୍ଣ୍ଣ କରୁଛି ତାହା ହେଉଛି ବିଭିନ୍ନ ଅଂଚଳ, ଭାଷା ଓ ପୃଷ୍ଠଭୂମିର ଛାତ୍ରଛାତ୍ରୀଙ୍କୁ ସମାନ ଆଗ୍ରହ ଓ ଉତ୍ସାହ ସହ ଏକାଠି ହେବାର ଦେଖିବା। ଆମେ ୧୧ତମ ସଂସ୍କରଣରେ ପ୍ରବେଶ କରୁଥିବାରୁ, ଆମର ଲକ୍ଷ୍ୟ କେବଳ ଉତ୍ତମ କ୍ୱିଜର ସୃଷ୍ଟି କରିବା ନୁହେଁ ବରଂ ଜୀବନର ଅନିଶ୍ଚିତତା ସମ୍ପର୍କରେ ଅଧିକ ସଚେତନ, ଆତ୍ମବିଶ୍ୱାସୀ ଓ ପ୍ରସ୍ତୁତ ଥିବା ଏକ ପିଢ଼ିକୁ ବିକଶିତ କରିବା।ନ୍ତ

# ସଡ଼କ ବିପଦ ସମ୍ପର୍କରେ ପରସ୍ପରକୁ ସତର୍କ କରାଉଥିବା ଆଇଓଟି ପ୍ରୋଟୋଟାଇପ୍ ନିର୍ମିତ

**ଭୁବନେଶ୍ୱର(ବ୍ୟୁରୋ)** ସଡ଼କ ସୁରକ୍ଷା ପ୍ରତି ପ୍ରଯୁକ୍ତି ଆଧାରିତ ଆଭିମୁଖ୍ୟ ନେଇ ଇଷ୍ଟ ପଏଣ୍ଟ୍ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍‌ନୋଲୋଜି (ଇପିସିଇଟି), ବେଙ୍ଗାଲୁରୁର ଡିପାର୍ଟମେଣ୍ଟ ଅଫ୍ କଂପ୍ୟୁଟର ସାଇନ୍ସ ଆଣ୍ଡ୍ ଇଞ୍ଜିନିୟରିଂ ଛାତ୍ରମାନେ ଯାନଗୁଡିକୁ ବିପଦ ଚିହ୍ନଟ କରିବା ଏବଂ ପରସ୍ପର ସହିତ ରିଅଲ୍ ଟାଇମ୍ (ବାସ୍ତବ ସମୟ ଆଧାରିତ) ସତର୍କ ସୂଚନା ଆଦାନ ପ୍ରଦାନ ନିମନ୍ତେ ସକ୍ଷମ କରିବାକୁ ଏକ ଆଇଓଟି-ଆଧାରିତ ଯାନ-ରୁ-ଯାନ (ଭେଇକଲ୍-ଟୁ-ଭେଇକଲ୍) ଯୋଗାଯୋଗ ବ୍ୟବସ୍ଥା ବିକଶିତ କରିଛନ୍ତି। ଆଇଓଟି ବେସ୍‌ଡ ଭେଇକଲ୍-ଟୁ-ଭେଇକଲ୍ କମ୍ୟୁନିକେସନ ୟୁଜିଂ ଚେନ୍ କୋଲିଜନ୍ ପ୍ରିଭେନ୍‌ସନନ୍ତ ଶୀର୍ଷକ ଏହି ପ୍ରକଳ୍ପ ଅକ୍‌ଶିତା କ୍ରିଷ୍ଣା, ଗାଲି ଯଶୱନ୍ତ ସିହ୍ନା, ଜାହ୍ନବୀ କେ ଏବଂ ଏସ୍ ଲେଖାନା ପ୍ରିୟାଙ୍କ ଦ୍ୱାରା ଆସିଷ୍ଟାଣ୍ଟ ପ୍ରଫେସର କାଞ୍ଚନ ଆର୍.ଙ୍କ ମାର୍ଗଦର୍ଶନ ଅଧୀନରେ ବିକଶିତ କରାଯାଇଥିଲା। ଏହି ପ୍ରୋଟୋଟାଇପ୍ ଇଏସ୍‌ପି୩୨- ଭିତ୍ତିକ ଯାନଗୁଡିକୁ ବ୍ୟବହାର କରିବା ସହିତ ଏକାଧିକ ସଡ଼କ-ସୁରକ୍ଷା ପରିସ୍ଥିତିଗୁଡିକୁ ଠାବ କରିବା ନିମନ୍ତେ ଅଲ୍‌ଟ୍ରାସୋନିକ, ଏଲ୍‌ଡିଆର, ଆକ୍‌ସେଲେରୋମିଟର ଏବଂ ମଦ୍ୟପାନ ସେନ୍‌ସର ଆଦିର ସମ୍ମିଶ୍ରଣକୁ ଉପଯୋଗ କରୁଛି। ଏହି ସିଷ୍ଟମ୍‌କୁ ଦୂରତା, ଦୃଶ୍ୟମାନତା ଅଥବା ତୀବ୍ର ଆଲୋକ, ଦୁର୍ଘଟଣା ଏବଂ ମଦ୍ୟପାନ ସମ୍ପର୍କିତ ବିପଦ ଆଦି ଠାବ କରିବାକୁ ଡିଜାଇନ କରାଯାଇଛି ଏବଂ ଏହା ଅନ୍ୟ ଯାନକୁ ସତର୍କ ସୂଚନା ପ୍ରଦାନ କରୁଛି। ପ୍ରକଳ୍ପ ସମ୍ପର୍କିତ ସଂକ୍ଷିପ୍ତ ସୂଚନା ଅନୁଯାୟୀ ସତର୍କ ବାର୍ତ୍ତାଗୁଡିକ ଯାନର ଏଲ୍‌ସିଡିରେ ପ୍ରଦର୍ଶିତ ହେଉଥିବାବେଳେ ଜିପିଏସ୍ ସୂଚନାକୁ ଟେଲିଗ୍ରାମ୍ ଜରିଆରେ ସଂଚରଣ କରାଯାଇ ଏକ ଦୁର୍ଘଟଣା ସମୟରେ ତୁରନ୍ତ ସ୍ଥାନ ସମ୍ପର୍କିତ ସୂଚନାକୁ ସହଭାଗୀ କରାଯାଇପାରିବ। ପ୍ରକଳ୍ପର ଟିମ୍ ସୂଚନା ଦେଇ କହିଛନ୍ତି ଯେ ଏହି ପ୍ରୋଟୋଟାଇପ୍ ସଫଳତାର ସହିତ ଦୂରତା, ତୀବ୍ର ଆଲୋକ, ଦୁର୍ଘଟଣା ଏବଂ ମଦ୍ୟପାନ ସ୍ତର ଆଦିକୁ ଠାବ କରିଛି ଏବଂ ବାସ୍ତବ ସମୟ ଆଧାରରେ ସତର୍କ ସୂଚନା ଅନ୍ୟ ଯାନ ସହିତ ସହଭାଗୀତା କରିଛି। ଏଲ୍‌ସିଡି ସତର୍କ ସୂଚନା ତତ୍‌କ୍ଷଣାତ ପ୍ରଦର୍ଶିତ ହୋଇଛି, ଜିପିଏସ୍ ସୂଚନା ସଠିକ ଭାବରେ ସଂଚରଣ କରାଯାଇଛି ଏବଂ ପ୍ରକଳ୍ପ ପରୀକ୍ଷଣ ସମୟରେ ସେନ୍‌ସରଗୁଡିକ ଚାହିଁବା ମୁତାବକ ପ୍ରଦର୍ଶନ କରିଛି। ଏହି ପ୍ରକଳ୍ପ ସମ୍ପର୍କରେ ପ୍ରକାଶ କରି ରାଜୀବ ଗୌଡା, ସିଇଓ, ଇଷ୍ଟ ପଏଣ୍ଟ୍ ଗ୍ରୁପ୍ ଅଫ ଇନ୍‌ଷ୍ଟିଚ୍ୟୁସନ୍ସ କହିଥିଲେ, ନ୍ତସଡ଼କ ସୁରକ୍ଷା ସେହି ବିଷୟଗୁଡିକ ମଧ୍ୟରେ ଅନ୍ୟତମ, ଯେଉଁଠାରେ ଏକ ସମସ୍ୟା ଦୁର୍ଘଟଣା ପାଲଟିବା ପୂର୍ବରୁ ପ୍ରଯୁକ୍ତି ତାହାର କାର୍ଯ୍ୟ କରିବାକୁ ହେବ। ଯାନଗୁଡିକ ପରସ୍ପର ସହିତ ସୂଚନା ଆଦାନ ପ୍ରଦାନ କରିବା ଏବଂ ଜଣେ ଡ୍ରାଇଭରଙ୍କୁ ସମ୍ଭାବ୍ୟ ବିପଦ ସମ୍ପର୍କରେ ସତର୍କ କରାଇଦେବା ବିଷୟ ଉଭୟ ବୈଷୟିକ ଦୃଷ୍ଟିରୁ କୌତୁହଳପୂର୍ଣ୍ଣ ଏବଂ ସାମାଜିକ ସ୍ତରରେ ପ୍ରାସଙ୍ଗିକ ଅଟେ। ଏହିଭଳି ପ୍ରକଳ୍ପ ପ୍ରଦର୍ଶିତ କରୁଛି ଯେ ଆମ ଛାତ୍ରମାନେ କିଭଳି ନବୋନ୍ମେଷୀ ପ୍ରଯୁକ୍ତିଗୁଡିକୁ ଗ୍ରହଣ କରିପାରିବେ ଏବଂ ସେଗୁଡିକୁ ଦୈନନ୍ଦିନ ଚାଲେଗୁଡିକର ମୁକାବିଲା ନିମନ୍ତେ ପ୍ରୟୋଗ କରିପାରିବେ। ପ୍ରକଳ୍ପଟି ଦ୍ରୁତ ବିପଦ ସମ୍ପର୍କିତ ସୂଚନା ପ୍ରଦାନ ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ନିମନ୍ତେ ସଂଯୁକ୍ତ ଏମ୍ବେଡେଡ ସିଷ୍ଟମ୍‌ଗୁଡିକର ସାମର୍ଥ୍ୟକୁ ପ୍ରଦର୍ଶିତ କରୁଛି। ଏକ ପ୍ରୋଟୋଟାଇପ୍ ଭାବରେ ଏହା ଉତ୍ପାଦନ ନିମନ୍ତେ ପ୍ରସ୍ତୁତ ସୁରକ୍ଷା ବ୍ୟବସ୍ଥା ଅପେକ୍ଷା ଏକ ଆଦ୍ୟ ଇଞ୍ଜିନିୟରିଂ ରୂପାୟନର ପ୍ରତିନିଧିତ୍ୱ କରୁଛି, ଯାହାକୁ ପରିମାଣାତ୍ମକ ଭାବରେ ବ୍ୟବହାର କରାଯିବା ପୂର୍ବରୁ ବ୍ୟାପକ ବାସ୍ତବ-ଜଗତରେ ପରୀକ୍ଷଣ ଏବଂ ଅଟୋମୋଟିଭ ସିଷ୍ଟମ୍ ସହିତ ଏକୀକରଣ ଆବଶ୍ୟକ ପଡିବ।

# ଆଇସିଆଇସିଆଇ ଲାଇଫ ପାର୍ଟନର ଷ୍ଟାକ୍ ୨.୦ ଉନ୍ମୋଚିତ

**ଭୁବନେଶ୍ୱର(ବ୍ୟୁରୋ)** ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ ପକ୍ଷରୁ ୨୦୨୬ରେ ନୂତନ କ୍ଷମତାଗୁଡିକ ସହିତ ଏହାର ପାର୍ଟନର ଷ୍ଟାକ୍‌କୁ ଅପ୍‌ଗ୍ରେଡକରି ନ୍ତଆଇସିଆଇସିଆଇ ଲାଇଫ ପାର୍ଟନର ଷ୍ଟାକ୍ ୨.୦ନ୍ତ ଭାବେ ଅବସ୍ଥାପିତ କରିଛି। ଏହି ଷ୍ଟାକ୍ ବିକ୍ରି, ନିଯୁକ୍ତି ଓ ଗ୍ରାହକ ସେବା କ୍ଷେତ୍ରରେ କମ୍ପାନୀର ପରାମର୍ଶଦାତା ଏବଂ ବିତରଣ ନେଟ୍‌ୱର୍କକୁ ସମର୍ଥନ କରିବା ପାଇଁ ଏଆଇ-ସକ୍ଷମ ଟୁଲ୍, ଗଭୀର ପାର୍ଟନର-ସିଷ୍ଟମ ସମନ୍ୱୟ ଓ ଡିଜିଟାଲ କ୍ଷମତାଗୁଡିକୁ ଏକତ୍ରିତ କରିଛି। ପରାମର୍ଶଦାତା ଓ ବିତରଣ ସହଯୋଗୀଙ୍କୁ ପ୍ରାସଙ୍ଗିକ ସମାଧାନଗୁଡିକୁ ଚିହ୍ନଟ କରିବା, କ୍ୱଟେଶନ (ଉଦ୍ଧୃତି) ପ୍ରସ୍ତୁତ କରିବା, ଗ୍ରାହକଙ୍କୁ ନିୟୋଜିତ କରିବା ଏବଂ ସେମାନଙ୍କୁ ଡିଜିଟାଲ ମାଧ୍ୟମରେ ସେବା ପ୍ରଦାନ କରିବା ପାଇଁ ସକ୍ଷମ କରି ଗ୍ରାହକଙ୍କ ଯାତ୍ରାକୁ ସରଳ କରିବା ଲାଗି ଏହି ଅପ୍‌ଗ୍ରେଡକୁ ଡିଜାଇନ କରାଯାଇଛି। ଏହାର ଇକୋଟ୍ ଆପ୍ ଗ୍ରାହକଙ୍କ ଶ୍ରେଣୀ ଓ ଜୀବନ ପର୍ଯ୍ୟାୟ ଉପରେ ଆଧାର କରି ଉପଯୁକ୍ତ ଉତ୍ପାଦ ସୁପାରିଶ କରିବା ପାଇଁ ଏକ ଏଆଇ-ଆଧାରିତ ପ୍ରଡକ୍ଟ ରେକମେଣ୍ଡରର ବ୍ୟବହାର କରିଥାଏ, ଏଥିସହିତ ପରାମର୍ଶଦାତାଙ୍କୁ ପର୍ସନାଲାଇଜ୍‌ଡ କୋଟେଶନ ପ୍ରସ୍ତୁତ କରିବା ଓ ସେୟାର କରିବା ପାଇଁ ସକ୍ଷମ କରିଥାଏ। ଏହାର ଏଆଇ-ସକ୍ଷମ ଚାଟ୍‌ବୋଟ ଲିଭା ଏକ ପାରମ୍ପରିକ ଇଂଟରଫେସ ପ୍ରଦାନ କରିଥାଏ ଯାହା ପରାମର୍ଶଦାତାଙ୍କୁ ଗ୍ରାହକଙ୍କ ସହ ଯୋଗାଯୋଗ କରିବା ସହିତ ପ୍ରଡକ୍ଟ ଫିଚର ଓ କୋଟେଶନଗୁଡିକୁ ଆକ୍‌ସେସ କରିବାରେ ସାହାଯ୍ୟ କରିଥାଏ। ଆଇସିଆଇସିଆଇ ଲାଇଫ ପାର୍ଟନର ଷ୍ଟାକ୍ ୨.୦ ସମ୍ପର୍କରେ ମତ ରଖି ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସର ମୁଖ୍ୟ ବିତରଣ ଅଧିକାରୀ ଅମିଶ ବ୍ୟାଙ୍କର କହିଛନ୍ତି, ଆମର ପରାମର୍ଶଦାତା ଓ ବିତରଣ ସହଯୋଗୀମାନେ ଗ୍ରାହକଙ୍କୁ ଜୀବନ ବୀମା ଉତ୍ପାଦଗୁଡିକୁ ଭଲ ଭାବରେ ବୁଝିବା ଓ ହାସଲ କରିବାରେ ସାହାଯ୍ୟ କରିବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଆଇସିଆଇସିଆଇ ଲାଇଫ ପାର୍ଟନର ଷ୍ଟାକ ୨.୦ ସେମାନଙ୍କୁ ଡିଜିଟାଲ ଓ ଏଆଇ-ସକ୍ଷମ ଟୁଲ୍ ଦେବା ପାଇଁ ଲକ୍ଷ୍ୟ ରଖିଛି ଯାହା ଉପଯୁକ୍ତ ସମାଧାନ ଚୟନ କରିବା ଓ କୋଟେଶନ ପ୍ରସ୍ତୁତ କରିବାଠାରୁ ଆରମ୍ଭ କରି ଅନ୍‌ବୋର୍ଡିଂ ଓ ସେବା ପ୍ରଦାନ କରିବା ପର୍ଯ୍ୟନ୍ତ, ପ୍ରତିଦିନର ପରିଚାଳନାକୁ ସରଳ ଓ ଗ୍ରାହକ-ଅନୁକୂଳ କରିବ।

# ଭଲ୍‌ଭୋ ସିଇ ପକ୍ଷରୁ ଇସି୬୫୦ମାଇନିଂ ଏକ୍ସକାଭେଟରର ଶୁଭାରମ୍ଭ

**ଭୁବନେଶ୍ୱର(ବ୍ୟୁରୋ)** ଭଲଭୋ କନଷ୍ଟ୍ରକସନ ଇକ୍ୟୁପମେଂଟ ଇଣ୍ଡିଆ ବାଉମାକନଏକ୍ସପୋ ଇଣ୍ଡିଆ୨୦୨୬ରେ ଏହାର ମାଇନିଂ ସାମଗ୍ରୀ ଉତ୍ପାଦ ବର୍ଗରେ ୬୫ଟନଶ୍ରେଣୀର ଏକ୍ସକାଭେଟରର ର ଶୁଭାରମ୍ଭ କରିଛି। ଲୋକପ୍ରିୟ ଭଲଭୋ ଡି୧୩ଇଞ୍ଜିନ ଦ୍ୱାରା ଚାଳିତ ଏବଂ ୪୩୫ ଏଚପି ପ୍ରଦାନକରୁଥିବା ଏହି ଇସି୬୫୦କୁ ଅତୁଳନୀୟ ସ୍ଥାୟିତ୍ୱ ଏବଂ ନିଜଶ୍ରେଣୀରେ ସର୍ବୋତମ ଇନ୍ଧନ କ୍ଷମତା ପାଇଁ ତିଆରି କରାଯାଇଛି।ଏଥିରେ ମଜଭୁତ ଅଣ୍ଡରକ୍ୟାରେଜ୍, ଅତ୍ୟଧିକ ଶକ୍ତ ବୁମ୍‌ଓଆର୍ମ ଏବଂ ଉନ୍ନତ ହାଇଡ୍ରୋଲିକ୍ସ ରହିଛି। ଯାହା ଅତିକଠିନ ଖନନ ଓ ଖଣିକାର୍ଯ୍ୟକୁ ସହଜରେ କରିପାରିବ। କିଣାବିକା ଋତୁ ଆରମ୍ଭହୋଇସାରି ଥିବାରୁ ଖଣି ଗ୍ରାହକମାନଙ୍କୁ ତୁରନ୍ତ ଯୋଗାଇବାପାଇଁ ଏହି ଉତ୍ପାଦ ଉପଲବ୍ଧ। କେବଳ ମେସିନ ଯୋଗାଇବାରେ ସୀମିତନରହି ଭଲଭୋ ସମଗ୍ର ଉପକରଣର କାର୍ଯ୍ୟକାଳ ମଧ୍ୟରେ ଗ୍ରାହକମାନଙ୍କୁ କନେକ୍ଟେଡ ସେବା, ଉତ୍ପାଦନକ୍ଷମ ସମାଧାନ, ମରାମତି ଓ ରକ୍ଷଣାବେକ୍ଷଣ ଚୁକ୍ତି ଏବଂ ବ୍ୟବହାର-ଭିତିକ ସେବା ପ୍ରଦାନ କରିବ। ଏହି କାର୍ଯ୍ୟକ୍ରମରେ ସମ୍ବୋଧନଦେଇ ଭଲଭୋ କନଷ୍ଟ୍ରକସନ ଇକ୍ୟୁପମେଂଟ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଦିମିତ୍ରୋଭ କୃଷ୍ଣନକହିଛନ୍ତିଯେ, ନ୍ତଭାରତର ଖଣି କ୍ଷେତ୍ର ପୂର୍ବରୁ ଅଧିକ ବଡ଼ ଆକାର ଏବଂ ତୀବ୍ରତାରେ କାର୍ଯ୍ୟ କରୁଛି ଏବଂ ଏଥିପାଇଁ ଏପରି ଉପକରଣ ଦରକାର ଯାହା କେବଳ ଅତିକଠିନ ଓ ଚ୍ୟାଲେପୂର୍ଣ୍ଣ ପରିସ୍ଥିତିରେ ବିଶ୍ୱସନୀୟଭାବେ କାମକରିବ ତାହାନୁହେଁ, ବରଂ ଇନ୍ଧନ ସଂଚୟକାରୀ ଏବଂ ଅପରେଟରମାନଙ୍କ ପାଇଁ ସହଜ ଚାଳନ କ୍ଷମ ହୋଇଥିବ। ଇସି୬୫୦ସହିତ ଆମେ କେବଳ ଆମର ମାଇନିଂ ବର୍ଗରେ ଏକ ନୂଆ ମେସିନ ଯୋଡୁନାହୁଁ – ଆମେ ଭାରତର ଖଣିଅପରେଟର ମାନଙ୍କୁ ଏପରିଏକ ସାଥୀ ଦେଉଛୁ ଯାହାଉପରେ ସେମାନେ ପ୍ରତ୍ୟେକ ଶିଫ୍ଟରେ ଭରସା କରିପାରିବେ।'

# ଟାଟା ଡଟ୍ କାର୍‌ସ ପକ୍ଷରୁ କର୍ଭୀ ସିରିଜ ଏକ୍ସର ଶୁଭାରମ୍ଭ

**ଭୁବନେଶ୍ୱର(ବ୍ୟୁରୋ)** ଭାରତର ଅଗ୍ରଣୀ ଏସୟୁଭି ନିର୍ମାତା ଓ ଦେଶର ସର୍ବବୃହତ ଚାରିଚକିଆ ଇଭି ନିର୍ମାତା ଟାଟା ଡଟ୍ କାର୍‌ସ ପକ୍ଷରୁ ଆଜି ନୂଆ କର୍ଭଭି ସିରିଜ ଏକ୍ସର ଲଂଚ୍ ଘୋଷଣା କରାଯାଇଛି, ଯାହା ଭାରତର ପ୍ରଥମ ଏସୟୁଭି କୁପ୍‌ର ମୂଲ୍ୟ ପ୍ରସ୍ତାବକୁ ଆହୁରି ସୁଦୃଢ କରିଛି। ଏହି ସିରିଜରେ କର୍ଭଭି ସିରିଜ ଏକ୍ସ ପ୍ୟୋର ଏକ୍ସ+ ପର୍‌ସୋନା ଏବଂ କର୍ଭଭି ସିରିଜ ଏକ୍ସ କ୍ରିଏଟିଭ ଏକ୍ସ+ ପର୍‌ସୋନା ସାମିଲ ରହିଛି। ଏହି ନୂଆ ସିରିଜର ପ୍ରାରମ୍ଭିକ ମୂଲ୍ୟ ୯.୯୯ ଲକ୍ଷ ଟଙ୍କା ରହିଛି। କର୍ଭଭି ସିରିଜ ଏକ୍ସ ମହତ୍ୱାକାଂକ୍ଷୀ ଏସୟୁଭି କୁପ୍ ଡିଜାଇନ ସହ, ଉନ୍ନତ କାର୍ଯ୍ୟଦକ୍ଷତା, ପ୍ରିମିୟମ ଫିଚର ସହ ଆକର୍ଷଣୀୟ ଇଂଟେରିୟର ଏବଂ ଟାଟା ସେଫ୍ଟି ଡୋମ୍‌ର ସୁରକ୍ଷାକୁ ଏକ ପ୍ୟାକେଜରେ ଏକତ୍ରିତ କରିଛି। ଏହା ପ୍ୟୋର ଏକ୍ସ ଓ କ୍ରିଏଟିଭ ଏକ୍ସର ପର୍‌ସୋନା ମାଧ୍ୟମରେ ସ୍ପଷ୍ଟ ଭାବେ ପ୍ରକାଶିତ ହେଉଛି। ୧୦.୯୯ ଲକ୍ଷ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ପ୍ୟୋର୍ ଏକ୍ସ, କର୍ଭଭିର ସିଗ୍ନେଚର ଏସୟୁଭି କୁପ୍ ଡିଜାଇନକୁ ଅଲ୍‌ଟ୍ରାଭ୍ୟୁ ୧୦.୨୫ ଇଂଚ ଇନ୍‌ଫୋଟେନ୍‌ମେଂଟ ସିଷ୍ଟମ ବାଏ ହରମନ୍, ୱାୟାରଲେସ ଆଣ୍ଡ୍ରଏଡ ଅଟୋ ଓ ଆପ୍‌ଲ କାର୍‌ପ୍ଲେ, କ୍ରୁଜ କଂଟ୍ରୋଲ, ସ୍ମାର୍ଟ କୀ ସହ ପାସିଭ ଏଂଟ୍ରି ପାସିଭ ଷ୍ଟାର୍ଟ, ୬ ସ୍ପିକର, ଫୁଲି ଅଟୋମାଟିକ ଟେମ୍ପରେଚର କଂଟ୍ରୋଲ, ଏଲଇଡି ହେଡ୍‌ଲ୍ୟାମ୍ପ ଓ ଟେଲ୍ ଲ୍ୟାମ୍ପ, ସେଫ୍ଟି ଡୋମ୍ ଭଳି ପ୍ରିମିୟମ ଫିଚରଗୁଡିକୁ ଏକତ୍ରିତ କରିଛି। ଅଧିକ ଆରାମ ଚାହୁଁଥିବା ଗ୍ରାହକଙ୍କ ପାଇଁ ପ୍ୟୋର ଏକ୍ସ+ ଅତିରିକ୍ତ ୮୦,୦୦୦ ଟଙ୍କାରେ ଉନ୍ନତ ପ୍ଲସନେସ୍ ଓ ଆର୧୭ ଡାଇମଣ୍ଡ କଟ୍ ଆଲୟ ହ୍ୱିଲ ଯୋଗ କରିଥାଏ। ସେହିପରି ଡାର୍କ ଏଡିସନ ୧୧.୯୯ ଲକ୍ଷ ଟଙ୍କାରେ ପ୍ୟୋର ପର୍‌ସୋନାରୁ ଉପଲବ୍ଧ ହେଉଛି। ସେହିପରି କ୍ରିଏଟିଭ ଏକ୍ସ+ ୧୨.୯୧ ଲକ୍ଷ ଟଙ୍କାରେ ଏରୋଭ୍ୟୁ ପାନୋରାମିକ ସନ୍‌ରୁଫ, ୩୬୦° ସରାଉଣ୍ଡ ଭ୍ୟୁ ସହ ବ୍ଲାଇଣ୍ଡ ଭ୍ୟୁ ମନିଟର, ଆର୧୮ଡାଇମଣ୍ଡ-କଟ୍ ଆଲୟ ହ୍ୱିଲ, ଟ୍ୱିନ ସ୍କ୍ରିନ ଅଲ୍‌ଟ୍ରା ଭ୍ୟୁ ୨୬.୦୩ ସେମି (୧୦.୨୫ ଇଂଚ) ଇନ୍‌ଫୋଟେନମେଂଟ ବାଏ ହରମାନ୍ ସହ ୨୬.୦୩ ସେମି ଡିଜିଟାଲ କକ୍‌ପିଟ, ନାଭିଗେଶନ ଡିସ୍‌ପ୍ଲେ ଏବଂ ରିକ୍ଲାଇନିଂ ରିୟର ସିଟ୍ ସହ ଏକ ଲେଦରେଟ କ୍ୟାବିନ ପ୍ରଦାନ କରୁଛି।

# ଟିପିଏସ୍‌ଓଡିଏଲ୍‌କୁ ଦୁଇ ଜାତୀୟ ପୁରସ୍କାର



**ବ୍ରହ୍ମପୁର(ଅମୃତ ମିଡ଼ିଆ)** ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍(ଟିପିଏସ୍‌ଓଡିଏଲ୍)କୁ ନୂଆଦିଲ୍ଲୀରେ ଆୟୋଜିତ 'ଦି ଇକୋନୋମିକ୍ ଟାଇମ୍ସ ଏନର୍ଜି ଲିଡରଶିପ୍ ଆୱାର୍ଡସ୍ ୨୦୨୬'ରେ ଦୁଇଟି ପ୍ରତିଷ୍ଠିତ ସମ୍ମାନ ମିଳିଛି। ବିଦ୍ୟୁତ୍ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ବୃହତ୍ କମ୍ପାନୀ ବର୍ଗରେ ବିଚାରକମଣ୍ଡଳୀ ପକ୍ଷରୁ କମ୍ପାନୀକୁ ସମ୍ମାନିତ କରାଯାଇଥିବା ବେଳେ, ୟୁଟିଲିଟି-ଲେଡ୍ ଆଗ୍ରିଗେସନ୍ (ୟୁଏଲ୍‌ଏ) ମଡେଲ୍ ଅଧୀନରେ ଛାତରେ ସୌର ଶକ୍ତି ବ୍ୟବହାର ବଢ଼ାଇବା ପାଇଁ ଶ୍ରେଷ୍ଠ ଶକ୍ତି ପ୍ରକଳ୍ପ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି। ଏହି ସମ୍ମାନ ଟିପିଏସ୍‌ଓଡିଏଲ୍ ?ର ଉତ୍ତମ କାର୍ଯ୍ୟ ପରିଚାଳନା, ଗ୍ରାହକଙ୍କୁ ପ୍ରାଥମିକତା ଦେଇ ସେବା ଯୋଗାଇବା, ନୂଆ ପଦକ୍ଷେପ ଏବଂ ନିରନ୍ତର ଉନ୍ନତି ପାଇଁ କମ୍ପାନୀର ପ୍ରୟାସକୁ ସ୍ୱୀକାର କରୁଛି। ଏଥିସହ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଭୌଗୋଳିକ ଅଞ୍ଚଳରେ ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥାକୁ ଆହୁରି ମଜବୁତ କରିବା ସହ ସ୍ୱଚ୍ଛ ଶକ୍ତିର ବ୍ୟବହାରକୁ ଦ୍ରୁତଗତିରେ ବଢ଼ାଇବା ଦିଗରେ କମ୍ପାନୀର ପ୍ରୟାସକୁ ମଧ୍ୟ ଏହା ମାନ୍ୟତା ଦେଇଛି। ଶକ୍ତି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଓ ଅବଦାନ ରଖୁଥିବା ସଂସ୍ଥା ଏବଂ ନୂଆ ପଦକ୍ଷେପଗୁଡ଼ିକୁ 'ଏନର୍ଜି ଲିଡରଶିପ୍ ଆୱାର୍ଡସ୍' ମାଧ୍ୟମରେ ସମ୍ମାନିତ କରାଯାଏ। ଶକ୍ତି କମ୍ପାନୀ ପୁରସ୍କାର – ବିଦ୍ୟୁତ୍, ବୃହତ୍ କମ୍ପାନୀ ବର୍ଗ। ବିଚାରକମଣ୍ଡଳୀ ସ୍ୱୀକୃତି' ମାଧ୍ୟମରେ ଦକ୍ଷିଣ ଓଡ଼ିଶାର ମୁଖ୍ୟତଃ ଗ୍ରାମାଞ୍ଚଳକୁ ନେଇ ଗଠିତ ବିଦ୍ୟୁତ୍ ବଣ୍ଟନ ଅଞ୍ଚଳରେ ନିରାପଦ, ନିର୍ଭରଯୋଗ୍ୟ ଓ ଦକ୍ଷ ବିଦ୍ୟୁତ୍ ଯୋଗାଣ କରିବା ସହ ଗ୍ରାହକଙ୍କୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବା ପାଇଁ ଟିପିଏସ୍‌ଓଡିଏଲ୍‌ର ପ୍ରୟାସକୁ ସ୍ୱୀକୃତି ମିଳିଛି। 'ୟୁଟିଲିଟି-ଲେଡ୍ ଆଗ୍ରିଗେସନ୍ (ୟୁଏଲ୍‌ଏ) ମଡେଲ୍ ଅଧୀନରେ ଛାତରେ ସୌର ଶକ୍ତି ବ୍ୟବହାର' ପାଇଁ ଶ୍ରେଷ୍ଠ ଶକ୍ତି ପ୍ରକଳ୍ପ ପୁରସ୍କାର ମାଧ୍ୟମରେ ଛାତ ଉପରେ ସୌର ଶକ୍ତି ବ୍ୟବସ୍ଥା ଲଗାଇବାକୁ ଅଧିକ ସହଜ ଓ ସୁଲଭ କରିବା ଦିଗରେ ଟିପିଏସ୍‌ଓଡିଏଲ୍‌ର ନୂଆ ପଦକ୍ଷେପକୁ ସ୍ୱୀକୃତି ମିଳିଛି। ୟୁଏଲ୍‌ଏ ମଡେଲ୍ ଅଧୀନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆର୍ଥିକ ସହାୟତାରେ ଗ୍ରାହକମାନେ ୧,୮୭୫ ଟଙ୍କା ନିଜ ଅଂଶ ଦେଇ ୧ କିଲୋୱାଟ୍‌ର ଛାତ ସୌର ଶକ୍ତି ବ୍ୟବସ୍ଥା ଲଗାଇପାରୁଛନ୍ତି। ଗ୍ରାହକମାନଙ୍କୁ ଏକାଠି କରିବା, ସାମଗ୍ରୀ ଯୋଗାଣ, ସୌର ବ୍ୟବସ୍ଥା ଲଗାଇବାର ସମନ୍ୱୟ, ଗୁଣବତ୍ତା ନିଶ୍ଚିତ କରିବା ଏବଂ ବ୍ୟବସ୍ଥାର ବ୍ୟବହାର ଅବଧିରେ ଆବଶ୍ୟକ ସହାୟତା ଯୋଗାଇବା ଭଳି କାର୍ଯ୍ୟରେ ଟିପିଏସ୍‌ଓଡିଏଲ୍ ସହଯୋଗ କରୁଛି। ଏହି ପଦକ୍ଷେପକୁ ଭଲ ପ୍ରତିକ୍ରିୟା ମିଳିଥିବା ବେଳେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଛାତ ସୌର ଶକ୍ତି ବ୍ୟବସ୍ଥା ସ୍ଥାପନ କରାଯାଇଛି। ଏହା ମାଧ୍ୟମରେ ଅଞ୍ଚଳରେ ଅଧିକ ସ୍ୱଚ୍ଛ ଓ ଦୀର୍ଘସ୍ଥାୟୀ ଶକ୍ତି ବ୍ୟବହାର ଦିଗରେ ପରିବର୍ତ୍ତନକୁ ସହାୟତା ମିଳୁଛି। ସୌର ଶକ୍ତି ବ୍ୟବହାର ପାଇଁ ଗ୍ରାହକମାନଙ୍କୁ ଉତ୍ସାହିତ କରିବା ଲାଗି କମ୍ପାନୀ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଓ ଗ୍ରାହକଙ୍କ ସହ ଯୋଗାଯୋଗ କାର୍ଯ୍ୟକ୍ରମ ମଧ୍ୟ ନିଆଯାଇଛି। ଏହି ଅବସରରେ ଟିପିଏସ୍‌ଓଡିଏଲ୍‌ର ସିଇଓ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, "୨୦୨୬ର ଇକୋନୋମିକ୍ ଟାଇମ୍ସ ଏନର୍ଜି ଲିଡରଶିପ୍ ଆୱାର୍ଡସ୍‌ରେ ଏହି ଦୁଇଟି ପ୍ରତିଷ୍ଠିତ ସ୍ୱୀକୃତି ପାଇ ଆମେ ଗର୍ବିତ। ଏହି ପୁରସ୍କାର ଆମ ଟିମ୍‌ର ନିଷ୍ଠା, ଗ୍ରାହକମାନଙ୍କ ବିଶ୍ୱାସ ଏବଂ ନିରନ୍ତର ଉନ୍ନତିର ଆମ କାର୍ଯ୍ୟ ସଂସ୍କୃତିକୁ ପ୍ରତିଫଳିତ କରୁଛି। ୟୁଏଲ୍‌ଏ ଅଧୀନରେ ଛାତ ସୌର ଶକ୍ତି ପଦକ୍ଷେପ ପାଇଁ ମିଳିଥିବା ସ୍ୱୀକୃତି ଆମ ପାଇଁ ବିଶେଷ ଉତ୍ସାହଜନକ, କାରଣ ଏହା ସ୍ୱଚ୍ଛ ଶକ୍ତିକୁ ଅଧିକ ସହଜ ଓ ସୁଲଭ କରିବା ଦିଗରେ ଆମ ପ୍ରୟାସକୁ ସ୍ୱୀକାର କରୁଛି। ଆମେ ଆଗକୁ ମଧ୍ୟ ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥାକୁ ଆହୁରି ମଜବୁତ କରିବା, ନୂଆ ପ୍ରଯୁକ୍ତି ଓ ପଦକ୍ଷେପକୁ ଆପଣାଇବା ଏବଂ ଏକ ଦୃଢ଼ ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶକ୍ତି କ୍ଷେତ୍ର ପାଇଁ ଦୀର୍ଘସ୍ଥାୟୀ ସମାଧାନ ତିଆରି କରିବା ଜାରି ରଖିବୁ।" ଏହି ପୁରସ୍କାରଗୁଡ଼ିକ ଉତ୍ତମ କାର୍ଯ୍ୟ ପରିଚାଳନା, ଦୀର୍ଘସ୍ଥାୟୀ ଶକ୍ତି ବ୍ୟବହାର ଏବଂ ଗ୍ରାହକଙ୍କୁ କେନ୍ଦ୍ରରେ ରଖି ନୂଆ ପଦକ୍ଷେପ ନେବା ଦିଗରେ ଟିପିଏସ୍‌ଓଡିଏଲ୍‌ର ନିରନ୍ତର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି।

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.148, Wednesday, 16 September 2026, Puri, Pages - 25, Rs. 9/- ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୮, ବୁଧବାର, ୧୬ ସେପ୍ଟେମ୍ବର ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଟ୍ରେନକୁ ଡେଇଁ ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ



**ବାଲେଶ୍ୱର(ଅମୃତ ମିଡିଆ):** ବାଲେଶ୍ୱର ରେଳ ଷ୍ଟେସନ୍ ପରିସରରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। କୋଲକାତା ରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଶତାବ୍ଦୀ ଏକ୍ସପ୍ରେସ୍ ସମ୍ମୁଖକୁ ଡେଇଁ ଜଣେ ଯୁବତୀ ଆତ୍ମହତ୍ୟା ଉଦ୍ୟମ କରିଛି। ଟ୍ରେନ ଧକ୍କାରେ ଯୁବତୀଙ୍କ ଉଭୟ ଗୋଡ଼ କଟିଯାଇଛି। ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରାଯାଇ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ ଯୁବତୀ ଜଣକ ପ୍ରଥମେ ନିଜ ସ୍କୁଟି ଯୋଗେ ଷ୍ଟେସନ୍ ବାହାରେ ପହଞ୍ଚି ଗାଡ଼ି ପାର୍କିଂ କରିଥିଲେ। ଏହାପରେ ସେ ସିଧାସଳଖ ପ୍ଲାଟଫର୍ମ ଭିତରକୁ ଚାଲିଆସିଥିଲେ। ଠିକ ସେତିକି ବେଳେ ଶତାବ୍ଦୀ ଏକ୍ସପ୍ରେସ୍ ଷ୍ଟେସନ୍ ଅତିକ୍ରମ କରୁଥିବା ସମୟରେ ଯୁବତୀ ଜଣକ ହଠାତ୍ ରେଳ ଧାରଣାକୁ ଡେଇଁପଡ଼ିଥିଲେ। ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ଟ୍ରେନ୍ ଆଘାତରେ ତାଙ୍କର ଦୁଇଟିଯାକ ଗୋଡ଼ କଟି ଯାଇଥିଲା। ସଙ୍ଗେ ସଙ୍ଗେ ଆରପିଏଫ ଓ ଜିଆରପି କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କର ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ଡାକ୍ତରୀ ଟିମ୍ ତାଙ୍କର ଜରୁରୀକାଳୀନ ଚିକିତ୍ସା ଜାରି ରଖିଛନ୍ତି। ଗୁରୁତର ଯୁବତୀଙ୍କ ପରିଚୟ ବର୍ତ୍ତମାନ ସୁଦ୍ଧା ପାରିନାହିଁ। ସେ କେଉଁ ଅଞ୍ଚଳର ବାସିନ୍ଦା ଏବଂ କଣ ପାଇଁ ଏଭଳି ଚରମ ପଦକ୍ଷେପ ନେଲେ, ତାହା ମଧ୍ୟ ଅସ୍ପଷ୍ଟ ରହିଛି। ଘଟଣା ସ୍ଥଳରୁ ତିନୋଟି ମୋବାଇଲ ଓ ଗୋଟିଏ ସ୍କୁଟି ଚାବି ମିଳିଛି।

# ପ୍ରତିବର୍ଷ ବନ୍ୟାରେ ଦୁର୍ଦ୍ଦଶା ଭୋଗୁଛନ୍ତି ୫ ବ୍ଲକ୍‌ର ଲୋକେ

**ଜଳେଶ୍ୱର(ଅମୃତ ମିଡିଆ):** ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ବନ୍ୟା ସମସ୍ୟାର ସମାଧାନ ପାଇଁ ସୁବର୍ଣ୍ଣରେଖା ସଂସ୍କାର ଯୋଜନା ପ୍ରସ୍ତୁତ ହୋଇଥିଲା। ୨୦୦୮ରେ ପ୍ରସ୍ତୁତ ହୋଇଥିବା ୯୭୦.୨୫ କୋଟି ଟଙ୍କାର ପ୍ରକଳ୍ପ ପ୍ରସ୍ତାବ ଏବେ ବି ବନ୍ଦ ଫାଇଲ୍‌ରେ ରହିଛି। ଫଳରେ ପ୍ରତିବର୍ଷ ଜୁନ୍‌ରୁ ଅକ୍ଟୋବର ମଧ୍ୟରେ ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ବସ୍ତା ଓ ରାସଗୋବିନ୍ଦପୁର ବ୍ଲକ୍‌ର ହଜାର ହଜାର ଲୋକ ବନ୍ୟା ବିପର୍ଯ୍ୟୟର ସମ୍ମୁଖୀନ ହେଉଛନ୍ତି। ଝାଡ଼ଖଣ୍ଡର ରାଞ୍ଚିରୁ ଉତ୍ପତ୍ତି ଲାଭ କରିଥିବା ସୁବର୍ଣ୍ଣରେଖା ନଦୀ ପ୍ରାୟ ୩୯୫ କିଲୋମିଟର ପ୍ରବାହିତ ହେବାସହ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଓଡ଼ିଶାର ମୋଟ ୭,୩୧୭ ବର୍ଗମାଇଲ୍ ଅଞ୍ଚଳର ବର୍ଷାଜଳ ନିଷ୍କାସନ କରିଥାଏ। ଅବବାହିକାରେ ଲଗାଣ ବର୍ଷା ପାଇଁ ବର୍ଷାଋତୁରେ ନଦୀରେ ବାରମ୍ବାର ବନ୍ୟା ଆସେ ଏବଂ ଅଧିକ ପ୍ରଭାବ ୫ଟି ବ୍ଲକ୍ ଉପରେ ପଡ଼େ। ରାଜଘାଟରେ ନଦୀର ଜଳସ୍ତର ବିପଦସଙ୍କେତ ଟପିଲେ ଉଭୟ ପାର୍ଶ୍ୱର ପ୍ରାୟ ୪ ମାଇଲ୍ ଅଞ୍ଚଳର ୧୭୩ଟି ଗାଁ ବନ୍ୟାରେ



ବୁଡ଼ିଯାଏ। ୨୦୦୮ ଜୁନ୍ ୧୯ରେ ଆସିଥିବା ବନ୍ୟାରେ ରାଜଘାଟଠାରେ ଜଳସ୍ତର ୧୨.୬୯ ମିଟରରେ ପହଞ୍ଚିଥିଲା ଏବଂ ପ୍ରତି ସେକେଣ୍ଡରେ ୧୦,୬୩୮ କ୍ୟୁମେକ୍ ପାଣି ପ୍ରବାହିତ ହୋଇଥିଲା। ସେତେବେଳେ ନଦୀର ଉଭୟ ପାର୍ଶ୍ୱର ପ୍ରାୟ ୧୨ ମାଇଲ୍ ବିସ୍ତୃତ ଅଞ୍ଚଳର ୫୦୦ରୁ ଅଧିକ ଗାଁରେ ବନ୍ୟା ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ବିଶେଷଜ୍ଞଙ୍କ ମତରେ, ଓଡ଼ିଶାରେ ସୁବର୍ଣ୍ଣରେଖାର ବର୍ତ୍ତମାନର ନିରାପଦ ଜଳବହନ କ୍ଷମତା ୨,୧୮୦ କ୍ୟୁମେକ୍ (୭୫ ହଜାର କ୍ୟୁସେକ୍) ଥିବାବେଳେ ଉପରମୁଣ୍ଡର ଜଳଭଣ୍ଡାରଗୁଡ଼ିକର କ୍ଷମତାକୁ ଦୃଷ୍ଟିରେ ରଖି ଏହାକୁ ଅତି କମ୍‌ରେ ୧୨,୭୦୦ କ୍ୟୁମେକ୍ (ପ୍ରାୟ ସାଢ଼େ ୪ ଲକ୍ଷ କ୍ୟୁସେକ୍) ପର୍ଯ୍ୟନ୍ତ ବୃଦ୍ଧି କରିବା ଆବଶ୍ୟକ। ଏକ ରିପୋର୍ଟ ଅନୁସାରେ, ୧୯୯୯ରୁ ୨୦୦୮ ମଧ୍ୟରେ ସୁବର୍ଣ୍ଣରେଖା ବନ୍ୟାରେ ୨,୪୮୮.୬୨ କୋଟି ଟଙ୍କାର କ୍ଷତି ହୋଇଥିଲା। ପରବର୍ତ୍ତୀ ୧୭ ବର୍ଷରେ ଏହି କ୍ଷତିର ପରିମାଣ କେତେ ହୋଇଥିବ, ତାହା ଅନୁମାନ କରାଯାଇପାରିବ। ୨୦୦୮ର ଭୟଙ୍କର ବନ୍ୟାପରେ ରାଜନୈତିକ ଦଳ, ସାମାଜିକ ସଂଗଠନ ଓ ସାଧାରଣ ଲୋକଙ୍କ ଦାବିକୁ ଗ୍ରହଣ କରି ରାଜ୍ୟ ସରକାର ତତ୍କାଳୀନ ମୁଖ୍ୟଯନ୍ତ୍ରୀ ଶ୍ରୀଧର ବେହେରାଙ୍କ ଅଧ୍ୟକ୍ଷତାରେ ୭ ଜଣିଆ ବୈଷୟିକ କମିଟି ଗଠନ କରିଥିଲେ। କମିଟି ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି କେନ୍ଦ୍ର ଜଳ ଆୟୋଗ ସହ ଆଲୋଚନା କରିବା ପରେ ୯୭୦.୨୫ କୋଟି ଟଙ୍କା ବ୍ୟୟରେ ସୁବର୍ଣ୍ଣରେଖା ସଂସ୍କାର ଯୋଜନା ପ୍ରସ୍ତୁତ କରିଥିଲେ। କିନ୍ତୁ ପରବର୍ତ୍ତୀ କିଛିବର୍ଷ ଧରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଚିଠି ଦିଆନିଆ ପର୍ବ ଚାଲିଥିଲେ ମଧ୍ୟ ପ୍ରକଳ୍ପ ଆଗକୁ ବଢ଼ିପାରି ନଥିଲା। ସେବେଠାରୁ ଯୋଜନାଟି ଶୀତଳଭଣ୍ଡାରରେ ପଡ଼ିରହିଛି। ପ୍ରତିବର୍ଷ ବନ୍ୟା ଆସିଲେ ପ୍ରକଳ୍ପ କାର୍ଯ୍ୟକାରୀ କରିବା ନେଇ ଦାବି ଜୋର ଧରୁଥିବାବେଳେ ପାଣି କମିଗଲେ ପ୍ରସଙ୍ଗ ପୁଣି ଚାପି ହୋଇଯାଉଛି।

# ରାସାୟନିକ ସାର ବ୍ୟବହାରରୁ କମୁଛି ମାଟିର ଉର୍ବରତା



**ଜୟପୁର(ଅମୃତ ମିଡିଆ):** ଅଧିକ ଓ କମ୍ ସମୟରେ ଅମଳ ଆଶାରେ ଚାଷୀଙ୍କ ମଧ୍ୟରେ ହାଇବ୍ରିଡ୍ ବିହନର ଚାହିଦା ବଢ଼ିଛି। ଏହା ସହ ଡିଏପି, ୟୁରିଆ ଓ ପଟାସ୍ ଭଳି ରାସାୟନିକ ସାର ବ୍ୟବହାର ମାତ୍ରା ମଧ୍ୟ ବଢ଼ିଛି। ଫଳରେ ଜୈବ ବିବିଧତାରେ ସମୃଦ୍ଧ କୋରାପୁଟର ସଂରକ୍ଷିତ ଦେଶୀଧାନ ବିହନ ଏବେ ସଂକଟରେ। ମାଟିର ଉର୍ବରତା କମୁଥିବାରୁ ଅନେକ ପାରମ୍ପରିକ କିସମ ବିହନ ବ୍ୟବହାର ମଧ୍ୟ ସୀମିତ ହୋଇଯାଇଛି। ଏକଦା ପାହାଡ଼ିଆ ଓ ଉପତ୍ୟକା ଅଞ୍ଚଳରେ ସ୍ଥାନୀୟ ମାଟି ଓ ଜଳବାୟୁ ସହ ଖାପ ଖାଉଥିବା ବିଭିନ୍ନ ଦେଶୀଧାନ ଚାଷ ହେଉଥିଲା। ଚାଷୀ ନିଜ ଅମଳରୁ ବିହନ ବାଛି ସଂରକ୍ଷଣ କରି ପରବର୍ତ୍ତୀ ଋତୁରେ ବ୍ୟବହାର କରୁଥିଲେ। ଜୟପୁର ନିକଟସ୍ଥ ବାଟଜଗନ୍ନାଥପୁର ଗ୍ରାମର ଅନୁଭବୀ ଚାଷୀ ମୁକୁନ୍ଦ ଜାନୀଙ୍କ କହିବାନୁସାରେ, ପୂର୍ବରୁ ଗୋବର ଓ ଖତ ବ୍ୟବହାର କରି ଜମିର ଉର୍ବରତା ବଜାୟ ରଖାଯାଉଥିଲା। ଏବେ ସମସ୍ତେ ରାସାୟନିକ ସାର ଉପରେ ନିର୍ଭରଶୀଳ। ବର୍ତ୍ତମାନ ସମୟରେ ଅସନ୍ତୁଳିତ ସାର ପ୍ରୟୋଗ ମାଟିର ଜୈବିକ ଗୁଣ ଓ ଉର୍ବରତାକୁ ପ୍ରଭାବିତ କରୁଛି। ସେପଟେ ଅମଳ ଓ ବଜାର ଚାହିଦା ଯୋଗୁଁ ଆଡଭେଣ୍ଟା, ଡିଟି, ୧୧୫୬, ୧୧୫୩ ଓ ୧୦୧୦ ଭଳି ହାଇବ୍ରିଡ୍ ଓ ସରକାରୀ ରିସର୍ଚ୍ଚ କିସମ ଚାଷୀଙ୍କୁ ଆକର୍ଷିତ କରୁଛି। ବାଉଁଶୁଣିମୁଣ୍ଡି, ଭାଲୁ ଧାନ, ହଳଦୀ ଧାନ, ଗଦାକୁଚା, ବାଗୁରିଚୁରି, ଆସାମଚୁରି ଓ ପାତ୍ରା ଧାନ ଭଳି ପାରମ୍ପରିକ କିସମର ଚାଷ ହ୍ରାସ ପାଇଛି। ତଥାପି ଗ୍ରାମର ମୁକୁନ୍ଦ ଓ ଲୋକନାଥଙ୍କ ଭଳି କିଛି ଚାଷୀ 'ପାରିଜାତ', 'ବାୟା ଅଳସୀ' ଓ 'ଯଯାତି' କିସମ ଦେଶୀଧାନ ଚାଷ କରୁଛନ୍ତି। କୋରାପୁଟ ଜିଲ୍ଲାର ପ୍ରସିଦ୍ଧ 'କଳା ଜିରା' ଓ 'ଲିକିଟିମାଛି' ଭଳି ସୁଗନ୍ଧିତ ଦେଶୀଧାନ ଚାଷ ଏ ଅଞ୍ଚଳର ସମୃଦ୍ଧ କୃଷି ପରମ୍ପରାର ଏକ ଅନନ୍ୟ ପରିଚୟ। ସୁଗନ୍ଧ, ସ୍ୱାଦ ଓ ସ୍ଥାନୀୟ ପରିବେଶ ସହ ଖାପ ଖୁଆଇବାର କ୍ଷମତା ଏହି କିସମର ବିଶେଷତା। ଧୀରେ ଧୀରେ ଦେଶୀବିହନ ବ୍ୟବହାର ହ୍ରାସ ପାଇବା ଯୋଗୁଁ ପାରମ୍ପରିକ କୃଷିଜ୍ଞାନ ଓ ଜୈବ ବିବିଧତା ମଧ୍ୟ ବିପଦରେ। ଜଳବାୟୁ ପରିବର୍ତ୍ତନର ଆହ୍ୱାନ ମଧ୍ୟରେ ସ୍ଥାନୀୟ ପରିବେଶରେ ଖାପ ଖୁଆଉଥିବା ଏହି ବିହନ ଭବିଷ୍ୟତ ପିଢ଼ିର ଚାଷୀଙ୍କ ପାଇଁ ମୂଲ୍ୟବାନ ହୋଇପାରେ। ତେଣୁ ଲୁପ୍ତପ୍ରାୟ କିସମର ସର୍ଭେ, ଚିହ୍ନଟ ଓ ସଂରକ୍ଷଣ ସହ ବିହନ ବ୍ୟାଙ୍କ ପ୍ରତିଷ୍ଠା, ଚାଷୀଙ୍କୁ ପ୍ରୋତ୍ସାହନ ଏବଂ ଦେଶୀଧାନ ପାଇଁ ଉଚିତ ବଜାର ସୃଷ୍ଟି କରିବା ଆବଶ୍ୟକ।

# ଭିଣୋଇ ଦଶାହ ତୁଠରେ ଶାଳକଙ୍କ ନଦୀରେ ବୁଡ଼ି ମୃତ୍ୟୁ

**ଅନୁଗୋଳ(ଅମୃତ ମିଡିଆ):** ଭିଣୋଇଙ୍କ ଦଶାହ କର୍ମ ପାଇଁ ତୁଠକୁ ଯାଇଥିଲେ ଶାଳକ। ଶୁଦ୍ଧି ହୋଇ ଫେରିଥାନ୍ତେ। ହେଲେ ଶବ ହୋଇ ଫେରିଲେ। ଏମିତି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ଅନୁଗୋଳ ବ୍ଲକ୍ ତୁମୁଣି ଗାଁରେ। ଗାଁ ନିକଟରେ ଥିବା ମାତେଲିଆ ନାଳରେ ଭାସି ଜୁକୁବୁ ଗାଁର ଅବସରପ୍ରାପ୍ତ ସେନା କର୍ମଚାରୀ ବିମଳ କିଶୋର ସାହୁ ପ୍ରାଣ ହରାଇଛନ୍ତି। ଏହାକୁ ନେଇ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ଏପଟେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଲୋକ ରାସ୍ତାରୋକ କରିଛନ୍ତି। ସୂଚନା ଅନୁସାରେ, ତୁମୁଣି ଗାଁର ଗିରିଶ ବିଶ୍ୱାଳଙ୍କ ସୋମବାର ଦଶାହ କର୍ମ ଥିଲା। ଗ୍ରାମବାସୀ ଓ ବନ୍ଧୁବାନ୍ଧବ ଶୁଦ୍ଧି ହେବା ପରେ ଗାଁ ପାଖରେ ଯାଇଥିବା ମାତେଲିଆ ନାଳ ନିକଟକୁ ଯାଇଥିଲେ। ଦଶାହ କର୍ମକୁ ଯାଇଥିବା ଗିରିଶଙ୍କ ଶାଳକ ବିମଳ କିଶୋର ସାହୁ(୪୫) ନାଳରେ ଗାଧୋଉଥିବା ବେଳେ ନାଳର ସ୍ରୋତରେ ପଡ଼ି ଯାଇଥିଲେ। ପାଣି ତାଙ୍କୁ ଟାଣି ନେଇଥିଲା। ସ୍ରୋତରେ ଭାସି ଯାଇ ତଳ ପାଖରେ ନିର୍ମାଣ ହୋଇଥିବା ଅସ୍ଥାୟୀ ବାଇପାସ୍ ରାସ୍ତାର ହ୍ୟୁମ୍ ପାଇପ୍ ଭିତରେ ସେ ପଶି ଯାଇଥିଲେ। ଏଣୁ ଲୋକମାନେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଜେସିବି ସହାୟତାରେ ଉଦ୍ଧାର କରିଥିଲା। କିନ୍ତୁ, ସେତେବେଳକୁ ବିମଳଙ୍କ ମୃତ୍ୟୁ ହୋଇ ସାରିଥିଲା। ବନ୍ତଳା ଥାନା ପୁଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମୃତଦେହ ରାସ୍ତାରେ ରଖି ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଗାଁ ଲୋକ ଦାବି କରିଥିଲେ। ପୁଲିସ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା। ଗାଁ ଲୋକ ଅଭିଯୋଗ କରିଛନ୍ତି, ତୁମୁଣି ଗାଁ ଦେଇ ଯାଇଥିବା ମାତେଲିଆ ନାଳରେ ୮ ମାସ ହେଲା ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ବି କାମ ଆଗେଇ ପାରିନି। ଏପଟେ ଯାତାୟାତ ପାଇଁ ତିଆରି ହୋଇଥିବା ଡାଇଭର୍ସନ ରାସ୍ତା କାମ ନିମ୍ନମାନର ହୋଇଛି। ଦୁଇଟି ହ୍ୟୁମ୍ ପାଇପ ପକାଯାଇଥିବା ଡାଇଭର୍ସନ ରାସ୍ତାରେ ବିପଦପୂର୍ଣ୍ଣ ଭାବେ ଲୋକେ ନାଳ ପାର ହେଉଛନ୍ତି। ତେଣୁ ତୁରନ୍ତ ସେତୁ କାମ ସାରିବାକୁ ଦାବି କରିଛନ୍ତି ସ୍ଥାନୀୟ ଲୋକେ।



# ସୁନା ବ୍ୟବସାୟ ନାଁରେ ଠକେଇ, ୧୧ଲକ୍ଷ ଟଙ୍କା ଠକିନେଲେ




**ଭଦ୍ରକ(ଅମୃତ ମିଡିଆ):** ସୁନା ବ୍ୟବସାୟରେ ବିନିଯୋଗ କରାଇ, ଅଧିକ ଲାଭ ଯୋଗାଇଦେବାର ପ୍ରଲୋଭନ ଦେଇ ପ୍ରାୟ ୧୧ଲକ୍ଷ ଟଙ୍କା ନେଇ ଠକି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ଭଦ୍ରକ ଟାଉନ ଥାନା ପୁଲିସ ୩ ଜଣଙ୍କ ନାମରେ କୋର୍ଟଙ୍କ ନିର୍ଦ୍ଦେଶ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗକାରୀ ନୂଆବଜାର ଅଞ୍ଚଳର ରାଜେନ୍ଦ୍ର କୁମାର ବେହେରାଙ୍କ ଅଭିଯୋଗ ଅନୁସାରେ, ଭଦ୍ରକ ଟାଉନସ୍ଥିତ ଏକ ସୁନା ବ୍ୟବସାୟୀ ଓ ତାର କର୍ମଚାରୀ ମାନେ ଏହି ଠକେଇ ସଂପୃକ୍ତ ଅଛନ୍ତି ବୋଲି ଅଭିଯୋଗ ହୋଇଛି। ସୁନା ବ୍ୟବସାୟରେ ଟଙ୍କା ବିନିଯୋଗ କଲେ ଲାଭ ମିଳିବ ବୋଲି କହି ଅଭିଯୁକ୍ତମାନେ ରାଜେନ୍ଦ୍ରଙ୍କଠାରୁ ୧୦.୮୦ ଲକ୍ଷ ଟଙ୍କା ନେଇଥିଲେ। ପରେ ଟଙ୍କା ଫେରସ୍ତ ନକରିବା ସହ ପ୍ରତିଶ୍ରୁତି ମୁତାବକ ସୁବିଧା ଦିଆଯାଇନଥିବା ସେ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ରାଜେନ୍ଦ୍ର ଭଦ୍ରକ ଏସ୍‌ଡିଜେଏମ୍ କୋର୍ଟରେ ସିସି ନମ୍ବର ୨୮୬/୨୬ରେ ମାମଲା ଦାଏର କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ସେପ୍ଟେମ୍ବର ୧୨ରେ ଭଦ୍ରକ ଟାଉନ ଥାନାରେ କେସ୍ ନମ୍ବର ୦୫୬୧/୨୦୨୬ରେ ବିଏନ୍‌ଏସ୍‌ର ଧାରା ୩୧୮(୪) ଓ ୩(୫)ରେ ମାମଲା ରୁଜୁ କରାଯାଇଛି। ଟାଉନ ଥାନା ଅଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ଚମ୍ପାବତୀ ମାର୍ଣ୍ଡି ମାମଲାର ତଦନ୍ତ କରୁଛନ୍ତି। ତଦନ୍ତ ପରେ ଅଭିଯୋଗର ସତ୍ୟତା ଓ ଟଙ୍କା କାରବାରର ସମ୍ପୂର୍ଣ୍ଣ ତଥ୍ୟ ସ୍ପଷ୍ଟ ହେବ ବୋଲି ତଦନ୍ତାଧିକାରୀ କହିଛନ୍ତି।

# ପୌରାଞ୍ଚଳ ବିଜେପିରେ ବଢୁଛି କନ୍ଦଳ

**ନୟାଗଡ଼(ଅମୃତ ମିଡିଆ):** ନୟାଗଡ଼ ପୌରାଞ୍ଚଳରେ ବିଜେପି ମଧ୍ୟରେ ଦିନକୁ ଦିନ କନ୍ଦଳ ତୀବ୍ର ହେବାରେ ଲାଗିଛି। ପରିସ୍ଥିତି ଏପରି ହୋଇଛି ଯେ, ମାମଲା ଟାଉନ୍ ଥାନାରେ ପହଞ୍ଚିଛି। କେବଳ ସେତିକି ନୁହେଁ ବିଜେପି ନେତା ତଥା ପୌରାଞ୍ଚଳରେ ଦଳର ପ୍ରଭାରୀ ଦାୟିତ୍ୱରେ ଥିବା ନାସିର ଅହମ୍ମଦଙ୍କ ଅଭିଯୋଗ ଆଧାରରେ ପୁଲିସ ପୁରୁଣା ସହରର ଦଳର ମଣ୍ଡଳ ସଭାପତି ଦେବୀ ପ୍ରସାଦ ସାହୁଙ୍କ ବିରୋଧରେ ମାମଲା ରୁଜୁ କରିଛି। ଦେବୀଙ୍କ ନାଁରେ ପୁଲିସ ଆଇଟି ଆକ୍ଟ ୬୭, ବିଏନ୍‌ଏସ୍ ୨୯୬ ଓ ବିଏନ୍‌ଏସ୍ ୩୫୧ (୨)ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଦଳର ଆଉ ଜଣେ ଛାତ୍ର ନେତା ବଳଭଦ୍ର ପାତ୍ରଙ୍କ ନାଁରେ ମଧ୍ୟ ଆର୍ମସ୍ ଆକ୍ଟ ୨୫, ୨୭, ବିଏନଏସ୍ ୧୨୬ (୨), ବିଏନ୍‌ଏସ୍ ୨୯୬, ବିଏନ୍‌ଏସ୍ ୩୦୩ (୨) ଓ ବିଏନ୍‌ଏସ୍ ୩୫୧ (୩) ଧାରାରେ ମାମଲା ରୁଜୁ ହୋଇଛି। ଏହି ଘଟଣା ଏବେ ନୟାଗଡ଼ ସହରରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ନାସିର ଥାନାରେ କରିଥିବା ଅଭିଯୋଗ ମୁତାବକ, ପୁରୁଣା ସହରର ଦେବୀ ପ୍ରସାଦ ଫେସ୍‌ବୁକରେ ତାଙ୍କୁ ଅତ୍ୟନ୍ତ ଅପମାନଜନକ, ଅଶ୍ଳୀଳ ଓ ଅଶୋଭନୀୟ ଭାଷା ବ୍ୟବହାର କରି ଗାଳିଗୁଲଜ କରୁଛନ୍ତି। ଏହାସହ ସେ ଜୀବନରେ ମାରି ଦେବା ପାଇଁ




ତାଙ୍କୁ ଧମକ ଦେଉଛନ୍ତି। ପୁରୁଣା ସହରକୁ ଆସିଲେ ତାଙ୍କୁ ଗୁଳିମାରି ହତ୍ୟା କରିବାକୁ ଦେବୀ ଫୋନ୍‌ରେ ଧମକ ଦେଉଥିବା ଅଭିଯୋଗ ହୋଇଛି। ଏଣୁ ତାଙ୍କ ଜୀବନ ପ୍ରତି ବିପଦ ରହିଛି। ସେହିପରି ବଳଭଦ୍ରଙ୍କ ନାଁରେ ମାଧବ ସାହୁ ନାମକ ଆଉ ଜଣେ ବ୍ୟକ୍ତି ଥାନାରେ ଅଭିଯୋଗ କରିଛନ୍ତି। ମାଧବଙ୍କ ଅଭିଯୋଗ ମୁତାବକ, ସ୍ଥାନୀୟ ରାଜବାଟୀ ନିକଟ ବରଗଛ ନିକଟରେ ସେମାନେ ଛିଡ଼ା ହୋଇଥିବା ବେଳେ ବଳଭଦ୍ର ହାତରେ ବନ୍ଧୁକ ଧରି ସେଠାରେ ପହଞ୍ଚି ନାସିରଙ୍କୁ ଖୋଜିବା ସହ ଗାଳିଗୁଲଜ କରିଥିଲା। ଏହାର ପ୍ରତିବାଦ କରିବାରୁ ବଳଭଦ୍ର ସମସ୍ତଙ୍କୁ ଗାଳି ଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଏ ସମସ୍ତ ଅଭିଯୋଗରେ କେତେ ସତ୍ୟତା ରହିଛି, ତାହା ପୁଲିସ ତଦନ୍ତରୁ ସ୍ପଷ୍ଟ ହୋଇଯିବ। ମାତ୍ର ଅସଲରେ ଏହି ଘଟଣାର ପ୍ରଚ୍ଛଦପଟରେ ନେତାମାନଙ୍କ ମଧ୍ୟରେ ପଦ ପଦବି ଓ କ୍ଷମତାକୁ ନେଇ ବହୁଦିନ ଧରି ଛକାପଞ୍ଝା ଲାଗି ରହିଥିବା ଜଣାପଡ଼ିଛି। ପୂର୍ବରୁ ଦେବୀଙ୍କ କିଛି ସୋସିଆଲ୍ ମିଡିଆ ପୋଷ୍ଟରୁ ଏହା ପ୍ରମାଣିତ ହୋଇଛି। ପୁରୁଣା ସହରରେ ଥିବା ତିନିଟି ୱାର୍ଡରେ ଦେବୀ ଓ ବଳଭଦ୍ରଙ୍କର ଦବଦବା ରହିଛି। ଛାତ୍ର ଓ ଯୁବକମାନଙ୍କୁ ଏକାଠି କରିବା ପାଇଁ ସେମାନେ ପଦକ୍ଷେପ ନେଉଥିବା ଦେଖିବାକୁ ମିଳିଛି। ନୟାଗଡ଼ ପୌରାଞ୍ଚଳରେ ପ୍ରଭାରୀ ଭାବେ ନାସିରଙ୍କୁ ଦାୟିତ୍ୱ ମିଳିବା ପରେ ରାଜନୀତିରେ ଦେବୀ ଓ ବଳଭଦ୍ର ଏହାକୁ ଗ୍ରହଣ କରିପାରୁ ନାହାନ୍ତି। ସେମାନେ ନାସିରଙ୍କ ଅଧୀନ କାର୍ଯ୍ୟ କରିବୁ ନାହିଁ କି ନିର୍ଦ୍ଦେଶକୁ ମାନିବୁ ନାହିଁ ବୋଲି ଖୋଲାଖୋଲି ଭାବେ କହୁଛନ୍ତି।

# ଗଣେଶ ପୂଜା ପାଇଁ ଚଳଚଞ୍ଚଳ ଭଦ୍ରକ

**ଭଦ୍ରକ(ଅମୃତ ମିଡିଆ):** ଗଣେଶ ପୂଜା ପାଇଁ ଚଳଚଞ୍ଚଳ ଭଦ୍ରକ। ବିଶେଷକରି ବୁଢ଼ା ଗଣେଶ, ଟୋକା ଗଣେଶ ଓ ପିଲା ଗଣେଶ ପାଇଁ ସହରବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ। ଦୀର୍ଘ ଏକ ମାସ ଧରି ପ୍ରଭୁ ଗଜାନନଙ୍କ ପୂଜା ଚାଲିବ। ୫୦୦ ବର୍ଷରୁ ଅଧିକ ସମୟ ହେବ ବୁଢ଼ା ଗଣେଶ ଙ୍କ ପୂଜା ହେଉଛି। ଏହି ପରମ୍ପରାକୁ ବଜାୟ ରଖିଛନ୍ତି ଭଦ୍ରକର ପୁରୁଣା ବଜାରବାସୀ। ମାସେ ଧରି ନିର୍ଦ୍ଦିଷ୍ଟ ପୂଜା ଉପଚାର ସହ ବଡଭୋଗ ଲାଗି କରି ବୁଢ଼ା ଗଣେଶଙ୍କୁ ପୂଜା କରାଯିବ। ସେହିପରି ୧୯୭୦ ମସିହାରୁ ଭଦ୍ରକର ପୁରୁଣା ବଜାର ଅଂଚଳରେ ପୂଜା ପାଇ ଆସୁଛନ୍ତି ଟୋକା ଗଣେଶ। ଏଥର ଟୋକା ଗଣେଶଙ୍କ ଅଳଙ୍କାର ଚାନ୍ଦିରେ ନିର୍ମିତ ହୋଇଛି। ଆଗାମୀ ଦିନରେ ଏହି ମେଢ଼କୁ ଆହୁରି ଆକର୍ଷଣ କରିବାକୁ ପୂଜା କମିଟି ପକ୍ଷରୁ କୁହାଯାଇଛି। ସେହିପରି ଭଦ୍ରକ ସହରର କୁଆଁସରେ ୧୯୯୩ରୁ ପିଲା ଗଣେଶଙ୍କ ପୂଜା କରାଯାଉଛି। ଦୀର୍ଘ ଏକ ମାସ ଧରି ପିଲା ଗଣେଶ ପୂଜା ପାଇବେ। ଏହି ୩ଗଣେଶ ଙ୍କ ପୂଜା ସହିତ ଭଦ୍ରକରେ ଯୋଡି ହୋଇଛି ଛୁଆ ଗଣେଶ।

# ବ୍ରାଉନସୁଗର ଜବତ, ୩ ଯୁବକ ଅଟକ

**ରଣପୁର(ଅମୃତ ମିଡିଆ):** ସମାଜରେ ଏବେ ବ୍ରାଉନ ସୁଗାର କାୟା ବିସ୍ତାର କରିବାରେ ଲାଗିଛି। କିଛି ବ୍ୟବସାୟୀ ଥାନା ଫାଣ୍ଡି ଠାରୁ ଅବକାରୀ ଥାନା ପର୍ଯ୍ୟନ୍ତ ଗାଦି ମଡ଼ା ଏ ଏସ ଆଇଙ୍କ ଠାରୁ କନେଷ୍ଟବଳ ପର୍ଯ୍ୟନ୍ତ ହାତ କରି ନିଶା ବ୍ୟବସାୟ ଚଳାଇ ଆସିଛନ୍ତି। କିନ୍ତୁ ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ବ୍ରାଉନ ସୁଗାର ବ୍ୟବସାୟ ଉପରେ ଶନ୍ୟ ସହନଶୀଳତା ନୀତି ପାଇଁ ସବୁ ଥାନାକୁ ନିର୍ଦ୍ଦେଶ ଦେଇଥିବା ଜଣା ପଡିଛି। ରଣପୁର ଥାନା ନିରୀକ୍ଷକ ଆଶିଷଦେବ ସାହୁ ବ୍ରାଉନ ସୁଗାର ବ୍ୟବସାୟ ଉପରେ କଡା ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହି ଆଧାରରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରାଜ ସୁନାଖଳା ଫାଣ୍ଡି ଅଧିକାରୀ ସ୍ୱାଗତ ଦାସ ସେପ୍ଟେମ୍ବର ୧୪ ତାରିଖ ମଧ୍ୟାହ୍ନରେ ରାଜ ସୁନାଖଳା ଷ୍ଟେସନ ରାସ୍ତାରେ ପାଟ୍ରୋଲିଙ୍ଗ କରୁଥିବା ସମୟରେ ତିନି ଜଣ ଯୁବକଙ୍କୁ ସନ୍ଦେହ କରି ତନଖି ସମୟରେ ବିପୁଳ ବ୍ରାଉନ ସୁଗାର ଜବତ ସହ ତିନି ଜଣଙ୍କୁ ଅଟକ ରଖି ପଚରାଉଚରାଜାରି ରଖିଥିବା ଜଣା ପଡିଛି। ବ୍ରାଉନ ସୁଗାର ବେପାରର ମୂଳ ଖୋଜିବା ଲକ୍ଷ୍ୟ ନେଇ ଅଭିଯୁକ୍ତଙ୍କ ନାମ ଗୋପନ ରଖି ପୁଲିସ୍ ତଦନ୍ତକୁ ବ୍ୟାପକ କରିଥିବା ଜଣା ପଡିଛି।

# ମାଓ ଆକ୍ରମଣର ସାକ୍ଷୀ ଗସ୍‌ମାର ଭଙ୍ଗାଗାଡ଼ି



**ନୟାଗଡ(ଅମୃତ ମିଡିଆ):** ଅଠର ବର୍ଷ ତଳେ ମାଓବାଦୀମାନେ ନୟାଗଡ଼ ସହରରେ ଆତଙ୍କ ସୃଷ୍ଟି କରିଥିଲେ । ଆକ୍ରମଣ ଓ ଅସ୍ତ୍ରାଗାର ଲୁଟ୍ କରି ଓଡ଼ିଶା ଇତିହାସର ସବୁଠାରୁ ବଡ଼ ଏବଂ ଭୟାନକ ଘଟଣା ଘଟାଇଥିଲେ । ଏହି ଆକ୍ରମଣ ଯୋଜନାବଦ୍ଧ ଏବଂ ଅତ୍ୟନ୍ତ ସଂଗଠିତ ଢଙ୍ଗରେ କରାଯାଇଥିଲା । ଦିନ ବିତି ଯାଇଛି । ହେଲେ ଗସ୍‌ମା ଜଙ୍ଗଲରେ ସେଦିନର ଆଜି ବି ଛାପ ରହିଛି । ଭାଙ୍ଗିରୁଜି ପଡ଼ିରହିଛି ମାଓବାଦୀ ଛାଡ଼ିଯାଇଥିବା ଗାଡ଼ି । ଯାହାକୁ ଦେଖିଲେ ସେଦିନର ଲୋମଟାଙ୍କୁରା କଥା ମନେ ପଡ଼ିଯାଉଛି । ୨୦୦୮ ଫେବ୍ରୁଆରୀ ୧୫ ତାରିଖ । ରାତି ପ୍ରାୟ ସାଢ଼େ ୧୦ଟାରୁ ୧୧ଟା ମଧ୍ୟରେ ୫୦୦ରୁ ଊର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ (ଯେଉଁଥିରେ ବହୁ ସଂଖ୍ୟାରେ ମହିଳା କ୍ୟାଡର ଥିଲେ) ନୟାଗଡ଼ ସହରକୁ ଚାରିପଟୁ ଘେରି ଯାଇଥିଲେ । ସେହି ସମୟରେ ସହର ମଧ୍ୟରେ ବାହାଘରର ପଟୁଆର ଯାଉଥିଲା । ଏହାର ସୁଯୋଗରେ ସେମାନେ ନୟାଗଡ଼ ଥାନା, ପିଟିଏସ୍ ଓ ରିଜର୍ଭ ଅଫିସ୍‌କୁ ଟାର୍ଗେଟ କରି ଗୁଳିମାଡ଼ କରିଥିଲେ । ନୟାଗଡ଼ ଅସ୍ତ୍ରାଗାର ଭିତରୁ ସେମାନେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଲୁଟି ନେଇ ଦଶପଲ୍ଲା ଅଭିମୁଖେ ଚାଲି ଯାଇଥିଲେ । ଫେରିଲାବେଳେ ରାସ୍ତାରେ ପଡୁଥିବା ମହୀପୁର ଫାଣ୍ଡି, ନୂଆଗାଁ ଥାନା ଉପରେ ମଧ୍ୟ ଚଢ଼ଉ କରିଥିଲେ । ଦଶପଲ୍ଲାରେ ପହଞ୍ଚିବା ପରେ ଦଶପଲ୍ଲା ଥାନାକୁ ଆକ୍ରମଣ କରି ପୂର୍ବ ଯୋଜନା ଅନୁଯାୟୀ କଳସାଖମଣା ରାସ୍ତା ଦେଇ ଗସ୍‌ମା ଜଙ୍ଗଲକୁ ଚାଲି ଯାଇଥିଲେ । ଆକ୍ରମଣ ପୂର୍ବରୁ ସେମାନେ ନୟାଗଡ଼ ସହରର ବିଦ୍ୟୁତ୍ ସଂଯୋଗ କାଟି ଦେଇଥିଲେ ଏବଂ ଟେଲିଫୋନ୍ ଟାୱାର କାମ ନକରିବା ପାଇଁ ବ୍ୟବସ୍ଥା କରିବା ସହ ସହରକୁ ଆସୁଥିବା ମୁଖ୍ୟ ରାସ୍ତାଗୁଡ଼ିକୁ ଗଛ ପକାଇ ଅବରୋଧ କରିଥିଲେ । ଶୀତୁଆ ରାତି ଏମାନଙ୍କୁ ଅଧିକ ଫାଇଦା ଦେଇଥିଲା । ଆଖିବୁଜା ଗୁଳିଚାଳନା କରି କମ୍ ସମୟରେ ନୟାଗଡ଼ ଅସ୍ତ୍ରାଗାର ଭିତରୁ ପ୍ରାୟ ୧,୧୦୦ରୁ ଅଧିକ ମାରଣାସ୍ତ୍ର(ଯେପରିକି ଏସ୍‌ଲ୍‌ଆର, ଇନ୍‌ସାସ୍, ଏକେ-୪୭, ଏଲ୍‌ଏମ୍‌ଜି ଓ ୩୦୩ ରାଇଫଲ୍), ପ୍ରାୟ ୧୦ ଲକ୍ଷରୁ ଅଧିକ ଗୁଳି ଏବଂ ବିପୁଳ ପରିମାଣର ଗ୍ରେନେଡ୍ ଲୁଟି ନେଇଥିଲେ । ସେମାନଙ୍କ ପିଛା କରି ପୁଲିସ୍ ପହଞ୍ଚିଥିଲେ ଗସ୍‌ମା ଜଙ୍ଗଲ ନିକଟରେ । ସେଠାରେ ଉଭୟଙ୍କ ମଧ୍ୟରେ ଘଟିଥିଲା ଘମାଘୋଟ ଗୁଳିବର୍ଷା । ପୁଲିସକୁ ମୁକାବିଲା କରି ନପାରି ମାଓବାଦୀମାନେ ଛୋଟ ଛୋଟ ଦଳରେ ବିଭକ୍ତ ହୋଇ ବିଭିନ୍ନ ରାସ୍ତା ଦେଇ ଗସ୍‌ମାରୁ ଲୁଚି ଅନ୍ୟତ୍ର ଖସିଯିବାରେ ସକ୍ଷମ ହୋଇଥିଲେ । ହେଲେ ସେଠାରେ ଛାଡ଼ି ଚାଲିଯାଇଥିବା ବହୁ ପରିମାଣର ଅସ୍ତ୍ରଶସ୍ତ୍ରକୁ ପୁଲିସ୍ ଜବତ କରି ନିଜ କବ୍‌ଜାକୁ ନେଇଥିଲା । ଅସ୍ତ୍ର ସହିତ ପୁଲିସ୍ ଜବତ କରିଥିଲା ମାଓବାଦୀମାନେ ଲୁଟି ନେଇଥିବା କେତେ ଖଣ୍ଡ ଗାଡ଼ିକୁ । ପୁଲିସ୍ ଜବତ କରିଥିବା ଅସ୍ତ୍ରଶସ୍ତ୍ରକୁ ନୟାଗଡ଼ ଆଣିଥିଲା । ହେଲେ ଛାଡ଼ିଦେଇ ଆସିଥିଲା ଗାଡ଼ିଗୁଡ଼ିକୁ । ଏହି ଘଟଣାର ଦୀର୍ଘ ୧୮ ବର୍ଷ ବିତିଯାଇଥିଲେ ସୁଦ୍ଧା ବର୍ତ୍ତମାନ ସେହି ସ୍ଥାନରେ ଗାଡ଼ିଗୁଡ଼ିକ ପଡ଼ି ରହିଛି । ଏବେ ବି ସେହି ଗାଡ଼ିଗୁଡ଼ିକ ନୟାଗଡ଼ ମାଓ ଆକ୍ରମଣର କଥା କହୁଥିବା ଭଳି ମନେ ହୁଏ ।

# ସିଂହବାହିନୀଙ୍କ ଆଗମନୀ ପାଇଁ ଜୋରଦାର ପ୍ରସ୍ତୁତି

**ଦିଗପହଣ୍ଡି(ଅମୃତ ମିଡିଆ):** ଗଞ୍ଜାମ ଜିଲା ଦିଗପହଣ୍ଡି ଏନ୍‌ଏସି ୧ ନଂ ୱାର୍ଡ଼ ପୁଞ୍ଜିକଂୟା ଛକ ସ୍ଥିତ ମା ' ସିଂହବାହିନୀ ଦୁର୍ଗାପୂଜା କମିଟିର ପ୍ରସ୍ତୁତି ବୈଠକ ୟୁଥରିକ୍ରିଏସନ୍ କ୍ଲବ୍ ପରିସରରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଅମରଦୀପ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂଜା ପରିଚାଳନା ନିମନ୍ତେ କମିଟି ଗଠନ କରାଯାଇଥିଲା। କମିଟି ଉପଦେଷ୍ଟା ଭାବେ ଆଇନଜୀବି କୁରେଶୁ ପଣ୍ଡା, ପରେଶ ଚନ୍ଦ୍ର ରଥ ମନୋରଞ୍ଜନ ପଣ୍ଡା ଏବଂ ବିଜୟ କୁମାର ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା। ସେହିପରି ସଭାପତି ଭାବେ ମନୋଜ କୁମାର ପଟ୍ଟନାୟକ, ଉପସଭାପତି – ଅମରଦୀପ ପଣ୍ଡା, ସମ୍ପାଦକ – ପିଣ୍ଟୁ ମହାନ୍ତି, ସହସମ୍ପାଦକ – କିରଣ କୁମାର ପାଢ଼ୀ ଏବଂ କୋଷାଧ୍ୟକ୍ଷ ଭାବେ ରାଜ କିରଣ ଦାସଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। କାର୍ଯ୍ୟକାରୀ କମିଟି ସଭ୍ୟ ରୂପେ ନୀଳକଣ୍ଠ ପଟ୍ଟନାୟକ, ନୃସିଂହ ଚରଣ ବେହେରା, ରଞ୍ଜିତ ବେହେରା, ହର ପ୍ରସାଦ ସେଠୀ, ଲଡୁ କିଶୋର ପଟ୍ଟନାୟକ, ବିନୋଦ ପ୍ରଧାନ, ପଦ୍ମନ ସାହୁ, ବିଶ୍ୱ ପ୍ରକାଶ ଶର୍ମା, ସୁଶାନ୍ତ ନାୟକ, ସନ୍ଦୀପ ପାଣିଗ୍ରାହୀ, ଚିରଞ୍ଜିବୀ ରେଡ୍ଡୀ, ବିଘ୍ନରାଜ ପାଣିଗ୍ରାହୀ, ମୁନା ବିଷୋୟୀ, ମିଲୁ ପଣ୍ଡାଙ୍କୁ ମନୋନୀତ କରାଯାଇଥିଲା। ଚଳିତବର୍ଷ ୩୪ ତମ ମା ' ଙ୍କ ପୂଜା ମହୋତ୍ସବ ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦା ତିଥି ରୁ ଖୁବ୍ ଧୁମ୍ ଧାମ ରେ ପାଳନ କରାଯିବା ନିମନ୍ତେ ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ୨୧ ତାରିଖରେ ପୂଜା ମହୋତ୍ସବ ନିମନ୍ତେ ପୂଜାମଣ୍ଡପକୁ ଶୁଭଖୁଣ୍ଟି ଅଣାଯିବ ଏବଂ ଅକ୍ଟୋବର ୧୧ ତାରିଖ ଠାରୁ ୨୦ ତାରିଖ ଯାଏଁ ମା ' ଙ୍କ ନବଦିନାତ୍ମକ ପୂଜା ମହୋତ୍ସବ ଅନୁଷ୍ଠିତ ହେବ ବୋଲି କର୍ମକର୍ତ୍ତା ବୃନ୍ଦ ଜଣାଇଛନ୍ତି।



## ସାରଦା ଗାର୍ଲସ ହଷ୍ଟେଲରେ ଗଣେଶ ପୂଜା ପାଳିତ















## ୧୬୮ ଦିନରେ ପହଞ୍ଚିଛି ଅହିଂସାପୂର୍ଣ୍ଣ ପଦଯାତ୍ରା



